R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୪୭
ତିଥି : ଅଷ୍ଟମୀ
୨୦ ନଭେମ୍ବର ୨୦୨୩, ସୋମବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 47
20 Nov 2023, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore





## ଇତିହାସ

୧୮୬୬: ଆମେରିକାର ୱାଶିଂଟନ୍‌ରେ ହାୱାର୍ଡ ବିଶ୍ୱବିଦ୍ୟାଳୟର ସ୍ଥାପନା ।
୧୯୧୭: ଗଣରାଜ୍ୟ ଘୋଷିତ ହେଲା ୟୁକ୍ରେନ ।
୧୯୫୫: ଭାରତ ପକ୍ଷରୁ ପ୍ରଥମ ଦ୍ୱିଶତକ ହାସଲ କରିଥିଲେ ପାଲି ଉମରିଗର ।
୧୯୮୧: ଭାସ୍କର ଉପଗ୍ରହର ସଫଳ ଉତ୍‌କ୍ଷେପଣ ।
୧୯୮୪: କ୍ରାନ୍ତିକାରୀ କବି ତଥା ବିଖ୍ୟାତ ସାୟର ଫୈଜ୍ ଅହମଦ ଫୈଜଙ୍କ ବିୟୋଗ ।
୧୯୮୫: ଜାରିହେଲା ମାଇକ୍ରୋସଫ୍ଟ ୱିଣ୍ଡୋଜ୍ ୧.୦ ।
୧୯୮୮: ଅନ୍ତରାଷ୍ଟ୍ରୀୟ ଅନ୍ତରୀକ୍ଷ ଷ୍ଟେସନ 'ଜାରୟା'ର ପ୍ରଥମ ମଡେଲ ଜାରି ।
୧୯୮୯: ଭାରତୀୟ ମହିଳା ପହେଲମାନ ବବିତା ଫୋଗଟଙ୍କ ଜନ୍ମ ।
୨୦୧୬: ପ୍ରଥମ ସୁପର୍ ସିରିଜ୍ ଟାଇଟଲ୍ ହାତେଇଲେ ପି.ଭି. ସିନ୍ଧୁ ।
୨୦୧୪: ପ୍ରସିଦ୍ଧ ଭାରତୀୟ କବୟିତ୍ରୀ ନିର୍ମଳା ଠାକୁରଙ୍କ ନିଧନ ।

## ସୋସିଆଲ କୋଟ୍ସ



ମୁଁ ଆଜି ବି ର୍‍ୟାପ୍ ସଙ୍ଗ୍‌କୁ ମାନ୍ୟତା ଦିଏନାହିଁ କି ସେସବୁ ବିରୋଧରେ ଯାଏନାହିଁ । ଗଲି ବୟର କିଛି ଗୀତ ଶୁଣିଛି । ଏମିତି ନୁହେଁ କି ସେସବୁ ଶୁଣିବା ପାଇଁ ଖରାପ । ହେଲେ ସେହି ଗୀତକୁ ନେଇ ଲୋକଙ୍କର କିଛି ସମସ୍ୟା ନାହିଁ, କିନ୍ତୁ ମୋ ଲିଖିତ ଡାଇଲଗ୍ ଖରାପ ଲାଗୁଛି ।

**ମନୋଜ ମୁନ୍ତଶିର, ଲିରିକ୍ସ ରାଇଟର**



ଶାହରୁଖ୍ ଆଜିବି ସମସ୍ତ ଗୀତର ରିହର୍ସାଲ୍ କରନ୍ତି । ସେ ତାଙ୍କ କାମ ଉପରେ ବହୁତ ଧ୍ୟାନ ଦିଅନ୍ତି । ଦର୍ଦ ଏ ଡିସ୍କୋ ଗୀତର ସୁଟିଂ ପାଇଁ ସେ ଦୁଇଦିନ ପର୍ଯ୍ୟନ୍ତ ପାଣି ପିଇନଥିଲେ । ଗୀତରେ ତାଙ୍କ ଆବ୍ସ ପର୍ଫେକ୍ଟ ଦେଖାଯିବ ବୋଲି ସେ ଏଭଳି କରିଥିଲେ ।

**ଫରହା ଖାନ୍, ଫିଲ୍ମମେକର**



ସାଉଦି ଆରବ ବିଷୟରେ ଲୋକଙ୍କ ମନରେ ଭ୍ରାନ୍ତ ଚିନ୍ତାଧାରା ଥିଲା । ସେଠାକାର ଲୋକେ ସିନେମାକୁ ଖୁବ୍ ଭଲ ପାଆନ୍ତି । ବିଶେଷକରି ବଲିଉଡ୍‌ର ବହୁତ ଫ୍ୟାନ୍ସ ଅଛନ୍ତି । ଫିଲ୍ମ ନିର୍ମାଣ କରିବା ଉପରେ ସେଠାକାର ସରକାର ୩୫% ସବ୍‌ସିଡି ଦେଉଛନ୍ତି ।

**ଅଜିତ ରାୟ, ସମୀକ୍ଷକ**

## ମିଲଖା ସିଂ

୧୯୨୯ ନଭେମ୍ବର ୨୦ରେ ଜନ୍ମ ହୋଇଥିଲେ ଭାରତର ଫ୍ଲାଇଂ ଶିଖ୍ ଭାବେ ପରିଚିତ ମିଲଖା ସିଂ । ଆଥ୍‌ଲେଟ୍ ଭାବେ ତାଙ୍କର ସାରା ବିଶ୍ୱରେ ରହିଛି ସ୍ୱତନ୍ତ୍ର ପରିଚୟ । ସେ ହେଉଛନ୍ତି ଏକମାତ୍ର ଆଥ୍‌ଲେଟ୍ ଯିଏ ଏସିଆନ ଗେମ୍ସରେ ୪୦୦ ମିଟରରେ ଗୋଲ୍ଡ ଜିତିଛନ୍ତି । ସେ ଭାରତକୁ ଅନେକ ଥର ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିବା ସହିତ ପଦକ ମଧ ଜିତିଛନ୍ତି । ତାଙ୍କର ଖେଳ ପ୍ରତି ଥିବା ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ମଧ ଭୂଷିତ କରାଯାଇଛି । ସେ ଅନେକ ଖେଳାଳୀ ଓ ଆଥଲେଟ୍‌ଙ୍କ ପାଇଁ ସବୁବେଳେ ପ୍ରେରଣା ରହି ଆସିଛନ୍ତି । ତାଙ୍କର ବିବାହ ଭାରତୀୟ ମହିଳା ଭଲିବଲ୍ ଦଳର ପୂର୍ବତନ କ୍ୟାପ୍ଟେନ୍ ନିର୍ମଳା ସଇନିଙ୍କ ସହ ହୋଇଥିଲା । ତାଙ୍କର ତିନୋଟି ଝିଅ ଓ ଗୋଟିଏ ପୁତ୍ର ସନ୍ତାନ ରହିଛନ୍ତି । ତାଙ୍କୁ ୧୯୫୯ରେ ପଦ୍ମଶ୍ରୀ ସମ୍ମାନ ମିଳିଥିବାବେଳେ ୨୦୧୬ରେ ଭାରତ ଗୌରବ ଆୱାର୍ଡ ମିଳିଥିଲା । ୨୦୨୧ ଜୁନ୍ ୧୮ରେ ତାଙ୍କର ଅବର୍ତ୍ତମାନରେ ସାରା ଦେଶରେ ଶୋକର ଛାୟା ଖେଳିଯାଇଥିଲା । ତାଙ୍କ ମୃତ୍ୟୁ ଭାରତର ଆଥଲେଟ୍ ଜଗତରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି କରିଛି ।



## ଖାଦ୍ୟ କମାଇବ ପ୍ରଦୂଷଣ ପ୍ରଭାବ



ପ୍ରଦୂଷଣ ବର୍ତ୍ତମାନର ସବୁଠୁ ବଡ଼ ସମସ୍ୟା ରୂପେ ଉଭା ହୋଇଛି । ରାଜଧାନୀ ଦିଲ୍ଲୀ ହେଉ କିମ୍ବା ଅନ୍ୟ କୌଣସି ସହର, ସବୁ ସ୍ଥାନରେ ଦ୍ରୁତ ରୂପେ ପ୍ରଦୂଷଣ ବ୍ୟାପିବାରେ ଲାଗିଛି । ପ୍ରଦୂଷଣ କାରଣରୁ ବାୟୁରେ ମିଶୁଥିବା ବିଷାକ୍ତ ଗ୍ୟାସ୍ ଯୋଗୁଁ ନିଃଶ୍ୱାସ ନେବାରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଦେଉଛି । ଏୟାର୍ କ୍ୱାଲିଟି ଇଣ୍ଡେକ୍ସର ରିପୋର୍ଟ ମୁତାବକ ଦିଲ୍ଲୀରେ ପ୍ରଦୂଷଣର ଯେଉଁଭଳି ସ୍ଥିତି ଉପୁଜିଛି ସେଥିରେ ନିଃଶ୍ୱାସ ନେବା ପାଇଁ ଆଦୌ ଯୋଗ୍ୟ ବାୟୁ ନାହିଁ । ତେବେ ପ୍ରଦୂଷଣ ଓ ସ୍ମଗ୍‌ରେ ବିଭିନ୍ନ ପ୍ରକାରର କ୍ଷତିକାରକ ପଦାର୍ଥ ରହିଥାଏ, ଯାହା ଆମ ଫୁସଫୁସ, ହାର୍ଟ ସହିତ ଅନ୍ୟ ଶାରୀରିକ ଅଙ୍ଗ ଉପରେ ଖରାପ ପ୍ରଭାବ ପକାଇଥାଏ । ତେଣୁ ଏଥିରୁ ନିଜ ଶରୀରକୁ ସୁରକ୍ଷା ଦେବା ଲାଗି ଆମେ ଘରୋଇ ଉପାୟରେ ମଧ ଚେଷ୍ଟା କରିପାରିବା । ଏନେଇ କେତେକ ଖାଦ୍ୟ ରହିଛି ଯାହାକୁ ଖାଇବା ଦ୍ୱାରା ପ୍ରଦୂଷଣର ପ୍ରଭାବ ଯଥେଷ୍ଟ ରୂପେ ହ୍ରାସ ପାଇବ ବୋଲି ମତ ରହିଛି ।

* ହଳଦୀରେ ଔଷଧୀୟ ଗୁଣ ରହିଥିବାରୁ ଏହାକୁ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭକାରୀ ବୋଲି ମାନ୍ୟ କରାଯାଏ । କୌଣସି କ୍ଷତ କିମ୍ବା ପୀଡ଼ା ହୋଇଥିଲେ ହଳଦୀ ସେବନ କରାଯାଏ । ତେବେ ପ୍ରଦୂଷଣ କ୍ଷେତ୍ରରେ ବି ଏହା ବେଶ୍ ଉପକାରୀ ସାବ୍ୟସ୍ତ ହେବ । ଏଥିରେ କର୍‌କ୍ୟୁମିନ୍ ରହିଛି, ଯାହା ପ୍ରଦୂଷଣର ପ୍ରଭାବକୁ କମ୍ କରିବାରେ ସହାୟକ ହେବ । ତେଣୁ ପ୍ରତ୍ୟହ ହଳଦୀକୁ ଡାଇଟ୍‌ରେ ସାମିଲ କରନ୍ତୁ, ଫୁସ୍‌ଫୁସ୍ ସଂକ୍ରମଣରୁ ଆଶ୍ୱସ୍ତି ମିଳିବ ।
* ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ସବୁଜ ପନିପରିବା ହେଉଛି ସବୁଠୁ ଭଲ ବିକଳ୍ପ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଛି, ଯାହା ଇନ୍‌ଫ୍ଲେମେସନ୍‌କୁ ନିୟନ୍ତ୍ରିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଥାଏ । ତେଣୁ ନିୟମିତ ଏହାକୁ ଖାଇବା ଦ୍ୱାରା ପ୍ରଦୂଷଣର ପ୍ରଭାବ ହ୍ରାସ ପାଇବ ।



* ସେହିପରି ଫ୍ଲାକ୍ସ ସିଡ୍ ଅନ୍ୟତମ ବିକଳ୍ପ ରୂପେ ମଧ ପ୍ରଦୂଷଣର ପ୍ରଭାବକୁ କମାଇବାରେ ସାହାଯ୍ୟ କରିବ । ଏଥିରେ ଫାଇଟୋଆଷ୍ଟ୍ରୋଜନ୍ ଏବଂ ଓମେଗା ୩ ଫ୍ୟାଟି ଏସିଡ୍ ପ୍ରଚୁର ପରିମାଣରେ ରହିଛି । ଯାହା ଆସ୍ଥମା ରୋଗୀଙ୍କ ପକ୍ଷେ ବେଶ୍ ସ୍ୱାସ୍ଥ୍ୟକାରୀ ହେବ ।
* ଆମ୍‌ଲାରେ ଭିଟାମିନ୍ ସି ଭରପୂର ମାତ୍ରାରେ ରହିଛି । ବାୟୁରେ ଥିବା କ୍ଷତିକାରକ ଦ୍ରବ୍ୟ କାରଣରୁ ସେଲୁଲାର୍ ଡ୍ୟାମେଜ୍ ହେବାରେ ଲାଗେ । ତେଣୁ ଆମ୍‌ଲା ଦ୍ୱାରା ଏହାକୁ ରୋକାଯାଇହେବ ।

## ଏକମାତ୍ର ଡିଜେଲ୍ ବାଇକ୍

ସାଧାରଣତଃ ଆମେ ପେଟ୍ରୋଲ ଦ୍ୱାରା ଚାଳିତ ବାଇକ୍ କିମ୍ବା ସ୍କୁଟି ଚଲାଇଥାଉ । ହେଲେ ଅତୀତରେ ଭାରତରେ ଡିଜେଲ୍ ଇଞ୍ଜିନ୍‌ଯୁକ୍ତ ବାଇକ୍ ଦୌଡୁଥିଲା । ରଆଲ୍ ଏନ୍‌ଫିଲ୍ଡ କମ୍ପାନୀ ଏହି ଡିଜେଲ୍‌ଚାଳିତ ବାଇକ୍‌କୁ ବିକଶିତ କରିଥିଲା । ସେହି ସମୟରେ ତାହା ଏତେ ମାତ୍ରାରେ ସଫଳ ହୋଇଥିଲା ଯେ ରାସ୍ତାରେ ବୃହତ୍ ସଂଖ୍ୟକ ଡିଜେଲ୍ ବାଇକ୍ ଦେଖିବାକୁ ମିଳୁଥିଲା । ଏଥିରେ ବିଶେଷଧରଣର ଟେକ୍ନିକ୍ ମଧ ଖଞ୍ଜାଯାଇଥିଲା । ତଥାପି ଏହି ଗାଡ଼ିର ପରିଚାଳନାକୁ ବନ୍ଦ କରିବାକୁ ପଡ଼ିଥିଲା । ରିପୋର୍ଟ ମୁତାବକ, ୮୦ ଦଶକରେ ଦେଶର ପ୍ରଥମ ଡିଜେଲ୍ ବାଇକ୍‌ର ପରିଚାଳନା ଆରମ୍ଭ କରାଯାଇଥିଲା । ଏହି ବାଇକ୍‌ର ନାଁ ରୟାଲ୍ ଏନ୍‌ଫିଲ୍ଡ ଡିଜେଲ୍ ଟରସ୍ ଥିଲା । ସ୍ପିଡ୍ ପ୍ରସଙ୍ଗରେ ଏହି ବାଇକ୍ ସେତେଟା ଦ୍ରୁତ ନଥିଲା, କିନ୍ତୁ ଏହାର ମାଇଲେଜ୍ ଖୁବ୍ ଭଲ ଥିଲା । ଯାହାଫଳରେ ସେତେବେଳେ ଏହାର ଚାହିଦା ସର୍ବାଧିକ ରହିଥିଲା । ରିପୋର୍ଟ ମୁତାବକ, ଏହି ବାଇକ୍ ହେଉଛି ଦେଶର ଏକମାତ୍ର ଡିଜେଲ୍ ବାଇକ୍ । ଏହା ସମଗ୍ର ବିଶ୍ୱରେ ସର୍ବାଧିକ ବିକ୍ରି ହେଉଥିବା ଡିଜେଲ୍ ବାଇକ୍ ଥିଲା । ଏହାର ମାଇଲେଜ୍ ଘଣ୍ଟାପ୍ରତି ୮୫ କିଲୋମିଟର ଦେଖାଉଥିଲା । ତେଣୁ ଏହା ଲୋକଙ୍କ ମଧ୍ୟରେ ସବୁଠୁ ଅଧିକ ମନପସନ୍ଦିତ ବାଇକ୍ ଥିଲା । ସେହି ସମୟରେ ଡିଜେଲ୍‌ର ଦାମ୍ ପେଟ୍ରୋଲ୍ ଠାରୁ ବହୁ ଗୁଣରେ କମ୍ ଥିଲା । ତେଣୁ କମ୍ପାନୀ ଏହି ବାଇକ୍‌କୁ ଲଞ୍ଚ୍ କରିଥିଲା । ଶସ୍ତା ଓ ଅଧିକ ମାଇଲେଜ୍ ପାଇଁ ଲୋକେ ଏହି ବାଇକ୍‌କୁ ଖୁବ୍ ପସନ୍ଦ କରୁଥିଲେ । ମାତ୍ର ଏହାର ଗତି ଘଣ୍ଟାପ୍ରତି ୬୫ କିମି ଥିଲା । ଏହାସହ ଡିଜେଲ୍ ଇଞ୍ଜିନ୍ କାରଣରୁ ଏଥିରୁ ଅଧିକ ଧୂଆଁ ନିର୍ଗତ ହେଉଥିଲା, ଯାହାଫଳରେ ପ୍ରଦୂଷଣର ମାତ୍ରା ବୃଦ୍ଧି ପାଉଥିଲା । ଏହାବ୍ୟତୀତ ବାଇକ୍‌ର ଓଜନ ପ୍ରାୟ ୨୦୦ କିଲୋ ଥିଲା । ଏଥିରେ ଏତେମାତ୍ରାରେ ଭାଇବ୍ରେସନ୍ ହେଉଥିଲା ଯେ ଚାଳକଙ୍କର ପିଠି ଯନ୍ତ୍ରଣା ହେଉଥିବା ଅଭିଯୋଗ ଆସିଲା । ଯାହାଫଳରେ ଶେଷରେ କମ୍ପାନୀକୁ ଏହି ବାଇକ୍‌ର ପରିଚାଳନାକୁ ବନ୍ଦ କରିବାକୁ ପଡ଼ିଥିଲା । ଆଜି ବି କେତେକଙ୍କ ପାଖରେ ଏହି ବାଇକ୍ ରହିଥିବା ଜଣାଯାଏ ।



## ବୁର୍ଜ୍ ଖଲିଫାରେ ଆନିମଲ୍

ରଣବୀର କପୁରଙ୍କ ବହୁପ୍ରତିକ୍ଷୀତ ଫିଲ୍ମ ଆନିମଲ୍‌କୁ ବିଶ୍ୱର ସର୍ବୋଚ୍ଚ ବିଲ୍ଡିଂ ବୁର୍ଜ୍ ଖଲିଫାରେ ସ୍କ୍ରିନିଂ କରାଯାଇଛି । ଫିଲ୍ମଟିର ପ୍ରମୋସନ୍ ପାଇଁ ୬୦ ସେକେଣ୍ଡ୍‌ର ଭିଡିଓକୁ ଦୁବାଇସ୍ଥିତ ଏହି ବିଲ୍ଡିଂରେ ପ୍ରଦର୍ଶିତ କରାଯାଇଛି । ଏହି ସମୟର ଭିଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରାଯାଇଥିବାବେଳେ ଏହା ବେଶ୍ ଭାଇରାଲ୍ ହେବାରେ ଲାଗିଛି । ଏହି ସମୟରେ ରଣବୀରଙ୍କ ସମେତ ବବି ଦେଓ୍ୱଲ, ଭୂଷଣ କୁମାର, ସନ୍ଦୀପ ରେଡ୍ଡି ଏବଂ ଅନ୍ୟାନ୍ୟ ଟିମ୍ ମେମ୍ବର ବୁର୍ଜ୍ ଖଲିଫାରେ ପହଞ୍ଚି ଏହି କ୍ଷଣକୁ ଉପଭୋଗ କରିଥିଲେ । ସଞ୍ଜୁ ପରେ ଆନିମଲ୍ ରଣବୀରଙ୍କ କ୍ୟାରିୟର୍‌ର ସବୁଠୁ ବଡ଼ ଫିଲ୍ମ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି । ଏଥିରେ ରଶ୍ମିକା ମନ୍ଦାନା ଓ ଅନୀଲ କପୁର ମଧ ନଜର ଆସିବେ । ଫିଲ୍ମଟି ଡିସେମ୍ବର ୧ରେ ରିଲିଜ୍ ହେବ ।




## ଜୋୟା ବେଷ୍ଟ



ନିକଟରେ ସ୍ୱାଏ ଫିଲ୍ମ 'ପଠାନ୍' ଓ 'ଟାଇଗର -୩' ପରଦାକୁ ଆସିଛି । ଦୁଇଟି ଯାକ ଫିଲ୍ମରେ କ୍ୟାଟ୍ରିନା ଓ ଦୀପିକାଙ୍କୁ ଡିଟେକ୍ଟିଭ କ୍ୟାରେକ୍ଟରରେ ଦେଖିବାକୁ ମିଳିଛି । ତେବେ ନିକଟରେ ଏକ ସାକ୍ଷାତକାରରେ କ୍ୟାଟ୍ରିନା ନିଜର ଚରିତ୍ର ଜୋୟାର ଖୁବ୍ ପ୍ରଶଂସା କରିଛନ୍ତି । ଜୋୟା ଓ ପଠାନରେ ଦୀପିକାଙ୍କ ଚରିତ୍ର ରୁବିଆ ମଧ୍ୟରୁ କିଏ ଭଲ ବୋଲି ପ୍ରଶ୍ନର ଉତ୍ତରରେ କ୍ୟାଟ୍ରିନା ନିଜର ଉତ୍ତର ଦେଇଛନ୍ତି । ଜୋୟା ବହୁତ ଅନୁଭବି ଏଜେଣ୍ଟ ବୋଲି କ୍ୟାଟ୍ରିନା ମତ ଦେଇଛନ୍ତି । ସିଧା ନହେଲେ ମଧ ପରୋକ୍ଷରେ କ୍ୟାଟ୍ରିନା ଜୋୟାକୁ ବେଷ୍ଟ କହିଥିବା ନେଇ ଚର୍ଚ୍ଚା ହେଉଛି । ସୋସିଆଲ ମିଡିଆରେ କ୍ୟାଟ୍‌ଙ୍କର ଏହି ଷ୍ଟେଟ୍‌ମେଣ୍ଟଟି ଭାଇରାଲ ହେବାରେ ଲାଗିଛି । ଟାଇଗର-୩ରେ କ୍ୟାଟ୍ରିନାଙ୍କ ସହିତ ସଲମାନ ଖାନ ଓ ଇମ୍ରାନ ହାସ୍‌ମି ସ୍କ୍ରିନ୍ ସେୟାର କରିଛନ୍ତି । ଫିଲ୍ମଟି ବ୍ଲକବଷ୍ଟର ହେବାନେଇ ମେକର୍ସ ଆଶା ରଖିଛନ୍ତି । ଏହାର ଅନ୍ୟ ଭାଗଗୁଡିକ ଖୁବ ଭଲ ହୋଇଥିବାରୁ ଟାଇଗର -୩ ମଧ ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ପୂରା ଟିମ୍ ଆଶା ରଖିଛି ।



## ହାଃ ହାଃ

ସ୍ତ୍ରୀ– ମୁଁ ତୁମକୁ କେତେ ଭଲ ଲାଗେ ?
ସ୍ୱାମୀ– ବହୁତ ଭଲ ଲାଗ ।
ସ୍ତ୍ରୀ– ତଥାପି କୁହ କେତେ ?
ସ୍ୱାମୀ– ଏତେ ଭଲ ଲାଗ କି ଇଚ୍ଛା ହେଉଛି ତୁମ ପରି ଆଉ ଜଣକୁ ନେଇଆସିବି ।
ସ୍ତ୍ରୀ ରାଗିକି ଲାଲ୍ ।

## ଜୁଟ୍ ଟ୍ରେଣ୍ଡ



ଆଜିକାଲି ଫ୍ୟାଶନକୁ ନେଇ ଅନେକ ଏକ୍ସପେରିମେଣ୍ଟ ଜାରି ରହିଛି । ଏଥିରେ ଅନେକ ପୁରୁଣା ସାମଗ୍ରୀକୁ ରିଇନ୍‌ଭେଣ୍ଟ କରି ବର୍ତ୍ତମାନର ଟ୍ରେଣ୍ଡରେ ସାମିଲ କରାଯାଉଛି । ସେଥିରେ ଆଗରେ ରହିଛି ଜୁଟ୍ । ଆଜିକାଲି ଜୁଟ୍‌ର ଅନେକ ପ୍ରକାର ବ୍ୟାଗ୍ ବଜାରରେ ମିଳୁଛି । ଯାହା ଷ୍ଟାଇଲିସ୍ ହେବା ସହ ଟ୍ରେଣ୍ଡରେ ରହୁଛି । ବାସ୍କେଟ ଜୁଟ୍ ବ୍ୟାଗ୍ ବର୍ତ୍ତମାନ ଯୁବତୀଙ୍କର ପ୍ରଥମ ପସନ୍ଦ ପାଲଟିଛି । ଏହାର ଭିନ୍ନଭିନ୍ନ ପ୍ରକାର ମିଳୁଛି, ଯେଉଁଥିରେ ଭିନ୍ନଭିନ୍ନ ଆକୃତି ସହ ଛୋଟ ବଡ ଆକାର ରହୁଛି । ଏହାକୁ ଜୁଟ୍‌ରୁ ବୁଣାଯାଇ ପ୍ରସ୍ତୁତ କରାଯାଇଛି । ଏହାର ରଙ୍ଗ ଗୁଡିକ ମଧ ବେଶ ଆକର୍ଷକ ରହିଛି । ଏହି ଭେରାଇଟିର ବଡବଡ ଆକାରଥିବା ବ୍ୟାଗ ବେଶି ଟ୍ରେଣ୍ଡରେ ରହୁଛି । ଏଥିରେ ଅନେକ ଜିନିଷ ଧରୁଥିବାରୁ ଏହାର ବ୍ୟବହାର ପାଇଁ ଲୋକଙ୍କ ଆଗ୍ରହ ବଢୁଛି । ଏହି ତାଲିକାରେ ଆଉ ଏକ ବ୍ୟାଗ ରହିଛି ଡିଜାଇନର ଜୁଟ୍ ବ୍ୟାଗ୍ । ଏହି ଜୁଟ୍ ବ୍ୟାଗ୍ ଫ୍ୟାଶନରେ ବିଭିନ୍ନ ପ୍ରକାର ଡିଜାଇନର ବ୍ୟାଗ୍ ମଧ ମିଳିଥାଏ । ଏଗୁଡିକର ଏଲିଗେଣ୍ଟ ଓ କ୍ଲାସି ଷ୍ଟାଇଲ୍ ସମସ୍ତଙ୍କୁ ବେଶ୍ ଆଟ୍ରାକ୍ଟିଭ୍ ଲାଗିଥାଏ । ଏହାକୁ ଟ୍ରାଡିସନାଲ୍ ଓ ଏଥନିକ୍ ୱେୟାର୍ ସହ ପେୟାର କରି ପିନ୍ଧାଯାଇପାରିବ । ଏହାର ୟୁନିକ୍ ପାଟର୍ନ ଓ କଲର ଏହାକୁ ବେଶି ଟ୍ରେଣ୍ଡି କରାଉଛି । ସେହିଭଳି ଆଉ ଏକ ହେଲା ପ୍ରିଣ୍ଟେଡ୍ ଜୁଟ୍ । ବର୍ତ୍ତମାନ ପ୍ରିଣ୍ଟେଡ୍ ଫ୍ୟାଶନର ଚାହିଦା ବେଶି ରହିଛି । ଏହାକୁ ବିଭିନ୍ନ ସ୍ଥାନକୁ ନେଇହେବା ସହ ଏହାର ବ୍ୟବହାର ମଧ ମଲ୍ଟିପର୍ପୋଜ୍ ରହୁଛି । ସେହିଭଳି ଏହାକୁ କଷ୍ଟମାଇଜ୍ ମଧ କରିହେଉଛି । ତେଣୁ ଏହାକୁ ଗିଫ୍ଟ ଭଳି ମଧ ବ୍ୟବହାର କରିହେଉଛି । ଏହି ବ୍ୟାଗ୍ ଗୁଡିକ ଇକୋଫ୍ରେଣ୍ଡଲି ସହ ଫ୍ୟାଶନେବଲ୍ ହୋଇଥିବାରୁ ଏହାର ଡିମାଣ୍ଡ୍ ଅଧିକ ରହୁଛି । ଏହାର ବିଭିନ୍ନ ଭେରାଇଟି ସହିତ କଲର ମଧ ରହୁଛି ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୪୭
ତିଥି : ଅଷ୍ଟମୀ
୨୦ ନଭେମ୍ବର ୨୦୨୩, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

समय SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 47
20 Nov 2023, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ଶେନିସ୍ ପାଲାସିଓସ ହେଲେ ବ୍ରହ୍ମାଣ୍ଡ ସୁନ୍ଦରୀ



ମାନାଗୁଆ,୧୯।୧୧: ଘୋଷଣା ହେଲା ଚଳିତ ବର୍ଷର ମିସ୍ ୟୁନିଭର୍ସଙ୍କ ନାମ । ଏଥର ନିକାରଗୁଆର ଶେନିସ୍ ପାଲାସିଓସ ବନିଛନ୍ତି ବ୍ରହ୍ମାଣ୍ଡ ସୁନ୍ଦରୀ । ମିସ୍ ୟୁନିଭର୍ସ ୨୦୨୩ ଟାଇଟଲ୍ ବିଜେତା ଭାବେ ଶେନିଶଙ୍କ ନାମ ଘୋଷଣା କରାଯାଇଛି । ପୂର୍ବତନ ବିଜେତା- ଆମେରିକାର ଆର୍ ବେନି ଗାବ୍ରିଏଲ ତାଙ୍କୁ ବ୍ରହ୍ମାଣ୍ଡ ସୁନ୍ଦରୀ ମୁକୁଟ (୯ ପୃଷ୍ଠାରେ)

# ଅଷ୍ଟ୍ରେଲିଆ ବିଶ୍ୱ ବିଜେତା




ଅହମ୍ମଦାବାଦ,୧୯।୧୧ (ଏଜେନ୍ସି): ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ଦଳ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲା । କିନ୍ତୁ ଫାଇନାଲରେ ଦଳକୁ ହାରିବାକୁ ପଡିଛି । ଏଥିସହ ଚଳିତ ବିଶ୍ୱକପ୍‌ରେ ଭାରତର ଅପରାଜେୟ ଧାରାରେ ବ୍ରେକ୍ ଲଗାଇଛି ଅଷ୍ଟ୍ରେଲିଆ । ଫାଇନାଲରେ ଉଚ୍ଚକୋଟୀର ପ୍ରଦର୍ଶନ ଦେଖାଇଥିବା ଟ୍ରେଭିସ୍ ହେଡଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ, ସମଗ୍ର ଟୁର୍ଣ୍ଣାମେଣ୍ଟ ୭୬୫ ରନ୍ ସଂଗ୍ରହ କରିଥିବା ବିରାଟ କୋହଲିଙ୍କୁ ପ୍ଲେୟାର ଅଫ୍ ମ୍ୟାଚ ବିବେଚିତ କରାଯାଇଥିଲା । ଅହମ୍ମଦାବାଦରେ ଅନୁଷ୍ଠିତ ଫାଇନାଲରେ ଭାରତ ୫୦ ଓଭରରେ ୨୪୦ ରନ୍ କରିଥିଲା । ଏହାର ଜବାବରେ ଅଷ୍ଟ୍ରେଲିଆ ୪୩ ଓଭରରେ ୨୪୧/୪ ରନ୍ କରି ୬ ୱିକେଟ୍‌ରେ ବିଜୟୀ ହୋଇଥିଲା ।

ଭାରତର ବିଶ୍ୱକପ ଜିତିବା ସ୍ୱପ୍ନ ଅଧା ରହିଗଲା । ଅନେକ ଆଶା ଓ ଭାରତବାସୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ରବିବାର ରୋହିତ ଆଣ୍ଡ୍ କୋ ମହାମୁକାବିଲାରେ ଅଷ୍ଟ୍ରେଲିଆକୁ ଭେଟିଥିଲେ । ଘରୋଇ ମାଟିରେ ବିଶ୍ୱବିଜେତା ହୋଇ ନୂଆ ଇତିହାସରେ ରଚିବା ଲକ୍ଷ୍ୟରେ ଥିଲା ଦଳ । କିନ୍ତୁ ଟ୍ରେଭିସ୍ ହେଡ ଭାରତର ସବୁ ସ୍ୱପ୍ନକୁ ଚୁରମାର କରିଦେଇଛନ୍ତି । ଫାଇନାଲ ମ୍ୟାଚରେ ସେ ଚମତ୍କାର ଶତକ ହାସଲ କରି ଅଷ୍ଟ୍ରେଲିଆକୁ ଷଷ୍ଠଥର ପାଇଁ ବିଶ୍ୱ ବିଜେତା କରିଛନ୍ତି । ହେଡ ୧୨୦ ବଲ୍‌ରେ ୧୩୭ ରନ୍‌ର ଇନିଂସ ଖେଳିଥିଲେ । ଏହି ଇନିଂସରେ ସେ ୧୫ଟି ଚୌକା ଓ ୪ଟି ଛକା ମାରିଥିଲେ । ଲାବୁସେନ ଶେଷ ଯାଏଁ ୧୧୦ ବଲରୁ ୫୮ ରନ୍ କରି ଅପରାଜିତ ଥିଲେ ।

ଦୀର୍ଘ ୧୨ ବର୍ଷ ପରେ ଅତି ନିକଟକୁ ଆସି ଭାରତ ନିରାଶ ହୋଇଛି । ୨୦୧୧ରେ ଭାରତ ନିଜ ମାଟିରେ ବିଶ୍ୱକପ୍ ଜିତିଥିଲା । ଏବେ ପୁଣି ଏହି ସୁଯୋଗ ଥିଲା । ୨୦୦୩ରେ ଅଷ୍ଟ୍ରେଲିଆ (୯ ପୃଷ୍ଠାରେ)

## ଆଜି ଆସୁଛନ୍ତି ରାଷ୍ଟ୍ରପତି



ଭୁବନେଶ୍ୱର,୧୯।୧୧(ସବ୍ୟୁ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ତିନିଦିନିଆ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଗସ୍ତରେ ଆସୁଛନ୍ତ । ଏହି ଗସ୍ତ କାଳରେ ମହାମହିମ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ । ରାଷ୍ଟ୍ରପତି ସୋମବାର ବାରିପଦାଠାରେ ସର୍ବଭାରତୀୟ ସାନ୍ତାଳୀ ଲେଖକ ସଂଘର (୯ ପୃଷ୍ଠାରେ)

## ଟନେଲ ଟ୍ରାଜେଡି: ଶ୍ରମିକଙ୍କ ଉଦ୍ଧାର ପାଇଁ ମିଳିତ ପ୍ରୟାସ

ନୂଆଦିଲ୍ଲୀ,୧୯।୧୧: ଉତ୍ତରକାଶୀ ଟନେଲ ଭୁଶୁଡିବା ଘଟଣାକୁ ବିତିଲାଣି ଆଠ ଦିନ । ଏବେ ମଧ୍ୟ ଫସି ରହିଛନ୍ତି ୪୧ ଜଣ ଶ୍ରମିକ । କିପରି ସେମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯିବ ସେଥିପାଇଁ ପ୍ରାଣପ୍ରଣେ ଉଦ୍ୟମ କରୁଛନ୍ତି ଉଦ୍ଧାରକାରୀ ଟିମ୍ । ଉତ୍ତରକାଶୀ ଟନେଲ ଭୁଶୁଡିବା ଘଟଣାକୁ ବିତିଲାଣି ଆଠ ଦିନ । ଏବେ ମଧ୍ୟ ଫସି ରହିଛନ୍ତି ୪୧ ଜଣ ଶ୍ରମିକ । କିପରି ସେମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯିବ ସେଥିପାଇଁ ପ୍ରାଣପ୍ରଣେ ଉଦ୍ୟମ କରୁଛନ୍ତି ଉଦ୍ଧାରକାରୀ ଟିମ୍ । ଖାଦ୍ୟ, ପାନୀୟ ଓ ଅମ୍ଳଜାନ ପଠାଯିବା ସହ ଶ୍ରମିକମାନଙ୍କ ସହ ନିରନ୍ତର ଯୋଗାଯୋଗ କରାଯାଉଛି । ଉଦ୍ଧାରକାର୍ଯ୍ୟକୁ ଆଉ ୪ରୁ ୫ ଦିନ ଲାଗିପାରେ ବୋଲି କହିଛନ୍ତି ଜଣେ ବରିଷ୍ଠ ଅଧିକାରୀ ।

ଶ୍ରମିକଙ୍କ ସୁରକ୍ଷିତ ଉଦ୍ଧାର ପାଇଁ ବିଶେଷଜ୍ଞ ଟିମ୍ ସହ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଏକ ଟିମ୍ ଏକାଧିକ ପ୍ଲାନିଂ ଉପରେ କାର୍ଯ୍ୟ କରୁଛନ୍ତି । ଉତ୍ତରକାଶୀ ଟନେଲ ଭୁଶୁଡିବା ଘଟଣାକୁ ବିତିଲାଣି ଆଠ ଦିନ । ଏବେ ମଧ୍ୟ ଫସି ରହିଛନ୍ତି ୪୧ ଶ୍ରମିକ । କିପରି ସେମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯିବ ସେଥିପାଇଁ ପ୍ରାଣପ୍ରଣେ ଉଦ୍ୟମ କରୁଛନ୍ତି ଉଦ୍ଧାରକାରୀ ଟିମ୍ । ଖାଦ୍ୟ, ପାନୀୟ ଓ ଅମ୍ଳଜାନ ପଠାଯିବା ସହ ଶ୍ରମିକମାନଙ୍କ ସହ ନିରନ୍ତର ଯୋଗାଯୋଗ କରାଯାଉଛି । ଉଦ୍ଧାରକାର୍ଯ୍ୟକୁ ଆଉ ୪ରୁ ୫ ଦିନ (୯ ପୃଷ୍ଠାରେ)

## ବୋମାମାଡ଼ରେ ଜୀବନ ହାରିଲେ ୫୦ ଶିବିରାର୍ଥୀ

ଗାଜା,୧୯।୧୧: ଇସ୍ରାଏଲ-ହମାସ୍ ଯୁଦ୍ଧ ଦିନକୁ ଦିନ ତୀବ୍ର ହେଉଥିବା ବେଳେ ଯୁଦ୍ଧବିରତି ପାଇଁ ବିଭିନ୍ନ ରାଷ୍ଟ୍ର ଓ ଜାତିସଂଘର ପ୍ରସ୍ତାବକୁ ଇସ୍ରାଏଲ ପ୍ରତ୍ୟାଖ୍ୟାନ କରିଚାଲିଛି । ଇସ୍ରାଏଲ ଆଜି ପୁଣି ଉତ୍ତରା ଗାଜାରେ ଜାତିସଂଘ ପରିଚାଳିତ ଜାବାଲିଆ ରିଲିଫ୍ ଶିବିର ଉପରେ ବୋମାମାଡ଼ କରିବାରୁ ଅତିକମରେ ୫୦ ଜଣଙ୍କ ମୃତ୍ୟୁ ହୋଇଛି । ଦକ୍ଷିଣ ଗାଜାରେ ମଧ୍ୟ ବିମାନ ଆକ୍ରମଣରେ ୩୨ ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଛି । ଅନ୍ୟପକ୍ଷରେ ଅଲ୍ ସିଫା ହସ୍ପିଟାଲକୁ ସଂପୂର୍ଣ୍ଣ ଛାନଭିନ୍ କରିବା ପାଇଁ ପର୍ଯ୍ୟାୟକ୍ରମେ ରୋଗୀଙ୍କୁ ସ୍ଥାନାନ୍ତର କରାଯାଉଛି । ସମଗ୍ର ହସ୍ପିଟାଲକୁ ୧ ଘଣ୍ଟା ମଧ୍ୟରେ ଖାଲି କରିବାକୁ ଇସ୍ରାଏଲ ନିର୍ଦ୍ଦେଶ ଦେଇଛି ବୋଲି ଖବର ପ୍ରଚାରିତ ହୋଇଥିବା ବେଳେ ଏହାକୁ ଇସ୍ରାଏଲ ଖଣ୍ଡନ କରିଛି ଏବଂ ଏହା ହମାସର ଯୋଜନାବଦ୍ଧ (୯ ପୃଷ୍ଠାରେ)

## ଟ୍ରକ ଧକ୍କାରେ ୫ ପୋଲିସ ମୃତ

ନୂଆଦିଲ୍ଲୀ,୧୯।୧୧: ରାଜସ୍ଥାନ ନିର୍ବାଚନ ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣା ଚୁରୁରେ ସୁଜାନଗ ସଦର ଥାନା ଅଞ୍ଚଳରେ ବାଘସରା ଫାଣ୍ଟା ନିକଟରେ ଆଜି ସକାଳ ୬ଘଟିକାରେ ଘଟିଥିଲା । ପ୍ରକାଶିତ ରିପୋର୍ଟ ମୁତାବକ, ଖିନବସର ଥାନାରେ ନିୟୋଜିତ ଥିବା ୭ଜଣ ପୁଲିସ କର୍ମଚାରୀ ଡିୟୁଟି ପାଇଁ ତାରାନଗର ଯାଉଥିଲେ । ପୁଲିସ କର୍ମଚାରୀ ଯାଉଥିବା କାରଟି ଟ୍ରାକ୍ଟର ସହିତ ଧକ୍କା ହୋଇଯାଇଥିଲା । ଫଳରେ ଏଥିରେ ଥିବା ଏଏସଆଇଙ୍କ ସମେତ ୫ଜଣ ପୁଲିସକର୍ମଚାରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିବା ବେଳେ ଦୁଇଜଣ ଏଥିରେ ଗୁରୁତର ଆହତ ହୋଇଛନ୍ତି । ଏହି ଦୁର୍ଘଟଣା ସମ୍ପର୍କରେ ସୁଜାନଗ ସିଓ ସକିଲ ଖାନ ସୂଚନା ଦେଇଛନ୍ତି । ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ସମ୍ପର୍କରେ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ଅଶୋକ ଗହଲୋତ ଶୋକବ୍ୟକ୍ତ କରିବା ସହିତ ମୃତ ପୁଲିସ କର୍ମଚାରୀଙ୍କ ପରିବାରକୁ ଏ ଦୁଃଖ ସହିବାକୁ ଧୈର୍ଯ୍ୟ ଦିଅନ୍ତୁ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ଏକାଠି ୫ଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଖବର ସାମ୍ନାକୁ ଆସିବା ପରେ ବିଭିନ୍ନ ମହଲରେ ଶୋକରଛାୟା ଖେଳି ଯାଇଛି । ମୃତ ପୁଲିସ କର୍ମଚାରୀଙ୍କ ନାମ ଏଏସଆଇ ରାମଚନ୍ଦ୍ର, କନଷ୍ଟେବଲ କୁମ୍ଭାରମ, ସୁରେଶ ମିନା, ତାନାରାମ ଓ ମହେନ୍ଦ୍ର (୯ ପୃଷ୍ଠାରେ)






# କିଟ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ଛଟ୍ ପୂଜା ସମ୍ପନ୍ନ

ଭୁବନେଶ୍ୱର (ସବ୍ୟୁ): କିଟ୍ ବିଶ୍ୱବିଦ୍ୟାଳୟରେ ଉତ୍ତର ଭାରତର ଗଣପର୍ବ ଛଟ୍ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାର କାଉନ୍ସିଲ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ମନନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୁଭ କାମନା ଜଣାଇଥିଲେ । କିଟ୍ ବିଶ୍ୱବିଦ୍ୟାଳୟରେ ଭାରତର ସମସ୍ତ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସଂସ୍କୃତି ଓ ପରମ୍ପରା ପାଳନ କରିବାର ସୁଯୋଗ ଦିଆଯାଉଥିବାରୁ ସେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ସେ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ପ୍ରାରମ୍ଭିକ ସୂଚନା ଦେଇ ପ୍ରତିଷ୍ଠାତା ଶ୍ରୀ ସାମନ୍ତ ଅତି ଶୃଙ୍ଖଳାର ସହ ଛାତ୍ରଛାତ୍ରୀମାନେ ଛଟ୍ ପାଳନ କରୁଥିବାରୁ ଧନ୍ୟବାଦ ଦେଇଥିଲେ । ଶ୍ରୀ ସାମନ୍ତ ଛାତ୍ରଛାତ୍ରୀଙ୍କୁ ଛଟ୍ ଅଭିନନ୍ଦନ ଜଣାଇବା ସହ ଛଠି ମାଆ ସମସ୍ତଙ୍କୁ ସୁସ୍ଥ ରଖିବା ସହ ସୂର୍ଯ୍ୟଦେବ




ସମସ୍ତଙ୍କ ଜୀବନରେ ଭଲପାଇବା, ଖୁସି, ଶାନ୍ତି ଓ ସମୃଦ୍ଧିରେ ଆଲୋକିତ କରନ୍ତୁ ବୋଲି କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଅଧିବକ୍ତା ଅମିତ ବୈଦ୍ୟ, ଶ୍ରୀମାଳି ଓ କିଟ୍ ବିଶ୍ୱବିଦ୍ୟାଳୟ ଅତିରିକ୍ତ କୁଳସଚିବ ପ୍ରଫେସର ଶ୍ୟାମ ସୁନ୍ଦର ବେହୁରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟରେ ପଢୁଥିବା ଉତ୍ତର ଭାରତର ଛାତ୍ରଛାତ୍ରୀମାନେ ଯୋଗଦେଇ ଛଠି ମାତାଙ୍କ ଆରାଧନା କରିଥିଲେ । କିଟ୍‌ରେ ବିଭିନ୍ନ ରାଜ୍ୟ ଓ ଭାଷାଭାଷୀର ଛାତ୍ରଛାତ୍ରୀମାନେ ପାଠ ପଢୁଥିବାବେଳେ ବର୍ଷର ବିଭିନ୍ନ ସମୟରେ ସେମାନଙ୍କର ବିଭିନ୍ନ ପର୍ବ ଏଠାରେ ପାଳନ କରାଯାଇଥାଏ ।

## ହିନ୍ଦୀ ପ୍ରଭାସୀ ସଂଘର ଛଟ୍ ପୂଜା

କଟକ(ସ.ବ୍ୟୁ) : ହିନ୍ଦୀ ପ୍ରବାସୀ ସଂଘ ପକ୍ଷରୁ ଛଟ୍ ପୂଜା ଆଜି ଅପରାହ୍ଣରେ ସୂର୍ଯ୍ୟ ପୂଜା ପାଳିତ ହୋଇଯାଇଛି । ଏହି ପୂଜାରେ ମହିଳାମାନେ ଉପବାସ ରହି ପୂଜା ପାଳନ କରିଥିଲେ । ଆସନ୍ତା କାଲି ପ୍ରାତଃ ୫ଟା ସମୟରେ ସୂର୍ଯ୍ୟଙ୍କୁ ଜଳାର୍ଘ୍ୟ ଦାନ କରି ଉପବାସ ଭଙ୍ଗ କରିବେ । ଏହି କାର୍ଯ୍ୟକ୍ରମକୁ ହିନ୍ଦୀ ପ୍ରଭାସୀ ସଂଘ ପକ୍ଷରୁ ଯୋବ୍ରା ତତ୍ୱବଟ ଘାଟରେ ଆଜି ମହା ଆଡମ୍ବର ସହକାରେ ପାଳନ କରାଯାଇଛି । ସଭାପତି ଶିବଶଙ୍କର ଠାକୁର, କାର୍ଯ୍ୟକାରୀ ସଭାପତି ସଂଜୟ କୁମାର ଠାକୁର, ସାଧାରଣ ସଂପାଦକ ଶ୍ରୀରାମ ପାଣ୍ଡେ, ଯୁଗ୍ମ ସଂପାଦକ ରାମମୂର୍ତ୍ତି ତିୱାରୀ, ସଂଗଠନ ସଂପାଦକ କିଶନ କୁମାର ସିଂହ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କାର୍ଯ୍ୟକ୍ରମ ପାଳିତ ହୋଇଥିଲା । ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଅତିଥି ଭାବରେ ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ ଡ. ପ୍ରଭାତ ରଂଜନ ବିଶ୍ୱାଳ, ୩୮ ନଂ କର୍ପୋରେଟର ଝିଲିରାଣୀ ବିହାରୀ, ୪୬ ନଂ କର୍ପୋରେଟର ପ୍ରଜ୍ଞା ବେଉରା, ୪୭ ନଂ କର୍ପୋରେଟର ଇଂ ସୁବ୍ରତ ଘଡାଇଙ୍କ ସମେତ ଯୋବ୍ରା ପୂଜା କମିଟି ଓ କଲେଜଛକ ପୂଜା କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ ।

# ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀର ଅନ୍ତିମ ଦିନରେ ରନ୍ଧନର ବିବିଧତା

ଭୁବନେଶ୍ୱର (ସବ୍ୟୁ) : ଓଡ଼ିଶା ମିଲେଟ୍ସ ମିଶନ୍ ପକ୍ଷରୁ ଆୟୋଜନ କରାଯାଇଥିବା ଆନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ନଭେମ୍ବର ୧୦ ତାରିଖରେ ଅତ୍ୟନ୍ତ ସଫଳତାର ସହିତ ଶେଷ ହୋଇଛି। ସମ୍ମିଳନୀର ଅନ୍ତିମ ଦିବସରେ ରାଜ୍ୟସ୍ତରୀୟ ବିବିଧ ରନ୍ଧନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଭିନ୍ନ ଜିଲ୍ଲାରୁ ଆସିଥିବା ପ୍ରତିଯୋଗୀମାନେ ମିଲେଟ୍ସ ଏବଂ ରନ୍ଧନ ସମ୍ପର୍କିତ ନିଜନିଜର ସୃଜନଶୀଳ ପ୍ରତିଭାକୁ ଅସ୍ତ୍ରକରି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। 'ଜନଜାତି ଓ ଆନ୍ତର୍ଜାତୀୟ ଖାଦ୍ୟ' ଏହାର ଥିମ ରହିଥିବା ବେଳେ ପ୍ରତିଯୋଗୀମାନେ ସେମାନଙ୍କର ପ୍ରତିଭାର ପୂର୍ଣ୍ଣ



ପ୍ରଦର୍ଶନ କରିବାକୁ ସୁଯୋଗ ପାଇଥିଲେ। ମିଲେଟ୍ସକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ପାଇଁ ଲୋକମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବାକୁ ଓଡ଼ିଶା ମିଲେଟ୍ସ ମିଶନ୍ ପକ୍ଷରୁ ସମଗ୍ର ରାଜ୍ୟରେ ଏକ ରନ୍ଧନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ରାଜ୍ୟବ୍ୟାପୀ ରନ୍ଧନ ପ୍ରତିଯୋଗିତାରେ ଜିଲ୍ଲା ସ୍ତରରେ ବିଜେତା ଘୋଷିତ ହୋଇଥିବା ୨୦ ଜଣ ପ୍ରତିଯୋଗୀଙ୍କୁ ନେଇ ଆନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀରେ ଏକ ସ୍ୱତନ୍ତ୍ର ରନ୍ଧନ ପ୍ରତିଯୋଗିତାର ପରିକଳ୍ପନା କରାଯାଇଥିଲା। ଏହା ପ୍ରତ୍ୟେକ ପ୍ରତିଯୋଗୀଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଥିଲା। ଭୁବନେଶ୍ୱରର ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ କ୍ୟାଟେରିଂ ଟେକ୍ନୋଲୋଜି ଆଣ୍ଡ ଆପ୍ଲାଏଡ ନ୍ୟୁଟ୍ରିସନ୍ ପକ୍ଷରୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପ୍ରତିଯୋଗୀ ତଥା ଦର୍ଶକମାନଙ୍କୁ ମିଲେଟ୍ସର ପୁଷ୍ଟିକର ଗୁଣ ଏବଂ ଏଥିରେ ଥିବା ଫାଇବର, ପ୍ରୋଟିନ ଏବଂ ମିନେରାଲ୍ସ ସମ୍ବନ୍ଧରେ ସଚେତନ କରାଯାଇଥିଲା। ପ୍ରତିଯୋଗିତା ପୂର୍ବରୁ ସମୁଦାୟ ୨୦ ଜଣ ପ୍ରତିଯୋଗୀଙ୍କୁ ପ୍ରଥମେ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା ଯଥା– ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଛାତ୍ର ଗୋଷ୍ଠୀ। ଉଭୟ ଗୋଷ୍ଠୀରେ ୧୦ ଜଣ ପ୍ରତିଯୋଗୀ ରହିଥିଲେ ଏବଂ ସେମାନେ ଭଲଭାବରେ ଜାଣିଥିବା ଦୁଇ ପ୍ରକାର ଖାଦ୍ୟ ପ୍ରସ୍ତୁତ କରିବାକୁ ସେମାନଙ୍କୁ କୁହାଯାଇଥିଲା । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବର୍ଗରେ ଶ୍ରୀମତି ବିନୋଦିନୀ ପ୍ରଧାନଙ୍କୁ ବିଜେତା ଘୋଷଣା କରାଯାଇଥିଲା । ଶ୍ରୀମତି ପ୍ରଧାନ 'ଜୁଗାର (ଜହ୍ନା) ଜନଜାତି ଖାନା' ଏବଂ 'ମାଣ୍ଡିଆ ଦୁଗ୍ଧ ସହ ପୋଡ଼ା ନୁଡୁଲ୍ସ' ପ୍ରସ୍ତୁତ କରିଥିଲେ। ଛାତ୍ର ବର୍ଗରେ ସୌଭାଗ୍ୟ କୁମାର ବିଜେତା ଘୋଷିତ ହୋଇଥିବା ବେଳେ ସେ ସେତାରିଆ 'ଫ୍ୟୁଚର (ଜାପାନର ମିଲେଟ ସୁସି)' ଏବଂ 'ମିଲେଟ୍ ଗଇଁଠା ପିଠା' ପ୍ରସ୍ତୁତ କରିଥିଲେ। ଆନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀର ଉଦ୍‌ଯାପନ ସମାରୋହ ଅବସରରେ ଉଭୟ ପ୍ରତିଯୋଗୀଙ୍କୁ ଟ୍ରଫି ତଥା ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।

## ୩୪ତମ ପିକକ୍ ଶିଶୁମେଳାର ଷଷ୍ଠ ସନ୍ଧ୍ୟା

# କୌତୁକ ପୋଷାକରେ ସଚେତନତାର ବାର୍ତ୍ତା

ଭୁବନେଶ୍ୱର (ସବ୍ୟୁ): ୩୪ ତମ ପିକକ୍ ଶିଶୁମେଳା ର ରବିବାର ଥିଲା ଷଷ୍ଠ ସନ୍ଧ୍ୟା । ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା କୌତୁକ ପୋଷାକ ପ୍ରତିଯୋଗୀତା । ବିଭିନ୍ନ ପ୍ରକାରର ବେଶ ପୋଷାକରେ ସୁସଜ୍ଜିତ ହୋଇ ପିଲାମାନେ ପରିବେଶ, ସାମାଜିକ ସମସ୍ୟା ଆଦି ବିଷୟ ଉପରେ ସଚେତନତାର ବାର୍ତ୍ତା ଦେଇଥିଲେ । ଏହା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଆଜି ମଧ ପାଳନ କରାଯାଉଛି ବିଶ୍ୱ ଶିଶୁ ନିର୍ଯ୍ୟାତନା ନିରୋଧୀ ଦିବସ । ପିଲାମାନନେ ସଚେତନତା ବାର୍ତ୍ତା ଦେଇ ଏହି ଦିବସର ମହତ୍ତ୍ୱକୁ ବୁଝାଇଥିଲେ । ଏହି ପ୍ରତିଯୋଗୀତାର ବିଚାରକ ଭାବେ ବନ୍ଦିତା ଦାସ, ସୁମିତ୍ରା ତ୍ରିପାଠୀ, ଉଷାରାଣୀ ବେହେରା, ମଧୁମିତା ଦାସ, ନଳିନୀ ପ୍ରଧାନ ପ୍ରମୁଖ ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ସଂଧ୍ୟାରେ ଅତିଥିଭାବେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ବିଶିଷ୍ଟ ସାହିତ୍ୟିକ ପ୍ରଦୀପ କୁମାର ବିଶ୍ୱାଳ, ଓଡିଆ ଚଳଚିତ୍ର ର ନାୟିକା ସମର୍ପିତା ଦାସ ଓ କଳାକାର ଦେବାର୍ଚ୍ଚନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ସେମାନେ ପିକକ୍ ର ଏହି ଉଦ୍ୟମକୁ ବହୁ ପ୍ରଶଂସା କରିଥିଲେ । ଅତିଥିମାନେ ଆଧୁନିକ ନୃତ୍ୟ ଓ ଓଡିଶୀ ନୃତ୍ୟ ର



କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ସାତଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ଓଡିଶା ସରକାରଙ୍କର ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ରୋଟାରୀ କ୍ଲବ ଅଫ ଭୁବନେଶ୍ୱର, ୟୁନିକ । ଅନ୍ୟ ମାନଙ୍କ ମଧ୍ୟରେ ପିକକ୍ ଶିଶୁମେଳା କମିଟିର ଅଧକ୍ଷ ପ୍ରଦୋଷ ପଟ୍ଟନାୟକ, ପିକକ୍ ର ସମ୍ପାଦକ ରଞ୍ଜନ ମହାନ୍ତି ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଓ ବରିଷ୍ଟ ସାମ୍ବାଦିକ ମାଧବନନ୍ଦ ବେହୁରା ପ୍ରମୁଖ ଉପସ୍ଥିତ ଥିଲେ । ପିକକ୍ ର ରତ୍ନା ଦାଶ, ଜ୍ୟୋତିଶଙ୍କର ମହାନ୍ତି, ଅଲ୍ପନା ଦାସ, ଉପମା ମହାନ୍ତି, ସୁମିତ୍ରା ମହାନ୍ତି, ପ୍ରିୟଦର୍ଶିନୀ ସ୍ୱାଇଁ, ବିଷ୍ଣୁପ୍ରିୟା ମହାପାତ୍ର, ସସ୍ମିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେଛ ସଂନ୍ଧ୍ୟାରେ ନୃତ୍ୟଶ୍ରୀ ଓ ନୃତ୍ୟ ପ୍ରତିଭା ଡାନ୍ସ ଗ୍ରୁପର ପିଲାମାନଙ୍କ ଦ୍ୱାରା ପରିବେଷିତ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକ ମାନଙ୍କର ମନ ମୋହି ନେଇଥିଲା । ଆଜି ସନ୍ଧ୍ୟାର କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ ଆରୁଷି ଓ ଆଦ୍ୟାଶା ।

## ଓଡିଆ ସ୍ୱାଭିମାନର ପ୍ରତୀକ ଥିଲେ ପଣ୍ଡିତ ଗୋବିନ୍ଦ ରଥ

କଟକ(ସ.ବ୍ୟୁ) : ଓଡିଆ ଭାଷାର ପ୍ରଥମ ଲୋକପ୍ରିୟ ଅକ୍ଷର ଶିକ୍ଷା ପୁସ୍ତକ 'ବର୍ଣ୍ଣବୋଧକ'ର ରଚୟିତା, ପ୍ୟାରୀମୋହନ ଏକାଡେମୀ ପ୍ରତିଷ୍ଠାର ଅନ୍ୟତମ ସହଯୋଗୀ ବିପ୍ଳବୀ ପଣ୍ଡିତ ଗୋବିନ୍ଦ ରଥଙ୍କ ୧୭୫ତମ ଜନ୍ମ ଜୟନ୍ତୀ ଉତ୍ସବ ତାଙ୍କ ସ୍ମୃତି ସଂସଦ ତରଫରୁ ପବିତ୍ର ନାଗଲ ଚତୁର୍ଥୀ ତିଥିରେ କାଠଗଡାସାହିସ୍ଥ କାୟସ୍ଥ ବୋଡିଙ୍ଗ୍ ପରିସରରେ ସମାଜସେବୀ ବିକାଶ ଘୋଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ଉଦଘାଟନ କରି ବରିଷ୍ଠ ସଭ୍ୟ ପ୍ରଦୀପ କୁମାର ସାହୁ ପୂର୍ବସୁରୀମାନଙ୍କୁ ମନେପକାଇବା ଓ ସେମାନଙ୍କର ତ୍ୟାଗକୁ ଆଗାମୀ ପିଢିକୁ ଅବଗତ କରାଇବା ପଣ୍ଡିତ ରଥ ସ୍ମୃତି ସଂସଦର ଉଦ୍ଦେଶ୍ୟ ବୋଲି କହିଥିଲେ । ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡିଶା ଆୟୁର୍ବେଦ ସେବା ସଂସ୍ଥାର ଅଧ୍ୟକ୍ଷ ତଥା ବିଶିଷ୍ଟ ଆୟୁର୍ବେଦ ଗବେଷକ ଡାକ୍ତର ଦୀନବନ୍ଧୁ ମହାରଣା ଓଡିଶୀ ନୃତ୍ୟର ଅନ୍ୟତମ ବିଦ୍ଧାଣୀ ପଣ୍ଡିତ ରଥଙ୍କ ସ୍ମୃତି ପ୍ରତି ଅବହେଳା କରିବା ଏକ ଅକ୍ଷମଣୀୟ ଅପରାଧ ବୋଲି ମତବ୍ୟକ୍ତ କରିଥିଲେ । ଅଧିବକ୍ତା ତଥା ଯୁବ ସାହିତ୍ୟିକ ରାଜୀବ କୁମାର ଷଡଙ୍ଗୀ ପଣ୍ଡିତ ରଥଙ୍କ କାର୍ଯ୍ୟାବଳୀ ସଂପର୍କରେ ବିଶଦ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଗଠକ ତଥା ଅଭିନେତା ଇନ୍ଦ୍ରଜିତ ଘୋଷ, ଆଡଭୋକେଟ ଅଶୋକ କୁମାର ଦାସ, ସାମ୍ବାଦିକ ମହେଶ ଚନ୍ଦ୍ର ଦାସ, ସଂଗଠକ ସୁରଜିତ ନାଥ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସାଧାରଣ ସଂପାଦକ ଅଜିତ କୁମାର ମହାପାତ୍ର ବିବରଣୀ ପାଠ କରିଥିଲେ । ସର୍ବଶେଷରେ ଗାଳ୍ପିକ ମନୋରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିବା ସହ ପଣ୍ଡିତ ରଥଙ୍କ ସ୍ମୃତି ରକ୍ଷାରେ କର୍ମବୀର ଗୌରୀଶଙ୍କର ସ୍ମୃତି ସଂସଦର ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ ।

# ବିଜେଡି ନେତ୍ରୀଙ୍କ ସାଙ୍ଗଠନିକ ବୈଠକ

ଖୋର୍ଦ୍ଧା (ସବ୍ୟୁ): ନିର୍ବାଚନମଣ୍ଡଳୀ ରେ ବିଜୁ ଜନତା ଦଳର ସଂଗଠନ କୁ ସଶକ୍ତ ଓ ଗତିଶୀଳ କରିବାପାଇଁ ଦୀର୍ଘ ସୂତ୍ରୀ କାର୍ଯ୍ୟକ୍ରମ ଆଧାରରେ ପ୍ରତି



ପଂଚାୟତ ଭଳି କୁହୁଡି ଗ୍ରା.ପ. ର ପ୍ରତ୍ୟେକ ୱାର୍ଡ ର ବରିଷ୍ଠ ଯୁବ ଛାତ୍ର ଓ ମହିଳାଙ୍କୁ ନେଇ ଏକ ବନ୍ଧୁମିଳନ ଓ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟ ବିଜୁ ମହିଳା ଜନତା ଦଳ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫ଟି ତଥା ଆମ ଓଡିଶା ଅଧ୍ୟକ୍ଷ ଭି. କେ. ପାଣ୍ଡିଆନଙ୍କ ତ୍ୟାଗ, ନିଷ୍ଠା ଓ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତା ଓ ଚେତନା ଯୋଗୁ ଓଡିଶା ଏକ ବିକଶିତ ରାଜ୍ୟ ଭାବରେ ପରିଗଣିତ ହୋଇପାରିଛି ବୋଲି କହିଥିଲେ । ରୂପାନ୍ତରଣ କାର୍ଯ୍ୟକ୍ରମ ମାଧମରେ ଗାଁ ଠାରୁ ସହର ଯାଏ ନବୀନ ଓଡିଶା ର ମହାନ ଲକ୍ଷ ପୂରଣ ହୋଇପାରୁଛି । ଆମେ ସମସ୍ତେ ମିଳିମିଶି ପୁନଃଶ୍ଚ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ବସାଇବା ପାଇଁ ସମସ୍ତ ଘରକୁ ଯାଇ ସରକାରଙ୍କ ଜନକଲ୍ୟାଣକାରି ଯୋଜନା କୁ ପହଁଚାଇବାକୁ ହେବ ବୋଲି କହିଥିଲେ । ବୈଠକ ରେ ଦଳ ତଥା ସଂଗଠନ କୁ ମଜଭୁତ କରିବା ପ୍ରାକୃତିକ ବିପର୍ଯ୍ୟ ସମୟରେ ସୁଖଦୁଃଖ ରେ ସହଭାଗୀ ହେଉଥିବା ଶ୍ରୀମତୀ ମହାପାତ୍ର ଙ୍କ ଦୃଢ ନେତୃତ୍ୱ ପଛରେ ସମସ୍ତେ ସଂଗଠିତ ହେବାପାଇଁ ଶପଥ ଗ୍ରହଣ କରିଥିଲେ ।

# ଗୁରୁତର ରକ୍ତହୀନତାରେ ପୀଡ଼ିତ ରୋଗୀଙ୍କ ପାଇଁ ଦେବଦୂତ ସାଜିଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ

ଭୁବନେଶ୍ୱର (ସବ୍ୟୁ) : ଜଣେ ଗୁରୁତର ରୋଗୀଙ୍କ ପାଇଁ ଦେବଦୂତ ସାଜିଛନ୍ତି ୧୦୮ ଆମ୍ବୁଲାନ୍ସର ଜଣେ କର୍ମଚାରୀ । ପ୍ୟାରୀ ବିବି(୪୫ବର୍ଷ) ନାମ୍ନୀ ଜଣେ ମହିଳା ଗୁରୁତର ରକ୍ତହୀନତା ରୋଗରେ ପୀଡ଼ିତ ହୋଇ କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ । ହଠାତ ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ଡାକ୍ତର ତୁରନ୍ତ



ଓ'ପଜିଟିଭ ବ୍ଲଡଗ୍ରୁପର ରକ୍ତ ଯୋଗାଡ଼ କରିବା ପାଇଁ ରୋଗୀଙ୍କ ସମ୍ପର୍କୀୟଙ୍କୁ ପରାମର୍ଶ ଦେଇଥିଲେ । କିନ୍ତୁ ଏହି ସମୟରେ ରକ୍ତଯୋଗାଡ଼ କରିବାକୁ ବିଫଳ ହୋଇ ହତାଶ ହୋଇପଡ଼ିଥିଲେ ରୋଗୀଙ୍କ ସମ୍ପର୍କୀୟ । ସୌଭାଗ୍ୟବସତଃ ସଠିକ ସମୟରେ ୧୦୮ ଆମ୍ବୁଲାନ୍ସ ଇଏମଟି ପ୍ରସନଜିତ ମହାନ୍ତି ଏହି ରୋଗୀଙ୍କ ସମ୍ପର୍କରେ ଜାଣିବାକୁ ପାଇଥିଲେ ଏବଂ ତାଙ୍କର ବ୍ଲଡଗ୍ରୁପ ମଧ ଓ'ପଜିଟିଭ ଥିଲା । ତେଣୁ ସେ ତୁରନ୍ତ ରକ୍ତଦାନ ପାଇଁ ଆଗେଇ ଆସିଥିଲେ ଏବଂ ରକ୍ତଦାନ କରିଥିଲେ । ଆମ୍ବୁଲାନ୍ସ କର୍ମଚାରୀଙ୍କ ଏଭଳି ମାନବିକତା ପାଇଁ ରୋଗୀଙ୍କୁ ଏକ ନୂଆ ଜୀବନ ମିଳିପାରିଛି । ଏଥିପାଇଁ ସର୍ବସାଧାରଣରେ ତାଙ୍କୁ ଖୁବ ପ୍ରଶଂସା ମଧ କରାଯାଇଛି ।

## ମହ୍ଲାର ରୌପ୍ୟ ଜୟନ୍ତୀ ସମାରୋହ

# ଶିକ୍ଷାବିତ୍ ନିରଞ୍ଜନ ସ୍ୱାଇଁଙ୍କୁ ମହ୍ଲାର ଶିକ୍ଷା ସମ୍ମାନ

କଟକ, (ସ୍ୱ.ପ୍ର): ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମହ୍ଲାର ଦୀଘ ୨୫ ବର୍ଷ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ କଟକରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଚଳିତ ବର୍ଷ ଅନୁଷ୍ଠାନ ତାର ରୌପ୍ୟ ଜୟନ୍ତୀ ପାଳନ କରୁଛି । ଶନିବାର ସ୍ଥାନୀୟ ମହାନଦୀବିହାର ସ୍ଥିତ ମହିଳା ମହାବିଦ୍ୟାଳୟ ପଡିଆ ପରିସରରେ ରୌପ୍ୟ ଜୟନ୍ତୀ ସମାରୋହର ଦ୍ୱିତୀୟ ସଂଧ୍ୟାକୁ ମେୟର ସୁବାସ ସିଂହ ଉଦ୍‌ଘାଟନ କରିଥିଲେ । ପ୍ରାକ୍ତନ ଯନ୍ତ୍ରୀ ଗୋପାଳକୃଷ୍ଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ଦମୟନ୍ତୀ ମାଝୀ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ତଥା ସ୍ଥାପନା ଚାରିଟେବୁଲ ଟ୍ରଷ୍ଟ ଅଧକ୍ଷା ନିବେଦୀତା ନାୟକ, ସେଣ୍ଟ ଜାଭିୟର ସ୍କୁଲ ନିର୍ଦ୍ଦେଶକ ପ୍ରଭୁ ଚରଣ ମହାନ୍ତି, ଅମରନାଥ ପେଷ୍ଟ କଣ୍ଟ୍ରୋଲର ପରିଚାଳନା ନିର୍ଦ୍ଦେଶକ ଶିବ ବ୍ରତ ରାଉତ, ସାଇ ୱାର୍ଲଡ୍ ପରିଚାଳନା ନିର୍ଦ୍ଦେଶକ ପିୟୁଷ ମହାନ୍ତି, କର୍ପୋରେଟର ଇଂ ସୁବ୍ରତ ଘଡାଇ, ସଞ୍ଜୟ ଜେନା, ହିମାଂଶୁ ଷଡଙ୍ଗୀ ପ୍ରମୁଖ ଯୋଗଦେଇ ମହ୍ଲାର ଅନୁଷ୍ଠାନର ଉନ୍ନତି କାମନା




କରିଥିଲେ । ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ନିରଞ୍ଜନ ସ୍ୱାଇଁଙ୍କୁ ମହ୍ଲାର ଶିକ୍ଷା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଶ୍ରୀ ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ମହ୍ଲାର କଣ୍ଠଶିଳ୍ପୀ ସମ୍ମାନରେ କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ, ଅନ୍ତରା ଚକ୍ରବର୍ତ୍ତି, ସୁଧାକର ମିଶ୍ର, ଚିତ୍ରଭାନୁ ମହାନ୍ତି, କରୁଣାକର ସେଠୀ, ବିଶ୍ୱଜିତ୍ ଆଚାର୍ଯ୍ୟ, ମୋନାଲୀ ମଧୁସ୍ମିତା, ଦୀପ୍ତି ଦାସ, ସୌମ୍ୟ ରଞ୍ଜନ ମିଶ୍ର, ପବିତ୍ର ପାତ୍ର, ଶୈଳବାଳା ଦାସ, ନିଶିପ୍ରଭା ପାଣୀ, ଅଭିରାମ ଖୁଣ୍ଟିଆ ଓ ସୋନମ୍ ଦାସଙ୍କୁ ସମ୍ମାନୀତ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ଅନିଲ କୁମାର ଜେନା ସ୍ୱାଗତ ଭାଷଣ ଓ ଯୁଗ୍ମ ସମ୍ପାଦିକା ନିରୁପମା ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ କବି ପ୍ରସାଦ

ଭୁବନେଶ୍ୱର (ସବ୍ୟୁ): ଡାକ୍ତର କବି ପ୍ରସାଦ ମିଶ୍ର ସ୍ମୃତି ପରିଷଦ ପକ୍ଷରୁ ବୁଦ୍ଧ ମନ୍ଦିର ସଭା ଗୃହ ରେ ପ୍ରଭାତ କୁମାର ନନ୍ଦ ଙ୍କ ସଭାପତିତ୍ୱ ରେ ଏକ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଉଦ୍‌ଘାଟକ ଭାବେ ଡ. ସାତକଡି ହୋତା, ମୁଖ୍ୟ ଅତିଥି ଭାବେ ଡାକ୍ତର ଅଶୋକ କୁମାର ମହାପାତ୍ର, ମୁଖ୍ୟ ବକ୍ତା ଭାବେ ସୁସାହିତ୍ୟିକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅମ୍ବିକା ପ୍ରସାଦ ଦାସ ଯୋଗଦାନ କରି ଡାକ୍ତର ମିଶ୍ରଙ୍କ ବହୁମୁଖି ପ୍ରତିଭା ଉପରେ ଆଲୋକପାତ କରି କହିଲେ ଯେ ଡାକ୍ତର ମିଶ୍ର ଏକାଧାର ରେ ଜଣେ ସୁଚିକିତ୍ସକ, ସୁବକ୍ତା, ସୁସାହିତ୍ୟକ, ସମାଜସେବୀ, ପ୍ରାଚୀନ ସାହିତ୍ୟ ବିଶାରଦ, ତଥା ଆଧ୍ୟାତ୍ମିକ ବ୍ୟକ୍ତି ଥିଲେ । ଆଜିର ଯୁବପିଢ଼ି ଏହି ସବୁ ଗୁଣ ର ଅଧିକାରୀ ହେବା ଉଚିତ୍ । ସମ୍ମାନିତ ବକ୍ତା ଡାକ୍ତର ଆରତି କର ଉତ୍କଳୀୟ ପରମ୍ପରା ରେ କାର୍ତ୍ତିକ ମାସ ର ମାହାତ୍ମ୍ୟ ବିଷୟ ବସ୍ତୁ ଉପରେ ସୁସ୍ତୁତ ଆଲୋଚନା କରିଥିଲେ । ଏହି ଅବସର ରେ ସମାଜ ସେବା ଓ ନିଜର କୃତି ପାଇଁ



ଡାକ୍ତର ସୁଶୀଳ କୁମାର ମହାନ୍ତି, ଡାକ୍ତର ନୀଳକଣ୍ଠ ମିଶ୍ର, ଡାକ୍ତର ଯଯାତି କେଶରୀ ପାଢ଼ୀ, ଡାକ୍ତର ପ୍ରଭାତ କୁମାର ଦାଶ ଙ୍କୁ ଡାକ୍ତର କବି ପ୍ରସାଦ ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ସମ୍ବର୍ଦ୍ଧିତ ବ୍ୟକ୍ତିଗଣ ଅନୁଷ୍ଠାନ ର ଭୂୟସୀ ପ୍ରଶଂସା କରିଥିଲେ । ପ୍ରହ୍ଲାଦ ସାହୁ, ମଧୁସ୍ମିତା ବିଶ୍ୱାଳ, ଅମିତାପ୍ରଭା ସ୍ୱାଇଁ ଭଜନ ଗାନ କରିଥିଲେ । ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ସହ ଅତିଥି ପରିଚୟ ପ୍ରଦାନ ଓ ଅନୁଷ୍ଠାନ ରେ ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ପାଠ କରିଥିଲେ । ରଶ୍ମି ରଞ୍ଜନ ଦାଶ ବେଦ ପାଠ କରିଥିଲେ ନିହାରିକା ମିଶ୍ର, ମିନତୀ ମିଶ୍ର ଆଦି ମାନପତ୍ର ପାଠ କରିଥିଲେ । ରାମ ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ଏହି ସାରସ୍ୱତ କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ଓଷ୍ଟା ବ୍ଲକ୍ ସମ୍ପାଦକଙ୍କ ଦୁଇଦିନିଆ କର୍ମଶାଳା ଉଦ୍‌ଯାପିତ

କଟକ(ସବ୍ୟୁ) : ତିନିଶହ ଚଉଦ ବ୍ଲକ୍ ଓ ଆଠଟି ସାଂଗଠନିକ ବ୍ଲକ୍‌ର ସମ୍ପାଦକଙ୍କୁ ନେଇ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ରାଜ୍ୟ କାର୍ଯ୍ୟାଳୟ, ନୟାସଡ଼କ, କଟକଠାରେ ଦୁଇଦିନିଆ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ କର୍ମଶାଳାରେ ଭାଗ ନେଇଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ବିଶ୍ୱରେ ଚାଲିଥିବା ଯୁଦ୍ଧର ଘନଘଟାକୁ ପ୍ରଶମିତ କାରିବା ତଥା ସମସ୍ତଙ୍କ ମନରେ ଏକ ଶାନ୍ତିର ବାତାବରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ଶାନ୍ତି ଶୋଭାଯାତ୍ରା ଓଷ୍ଟାର ରାଜ୍ୟ କାର୍ଯ୍ୟାଳୟ ନୟାସଡ଼କ ଠାରୁ ଆରମ୍ଭ ହୋଇ ହୋଇକୋର୍ଟ ଛକ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହାପରେ ଯଥାବିଧି ଦ୍ୱିତୀୟ ଦିବସର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପୂର୍ବଦିନ ପ୍ରତ୍ୟେକ ଜିଲ୍ଲାର ସଂପାଦକମାନେ ଏକତ୍ରିତ ହୋଇ ସଂଗଠନକୁ ସୁଦୃଢ଼ କରିବା ପାଇଁ ନିଜଭିତରେ ମାନସ ମନ୍ଥନ କରି ଯେଉଁ ଯେଉଁ ପ୍ରସ୍ତାବ ଗ୍ରହଣ କରିଥିଲେ ତାହାକୁ ଆଧାର କରି ୩୦ଟି ଜିଲ୍ଲା ଏବଂ ଗୋଟିଏ ସାଂଗଠନିକ ଜିଲ୍ଲାରୁ ଜଣେ ଲେଖାଏଁ ବ୍ଲକ୍ ସଂପାଦକ ନିଜ ନିଜର ଗଠନ ମୂଳକ ମତାମତ ଉପସ୍ଥାପନ କରିଥିଲେ । ସରକାର ଶିକ୍ଷକ ମାନଙ୍କ ମଧ୍ୟରେ ପାତର ଅନ୍ତର ସୃଷ୍ଟି ନକରି ସମସ୍ତ ଶିକ୍ଷକ ମାନଙ୍କର ସମସ୍ୟାର




ସମାଧାନ କରିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରସ୍ତାବ ରଖିଥିଲେ । ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ର କିଛି ନିଷ୍ପତ୍ତି କର୍ମଶାଳାର ଅନ୍ତିମ ପର୍ଯ୍ୟାୟରେ ଶୁଣାଇ ଥିଲେ । ସେହି ନିଷ୍ପତ୍ତି ଗୁଡ଼ିକ ମଧ୍ୟରେ ଓଷ୍ଟା ମେଧାବୃତ୍ତି ପରୀକ୍ଷା ଡିସେମ୍ବର ୧୦ ତାରିଖରେ ଓ ଅନଲାଇନ୍ ଫର୍ମ ପୂରଣ ତାରିଖକୁ ପରିବର୍ତ୍ତିତ କରାଯାଇ ନଭେମ୍ବର ୨୦ ପରିବର୍ତ୍ତେ ନଭେମ୍ବର ୨୫ ତାରିଖକୁ ଧାର୍ଯ୍ୟ କରାଗଲା । ଏଥିସହିତ ଓଷ୍ଟା ପ୍ରିବୋର୍ଡ଼ ପରୀକ୍ଷା ଜାନୁୟାରୀ ମାସ ୮ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ କରାଯିବା ପାଇଁ ନିଷ୍ପତ୍ତି କରାଗଲା । ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ବ୍ଲକ୍ ସ୍ତରରୁ ସଂଗଠନକୁ କିପରି ସୁଦୃଢ଼ କରାଯାଇ ପାରିବ ସେ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଷ୍ଟାର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧକ୍ଷ ଅଶୋକ କୁମାର ମହାପାତ୍ର,ସଂଗଠନର ଦାୟିତ୍ୱବୋଧତା ଉପରେ ଆଲୋକପାତ କରିଥିଲେ ।

# ହୃଦଘାତ ପୂର୍ବରୁ ପୃଥକ୍ ଲକ୍ଷଣର ସମ୍ମୁଖୀନ ହୋଇଥାନ୍ତି ମହିଳା ଓ ପୁରୁଷ

ଭୁବନେଶ୍ୱର (ସବ୍ୟୁ) : ଯେତେବେଳେ ଅକସ୍ମାତ ଓ ଅପ୍ରତ୍ୟାଶିତ ଭାବେ ହୃଦୟର ସ୍ପନ୍ଦନ ବନ୍ଦ ହୋଇଯାଏ ସେତେବେଳେ ହୃଦଘାତ ଘଟିଥାଏ । ଏହା ଘଟିଲାବେଳେ ମସ୍ତିଷ୍କ ଓ ଶରୀରର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡିକୁ ରକ୍ତ ପ୍ରବାହ ବନ୍ଦ ହୋଇଯାଏ। ହୃଦଘାତର ସ୍ଥିତିକୁ ଆଲୋଚନା କରି ଆପୋଲୋ ହସ୍ପିଟାଲ, ଭୁବନେଶ୍ୱର ସିନିୟର କନ୍‌ସଲ୍‌ଟାଣ୍ଟ କାର୍ଡିଓଲୋଜିଷ୍ଟ ଡା. ବ୍ରଜରାଜ ଦାସ କହିଛନ୍ତି, 'ହୃଦଘାତ କିଛି ନିର୍ଦ୍ଦିଷ୍ଟ ପ୍ରକାରର ଆରିଦ୍‌ମିଆସ୍ ( ଆପଣଙ୍କ ହୃଦୟ ସ୍ପନ୍ଦନର ହାର କିମ୍ବା ରିଦିମ୍ ସହ ଜଡିତ ଏକ ସମସ୍ୟା)ର କାରଣ ହୋଇପାରେ ଯାହା ହୃଦୟକୁ ରକ୍ତ ସଂଚାଳନରୁ ରୋକିଥାଏ। ଏହା ଧ୍ୟାନ ଦେବା ଜରୁରୀ ଯେ, ହୃଦଘାତର ଚେତାବନୀପୂର୍ଣ୍ଣ ଲକ୍ଷଣଗୁଡିକ ପୁରୁଷ ଓ ମହିଳାଙ୍କଠାରେ ବହୁମାତ୍ରାରେ ଭିନ୍ନ ଭିନ୍ନ ହୋଇପାରେ। ଲକ୍ଷଣଗୁଡିକରେ ଏହି ପାର୍ଥକ୍ୟକୁ ଚିହ୍ନଟ କରିବା ଜୀବନ ରକ୍ଷାକାରୀ ହୋଇପାରିବ।' ହୃଦଘାତ ଲକ୍ଷଣଗୁଡିକରେ ଲିଙ୍ଗଗତ ପାର୍ଥକ୍ୟଗୁଡ଼ିକ ଉପରେ ଆଲୋକପାତ କରି ଡା. ବ୍ରଜରାଜ ଦାସ କହିଛନ୍ତି ଯେ, ହୃଦଘାତ ପାଇଁ ରିସ୍କ ଫ୍ୟାକ୍ଟରଗୁଡିକ ସମାନ ହୋଇପାରେ କିନ୍ତୁ ହୃଦ୍ଘାତ ଘଟିବା ପୂର୍ବରୁ ଉଭୟ ମହିଳା ଓ ପୁରୁଷଙ୍କଠାରେ ଚେତାବନୀ ପୂର୍ଣ୍ଣ ଲକ୍ଷଣଗୁଡିକ ଭିନ୍ନ ହୋଇଥାଏ। ଏଥିରେ ସମ୍ମୁଖୀନ ହେଉଥିବା ପୁରୁଷମାନେ ସାଧାରଣତଃ ଛାତିରେ ଯନ୍ତ୍ରଣା, ଶ୍ୱାସକ୍ରିୟାରେ ସମସ୍ୟା ଏବଂ ଅତ୍ୟଧିକ ଝାଳ ବୋହିବାର ଅନୁଭୂତିକୁ ବ୍ୟାଖ୍ୟା କରିଥାନ୍ତି । ଯଦି ପୁରୁଷମାନେ ଛାତିରେ ଯନ୍ତ୍ରଣା ଅନୁଭବ କରନ୍ତି ତେବେ ସେମାନଙ୍କଠାରେ ଅକସ୍ମାତ ଓ ଏକ ଅପ୍ରତ୍ୟାଶିତ ହୃଦଘାତର ସମ୍ଭାବନା ଯଥେଷ୍ଟ ଅଧିକ ରହିଥାଏ। ଅନ୍ୟପକ୍ଷରେ ହୃଦଘାତର ଶିକାର ହେଉଥିବା ମହିଳାମାନେ ଛାତିରେ କୌଣସି ଗମ୍ଭୀର ଯନ୍ତ୍ରଣା ବିନା ଶ୍ୱାସକ୍ରିୟାରେ ସମସ୍ୟା ଅନୁଭବ କରିପାରନ୍ତି । ଯଦି ମହିଳାମାନେ ହଠାତ୍ ଶ୍ୱାସକ୍ରିୟାରେ ଅସହଜତା ଅନୁଭବ କରନ୍ତି ତେବେ ସେମାନେ ହୃଦଘାତର ୩ ଗୁଣ ଅଧିକ ବିପଦର ସମ୍ମୁଖୀନ ହୁଅନ୍ତି । ଲକ୍ଷଣଗୁଡିକରେ ଲିଙ୍ଗଗତ ପାର୍ଥକ୍ୟତା ଦର୍ଶାଉଛି ଯେ, ଅକସ୍ମାତ ହୃଦ୍ଘାତକୁ ନିଦାନ କରିବା ଜଟିଳ ଅଟେ ତେଣୁ ପ୍ରଭାବୀ ରୂପେ ସତର୍କପୂର୍ଣ୍ଣ ଲକ୍ଷଣଗୁଡିକୁ ଚିହ୍ନଟ କରିବା ପାଇଁ ସ୍ୱତନ୍ତ୍ର ଆଭିମୁଖ୍ୟର ଆବଶ୍ୟକତା ରହିଛି। ଲିଙ୍ଗଗତ ବୈଶିଷ୍ଟ୍ୟତାଗୁଡିକୁ ବୁଝିବା, ଜୀବନ ବଂଚାଇବା ପାଇଁ ସଠିକ୍ ସମୟରେ ଡାକ୍ତରୀ ହସ୍ତକ୍ଷେପ ସୁନିଶ୍ଚିତ କରିବା ଲାଗି ଗୁରୁତ୍ୱପୂର୍ଣ୍ଣ ଅଟେ। ଏଭଳି ପାର୍ଥକ୍ୟଗୁଡିକୁ ଚିହ୍ନଟ କରି ଓ ଏକ ହୃଦୟ-ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରି ଆମେ ହୃଦ୍‌ରୋଗର ବୋଝକୁ ହ୍ରାସ କରିପାରିବା ଏବଂ ଜୀବନ ବଂଚାଇ ପାରିବା ।

## ଜେ ପି ଦାସଙ୍କ ଦେହାନ୍ତରେ ବିଧାୟକ ମୋକିମଙ୍କ ଶୋକ

କଟକ(ସ.ବ୍ୟୁ) : ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ଡାକ୍ତର ଜେ ପି ଦାସଙ୍କ ଦେହାନ୍ତରେ ବାରବାଟୀ-କଟକ ବିଧାୟକ ଇଂ.ମହମ୍ମଦ ମୋକିମ ଗଭୀର ଶୋକ ପ୍ରକାଶ କରିଛନ୍ତି । ତାଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ଅତ୍ୟନ୍ତ ଘନିଷ୍ଠ ଥିଲା ଓ ପାରିବାରିକ ସଂପର୍କ ଥିଲା । ତାଙ୍କର ଦେହାନ୍ତ ମୋ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବିଧାୟକ ମୋକିମ ତାଙ୍କ ଶୋକବାର୍ତ୍ତାରେ ଜଣାଇବା ସହିତ ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି ।

# ବିପୁଳ ଗଞ୍ଜେଇ ଗଛ ନଷ୍ଟ କଲା ପ୍ରଶାସନ



ଫିରିଙ୍ଗିଆ, (ସବ୍ୟୁ): ନୀଳ ଜହର କାଟିବା ଆରମ୍ଭ ହେଲା କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ ଫିରିଙ୍ଗିଆ ପଞ୍ଚାୟତ ସିମିଲିସାହି, ଟୁଣ୍ଡୁରୁସାହି, କପାବୃଡି ୩୪ ଏକର ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ତିନି କୋଟି ହେବ ବୋଲି ଫିରିଙ୍ଗିଆ ଅତିରିକ୍ତ ଥାନା ଅଧିକାରୀ ଅଜୟ ସାହୁ କହିଛନ୍ତି । ଏଥିରେ ସଦର ଏସ୍ ଡି ପି ଓ ସୁପ୍ରସନ୍ନ ମଲ୍ଲିକ ଫିରିଙ୍ଗିଆ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ଅଥିରିକ୍ତ ଥାନା ଅଧିକାରୀ ଅଜୟ ସାହୁ, ଫିରିଙ୍ଗିଆ ତହସିଲଦାର ଅନାମିକା ପାଣ୍ଡେ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିବା ବେଳେ ଏକ ପ୍ଲାଟୁନ ପୋଲିସ ଫୋର୍ସ, ହୋମଗାର୍ଡ ଓ ଲେବର ନିୟୋଜିତ ଥିଲେ। ଏହି ସଂକ୍ରାନ୍ତରେ ଫିରିଙ୍ଗିଆ ଥାନା ରେ କେସ୍ ନଂ ୨୦୮/୨୩ରେ ଏକ ମାମଲା ରୁଜୁ କରିଥିବା ଫିରିଙ୍ଗିଆ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି ।

## ଗୁଡ଼ାରେ ମା' କାଳୀଙ୍କ ଭସାଣି ଉତ୍ସବ

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ମଦନ ମୋହନ ଛକ ପୂଜା ମଣ୍ଡପରେ ଗତ ଦୀପାବଳି ଠାରୁ ପୂଜା ପାଇ ଆସୁଥିବା ମା କାଳୀଙ୍କ ବିସର୍ଜନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ବାଦ୍ୟ ବାଜଣା ଓ ବାଣ ରୋଷଣୀରେ ମା'ଙ୍କୁ ବିଦାୟ ଦିଆଯାଇଥିଲା । ସେହିପରି ଗୋଳିଆ ଗ୍ରାମରେ ମା ଶ୍ୟାମାକାଳୀଙ୍କ ଭସାଣି ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଯାଇଛି ।

# ପୋଖରୀରେ ବୁଡି ୨ ଭଉଣୀ ମୃତ

ହିଞ୍ଜିଳିକାଟୁ, (ସବ୍ୟୁ): ଦୁନିଆରେ ପାଦ ଥାପିବା ପୂର୍ବରୁ ସାନ ଓ ବଡ଼ ଦୁଇ ଶିଶୁ କନ୍ୟାଙ୍କ ଅକାଳ ବିୟୋଗ ଘଟିଛି। କେହି କିଛି ଭାବିବା ପୂର୍ବରୁ ପାଣିରେ ବୁଡି ୨ ଅଲିଅଳ ଭଉଣୀଙ୍କ ପ୍ରାଣବାୟୁ ଚାଲି ଯାଇଛି। ଏଭଳି ଏକ ଛାତି ଥରା ଘଟଣା ସମସ୍ତଙ୍କୁ ସ୍ତମ୍ଭିଭୂତ କରିଛି। ଘଟଣାଟି ରବିବାର ସକାଳେ ହିଞ୍ଜିଳି ଥାନା କିତ୍ତୀପୁର ଗ୍ରାମ ପୋଖରୀ ପାଣିରେ ବୁଡି ୧୦ବର୍ଷ ଓ ୭ ବର୍ଷର ୨ ଭଉଣୀଙ୍କ ଜୀବନ ଦୀପ ଲିଭି ଯାଇଛି। ମୃତକ ମାନେ ହେଲେ କବିସୂର୍ଯ୍ୟନଗର ଥାନା ଜରଡ ଗ୍ରାମର ଅବକାଶ ରାଉତଙ୍କ କନ୍ୟା ରୋଷନୀ ରାଉତ (୧୦) ଓ ସାନ ଝିଅ ସନ୍ଧ୍ୟାରାଣୀ ରାଉତ (୭) । ପ୍ରକାଶ ଯେ, ଜରଡ ଗ୍ରାମର ଅବକାଶ ରାଉତଙ୍କ ପାରିବାରିକ କଳହ ଯୋଗୁଁ ସ୍ତ୍ରୀ ଓ ୨ ଝିଅ ଦୀର୍ଘ ଦିନ ଧରି ଅଜା ଘର ଗ୍ରାମ ହିଞ୍ଜିଳି ଥାନା କିତ୍ତୀପୁର ଗ୍ରାମରେ ରହି ଆସୁଥିଲେ। ରବିବାର ୨ ଭଉଣୀ ସନ୍ଧ୍ୟା ଓ ରୋଷନୀ ଗାଧୋଇବା ପାଇଁ ଅଜା ନାର୍ସୁ ପୋଲାଇଙ୍କ ସହ ଗ୍ରାମ ପୋଖରୀକୁ ଆସିଥିଲେ। ୨ ଭଉଣୀଙ୍କୁ ଗାଧୋଇବା ପରେ ପୋଖରୀ କୂଳରେ ଛିଡା କରି ଅଜା ପୋଷାକ ସଫା କରିବା ପାଇଁ ପୋଖରୀକୁ ଯାଇଥିଲେ । ଏହି ସମୟରେ ୨ ଭଉଣୀ ଗାଧୋଇବା ପାଇଁ ପୁଣି ପୋଖରୀ ପାଣି ଭିତରକୁ ଯାଇ ଅସାବଧାନତା ବଶତଃ ପୋଖରୀ ପାଣିରେ ବୁଡି ଯାଇଥିଲେ। ଅଜା ପୋଷାକ ସଫା କରିବା ପରେ ୨ ନାତୁଣୀ ପୋଖରୀ ନିକଟରେ ନଥିବା ଦେଖି ଘରକୁ ଫେରି ଯାଇଥିବା ସନ୍ଦେହ କରି ଘରକୁ ଫେରିଥିଲେ । ଘରକୁ ଫେରିବା ପରେ ଘର ମଧ୍ୟରେ ୨ ନାତୁଣୀଙ୍କୁ ନପାଇ ଗ୍ରାମବାସୀଙ୍କ ସହାୟତାରେ ପୋଖରୀ ପାଣିରେ ଖୋଜାଖୋଜି କରିଥିଲେ। ପୋଖରୀ ପାଣି ଭିତରୁ ଗ୍ରାମବାସୀ ୨ ଭଉଣୀଙ୍କ ମୃତ ଦେହକୁ ଉଦ୍ଧାର କରିଥିଲେ। ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ୨ ଭଉଣୀଙ୍କ ମୃତ ଦେହକୁ ଜବତ କରିଛି। ଏନେଇ ହିଞ୍ଜିଳି ଥାନାରେ କେସ ନମ୍ବର ୩୨/୨୩ ଓ ୩୩/୨୩ରେ ୨ଟି ପୃଥକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଛି। ଘଟଣା ପରେ ପରିବାରରେ କାନ୍ଦ ବୋବାଳିରେ ଫାଟି ପଡୁଥିବା ବେଳେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ଅଟୋ-ବାଇକ୍ ଧକ୍କା, ବାଇକ୍ ଚାଳକଙ୍କ ମୃତ୍ୟୁ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ପଥରାପଲ୍ଲୀ ଗାଁ ନିକଟ ରାସ୍ତାରେ ଏକ ଅଟୋ ଓ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି । ମୃତକ ଜଣକ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ଗୌଡିଆବୋରଦା ଗ୍ରାମର ଧର୍ମେନ୍ଦ୍ର ପାତ୍ର(୨୮) । ଆଜି ସକାଳ ପ୍ରାୟ ୭ଟା ବେଳେ ଧର୍ମେନ୍ଦ୍ର ବାଇକ୍ ଯୋଗେ କୋଣସି କାମରେ ନିଜ ଗାଁରୁ ଆସୁଥିବା ବେଳେ ପଥରାପଲ୍ଲୀ ଗାଁ ନିକଟରେ ସାମନା ପଟୁ ଆସୁଥିବା ଏକ କୁକୁଡ଼ା ଦାନା ବୋଝେଇ ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ବାଇକ୍ ଚାଳକ ଧର୍ମେନ୍ଦ୍ରେ ଛିଟିକି ପଡିଥିଲେ ଏବଂ ତାଙ୍କର ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ଅଚେତ ଅବସ୍ଥାରେ ସେଠାରୁ ଉଦ୍ଧାର କରାଯାଇ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା । ତାଙ୍କର ନାକରୁ ରକ୍ତସ୍ରାବ ହେଉଥିଲା ବେଳେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ସେ ବ୍ରହ୍ମପୁର ମେଡିକାଲରେ ପହଞ୍ଚିବା ପରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ସୁରଥରେ ଦାଦନ ଖଟୁଥିବା ଯୁବକ ଧର୍ମେନ୍ଦ୍ର କିଛି ଦିନ ତଳେ ଗାଁକୁ ଆସିଥିବା ବେଳେ ଆଜି ଏଭଳି ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିବା ଯୋଗୁଁ ଗୌଡିଆବୋରଦା ଗ୍ରାମରେ ଦୁଃଖର ଛାୟା ଖେଳିଯାଇଛି ।

### ସଜେଇ ହେଉଛି ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା ପଡିଆ

# ଆକର୍ଷଣ ପାଲଟିଛି ବୃଜ ଖଲିଫାର ତୋରଣ ସଜ୍ଜା

ବାରିପଦା, (ସବ୍ୟୁ) : ଭଞ୍ଜପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ମା'ଜଗଦ୍ଧାତ୍ରୀଙ୍କ ୭୧ତମ ପୂଜା ଅବସରରେ ଆୟୋଜିତ ହେବାକୁ ଥିବା ୨୯ତମ ମେଳା ଉପଲକ୍ଷେ ସଜେଇ ହେଉଛି ମେଳା ପଡିଆ ଓ ଏହି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମେଳା କମିଟି ଅଧ୍ୟକ୍ଷ ତଥା ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ୱାର୍କିଙ୍ଗ କମିଟି ଚେୟାରମ୍ୟାନ ତଥା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଦର୍ପନାରାୟଣ ପାଲ, ମେଳା କମିଟି ଉପାଧ୍ୟକ୍ଷ ଜ୍ଞାନ ରଂଜନ ଦାଶ, ସାଂସ୍କୃତିକ ସମ୍ପାଦକ ମାନସ ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ରହି ଏ ବର୍ଷ ପୂଜା ଓ ମେଳା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ପାରମ୍ପରିକ ରୀତିନୀତିରେ ମା'ଙ୍କ ପୂଜା ଚଳିତ ମାସ ୨୧ତାରିଖରେ ହେବ ଓ ମେଳା ଚଳିତ ମାସ ୨୬ତାରିଖରୁ ଡିସେମ୍ବର ମାସ ୭ତାରିଖ ପର୍ଯ୍ୟନ୍ତ ଚାଲିବ ଓ ମେଳାରେ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ମୋଟ ୩୫୦ଟି ଷ୍ଟଲ ପ୍ରଦର୍ଶିତ ହେବ ତଥା ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପାରିବେଷିତ ହେବ ଓ ପ୍ରତିବର୍ଷ ପରି



ଏ ବର୍ଷ ମଧ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ, ବକ୍ତୃତା, ସଂଗୀତ ଓ କୁଇଜ୍ ପ୍ରତିଯୋଗିତା ଚଳିତ ମାସ ୨୨ ରୁ ୨୪ତାରିଖ ମଧ୍ୟରେ ଅନୁଷ୍ଠିତ ହେବ । ନିଜ ନିଜର ଅନୁଷ୍ଠାନ ମାଧ୍ୟମରେ ଛାତ୍ରଛାତ୍ରୀ ମାନେ ଏହି ପ୍ରତିଯୋଗିତା ମାନଙ୍କରେ ଅଂଶଗ୍ରହଣ କରିପାରିବେ ଅଥବା କୁମାର୍ସ କ୍ଲବରେ ମଧ୍ୟ ନିଜ ନାମ ପଞ୍ଜିକରଣ କରିପାରିବେ । ମେଳାରେ ପ୍ରବଳ ଜନସମାଗମକୁ ଲକ୍ଷ୍ୟ କରି ଏବର୍ଷ ମଧ୍ୟ ସିସିଟିଭି କ୍ୟାମେରା, ଅଗ୍ନିନିର୍ବାପନ ଯନ୍ତ୍ର ତଥା ବ୍ୟାପକ ଟ୍ରାଫିକ ବ୍ୟବସ୍ଥା କରାଯିବ ବୋଲି ମେଳା କମିଟି ଅଧ୍ୟକ୍ଷ ଶ୍ରୀ ମାରାଣ୍ଡି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିବା ସହ ଶାନ୍ତିଶୃଙ୍ଖଳା ସହ ମେଳାକୁ ଉପଭୋଗ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି । ସାଂସ୍କୃତିକ ମଞ୍ଚରେ ରେକର୍ଡ ଡ୍ୟାନ୍ସରେ ଅଂଶଗ୍ରହଣ କରିବା ପାଇଁ ପ୍ରାୟ ୧୫୦ଜଣ ପ୍ରତିଯୋଗୀ ପଞ୍ଜିକରଣ କରିଥିବାରୁ ଅନ୍ୟତମ ସାଂସ୍କୃତିକ ସମ୍ପାଦକ ପ୍ରିତମ ପଣ୍ଡାଙ୍କ ନେତୃତ୍ୱରେ ଆଜି କୁମାର୍ସ କ୍ଲବରେ ଅଡିସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଡିସେମ୍ବର ୩ ତାରିଖ ଦିନ କମିଟି ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଧ୍ୟ ମେଳା ପଡିଆରେ ଅନୁଷ୍ଠିତ ହେବ । ଦୁବାଇ ସ୍ଥିତ ବୃଜ ଖଲିଫା ଓ ଆକର୍ଷଣୀୟ ଆଲୋକ ସଜ୍ଜା ଦର୍ଶକଙ୍କ ମନ ମୋହିବ ବୋଲି ଆଶାକରାଯାଏ ।

### ଭଙ୍ଗର ଡାକ୍ତରଖାନା ପରିସରରୁ ବର୍ଷାପାଣି ନିଷ୍କାସନ ସମସ୍ୟା

# ଅତିରିକ୍ତ ଜିଲ୍ଲାପାଳଙ୍କ ପରିଦର୍ଶନ
# ୨ୟ ଡ୍ରେନ ନିର୍ମାଣ ନିଷ୍ପତ୍ତି

ଜଳେଶ୍ୱର, (ସବ୍ୟୁ) : ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ରାଜ୍ୟ ରାଜପଥର ନବୀକରଣ ଓ ପ୍ରସସ୍ତିକରଣ ଯୋଗୁଁ ଜଳେଶ୍ୱରସ୍ଥିତ ଜିକେ ଭଙ୍ଗର ଡାକ୍ତରଖାନା ପରିସରରୁ ବର୍ଷାପାଣି ନିଷ୍କାସନ ହୋଇପାରୁନାହିଁ । ଏହାର ସମାଧାନଲାଗି ଆଜି ଏକ ଟିମ୍ ଅତିରିକ୍ତ ଜିଲ୍ଲାପାଳଙ୍କ ନେତୃତ୍ୱରେ ଘଟଣାସ୍ଥଳ ବୁଲି ଦେଖିଛନ୍ତି ।ଏବେ ୫୭ ରାଜ୍ୟ ରାଜପଥ ଅଧିକ ଉଚ୍ଚ ହୋଇଥିବାରୁ ରାସ୍ତାକଡାରେ ଡ୍ରେନ ଗୁଡିକ ମଧ୍ୟ ସେହି ଅନୁପାତରେ ନିର୍ମାଣ ହୋଇଛି । ସହର ଅଂଚଳରୁ ବର୍ଷାପାଣି ଡ୍ରେନଯୋଗେ ନିଷ୍କାସନ ହେଉଥିବା ବେଳେ ୧୯୭୮ ମସିହାରେ ନିର୍ମାଣ ହୋଇଥିବା ଜିକେଭଙ୍ଗର ଡାକ୍ତରଖାନା ପରିସରରୁ ପାଣିନିଷ୍କାସନ ହୋଇପାରୁନାହିଁ । ବର୍ଷା ପାଣି ଓ ଡ୍ରେନ ପାଣି ଡାକ୍ତରଖାନା ପରିସରକୁ ପ୍ରବେଶ କରୁଛି । ଏଥିଲାଗି ପ୍ରଶାସନପକ୍ଷରୁ କାମଚଳା ପଦକ୍ଷେପ ନିଆଯାଇଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ଲାଗି ଆଜି ଅତିରିକ୍ତ ଜିଲାପାଳ ପ୍ରିୟଦର୍ଶନୀ ମଲ୍ଲିକ, ତହସିଲଦାର ସଂଜିବ କୁମାର ପଣ୍ଡା ଓ ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, ଡା, ଦିଲ୍ଲୀପ ପାତ୍ର ଓ କେତେକ ଇଞ୍ଜିନିୟର ଘଟଣାସ୍ଥଳ ବୁଲି ଦେଖିଥିଲେ । ଶେଷରେ ରାସ୍ତାକଡରେ ଅନ୍ୟଏକ ଡ୍ରେନ ଖନନ ହୋଇ ଡାକ୍ତରଖାନାରୁ ପାଣିନିଷ୍କାସନ କରାଯିବାର ସିଦ୍ଧାନ୍ତ ନିଆଯାଇଥିବା କୁହାଯାଇଛି ।

## ଆଲପୂର୍ ହାଇସ୍କୁଲରେ ବିଶ୍ୱ ପାଇଖାନା ଦିବସ




ହିଞ୍ଜିଳିକାଟୁ, (ସବ୍ୟୁ): ନଭେମ୍ବର ୧୯, ବିଶ୍ୱ ପାଇଖାନା ଦିବସ ଅବସରରେ ହିଞ୍ଜିଳି ବ୍ଲକ ଅନ୍ତର୍ଗତ ରାଳବ ପଞ୍ଚାୟତ ଧିନ ଆଲପୂର ଗ୍ରାମ ସ୍ଥିତ ଆଲପୂର୍ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ରାଳବ ଗ୍ରାମ ପଞ୍ଚାୟତ ଆନୁକୁଲ୍ୟରେ ପାଳିତ ଏହି ଉତ୍ସର ମୁଖ୍ୟଅତିଥି ରୂପେ ସରପଞ୍ଚ ରଶ୍ମିତା ପ୍ରଧାନ, ସମ୍ମାନିତ ଅତିଥି ରୂପେ ସମିତି ସଭ୍ୟା ରିନା ପୋଲାଇ, ପିଇଓ ସୁଶାନ୍ତ କୁମାର ପାତ୍ର, ଗ୍ରାମ ସାଥୀ ଅଶୋକ କୁମାର ପଲାଇ, ଟୁକୁନା ପ୍ରଧାନ, ବାବୁ ପଲାଇ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ମର୍ମସ୍ପର୍ଶୀ ସ୍ଲୋଗାନ ଦେଇ ବ୍ୟାନର ଧରି ଗ୍ରାମ ପରିକ୍ରମାରେ ସଚେତନତାର ବାର୍ତା ବାଣ୍ଟିଥିଲେ। ସ୍ଥାନେ ସ୍ଥାନେ ପଥପ୍ରାନ୍ତ ସଭାରେ ସାଧାରଣ ଜନତାଙ୍କୁ ବାହ୍ୟ ମଳତ୍ୟାଗର ଅପକରିତା ସମ୍ବନ୍ଧରେ ବାର୍ତା ଦେଇଥିଲେ ଓ ପାଇଖାନା ବ୍ୟବହାର ପାଇଁ ଅନୁପ୍ରାଣିତ କରିଥିଲେ । ପରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରିଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାଶପତି ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

# ୬୨ତମ ଜାତୀୟ ଫାର୍ମାସୀ ସପ୍ତାହ ପାଳିତ

ବ୍ରହ୍ମପୁର, (ସବ୍ୟୁ): ୬୨ତମ ଜାତୀୟ ଫାର୍ମାସୀ ସପ୍ତାହ ଅବସରରେ ଓଡ଼ିଶା ଫାର୍ମାସିଷ୍ଟ ସର୍ଭିସ ଆସୋସିଏସନ୍ ତରଫରୁ ରାଜ୍ୟ ଔଷଧ ବ୍ୟବସିୟୀ ସଂଘ, ଓଡ଼ିଶା ଫାର୍ମାସିଷ୍ଟ ସଂଘ, ଗଞ୍ଜାମ ଔଷଧ ବ୍ୟବସାୟୀ ସଂଘ, ଦକ୍ଷିଣ ଓଡ଼ିଶା ଫାର୍ମାସିଷ୍ଟ ସଂଘ ଓ ସମସ୍ତ ଫାର୍ମାସୀ କଲେଜ୍ ସହଯୋଗରେ ପାଳିତ ହୋଇଥିଲା। ଏମକେସିଜି ମେଡିକାଲ ମେଇନ ଗେଟ ଠାରୁ ଆଇଟିଆଇ ପର୍ଯ୍ୟନ୍ତ ଏକ ରାଲିକୁ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ପତାକା ଦେଖାଇ ଶୁଭାରମ୍ଭ କରିଥଲେ । ଏହି ଅବସରରେ ରାଲି ଯିବା ରାସ୍ତାରେ ଆରଡିସି ରେସ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହା ପରେ ଆଇଟିଆଇ ସମ୍ମିଳନୀ କକ୍ଷରେ ଓଡ଼ିଶା ଫାର୍ମାସିଷ୍ଟ ସପ୍ତାହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ସଂଯୋଜକ ନବୀନ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ଫାର୍ମାସିଷ୍ଟ ସଂଘ ସଂପାଦକ ବିଷ୍ଣୁ ପ୍ରସାଦ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦନ କରିଥଲେ । ଏଥିରେ ମୁଖ୍ୟଅତିଥି ଭାବେ ଡିଏମଇଟି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ଓ ସମ୍ମାନୀତ ଅତିଥି ଭାବେ ସିଡିଏମଓ ଡାକ୍ତର ଉମ ଶଙ୍କର ମିଶ୍ର ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧରେ ୟୁସିଡିଏ ସଭାପତି ପି ସତ୍ୟ ନାରାୟଣ, ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ଓଡ଼ିଶା ଫାର୍ମାସିଷ୍ଟ ସଂଘ ସଭାପତି ଅକ୍ଷୟ କୁମାର ଦାସ, ସୋପା ସଭାପତି ବିଜୟ ସ୍ୱାଇଁ, ଅଧକ୍ଷ ଲଳିତ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ । ସେହିପରି ଏଠାରେ ୟୁସିଡ଼ିଏ ତରଫରୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ମେଡିସିନ ଉପରେ ଆଲୋକପାତ କରିଥିଲେ।

# ଭିତ୍ତିଭୂମି ପରଖିଲେ ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଦୁଇଜଣିଆ ଟିମ

ବାଲିଗୁଡ଼ା,(ସବ୍ୟୁ): କନ୍ଧମାଳ ଜିଲ୍ଲାରେ ରହିଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ର ଭିତ୍ତିଭୂମି ସାଙ୍ଗକୁ ଉନ୍ନତ ଶିକ୍ଷା ବ୍ୟବସ୍ଥାକୁ ପରଖିବା ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଦୁଇ ଜଣିଆ ଟିମ ଭୁବନେଶ୍ୱରରୁ କନ୍ଧମାଳ ଜିଲ୍ଲା ଆସି ତିନି ଦିନ ବିଭିନ୍ନ ବିଦ୍ୟାଳୟ ବୁଲି ଦେଖିଛନ୍ତି।




ପ୍ରଥମ ଦିନରେ ଖଜୁରୀପଡା, ଫିରିଙ୍ଗିଆ, ଦାରିଙ୍ଗବାଡି, ଦ୍ୱିତୀୟ ଦିନରେ ଦାରିଙ୍ଗବାଡି, କ.ନୂଆଗାଁ ଓ ବାଲିଗୁଡ଼ା ସ୍ଥିତ ଦଣ୍ଡପଦର ଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ବୁଲି ଦେଖିବା ସହ ତୃତୀୟ ଦିନରେ ରାଇକିଆ ଓ ଜି.ଉଦୟଗିରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବୁଲି ଦେଖିଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୫- ଟିରେ ସାମିଲ ପରେ ବିଦ୍ୟାଳୟର ଆର୍ଥିକ ସ୍ଥିତି ଶ୍ରେଣୀ କୋଠରି, ବିଜ୍ଞାନ ପରୀକ୍ଷାଗାର, ପାଠାଗାର, ଛାତ୍ରୀ ନିବାସ, ପରିବେଶ ଆଦି ବ୍ୟବସ୍ଥା ବୁଲି ଦେଖିବା ସହ ବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଶିକ୍ଷକ, ଶିକ୍ଷୟତ୍ରୀ ଓ ଅନ୍ୟ କର୍ମଚାରୀ ମାନଙ୍କ ସହ ଆଲୋଚନା କରିଥିଲେ କିଭଳି ଛାତ୍ର ଛାତ୍ରୀ ମାନଙ୍କୁ ଉନ୍ନତ ମାନର ଶିକ୍ଷା ପ୍ରଦାନ କରାଯିବ। ବାଲିଗୁଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବୁଲିବା ସମୟରେ ବିଦ୍ୟାଳୟ ର ଅଧକ୍ଷ ଜିତେନ୍ଦ୍ର ମହାପାତ୍ର ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଦୁଇ ଜଣିଆ ଟିମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ର ଲୋପାମୁଦ୍ରା ପଣ୍ଡା ଓ ପ୍ରଣବ ଶତପଥି ରହିଥିବା ବେଳେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଅଧକ୍ଷ ମାନେ ଉପସ୍ଥିତ ଥିଲେ। ସେଥି ମଧ୍ୟରେ ଫୁଲବାଣୀ ଅଧକ୍ଷ ଆଲୋକ କୁମାର ପଣ୍ଡା, ଚକାପାଦ ଅଧକ୍ଷ ଶ୍ରୀକାନ୍ତ ଖମାରୀ, କୋଟଗଡ ଅଧକ୍ଷ ସ୍ନେହଜିତ ପ୍ରଧାନ, ଭିକାରୀ ବେହେରା ପ୍ରମୁଖ ସାମିଲ ଥିଲେ।

## ମାରାଥନ୍ ବେଳେ ୫ଛାତ୍ରୀ ଅସୁସ୍ଥ:ମେଡ଼ିକାଲରେ ଡାକ୍ତର ନଥିବାରୁ ନିର୍ମାଣ କାର୍ଯ୍ୟ ବନ୍ଦ କଲେ ପୌରାଧକ୍ଷ

ସୋର, (ସବ୍ୟୁ) : ସୋର ପୌରପାଳିକାରେ ସୋର ମାରାଥନ ଉତ୍ସାହ ଓ ଉଦ୍ଦୀପନା ସହକାରେ ଅନୁଷ୍ଠିତ ହୋଇଯାଇଛି । ଏହି ମାରାଥନରେ ବିଭିନ୍ନ ବର୍ଗର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିବା ବେଳେ ୫ ଜଣ ଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ । ଫଳରେ ପୌରାଧକ୍ଷ ମାଧବ ଧଡ଼ାଙ୍କ ସମେତ ଅନ୍ୟମାନେ ସେମାନଙ୍କୁ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ । କିନ୍ତୁ ମେଡ଼ିକାଲରେ ଜଣେ ଡାକ୍ତର କାର୍ଯ୍ୟରେ ଥିବା ବେଳେ ଆଉଟ୍‌ଡୋରରେ ପ୍ରବଳ ଭିଡ଼ ଥିବାରୁ ରୋଗୀଦେଖିବାକୁ ବିଳମ୍ବ ହୋଇଥିଲା । ଫଳରେ ଶ୍ରୀ ଧଡ଼ା ମେଡ଼ିକାଲରେ ହେଉଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଥିଲେ । ଡାକ୍ତରଖାନାରେ ଅଧିକ ସଂଖ୍ୟକ ଡାକ୍ତର ଯୋଗାଇଦେବାକୁ ଦାବି କରି ଶ୍ରୀ ଧଡ଼ା ଏହି ନିଷ୍ପତ୍ତି ନେଇଥିଲେ । ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତୁରନ୍ତ ଏହି ଘଟଣା ଉପରେ ନିଷ୍ପତ୍ତି ନେଇ ଡାକ୍ତରଖାନାରେ ଅଧିକ ସଂଖ୍ୟକ ଡାକ୍ତର ଯୋଗାଇ ନଦେବା ପର୍ଯ୍ୟନ୍ତ ଡାକ୍ତରଖାନା ପରିସରରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିବ ବୋଲି ଶ୍ରୀ ଧଡ଼ା ସୂଚନା ଦେଇଛନ୍ତି । ଖବର ଲେଖାହେବା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ଥିବା ଜଣାପଡ଼ିଛି ।

## ବିଳମ୍ବରେ ଡାକ୍ତର ଆସିବାକୁ ନେଇ ଉତ୍ତେଜନା

ଆଗରପଡ଼ା,(ସବ୍ୟୁ):ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଟିକୋଟି ଟଙ୍କା ବ୍ୟୟରେ ନୂତନ ଦ୍ୱିତଳ,ତିନିତଳ କୋଠାଘରମାନ ନିର୍ମାଣ ଚାଲିଥିବା ବେଳେ ଡାକ୍ତରମାନଙ୍କ ଅଭାବ ଯୋଗୁଁ ରୋଗୀମାନେ ସ୍ୱାସ୍ଥ୍ୟସେବା ଠିକଭାବେ ପାଇପାରୁ ନାହାଁନ୍ତି ବୋଲି ବାରମ୍ବାର ଅଭିଯୋଗମାନ ହେଉଛି। ଗତ ଶନିବାର ପ୍ରାୟ ଦେଢ଼ଶହରୁ ଅଧିକ ରୋଗୀ ଚିକିତ୍ସା ପାଇଁ ଅପେକ୍ଷା କରିଥିଲେ ସୁଦ୍ଧା ଡ୍ୟୁଟିରେ ଥିବା କେହି ଡାକ୍ତର ଓପିଡିରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ନଥିଲେ। ଯଦ୍ଦ୍ୱାରା ଘଟଣା ଉତ୍ତେଜନା ପରିସ୍ଥିତି ଆଡ଼କୁ ଗତି କରିବାରୁ ଏଠାରେ ଉପସ୍ଥିତ ଥିବା ଜନୈକ ଫାର୍ମାସିଷ୍ଟ ରୋଗୀସେବା କରିବାରୁ ଉତେତ୍ତଜନା ହ୍ରାସ ପାଇଥିଲା। ପ୍ରାୟ ଦୁଇଘଣ୍ଟା ବିଳମ୍ବରେ ଅବଶ୍ୟ ଡାକ୍ତର ପହଂଚି ରୋଗୀସେବା ଆରମ୍ଭ କରିଥିଲେ। ଏ ସମ୍ପର୍କରେ ଖବର ପାଇ ଗଣମାଧ୍ୟମ ପ୍ରତିନିଧିମାନେ ଘଟଣାସ୍ଥଳରେ ପହଂଚି ମେଡିକାଲ ଭାରପ୍ରାପ୍ତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଇଲେକ୍ଟୋରାଲ ରୋଲ ପର୍ଯ୍ୟବେକ୍ଷକଙ୍କ ବାରିପଦା ନିର୍ବାଚନ ମଣ୍ଡଳୀ ପରିଦର୍ଶନ

ବାରିପଦା, (ସବ୍ୟୁ) : ଇଲେକଟୋରାଲ ରୋଲ ପର୍ଯ୍ୟବେକ୍ଷକ ଡଃ ଏନ ତିରୁମାଲା ନାଏକ, ମୟୂରଭଞ୍ଜ ଜିଲ୍ଲାର ବାରିପଦା ନିର୍ବାଚନ ମଣ୍ଡଳୀର ବିଭିନ୍ନ ବୁଥ ପରିଦର୍ଶନ କରିଥିଲେ। ସୂଚନା ଥାଉକି ଏହି ପର୍ଯ୍ୟବେକ୍ଷଣ ସମୟରେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅକ୍ଷୟ ସୁନୀଲ ଅଗ୍ରୱାଲ ଏବଂ ବାରିପଦା ଉପଖଣ୍ଡର ଉପଜିଲ୍ଲାପାଳ ତଥା ଇଲେକଟୋରାଲ ରୋଲ ଅଫିସର ଈଶ୍ୱର ଚନ୍ଦ୍ର ନାୟକ ଡଃ ତିରୁମାଲାଙ୍କ ସହିତ ଏହି ପରିଦର୍ଶନରେ ସମସ୍ତ ବୁଥ ଭ୍ରମଣ କରାଇଥିଲେ। ସମସ୍ତ ଇଲେକ୍ସନ ବୁଥ ପର୍ଯ୍ୟବେକ୍ଷଣ କରି ଡଃ ତିରୁମାଲା ସମସ୍ତ ବିଏଲଓ ମାନଙ୍କ ସହିତ କଥା ହୋଇଥିଲେ ଏଠି ସହିତ ଆଗାମୀ ନିର୍ବାଚନକୁ ସମ୍ପୂର୍ଣ ରୂପେ ତ୍ରୁଟି ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଇତ୍ୟବସରରେ ଡଃ ତିରୁମାଲା, ଶ୍ରୀ ଅଗ୍ରୱାଲ, ଶ୍ରୀ ନାୟକଙ୍କ ସମେତ ଅନ୍ୟାନ୍ୟ ଅଧିଆକରି ମାନେ ନୂତନ ଆବେଦନକାରୀଙ୍କ ଲିଷ୍ଟ ସଂଶୋଧନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଇଲେକଟୋରାଲ ବୁଥ ପରିଦର୍ଶନ ସହିତ ସ୍ଥାନୀୟ ଗୁଆହାଲଡିହି ସ୍ଥିତ ସବାଇ ଘାସ ଉତ୍ପାଦନ କେନ୍ଦ୍ର ଏବଂ ଲକ୍ଷ୍ମୀପୋସି ସ୍ଥିତ ଦୁଗ୍ଧାଳୟ ଫାର୍ମ ପରିଦର୍ଶନ କରିଥିଲେ। ଆଗାମୀ ସାଧାରଣ ନିର୍ବାଚନକୁ କିଭଳି ତ୍ରୁଟି ମୁକ୍ତ କରାଯିବ ଏନେଇ ଡଃ ତିରୁମାଲା ସମସ୍ତ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ।

## ଶିଶୁ ମନ୍ଦିରରେ ଜେଜେବାପା ଜେଜେମା ସମ୍ମିଳନୀ

ବୁଗୁଡ଼ା, (ସବ୍ୟୁ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱପରିସରରେ ଜେଜେବାପା ଜେଜେମା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନାଚାର୍ଯ୍ୟ ଉତ୍ତମ କୁମାର ମହାରଣାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ତିଥି ଭାବେ ବୁଗୁଡ଼ା ବ୍ଲକ ଅଧକ୍ଷା କେ.ପ୍ରିୟଦର୍ଶନୀ ଆଚାରୀ ଏବଂ ସମ୍ମାନିତ ଅତିଥି ଭାବେ କେ.ନୀଳମାଧବ ଆଚାରୀ ଯୋଗ ଦେଇ ନାତି ନାତୁଣୀଙ୍କ ଅନୁରୋଧ ରକ୍ଷା କରି ଉପସ୍ଥିତ ଥିବା ଜେଜେ ବାପାମାଆଙ୍କୁ ସାଧୁବାଦ ଜଣାଇ ସେମାନଙ୍କ ଦିଗଦର୍ଶନ ହିଁ ନାତିନାତୁଣୀଙ୍କ ଉତ୍ତମ ଭବିଷ୍ୟତ ନିର୍ମାଣରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ଉକ୍ତ ସମ୍ମିଳନୀରେ ଶତାଧିକ ଜେଜେ ବାପାମାଆ ଯୋଗ ଦେଇଥିବା ବେଳେ ଏ ଅବସରରେ ନାତିନାତୁଣୀଙ୍କ ଅନାବିଳ ସ୍ନେହ ହିଁ ପୌଢାବସ୍ଥାରେ ଜେଜେ ବାପାମାଙ୍କୁ ଖୁସି ଦେଇଥାଏ ବୋଲି ମତ ପ୍ରକାଶ ପାଇଥିଲା। ଗୁରୁମା ସୁମତି ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀ ଶୁଭସ୍ମିତା ଦାଶ ଅମୃତ ବଚନ ପ୍ରଦାନ କରିଥିବା ବେଳେ ପରିଶେଷରେ ପରିଚାଳନା ସମିତି ସମ୍ପାଦକ ରମେଶ ଚନ୍ଦ୍ର ଆଲଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଶିଶୁ ମନ୍ଦିରର ସେବାବ୍ରତୀମାନେ ସକ୍ରିୟ ସହଯୋଗ କରିଥିଲେ ।

# ଚମ୍ପିଆନ ଗଞ୍ଜାମ ହ୍ୟାଣ୍ଡବଲ ବାଳିକା ଦଳକୁ ସ୍ୱାଗତ

ବ୍ରହ୍ମପୁର, (ସବ୍ୟୁ): ଗତ ୧୭ ଓ ୧୮ ତାରିଖରେ କେନ୍ଦୁଝର ଷ୍ଟାଡିୟମ ଠାରେ ଆୟୋଜିତ ହୋଇଥିବା ରାଜ୍ୟ ସ୍ତରୀୟ ବାଳିକା ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଗଞ୍ଜାମ ଜିଲ୍ଲାର ବାଳିକା ଦଳ ଚମ୍ପିୟାନ ହୋଇଛି। କେନ୍ଦୁଝର ଠାରେ ଆୟୋଜିତ ହୋଇଥିବା ରାଜ୍ୟ ସ୍ତରୀୟ ବାଳିକା ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଗଞ୍ଜାମ ଜିଲ୍ଲାର ଏକ ୧୬ ଜଣିଆ ବାଳିକା ଦଳ କେନ୍ଦୁଝର ଜିଲ୍ଲା ଗସ୍ତ କରି ଅଂଶ ଗ୍ରହଣ କରିଥିଲା । ପ୍ରଥମ ଲିଗ୍ ମ୍ୟାଚରେ ଜଗତସିଂହପୁରକୁ ୦୯/୦୪ ଗୋଲ ବ୍ୟବଧାନରେ ଓ ଭଦ୍ରକ ଜିଲ୍ଲା ଦଳକୁ ୧୪/୦ ଗୋଲ ବ୍ୟବଧାନରେ ଏବଂ ବଲାଙ୍ଗୀର ଦଳକୁ ୧୫/୧ ଗୋଲ ବ୍ୟବଧାନରେ ପରାସ୍ତ କରି ସେମିଫାଇନାଲକୁ ପ୍ରବେଶ କରିଥିଲା। ସେମିଫାଇନାଲ ମ୍ୟାଚରେ ଯାଜପୁର ଦଳକୁ ୧୭/୩ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ତେବେ ଗଞ୍ଜାମ ଜିଲ୍ଲା ବାଳିକା ଦଳ ଆୟୋଜିତ ଫାଇନାଲ୍ ମ୍ୟାଚରେ କେନ୍ଦୁଝର ବାଳିକା ଦଳକୁ ୦୯-୦୫ ଗୋଲ ବ୍ୟବଧାନରେ ପରାସ୍ତ କରି ପୁଣି ଲଗାତାର ଦ୍ୱିତୀୟ ଥର ପାଇଁ ଚମ୍ପିଆନ୍ ଆଖ୍ୟା ଅର୍ଜନ କରିବାରେ ସଫଳତା ହାସଲ କରିଛି । ଆୟୋଜିତ ଏହି ପ୍ରତିଯୋଗିତାରେ ଗଞ୍ଜାମ ଜିଲ୍ଲା ବାଳିକା ଦଳର ବର୍ଷା ସେଠି ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଶ୍ରେଷ୍ଠ ବିବେଚିତ ହୋଇଥିବା ବେଳେ ଜି.ଜ୍ୟୋତି ପାତ୍ର, ବର୍ଷା ବେହେରା, ସସ୍ମିତା, ସଞ୍ଜନା, ଅଙ୍କିତା, ମିଲୁ ଓ ସ୍ୱାଗତିକା ପ୍ରମୁଖ ଭଲ ଖେଳ ପ୍ରଦର୍ଶନ କରି ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ବାଳିକା ଦଳର ଏହି ବିଜୟ ପାଇଁ ଆଜି ଗଞ୍ଜାମ ଜିଲ୍ଲା ଗର୍ବିତ । ତେବେ ଗତ ଏକ ମାସ ଧରି ବ୍ରହ୍ମପୁର ଖଲ୍ଲିକୋଟ କଲେଜ ଷ୍ଟାଡିୟମ୍ ପରିସରରେ ହ୍ୟାଣ୍ଡବଲ ପ୍ରତିଯୋଗି ଏନ୍.ଆଇ.ଏସ୍ ହ୍ୟାଣ୍ଡବଲ କୋଚ୍ ପ୍ରଶାନ୍ତ କୁମାର ରଥଙ୍କ ଠାରୁ ସ୍ୱତନ୍ତ୍ର ତାଲିମ ନେଇଥିଲେ । ଚମ୍ପିୟାନ ବାଳିକା ଦଳକୁ ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଏଥିରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ତଥା ଜିଲ୍ଲା ହ୍ୟାଣ୍ଡବଲ ସଂଘ ସଭାପତି ବିକ୍ରମ କୁମାର ପଣ୍ଡା ଓ ମେୟର ସଂଘମିତ୍ରା ଦଳେଇ ଅତିଥି ରୂପେ ଯୋଗଦେଇ ଚମ୍ପିୟାନ ବାଳିକା ଦଳକୁ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ଅବସରରେ କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳା, ଜିଲ୍ଲା ହ୍ୟାଣ୍ଡବଲ ସଙ୍ଘ ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, ସାଂଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, ଏନ୍ ଆଇ ଏସ କୋଚ୍ ପ୍ରଶାନ୍ତ କୁମାର ରଥ, କୋଷାଧ୍ୟକ୍ଷ ଡାକ୍ତର ସି.ଏଚ୍ ମନୋଜ କୁମାର ପାତ୍ର, ଅନ୍ତର୍ଜାତୀୟ ଖେଳାଳି ସନ୍ଦୀପ୍ କୁମାର ପାତ୍ର, ଅଭିନାଶ ମେଦି, ରାମାସିଶ ଓ ଦୀପକ୍ ପ୍ରମୁଖ ଏହି ଦଳକୁ ଆନ୍ତରିକ ଶୁଭେଚ୍ଛା ଜଣାଇଥିଲେ ।



## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁ ବାଟିକା ବିଭାଗର ଆଲୋଚନାଚକ୍ର

ବାରିପଦା, (ସବ୍ୟୁ) : ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୁଳସୀଚଉରା ବାରିପଦାରେ ଶିଶୁ ବାଟିକା ବିଭାଗର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅଧକ୍ଷା ଡଃ ପୁଷ୍ପା ପାତ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରୀତି ସୁଧା ତ୍ରିପାଠୀ ଯୋଗଦେଇଥିଲେ। ଶିଶୁ ମନ୍ଦିରର ସମ୍ପାଦକ ଶୁଭେନ୍ଦୁ କୁମାର ପାଲ ଅଧକ୍ଷତାରେ ପ୍ରଧାନ ଆଚାର୍ଯ୍ୟ ସୁଧୀର କୁମାର ମହାନ୍ତ ସ୍ୱାଗତ ଭାଷଣ ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଉକ୍ତ ଆଲୋଚନା ଚକ୍ରରେ ୧୭ଟି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଯୋଗଦାନ ପୂର୍ବକ ଅଂଶଗ୍ରହଣ କରିଥିଲେ। ଶିଶୁମାନଙ୍କ ବିକାଶରେ ଭାଷା ଓ ଅଙ୍କ ଜ୍ଞାନ ବିଷୟରେ ଆଲେଚନା କରିଥିଲେ। ଶିଶୁମାନଙ୍କ ବିକାଶରେ ଭାଷା ଓ ଅଙ୍କ ଜ୍ଞାନର ଆବଶ୍ୟକ ଓ ପ୍ରୟୋଗର ଶୈଳୀ ପୁଙ୍ଖାନୁପୁଙ୍ଖ ଭବେ ଅତିଥିମାନେ ଆଲୋଚନା କରିଥିଲେ। ଶେଷରେ ସମ୍ପାଦକ ଶୁଭେନ୍ଦୁ କୁମାର ପାଲ ଆଶୀର୍ବାଦ ପୂର୍ବକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଡାଃ ଶିରିଶ ଚନ୍ଦ୍ର ପରିଡାଙ୍କ ଶ୍ରଦ୍ଧାଞ୍ଜଳି ସଭା



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡାଃ ଶିରିଶ ଚନ୍ଦ୍ର ପରିଡାଙ୍କ ଅକାଳ ବିୟୋଗରେ ଏକ ଶୋକ ସଭା ମହର୍ଷି ପବ୍ଲିକ ସ୍କୁଲର ସଭାଗୃହରେ ପରିଷଦର ପୂର୍ବତନ ସଭାପତି ଅଜିତ କୁମାର କବାଟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗୋଟିଏ ମିନିଟ ନିରବ ପ୍ରାର୍ଥନା କରାଯିବା ପରେ ସଂପାଦକ ମନୋଜ ଦଳବେହେରାଙ୍କ ପରିଚାଳନାରେ ଆଲୋଚନା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଆୟୋଜିତ ଆଲୋଚନା କାର୍ଯ୍ୟକ୍ରମରେ ଡଃ ନୀଳକଣ୍ଠ ମିଶ୍ର, ବିଶ୍ୱେଶ୍ୱର ଦ୍ୱିବେଦୀ, ଡଃ ଶଶିଧର ବିଶ୍ୱାଳ, ହିମାଂଶୁ ଶେଖର ଦାସ, ଜୟନ୍ତ କୁମାର ଦ୍ୱାରୀ, ବର୍ତ୍ତମାନ ସଭାପତି ପଦ୍ମନାଭ ସାହୁ, ଦୋଳଗୋବିନ୍ଦ ମହାନ୍ତ, ଅଶୋକ କୁମାର ପଲେଇ, ଡଃ ସଞ୍ଜୀବ ପାଣିଗ୍ରାହୀ ପ୍ରମୁଖ ଡାଃ ଶିରିଶ ଚନ୍ଦ୍ର ପରିଡାଙ୍କ କର୍ମମୟ ଜୀବନର ଅନେକ ଅନାଲୋଚିତ ଅଧ୍ୟାୟ ଉପରେ ଆଲୋକପାତ କରିଥିଲେ। ଜଣେ ପଶୁଚିକିତ୍ସା ଡାକ୍ତର ଭାବରେ ସେ ଯେତେ ପରିଚିତ ନଥିଲେ ଜଣେ ରାଷ୍ଟ୍ରବାଦୀ ସାହିତ୍ୟିକ ଏବଂ ଐତିହାସିକ ଭାବରେ ବେଶୀ ପରିଚିତ ଥିଲେ। ମୟୂରଭଞ୍ଜର ପ୍ରାଚୀନତା ସଂପର୍କରେ ସେ ଗବେଷଣା କରି ବିଜ୍ଞାନ ସମ୍ମତ ଭାବରେ ଭାରତୀୟ ଇତିହାସ କଂଗ୍ରେସରେ ଉପସ୍ଥାପିତ କରି ପାରିଥିଲେ। ତାଙ୍କ ଅବର୍ତ୍ତମାନରେ ଇତିହାସ ଗବେଷଣା ଅପୂରଣୀୟ ରହିଗଲା ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଥିଲା।

# ମାହାଙ୍ଗାରେ ଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ

ମାହାଙ୍ଗା, (ସବ୍ୟୁ): ମାହାଙ୍ଗା ବ୍ଲକରେ ଯୋଗାଣ ବ୍ୟବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି। ସାଧାରଣ ହିତାଧିକାରୀମାନଙ୍କୁ ଡିଲରମାନେ କଂଟ୍ରୋଲ ସାମଗ୍ରୀ ଠିକ୍ ସମୟରେ ନଦେଇ ମେସିନ୍‌ରେ ଆଙ୍ଗୁଳିଛାପ ନେଇ ମାସ ମାସର କଂଟ୍ରୋଲ ସାମଗ୍ରୀ ହଡପ କରୁଥିବା ଅଭିଯୋଗ ୨୦୧୯ ମସିହାରୁ ଗଣମାଧ୍ୟମରେ ହୋଇଆସୁଥିଲେ ମଧ୍ୟ ଯୋଗାଣ ବିଭାଗର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁ ନାହିଁ। ଏଠାରେ ସୂଚନା ଯୋଗ୍ୟ ଯେ କେନ୍ଦ୍ରସରକାରଙ୍କ ଖାଦ୍ୟସୁରକ୍ଷା ଯୋଜନାରେ ଯେଉଁମାନେ ଅଯୋଗ୍ୟ ହୋଇ ରାସନକାର୍ଡ ସହିତ ଟଙ୍କା ଫେରସ୍ତ କରିଥିଲେ। କିଛିଦିନ ପରେ ସେମାନେ କିଭଳି ରାଜ୍ୟସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗ୍ୟ ବିବେଚିତ ହୋଇ ରାସନକାର୍ଡ ହାତେଇଲେ। ସେ ସଂପର୍କୀତ ସୂଚନା ତଥ୍ୟ ମାଗିଲେ ମଧ୍ୟ ମାହାଙ୍ଗା ବ୍ଲକ ଯୋଗଣ ବିଭାଗ ପକ୍ଷରୁ ସଠିକ୍ ସୂଚନା ଦିଆଯାଉ ନାହିଁ। ଏପରିକି ବର୍ତ୍ତମାନସୁଦ୍ଧା ଶହ ଶହ ଅଯୋଗ୍ୟ ହିତାଧିକାରୀ ଯେଉଁମାନେ କି ରାସନକାର୍ଡ ନ ଫେରାଇ ଚୁପ୍ ହୋଇ ବସିଥିଲେ। ସେମାନଙ୍କ ବିରୁଦ୍ଧରେ ଯୋଗାଣ ବିଭାଗ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କଲେ ନାହିଁ। ସ୍ୱାମୀ ନାଁରେ ଦୁଇ ଦୁଇଟା ଚାରିଚକିଆ ଯାନ ଥିଲା ବେଳେ ସ୍ତ୍ରୀ ନାମରେ ରାସନକାର୍ଡ ରହିଥିବା ଅଭିଯୋଗ ହେଉଛି। ଏପରିକି ବର୍ତ୍ତମାନ କେତେକ ପଂଚାୟତରେ ଭୂତ ବି ରାସନକାର୍ଡରେ ଚାଉଳ ଉଠାଉଛି। ଅପରପକ୍ଷେରେ ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ଓ ଗୋତରା ପଂଚାୟତରେ କରୋନା ସମୟରୁ ଆଜି ପର୍ଯ୍ୟନ୍ତ ବହୁ ହିତାଧିକାରୀଙ୍କ ଠାରୁ ଡିଲରମାନେ ଟିପଚିହ୍ନ ନେଇ ମଧ୍ୟ ସେମାନଙ୍କୁ ମାସ ମାସର ଚାଉଳ ବାଣ୍ଟନ କରିନଥିବା ଅଭିଯୋଗ ସାଧାରଣରେ ହେଉଛି। କରୋନା ସମୟରେ କେତେକ ଡିଲର କଂଟ୍ରୋଲ ସାମଗ୍ରୀ ବଣ୍ଟନରେ ବ୍ୟାପକ ହେର୍‌ଫେର୍ କରିଛନ୍ତି। ତା ୦୫.୦୯.୨୦୨୩ ରିଖରେ ଆପିଲୋ ଗ୍ରାମର ବିଭୂପ୍ରସାଦ ମହାପାତ୍ର କଟକ ସଦର ଉପଜିଲ୍ଲାପାଳଙ୍କୁ ମାହାଙ୍ଗା ବ୍ଲକର ଯୋଗାଣ ବିଭାଗୀୟ ତଥ୍ୟ ମାଗିଥିଲେ। ଚିଠି ନଂ୧୧୫୩୧ତା ୨୭.୦୯.୨୦୨୩ରିଖରେ ପ୍ରଦାନ ସୂଚନା ତଥ୍ୟ ଅନୁସାରେ ଗୋତରା ପଂଚାୟତରେ କଂଟ୍ରୋଲ ସାମଗ୍ରୀ ହଡପ ଉପରେ ତଦନ୍ତ ଉପଖଣ୍ଡସ୍ତରୀୟ ତଦନ୍ତକାରୀ ଦଳ ଦ୍ୱାରା କରାଯାଇଥିଲା। ତା୨୩.୦୫.୨୦୨୩ରିଖରେ ଉପଜିଲ୍ଲାପାଳଙ୍କୁ ଏହି ତଦନ୍ତ ରିପୋର୍ଟ ପ୍ରଦାନ କରାଯାଇଥିଲେ ମଧ୍ୟ ସଂପୃକ୍ତ ଡିଲରଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ୫ମାସରୁ ଉର୍ଦ୍ଧ୍ୱ ସମୟ ବିତିଗଲାଣି କାର୍ଯ୍ୟାନୁଷ୍ଠାନ ଶୂନ୍ୟ। ସେହିଭଳି ଭଦ୍ରେଶ୍ୱର ପଂଚାୟତର ସରପଂଚଙ୍କ ଅଭିଯୋଗ କ୍ରମେ ଡିଲର ପଦ୍ମଚରଣ ସାହୁଙ୍କୁ ନିଲମ୍ବିତ କରାଯାଇଥିଲା। ନିଲମ୍ବିତ ସମୟରେ ପଦ୍ମଚରଣ ସାହୁଙ୍କ ମେସିନ୍‌ରେ କେତେ ଚାଉଳ ଥିଲା ଓ ତାଙ୍କ ଡିପୁରେ କେତେ ଚାଉଳ ରହିଥିଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାହା ଚାପରେ ଡିଲରଙ୍କୁ ସୁରକ୍ଷା ଦିଆଯାଉଛି। ପଦ୍ମ ଚରଣ ସାହୁଙ୍କ ଡିଲର ପଏଣ୍ଟରେ ବହୁ ହିତାଧିକାରୀ ଟିପ ଚିହ୍ନ ଦେଇ ମଧ୍ୟ ମାସ ମାସ ଚାଉଳ ପାଇ ନଥିବା ଅଭିଯୋଗ ହେଉଛି। ମାହାଙ୍ଗା ବ୍ଲକରେ ଯୋଗାଣ ବ୍ୟବସ୍ଥା କ୍ଷେତ୍ରରେ ଅବ୍ୟବସ୍ଥା ପାଇଁ ବିଭାଗ ଅଧିକାରିଣୀ ହିଁ ଦାୟୀ। ଏଣୁ ରାଜ୍ୟ ସରକାର ତୁରନ୍ତ ବ୍ଲକ ଯୋଗାଣ ଅଧିକାରିଣୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଟ୍ରଲର ଜବତ: ୯ମତ୍ସ୍ୟଜୀବୀ ଗିରଫ



ରାଜନଗର, (ସବ୍ୟୁ): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଧାଞ୍ଚଳରେ ବେଆଇନ ଭାବେ ମାଛ ଧରୁଥିବା ଗୋଟିଏ ଟ୍ରଲରକୁ ଜବତ କରିବା ସହ ଏଥିରେ ଥିବା ୯ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣାଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ମଦନ ମୋହନ ହାଁସଦାଙ୍କ ନେତୃତ୍ୱରେ ସାମୁଦ୍ରିକଅଭୟାରଣ୍ୟ ମଧ୍ୟରେ ପଇଁତରା ମାରୁଥିବା ସମୟରେ ବନ ବିଭାଗର ଟିମ ହାତରେ ମାଛ ମାରୁଥିବା ମା’ କମଳା ନାମକ ଟ୍ରଲର ଧରାପଡିଥିଲା। ବାବୁବାଲି ଠାରୁ ୧୫କିଲୋମିଟର ଦୂରରେ ମାଛ ମାରୁଥିବା ସମୟରେ ଟ୍ରଲରକୁ ଜବତ କରାଯାଇଥିଲା। ଜବତ ଟ୍ରଲର ରୁ ଜିପିଏସ ୧ଗୋଟି, ଫିସ ଫାଇଣ୍ଡର ୧ଗୋଟି, ଭିଏଚଏଫ୍ ୧ଗୋଟି, ଟ୍ରଲିଂନେଟ ୮ଗୋଟି ସହିତ ମିଶାମିଶି ମାଛ ଜବତ କରାଯାଇଛି। ଗିରଫ ମତ୍ସ୍ୟଜୀବୀ ମାନଙ୍କ ବିରୁଦ୍ଧ ରେ ବନ୍ୟପ୍ରାଣୀ ଆଇନ ୧୯୭୨ଅନୁଯାଇ ମାମଲା ରୁଜୁ କରାଯାଇଥିବା ସୁଚନା ମିଳିଛି।

# ଶୁଭସକାଳର ନବମ ବାର୍ଷିକ ଉତ୍ସବ ଓ ପୁସ୍ତକ ଉନ୍ମୋଚନ



ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଆଜି ଶୁଭସକାଳର ନବମ ବାର୍ଷିକ ଉତ୍ସବ, ପତ୍ରିକା ଉନ୍ମୋଚନ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ରାଜକିଶୋର ପାଢୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀର ବାଲ ଶିଶୁ ସାହିତ୍ୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ନରେନ୍ଦ୍ର ପ୍ରସାଦ ଦାସ ଉତ୍ସବକୁ ଉଦଘାଟନ କରି ବିଜ୍ଞାନ ପ୍ରତି ଶିଶୁମାନଙ୍କୁ ଆକୃଷ୍ଟ କରିବା ଭଳି ଲେଖା ଅବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଶିଶୁ ସାହିତ୍ୟ ସ୍ରଷ୍ଟା ଡ. ବସନ୍ତ କିଶୋର ସାହୁ ଯୋଗଦେଇ ଶିଶୁ ବିନା ଅନୁଷ୍ଠାନ ପରିପକ୍ୱତା ହୋଇପାରେନା। ଶିଶୁ ମନସ୍ତତ ସମ୍ବଳିତ ସାହିତ୍ୟ ହେଉଛି ଶିଶୁ ସାହିତ୍ୟ ବୋଲି କହିଥିଲେ। ସମ୍ପାଦକ ବ୍ରଜବନ୍ଧୁ ଶତପଥୀ ବିବରଣୀ ପାଠ କରିଥିବା ବେଳେ ଡ. ଚିତରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଓ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦନ କରିଥିଲେ। ସାଇକୃପା ରତ୍ନପୂର୍ଣ୍ଣା ଓ ସମ୍ପୂର୍ଣ୍ଣା ପ୍ରାରମ୍ଭିକ ସଙ୍ଗିତ ପରିବେଷଣ କରିଥିବା ବେଳେ ମାଧୁରୀ ଶତପଥୀ ମଙ୍ଗଳା ଚରଣ ପାଠ କରିଥିଲେ। ଉପସଭାପତି ମିନତି ସାହୁ ମଂଚ ପରିଚାଳନା କରିଥିଲେ। ଏହି ଅବସରରେ ଶୁଭସକାଳର ବାର୍ଷିକ ସଂଖ୍ୟା,ଚିତରଞ୍ଜନ ମହାନ୍ତିଙ୍କ କବିତା ପୁସ୍ତକ ଧନ ଯିବ ବୁଲି ଜହ୍ନ ରାଇଜ, ରଜକିଶୋର ପାଢୀଙ୍କ କବିତା ପୁସ୍ତକ ଗୋପଲିଲା ଓ ନାରାୟଣ ଶତପଥୀଙ୍କ ପିଲାଙ୍କ କାହାଣୀ ପେଡି ପୁସ୍ତକ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରହ୍ଲାଦ ପଣ୍ଡା, ପଦ୍ମଜା ଶର. ପ୍ରଶାନ୍ତ ସ୍ୱାଇଁ ପୁସ୍ତକ ଗୁଡିକ ସମୀକ୍ଷା କରିଥିଲେ। ପରେ ପରେ ଡ. ନରେନ୍ଦ୍ର ପ୍ରସାଦ ଦାସଙ୍କୁ ଶୁଭସକାଳ ପୁରସ୍କାର , ଡ. ରାଜ କିଶୋର ପଣ୍ଡାଙ୍କୁ ଡାକ୍ତର ରମେଶ ଚନ୍ଦ୍ର ସାହୁ ସ୍ମୃତି ସମ୍ମାନ, ଡ. ପ୍ରିୟନାଥ ମହାପାତ୍ରଙ୍କୁ ବଂଶୀଧର ସେଠୀ ସ୍ମୃତି ସମ୍ମାନ, ବର୍ଷିଆନ ଶିକ୍ଷକ ଶୁକଦେବ ପତିଙ୍କୁ ବଂଶୀଧର ସେଠୀ ଶିକ୍ଷକ ସମ୍ମାନ ପ୍ରଦାନ କରାଯାଇଥିଲା। ଡ. ପାଢୀ, ଶ୍ରୀ ଶତପଥୀ, ଗୋକର୍ଣ୍ଣିକ ସମ୍ପାଦକ ରମାକାନ୍ତ ଜେନା ଓ ଡ. ଦାସ ସମ୍ବର୍ଦ୍ଧିତ ବ୍ୟକ୍ତିମାନଙ୍କୁ ଯଥାକ୍ରମେ ସମ୍ବର୍ଦ୍ଧିତ କରିଥିଲେ। ଭଦ୍ରକ କଲେଜର ପ୍ରାଧ୍ୟାପକ ସନ୍ତୋଷ କୁମାର ସେଠୀ ଅନୁଷ୍ଠାନ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଅଧ୍ୟାପିକ ରେଖା ଦାସ ଉପସ୍ଥିତ ଥିଲେ। ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# କେନ୍ଦ୍ରାପଡା ବାଲିଯାତ୍ରା କମିଟିର ନୂତନ କର୍ମକର୍ତ୍ତା ଚୟନ

କେନ୍ଦ୍ରାପଡ଼ା, (ସବ୍ୟୁ): କେନ୍ଦ୍ରାପଡା ସହରର ଗୋବରୀ ନଦୀ କୂଳରେ ଗରାପୁର, ଗୁଲନଗର ଓ କପାଳେଶ୍ୱର ପଂଚାୟତର କେନ୍ଦ୍ର ସ୍ଥଳୀରେ ଥିବା ଗୋବରୀ ନଦୀ ପଠାରେ ଦୀର୍ଘ ୬ ବର୍ଷ ହେବ ପାଳନ କରାଯାଇ ଆସୁଥିବା ବାଲିଯାତ୍ରା ମହୋତ୍ସବ କମିଟିର ନୂତନ କର୍ମକର୍ତା ଚୟନ କରାଯାଇଛି। ଏଥିରେ ଗୁଲନଗର ପଂଚାୟତର ପୂର୍ବତନ ସରପଂଚ ସମାଜସେବୀ କରୁଣାକର ସାହୁଙ୍କୁ ନୂୟନ କମିଟିର ସଭାପତି କରାଯାଇ ଥିବାବେଳେ କପାଳେଶ୍ୱର ପଂଚାୟତର ସରପଂଚଙ୍କ ପ୍ରତିନିଧି ତଥା ଯୁବ ନେତା ଲୋହିତ କୁମାର ମହାନ୍ତିଙ୍କୁ ସଂପାଦକ ଭାବେ ଚୟନ କରାଯାଇଛି। ଆଗକୁ ବାଲିଯାତ୍ରା ମହୋତ୍ସବ ହେବାକୁ ଥିବାବେଳେ ତାହାର ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଥିଲା। ଏହି ପଂଚାୟତ ୩ଟିର ପ୍ରମୁଖ ବ୍ୟକ୍ତି ମାନଙ୍କ ସମେତ କମିଟିର ବହୁ ପୁରାତନ ଓ ନୂତନ ସଦସ୍ୟ ଏହି କମିଟିରେ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପ୍ରତାପ କୁମାର ମହାପାତ୍ର ଉପ ସଭାପତି ଓ ରବିନ୍ଦ୍ର ସାହୁଙ୍କୁ ସହ ସଂପାଦକ ଭାବେ ମନୋନୟନ କରାଯାଇଛି। ଆଗାମୀ ବାଲିଯାତ୍ରା ଉତ୍ସବ କିଭଳି ସୁରୁଖୁର ରେ ପାଳନ କରାଯାଇ ପାରିବ ଏନେଇ ଆଇନଜୀବି ଶାନ୍ତି ସ୍ୱରୂପ ଭୂୟାଁ, ମୃତ୍ୟୁଞ୍ଜୟ ସାହୁ, ପୂର୍ବତନ ସରପଂଚ ପୀତବାସ ବେହେରା, ଟୁଟୁ ଗେରୁ, ସାମ୍ବାଦିକ ପ୍ରଫୁଲ୍ଲ ଦାସ, କୈଳାସ ଚନ୍ଦ୍ର ଗେରୁ, ଅନାଦି ସେଠୀ, ପଂଚାନନ ଦାସ, ସେକ ଚନ୍ଦନ, ସେକ ଅସଲାମ, ଅପୂର୍ବ ସେଠୀ, ବାସୁଦେବ ବେହୁରା, ପୂର୍ବତନ ସରପଂଚ ଅଭିମନ୍ୟୁ ଗୋଛାୟତ ପ୍ରମୁଖ ଶତାଧିକ ବ୍ୟକ୍ତି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଅନାଦି ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ଯାଦବ ମହାସଂଘ ପକ୍ଷରୁ ଶୌର୍ଯ୍ୟ ଦିବସ



କେନ୍ଦ୍ରାପଡ଼ା, (ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା ଯାଦବ ମହାସଂଘ ପକ୍ଷରୁ ଗରାପୁର ଠାରେ ଯାଦବ ସୌର୍ଯ୍ୟ ଦିବସ ମହା ଆଡମ୍ବର ରେ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ପ୍ରଭାକର ପଲାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଦିବସରେ କେନ୍ଦ୍ରୀୟ ସଂପାଦକ ପ୍ରଫୁଲ୍ଲ ଦାସ ଉପସ୍ଥିତ ରହି ୧୯୬୨ ମସିହାରେ ଭାରତ ଓ ଚିନ୍ ମଧ୍ୟରେ ହୋଇଥିବା ଯୁଦ୍ଧରେ ଅମର ସହିଦ୍ ମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ବ୍ଲକ ଯୁବ ଯାଦବ ସଭାପତି ଅମର ମୋହନ ଦାସ କଲିକତା-ପାରାଦ୍ୱିପ ବସ୍ ଦୁର୍ଘଟଣାରେ ପୁଷ୍ପାଞ୍ଜଳୀ ଦାସ, ପଟ୍ଟାମୁଣ୍ଡାଇର ଗୌରାଙ୍ଗ ବାରିକ ମୁଖ୍ୟ ଉପଦେଷ୍ଟା ନିରଞ୍ଜନ ଦାସଙ୍କ ମାତା ସ୍ୱର୍ଗତା ବଉଳ ଦାସଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇ ଥିଲା। ସଭାରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ବିଜୟ ପରିଡା, ମହିଳା ସଭାନେତ୍ରୀ ମିନତୀ ଦାସ, ମନୋଜ ଦାସ, ଧିରେନ ଦାସ, ନଗର ସଭାପତି ଅଜୟ ଦାସଙ୍କ ସମେତ ଶତାଧିକ କର୍ମକର୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସାଧାରଣ ସଂପାଦକ ଚିନ୍ମୟ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ନବ କିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ଧର୍ମଶାଳା, (ସବ୍ୟୁ): ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ଧର୍ମଶାଳା ବ୍ଲକରେ ୫୮୨ଟି ପ୍ରକଳ୍ପର ଆଜି ଶିଳାନ୍ୟାଶ ହୋଇଛି। ଧର୍ମଶାଳା ବ୍ଲକର ୪୫ଟି ପଞ୍ଚାୟତରେ ୨୨ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପକୁ ଆଜି ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଦ୍ୱାରା ଭିଡିଓ କନଫରେନ୍ସି ମାଧ୍ୟମରେ ଶିଳାନ୍ୟାଶ କରାଯାଇଛି। ୪୫ ପଂଚାୟତରେ ସ୍ଥାନୀୟ ସରପଂଚ ସମିତିସଭ୍ୟ ଜିଲ୍ଲାପରିଷଦ ସଭ୍ୟ/ସଭ୍ୟାମାନେ ଅନୁଷ୍ଠିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଆମ ଓଡିଶ ନବୀନ ଓଡିଶା କାର୍ଯ୍ୟକ୍ରମରେ ପ୍ରତି ପଂଚାୟତକୁ ବିଭିନ୍ନ ପ୍ରକଳ୍ପ ପାଇଁ ୫୦ ଲକ୍ଷ ମଞ୍ଜୁର କରାଯାଇଛି। ସେଥିରେ ଅଭୟପୁର ପଂଚାୟତର ୧୫ଟି ପ୍ରକଳ୍ପ, ଅଞ୍ଜିରା-୧୧, ଅଂଟିଆ-୯, ଅରାବଳ-୧୮, ଅରେଇକଣା-୧୪, ଆରୁହା-୧୫, ବଡ କାଏମା-୧୭, ଭବାନୀପୁର-୧୦, ବୃନ୍ଦାଦେଇପୁର-୧୭, ଚହଟା-୧୧, ଚକ୍ରଧରପୁର-୧୬ ଓ ଚୋରମୁହାଁ ପଂଚାୟତରେ ୧୪ ଗୋଟି ପ୍ରକଳ୍ପ ମଞ୍ଜୁର ହୋଇଛି। ସେହିପରି ଦେଓଦା ପଂଚାୟତକୁ ୧୫, ଏଣ୍ଡଲବା-୧୩, ଗଙ୍ଗାଧରପୁର-୧୨, ହରିଦାସପୁର-୧୩, ଜାରକା-୯, ଜେନାପୁର-୧୪, କବାଟବନ୍ଧ-୧୩, କଦମପାଳ-୧୦, କମାଗଡ-୧୦, କଂଟିଗଡିଆ-୧୦, କ୍ଷେତ୍ରପାଳ, କୋଟପୁର-୧୬, କୁମାରୀ ପଂଚାୟତର ୧୨ ଗୋଟି ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ସେହିପରି ମଧୁପୁରଗଡର-୧୩,ମଧୁସୁଦନପୁର-୧୦, ମହିଶରା-୧୭, ମଙ୍ଗଳପୁର ୧୩, ମର୍ଜତାପୁର-୧୨, ମିର୍ଜାପୁର-୧୨, ନେଉଳପୁର-୧୩, ପାଖର-୧୨, ପାଟପୁର-୧୧, ପଟୁଣିଆ ପଂଚାୟତରେ ୧୫ ଗୋଟି ପ୍ରକଳପକୁ ମଞ୍ଜୁର କରାଯାଇଛି। ସେହିପରି ପୁରୁଣା ବଉଳମାଳ-୧୭, ରାଇଛନ୍ଦା-୧୫, ରେଖିଦେଇପୁର-୯, ସାହାଣୀଡିହ-୧୩, ସମ୍ପାରୁ-୧୦, ସୁରୁରିଆ-୧୧, ତାଳଜଙ୍ଗ-୧୫, ତରଞ୍ଜିଆ-୧୧, ଥାନୁଆଳ-୧୬ ଓ ଉତରପ୍ରତାପ ପଂଚାୟତରେ ୧୪ ଗୋଟି ମୋଟ ୫୮୨ଟି ପ୍ରକଳ୍ପର ଆଜି ଶିଳାନ୍ୟାସ କରାଯାଇଛି।

# ଆମ ଗାଁ ସାହିତ୍ୟ ପରିଷଦର ଅଷ୍ଟମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, (ସବ୍ୟୁ): କେନ୍ଦ୍ରାପଡାର ଆମ ଗାଁ ସାହିତ୍ୟ ପରିଷଦର ଅଷ୍ଟମ ବାର୍ଷିକ ସ୍ୱନକ୍ଷତ୍ର ମହୋତ୍ସବ ସଂନ୍ଧ୍ୟା ମହା ବିଦ୍ୟାଳୟ ପରିସରରେ ସଭାପତି ସଂଜୟ ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଡ଼ଃ ବିଜୟାନନ୍ଦ ସିଂହ ମୁଖ୍ୟ ଅତିଥି, କେନ୍ଦ୍ର ସାହିତ୍ୟ ଏକାଡେମୀର ଆବାହକ ପ୍ରଫେସର ଡ଼ଃ ବିଜୟ କୁମାର ଶତପଥୀ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ପୌର ନିର୍ବାହୀ ଅଧିକାରୀ କବି ଦେବ ପ୍ରସାଦ ବଳ, ବରିଷ୍ଠ ସାହିତ୍ୟିକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ସମ୍ପକାର ଡ଼ଃ ସର୍ବେଶ୍ୱର ସେଣ ପ୍ରମୁଖ ଯୋଗ ଦେଇ ସାହିତ୍ୟ ସମାଜର ଦର୍ପଣ ଅଟେ ବୋଲି ମତବ୍ୟକ୍ତ କରିଥିଲେ। ଜୀବନ ଦର୍ଶନ, ସମସ୍ୟା ଧର୍ମୀ ଓ ହୃଦୟସ୍ପର୍ଶୀ ଲେଖା କାଳଜୟୀ ହୋଇଥାଏ। ଏହି କାର୍ଯ୍ୟକ୍ରମରେ ସଂପାଦକ ସ୍ୱପ୍ନାଂଶୁ କୁମାର ଦାସ ବାର୍ଷିକ ବିବରଣୀ ପାଠ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଟିଟିକାନ୍ତ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ କବିଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ, ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇ ଥିଲା। ମେଜର ଭରତ ଚନ୍ଦ୍ର ଜେନାଙ୍କ ପୁସ୍ତକ ‘ଅମୃତ ସନ୍ଧାନେ’ ଓ କବି ନିକୁଞ୍ଜ ବିହାରୀ ପୃଷ୍ଟିଙ୍କ ‘ମା ମାଟି ମୋହ’ ଉନ୍ମୋଚନ ହୋଇଥିଲା। ପୂର୍ବରୁ ଉନ୍ମୋଚନ ହୋଇଥିବା ପୁସ୍ତକ ପାଇଁ କବି ସୁରେନ୍ଦ୍ର କୁମାର ବେହେରା, ରଞ୍ଜନ ବାଇ, ଅଜୟ କୁମାର ପାତ୍ର ଓ କବୟିତ୍ରୀ ଅନିତା ପୃଷ୍ଟିଙ୍କୁ ଓ ବିଭିନ୍ନ ସାହିତ୍ୟ ପ୍ରତିଯୋଗିତା ରେ କୃତୀ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ କବି ମନୋରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସେକ ମତଲୁବ ଅଲି ସଂସଦ ପକ୍ଷରୁ ଇନ୍ଦିରା ଗାନ୍ଧୀ ଜୟନ୍ତୀ




କୁଆଁପାଳ, (ସବ୍ୟୁ): ସେକ ମତଲୁବ ସ୍ମୃତି ସଂସଦ ମାହାଙ୍ଗା ଆନୁକୂଲ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନେତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୧୦୬ ତମ ଜୟନ୍ତୀ ଉତ୍ସବ ଖନ୍ଦୋଳସ୍ଥିତ ବାପୁଜୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ଉପଦେଷ୍ଟା ଆଗାମୀ ଶତାବ୍ଦୀ ପ୍ରତିକାର ସଂପାଦକ ମସୁଦ ଅଲିଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ବରିଷ୍ଟ ପଦାର୍ଥବିଜ୍ଞାନୀ ତଥା ସାହିତ୍ୟିକ ପ୍ରଫେସର ଡଃ କାର୍ତିକ ଚନ୍ଦ୍ର ବରାଳ ଯୋଗଦେଇ ବିଶ୍ୱନେତ୍ରୀ ଦେଶପାଇଁ ପ୍ରଶରବଳୀ ଦେଇଥିବା ବୀଶ୍ୱନେତ୍ରୀ ଇନ୍ଦିରାଗାନ୍ଧୀଙ୍କ ପରି ଜଣେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଏ ଜାତି ପାଇଁ ଗର୍ବ ବୋଲି ବକ୍ତବ୍ୟ ରଖିଥିଲେ। ଅତିଥିଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାହୁ ,ପଣ୍ଡିତ ପ୍ରଭାତ କୁମାର କର.ନଳିନୀକାନ୍ତ ନାୟକ,ସମାଜସେବୀ ଶ୍ୟାମସୁନ୍ଦର ସ୍ୱାଇଁ,ସୁକାନ୍ତ ନନ୍ଦ ,ସୌକତ ଅଲି ,ସଂଗ୍ରାମ ସାମଲ ପ୍ରମୁଖ ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କ ବହୁମୁଖି ପ୍ରତିଭା ସଂପର୍କରେ ଆଲୋଚନା କରିଥିଲେ। ସଂସଦର ସଂପାଦକ ସାଲେପୁର ବାର ଆସୋସିଏସନର ପ୍ରାକ୍ତନ ସଭାପତି ଆଇନଜିବୀ ଦୀପକ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗଣେଶ୍ୱର ସ୍ୱାଇଁ,ଦୀପକ ନାୟକ,କୈବଲ୍ୟ ମହାନ୍ତି,କବୀର ସିହ୍ନା,ଭ୍ରମରବର ଦାସ,କୁଶାସନ ମଲିକ,ଆର୍ତତ୍ରାଣ ବିଶ୍ୱାଳ,ରବି ନାରାୟଣ ସାହୁ ,ପ୍ରତାପ ନାୟକ,ହାଡିବନ୍ଧୁ ସାହୁ ,ସେକ କଲିମୁଲ୍ଲା ଆଜାଦ ପ୍ରମୁଖ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ମନ୍ମଥ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସଂସଦ ପକ୍ଷରୁ ସକାଳେ ତହସିଲ କାର୍ଯ୍ୟାଳୟ ପରିସରରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତୀରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ମା’ ବିରଜା ଟାଇକୋଣ୍ଡୋର ସଫଳତା

ଯାଜପୁର, (ସବ୍ୟୁ): ଚଳିତ ମାସ ୧୭ ରୁ ୧୯ ପର୍ଯ୍ୟନ୍ତ ପୁରୀ ରେଲୱେ ଇଣ୍ଡୋର ହଲ୍ ଠାରେ ରାଜ୍ୟସ୍ତରୀ ସବ ଜୁନିୟର ଓ କ୍ୟାଡେଟ୍ କିରୋଗୀ ଓ ପୁମସି ଟାଇକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ସେଥିରେ ମା’ବିରଜା ଟାଇକୋଣ୍ଡୋ ଏକାଡେମୀରୁ ଦୁଇ ଜଣ ପ୍ରତିଯୋଗୀ ଭାଗନେଇଥିଲେ। କିରୋଗୀ ଇଭେଣ୍ଟରେ ଶୁଭ୍ରାଂଶୁ ପଣ୍ଡା ଅଣ୍ଡର ୬୦ କେଜି ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଉତ୍ତରାଖଣ୍ଡର ଡେରାଡୁନରେ ଆଗାମୀ ମାସ ଡିସେମ୍ବର ୧ ରୁ ୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟ ଟାଇକୋଣ୍ଡୋ ପ୍ରତିଯୋଗିତାରେ ଯୋଗ୍ୟ ବିବେଚିତ ହୋଇଛି ଏବଂ ସଂପ୍ରିତି ଦାସ ୨୪ ରୁ ୨୬ କେଜି ବିଭାଗରେ କଂସ୍ୟ ପଦକ ହାସଲ କରିଛନ୍ତି। ମା’ବିରଜା ଟାଇକୋଣ୍ଡୋ ଏକାଡେମିର ସଭାପତି ସୁରଜ ଲାଲ ସାମଲ ଓ ପ୍ରଶିକ୍ଷକ ଗଜେନ୍ଦ୍ର ମାଝୀ ଶୁଭେଚ୍ଛା ଜଣାଇଛନ୍ତି।

# ମେଘନାଦ ଜେନା ପାଇଲେ ଗୁଡ଼ ସମରିଟାନ ଆୱାର୍ଡ଼

ପାଣିକୋଇଲି, (ସବ୍ୟୁ): ରାସ୍ତା ଦୁର୍ଘଟଣାରେ ଆହତ ହୋଇଥିବା ମନୁଷ୍ୟ ଅଥବା ପଶୁ ମାନଙ୍କୁ ନିଜର ଉତ୍କୃଷ୍ଟ ସେବା ଲାଗି ଯାଜପୁର ଜିଲ୍ଲା ଆଂଚଳିକ ପରିବହନ ବିଭାଗ ତରଫରୁ ଗୁଡ ସମରିଟାନ ଆୱାର୍ଡରେ ସମ୍ମାନିତ ହୋଇଛନ୍ତି ପାଣିକୋଇଲିର ଅଗ୍ରଣୀ ସାମାଜିକ ସଙ୍ଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ମେଘନାଦ ଜେନା। ମେଘନାଦ ନିଜକୁ ସିଭିଲ ସର୍ଭିସ ପରୀକ୍ଷା ଲାଗି ପ୍ରସ୍ତୁତି କରୁଥିବା ବେଳେ ପାଣିକୋଇଲି ଥାନା ଅନ୍ତର୍ଗତ ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଏକ ମୋବାଇଲ ଦୋକାନ କରିଛନ୍ତି। ତେବେ ରାସ୍ତା ଦୁର୍ଘଟଣା ଖବର ପାଇବା ମାତ୍ରେ ସେ ନିଜ ଦୋକାନ ବନ୍ଦ କରି ଘଟଣାସ୍ଥଳକୁ ଯାଇ ନିଜର ପ୍ରାଥମିକ ଚିକିତ୍ସା ପ୍ରଦାନ କରିବା ସହିତ ଆବଶ୍ୟକ ପଡ଼ିଲେ ନିଜ ବାଇକରେ ଗୁରୁତର ଆହତ ମାନଙ୍କୁ ଡ଼ାକ୍ତରଖାନାରେ ପହଂଚାଇଥାନ୍ତି। ଏତଦ ବ୍ୟତୀତ ରାସ୍ତା ଦୁର୍ଘଟଣାରେ ଆହତ ହୋଇ ପଡ଼ିଥିବା ବୁଲା ଷଣ୍ଢ ମାନଙ୍କୁ ସେ ନିଜ ଖର୍ଚ୍ଚରେ ଚିକିତ୍ସା କରିଥାନ୍ତି। ତେବେ ଗତ ଜୁନ ମାସ ୨୪ ତାରିଖ ଦିନ ସେ ଏକ ଜରୁରୀ କାର୍ଯ୍ୟରେ କୁଆକୁଆ ଯାଉଥିବା ବେଳେ ପାରିବାରିକ କଳହକୁ କେନ୍ଦ୍ରକରି ଖରସ୍ରୋତା ପୋଲ ଉପରୁ ନଦୀକୁ ଡ଼େଇଁ ଆତ୍ମହତ୍ୟା କରିବାକୁ ଯାଉଥିବା ଜଣେ ୫୪ ବର୍ଷିୟା ବୃଦ୍ଧାଙ୍କର ବହୁମୂଲ୍ୟ ଜୀବନ ବଂଚାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପରେ ଯାଜପୁର ଜିଲ୍ଲାପାଳ ଚକ୍ରବର୍ତୀ ସିଂ ରାଠୋଡ଼ଙ୍କ ଅନୁମୋଦନ କ୍ରମେ ଯାଜପୁର ଆଂଚଳିକ ପରିବହନ ଅଧିକାରୀ ନୀଳକଣ୍ଠ ପ୍ରଧାନ ମେଘନାଦଙ୍କୁ ଗୁଡ଼ ସମରିଟାନ ଆଓର୍ୱାଡ଼ ପ୍ରଦାନ କରିବା ଲାଗି ମନୋନୀତ କରିଥିଲେ। ଆଜି ଯାଜପୁର ରୋଡ଼ସ୍ଥିତ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଯାଜପୁର ଆଂଚଳିକ ପରିବହନ ବିଭାଗ ତରଫରୁ ଆୟୋଜିତ ଫାଷ୍ଟ ରେସପୋଣ୍ଡର ଟ୍ରେନିଂ ପ୍ରୋଗାମରେ ଜାତୀୟ ରାଜପଥ ପୋଟ୍ରୋଲିଙ୍ଗ ଅଧିକାରୀ ଅଶୋକ କୁମାର ବଳଙ୍କ ଉପସ୍ଥିତିରେ ମେଘନାଦଙ୍କୁ ଉକ୍ତ ଆୱାର୍ଡ଼ ପ୍ରଦାନ କରାଯାଇଛି।

# ବିଜେପିର ମୁଗୁପାଳ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

କୁଆଖିଆ, (ସବ୍ୟୁ): ରସୁଲପୁର ବ୍ଲକର ଅନ୍ତର୍ଗତ ମୁଗୁପାଳ ପୁରୁଣା ପଚାଂୟତ ଅଫିସ ନିକଟରେ ମୁଗୁପାଳ ପଂଚାୟତ ସ୍ଥରିୟ କର୍ମୀ ସମ୍ମିଳନୀ ସଭାପତି ବିନୋଦ କୁମାର ମହାରଣା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ରାଜ୍ୟ ସଂଗଠନ ତଥା କୋରେଇର ବିଜେପି ପ୍ରାର୍ଥି ବିଶ୍ୱଜିତ ନାୟକ ତଥା ପ୍ରମୋଦ ନାୟକ ଯୋଗଦେଇ ଦଳର କର୍ମକର୍ତା ମାନଙ୍କୁ ବିଭିନ୍ନ ସଂଗଠନାତ୍ମକ କାର୍ଯ୍ୟ କ୍ରମ କରି ଲୋକ ଙ୍କ ନିକଟତର ହେବା ସହ ମୋଦି ସରକାରଙ୍କ ଜନହିତକର ଯୋଜନା ପ୍ରଧାନ ମନ୍ତ୍ରୀ ଙ୍କ ବିଭିନ୍ନ ସହାୟତା ସମ୍ପର୍କରେ କହିଥିଲେ। ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ସଭ୍ୟ କର୍ମକର୍ତା ଜନ ପ୍ରତିନିଧି ଓ ୩୩ ନଂ ଜୋନ ସଭାପତି ମାୟାଧର ପଲେଇ , ସମ୍ପାଦକ ଚନ୍ଦ୍ରମଣି ସାହୁ , ଅଭିରାମ ସେଠି , ମଳୟ ମହାରଣା, ସରୋଜ କୁମାର ସାହୁ, ସନ୍ତୋଷ କୁମାର କର ଗୋପିନାଥ ବେହେରା,ମୁକୁନ୍ଦ ଚନ୍ଦ୍ର ବେହେରା, ଯୋଗେନ୍ଦ୍ର ପଣ୍ଡା , ପ୍ରମୋଦ ନାୟକ, ନିତ୍ୟାନନ୍ଦ ମଲିକ, ଗୋବିନ୍ଦ ମଲିକ, ପ୍ରଶାନ୍ତ ମହାରଣା , ୩୫ ନଂ ଜୋନ ପୂର୍ବତନ ସଭାପତି ଦେବକାନ୍ତ ନାୟକ,ଲକ୍ଷ୍ମୀଧର ପତି , ଅରୁଣ ସାହୁ ବରିଷ୍ଠ ନେତା ମୁକୁନ୍ଦ ଦେବ ମହାନ୍ତି ବାହାଦଲାପୁର ସଭିପତି ଲକ୍ଷ୍ମଣ ସାହୁ ଓ ବହୁ ବିଜେପି କର୍ମି ଯୋଗ ଦେଇ ଥିଲେ। ଶେଷରେ ଉମେଶ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତ ଆଘାତରେ ଢାବା କର୍ମଚାରୀଙ୍କ ମୃତ୍ୟୁ

ଧର୍ମଶାଳା, (ସ ବ୍ୟୁ): ଧର୍ମଶାଳା ଥାନା ଅନ୍ତର୍ଗତ ଭଡଙ୍ଗା ଛକସ୍ଥିତ ଏକ ଢାବାର କର୍ମଚାରୀ ଗତକାଲି ରାତିରେ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ସୂଚନା ମୁତାବକ ଗଡମଧୁପୁର ଗ୍ରାମର ପଦ୍ମନାଭ ମଲିକ (୪୫) ଭଡଙ୍ଗାସ୍ଥିତ ଏକ ଢାବାରେ କାମ କରନ୍ତି। ତେବେ ଶନିବାର ରାତିରେ ସେ ଢାବାରେ କାମ କରୁଥିବା ବେଳେ ସେଠାରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ଢାବା କର୍ମଚାରୀମାନେ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଧର୍ମଶାଳା ପୁଲିସ ୨୯/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ ଚଳାଇଛି।

# ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ



ଯାଜପୁର, (ସବ୍ୟୁ): ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀଙ୍କର ୧୦୫ତମ ଜୟନ୍ତୀ ସକାଳ ୯ ଘଟିକା ସମୟରେ ଗରିଆପୁର ଓ ୯.୩୦ ମିନିଟ ସମୟରେ ବାରୁଣୀ ପଡିଆ ସ୍ଥିତ ସ୍ୱର୍ଗତା ଗାନ୍ଧୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଶ୍ରୀମତି ଗାନ୍ଧୀଙ୍କ ଫଟୋରେ ମାଲ୍ୟାର୍ପଣ କରାଯିବା ସହ ଭାରତବର୍ଷର ଅଖଣ୍ଡତା ସାର୍ବଭୌମତ୍ୱ, ଧର୍ମନିରପେକ୍ଷତା ଓ ବୈଦେଶିକ ସଂପର୍କ କ୍ଷେତ୍ରରେ ସେ ବୈପ୍ଲବିକ ପରିର୍ବନ ଆଣିଥିଲେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ବ୍ୟାଙ୍କ ଜାତୀୟକରଣ, ରାଜାମହାରାଜାଙ୍କ ହାତପାଣ୍ଟି ଉଚ୍ଛେଦ, ଗରିବ ହଟାଅ, ଇନ୍ଦିରା ଗାନ୍ଧୀ ଆବସ ଯୋଜନା, ଜାତୀୟ ଅର୍ଥନୀତି, ପଞ୍ଚବାର୍ଷିକ ଯୋଜନା, କୃଷକ ଓ କୃଷିକ୍ଷେତ୍ରରେ ଉନ୍ନତି, ଜାତୀୟ ସଂହତି, ବୈଦେଶିକ ରାଷ୍ଟ୍ର ସମୂହ ମାନଙ୍କ ସହିତ କୂଟନୈତିକ ସଂପର୍କ ବୃଦ୍ଧି, ଗମନାଗମନ, ଯୋଗାଯୋଗ ଓ ଦୂରସଂଚାର କ୍ଷେତ୍ରରେ ଉନ୍ନତି, ମହିଳା ସଶକ୍ତିକରଣ, ବି.ପି.ଏଲ୍ ଯୋଜନା, କୃଷିକ୍ଷେତ୍ରକୁ ଜଳସେଚନର ସୁବିଧା କ୍ଷେତ୍ରରେ ବହୁ କାର୍ଯ୍ୟ କରିଯାଇଥିଲେ। ଏହି ଦିବସରେ ସନ୍ତୋଷ ନନ୍ଦ, ବିଷ୍ଣୁ ରାଉତ, ଦିଗମ୍ବର କର, ଅଞ୍ଚଳ ଦାସ,ନାରାୟଣ ସାମନ୍ତ, ଦୁର୍ଯ୍ୟୋଧନ ବେହେରା, ବଳଭଦ୍ର ଦାସ, ଗଦାଧର ଦାସ, ଭାସ୍କର ମହାନ୍ତି, ପ୍ରତିମା କର, ସନ୍ତୋଷ ବେହେରା,କନକ ରାଉତ, ଦେବେନ୍ଦ୍ର ପଣ୍ଡା,ସୁଦିପ କର, ସଂଗ୍ରାମ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ହୃଷିକେଶ ପତି, ପ୍ରଶାନ୍ତ ସାହୁ, ରଘୁନାଥ ସାହୁ, ନକୁଳଦେବ ସାହୁ, ଅବଦୁଲ ?ର?ପ, ଅନୀଲ ମହାନ୍ତି,ବିଦ୍ୟାଧର ?ବାରିକ, ହୃଷିକେଶ ଜେନା, ବିଜୟ ମହାପାତ୍ର, ରଘୁନାଥ ସାହୁ ପ୍ରମୁଖଙ୍କ ସହ ବହୁ ସଦସ୍ୟ ସାମିଲ ହୋଇଥିଲେ।

# ଗୋରେଖନାଥ ପୀଠରେ ଜାନୁଆରୀ ପହିଲାରୁ ପୁନଃ ମାନସିକ ରୋଷେଇ ଆରମ୍ଭ

ରଘୁନାଥପୁର, (ସବ୍ୟୁ): ଓଡ଼ିଶାର ପ୍ରସିଦ୍ଧ ବିଭୂତି କ୍ଷେତ୍ର ଜଗତ୍‌ସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ କେରେକେରା ଗ୍ରାମରେ ବାବା ଗୋରେଖନାଥ ପୀଠରେ ଆଜକୁ ୨ବର୍ଷ ହେବ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ମାନସିକ ରୋଷେଇ ବନ୍ଦ ରହିଥିଲା। ଏ ଘଟଣା ସମ୍ପର୍କରେ ଗୋପାଳ ମହାନ୍ତି ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରସାଦ ସେବନ ପାଇଁ ଅସୁବିଧା ଅନୁଭବ କରିବାରୁ ଉଚ୍ଚ ନ୍ୟାୟାଳୟରେ ମାମଲା ଦାୟର କରିଥିଲେ। ନ୍ୟାୟାଳୟ ୪ସପ୍ତାହ ମଧ୍ୟରେ ରୋଷଘର ଖୋଲି ମାନସିକଧାରୀଙ୍କ ରୋଷେଇ କରିବା ପାଇଁ ଓଡ଼ିଶାର ଦେବଉର ବିଭାଗର କମିଶନରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜି ଗୋରେଖନାଥ ପୀଠରେ ଅତିରିକ୍ତ ସହକାରୀ ଦେବଉର କମିଶନର ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟ ମନ୍ଦିର କାର୍ଯ୍ୟାଳୟରେ ପହଁଞ୍ଚି ଏକ ବୈଠକ ଡକାଇଥିଲେ। ଏହି ବୈଠକରେ ମନ୍ଦିରର ପୂଜକ, ସେବାୟତ, ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତିରେ ଆଲୋଚନା ହୋଇଥିଲା। ଜନପ୍ରତିନିଧି ଓ ପୂଜକମାନେ ପ୍ରସ୍ତାବ ରଖିଲେ ଯେଉଁଭଳି ପୂର୍ବରୁ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ତାଙ୍କର ମାନସିକ ରୋଷେଇ କରୁଥିଲେ ସେହିଭଳି କରିବେ ବୋଲି ପ୍ରସ୍ତାବ ଦେଇଥିଲେ। ହେଲେ ଦେବୋତ୍ତର କମିଶନର ଆଚାର୍ଯ୍ୟ ସମସ୍ତଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରିଥିଲେ। ଦିନକୁ ୫ଗୋଟି ମାନସିକଧାରୀଙ୍କ ରୋଷେଇ ହୋଇପାରିବ, ୨ଦିନ ପୂର୍ବରୁ ମନ୍ଦିର କାର୍ଯ୍ୟାଳୟରେ ରସିଦ୍ କାଟିବେ, ମନ୍ଦିରରେ ଯେଉଁ ପୂଜକର ପାଳିଥିବ ସେହିଦିନ ସେ ରୋଷେଇ ଦାୟିତ୍ୱ ନେବେ। ଚାଉଳ କେଜି ପିଛା ୨୦ଟଙ୍କା ରୋଷେଇ ଦାୟିତ୍ୱରେ ଥିବା ନନା ପାଇବେ। ମନ୍ଦିରର ରସିଦ୍ ପିଛା ୧୦୦ଟଙ୍କା, ହଣ୍ଡା, ହାଣ୍ଡି ପାଇଁ ୫୦୦ଟଙ୍କା ରଖାଯାଇଛି। ମନ୍ଦିର ହଣ୍ଡା, ହାଣ୍ଡି ଛଡ଼ା ବାହାର ଜିନିଷ ବ୍ୟବହାର କରାଯାଇପାରିବ ନାହିଁ ବୋଲି ଆଜିର ବୈଠକରେ ସ୍ଥିର କରାଗଲା। ମନ୍ଦିରର ବେଢ଼ାରେ ଥିବା ଭୋଗଦୋକାନ ଗୃହ ଭଙ୍ଗା ଯାଉଥିବାରୁ ଜାନୁଆରୀ ପହିଲାରୁ ମାନସିକ ରୋଷେଇ କରାଯିବ ବୋଲି ଦେବତର କମିଶନଗର ଶ୍ରୀ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ସୂଚନା ଯୋଗ୍ୟ, ପୁର୍ବରୁ ଏହି ମାନସିକ ରୋଷେଇ ନେଇ ବିଭିନ୍ନ ପ୍ରକାର ବିଭ୍ରାଟ ଦେଖାଯାଇ ଥିବାରୁ ଗତ ଦୁଇ ବର୍ଷ ଧରି ଏଠାରେ ମାନସିକ ରୋଷେଇ ବନ୍ଦ ରହିଥିଲା। ତେବେ ଭବିଷ୍ୟତରେ ଏଭଳି ବିଭ୍ରାଟ ଦେଖା ନଯିବା ପାଇଁ ଦେବଉର ବିଭାଗ ପକ୍ଷରୁ ଏହି ବୈଠକରେ ସବୁ ଦିଗ ପ୍ରତି ବିଚାର ବିମର୍ଷ କରା ଯାଇଥିଲା। ଏହି ବୈଠକରେ ଦେବଉର ନିରୀକ୍ଷକ ପ୍ରଦୀପ୍ତ ସାହୁ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟରଞ୍ଜନ ପରିଜା, ନିରାକାର ଖୁଣ୍ଟିଆ, ଗୋଲେଖ ବିହାରୀ ଦାଶ, ଦିଲ୍ଲିପ୍ ପଣ୍ଡା, ସୁଦର୍ଶନ ଦାଶ, ମନୋଜ କୁମାର ଦାଶ, କୈଳାଶ ଚନ୍ଦ୍ର ଦାଶ, ନିହାର ରଞ୍ଜନ ପଣ୍ଡା, ସ୍ମୃତିରଞ୍ଜନ ପଣ୍ଡା, ଆଲୋକ ପଣ୍ଡା, ଜଗନ୍ନାଥ ଦାଶ, ସୁଶାନ୍ତ ଦାଶ, ପ୍ରଶାନ୍ତ ଭୂୟାଁ, ପ୍ରମୋଦ ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ।

# କେକେସି ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ

ବ୍ୟାସନଗର,(ଜିପ୍ର): କେକେସି. କାର୍ଯ୍ୟାଳୟ ଠାରେ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ୧୦୬ତମ ଜୟନ୍ତୀ ରାଜ୍ୟ ଅଧକ୍ଷ ବିଦ୍ୟାଧର ମହାନ୍ତିଙ୍କ ଅଧକ୍ଷତରେ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ଯେନା, ଶରତଚନ୍ଦ୍ର ମଳିକ. ବିଦ୍ୟାଧର ଜେନା ଓ ସୁନିତା ଦାସ ପ୍ରମୂଖ ଉପସ୍ଥିତ ରହିଥିଲେ।

# ଜାଲକଣା ଗାଁରେ ମା’ ମନସା ଦେବୀଙ୍କ ପୂଜା

ମହାକାଳପଡ଼ା, (ସବ୍ୟୁ): ମହାକାଳପଡ଼ା ବ୍ଲକ ର ସଦର ପଂଚାୟତ ମହାକାଳପଡ଼ା ପଂଚାୟତସ୍ଥ ଜାଲକଣା ଗ୍ରାମବାସୀ ମିଳିତ ଭାବେ ୧୫ ବର୍ଷ ଧରି ମା, ମନସା ଦେବୀଙ୍କ ପୂଜା କରିଆସୁଛନ୍ତି। ମୁରବି ମାନଙ୍କ ଆପ୍ରାଣ ଉଦ୍ୟମ ଫଳରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ବି ୩ ଦିନ ଧରି ପୂଜା ଅନୁଷ୍ଠିତ ହେବ। ଚଳିତ ମାସ ୧୭ ରୁ ପୂଜା ଆରମ୍ଭ ହୋଇ ୧୯ରେ ଶେଷ ହେବ ବୋଲି ଗାଁ କମିଟି ତରଫରୁ ଜଣାପଡିଛି। ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷୀତ ହେଉଥିବାରୁ ସ୍ଥାନୀୟ ଲୋକେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରିଥାନ୍ତି। ପାଖ ଅଳାଇଲୋ, ରାଜଗଡ଼, ମଙ୍ଗଳପୁର ଓ ବାରଡାଙ୍ଗ ଆଦି ପଂଚାୟତର ଶ୍ରଦ୍ଧାଳୁ ମା’ ମନସା ଦେବି ଙ୍କ ପୂଜା ମଣ୍ଡପ ଦର୍ଶନ କରିଥାନ୍ତି। ରାଜନେତା ଓ ସ୍ୱେଚ୍ଛାସେବୀ ମାନେ ମଣ୍ଡପରେ ଦେବିଙ୍କୁ ଦର୍ଶନ କରିବା ପରେ ପ୍ରସାଦ ସେବନ କରୁଥିବାର ଦୃଶ୍ୟମାନ ହେଉଛି।

# ଗୋ-ସମ୍ବର୍ଦ୍ଧନା ସମାରୋହ



ଦଶପଲ୍ଲା, (ସବ୍ୟୁ) : ଦଶପଲ୍ଲା ବ୍ଲକ ଜାନିସାହି ଠାରେ ୭୨ ତମ ଜିଲ୍ଲା ସ୍ତରୀୟ ଗୋ- ସମ୍ବର୍ଦ୍ଧନା ସମାରୋହ ଓ ବ୍ଲକ ସ୍ତରୀୟ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇ ଯାଇଛି । ଜାତୀୟ ପ୍ରାଣୀଧନ ମିଶନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ପ୍ରଥମେ ଗୋ- ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ନୟାଗଡ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ପ୍ରଶାନ୍ତ କୁମାର ମିଶ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିବା ବେଳେ ଅନ୍ୟତମ ମଞ୍ଚଆସିନ ଅତିଥି ଭାବେ ବିଡ଼ିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ଜିଲ୍ଲାପରିଷଦ ବସନ୍ତ ପ୍ରଧାନ, ପଞ୍ଚାୟତ ସମିତି ଅଧକ୍ଷା ସୁନନ୍ଦା ସାହୁ, ଉପାଧକ୍ଷା ଅନୁପମା ବେହେରା, ଡିହଗାଓଁ ସରପଞ୍ଚ ବରୁଣ ପାତ୍ର, ସମିତିସଭ୍ୟ ଧ୍ରୁବ ଚରଣ ପ୍ରଧାନ ପ୍ରମୁଖ ଯୋଗ ଦେଇ ଗୋ-ସମ୍ବର୍ଦ୍ଧନା ର ମାହାତ୍ମ୍ୟ ଓ ସରକାରୀ ଯୋଜନା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ପରେ କୃଷକ-ବୈଜ୍ଞାନିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସକ ,ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ତଥା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ମାନେ ଯୋଗ ଦେଇଥିବା ବେଳେ ସ୍ଥାନୀୟ ଅଂଚଳ ର ଚାଷୀ ମାନେ ଯୋଗ ଦେଇଥିଲେ । ଗୋ-ପ୍ରଦର୍ଶନୀ ତଥା ଗୋ- ବସ୍ଥା ପ୍ରଦର୍ଶନୀ ରେ ଅଂଶ ଗ୍ରହଣ କରିଥିବା ଗୋ-ପାଳକ ମାନଙ୍କୁ ଏହି କାର୍ଯ୍ୟକ୍ରମ ରେ ସନ୍ମାନିତ କରାଯାଇଥିଲା ।ଏହି ସଭା କୁ ଡ଼ଃ ବିଭୁ ପ୍ରସାଦ ଶତପଥୀ ସଭା ମଞ୍ଚ ପରିଚାଳନା କରିଥିବା ବେଳେ ଡଃ ସୌମ୍ୟାଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ଛ ଏହି କାର୍ଯ୍ୟକ୍ରମ ରେ ଦଶପଲ୍ଲା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ସୌମ୍ୟାଜିତ ରାଉତ ,ବାଣୀଗୋଛା ପ୍ରାଣୀ ଚିକିତ୍ସା ଅଧିକାରୀ ସର୍କିତାଗୌଡ଼ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ଆଗେଇ ନେଇଥିଲେ । ସୂଚନା ଯୋଗ୍ୟଯେ, ପ୍ରତିବର୍ଷ ଗିରିଗୋବର୍ଧନ ସପ୍ତାହ ରେ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ସ୍ତରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଏ ଅବସରରେ ଜିଲ୍ଲା ର ଭାପୁର,ଖଣ୍ଡପଡା, ରଣପୁର,ଓ ନୟାଗଡ ଠାରେ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇ ଯାଇଛି।

# ଆଗକୁ ବଡ଼ ଓଷା : ରାସ୍ତା ପାଲଟିଛି ମରଣଯନ୍ତା

ଆଠଗଡ଼ , (ସବ୍ୟୁ) : ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱର ରେ ହେବ ପଞ୍ଚକ ଏବଂ ବଡ଼ ଓଷା ଯାତ୍ରା ପାଇଁ ଆଉ ମାତ୍ର ଦିନ କେଇଟା ବାକି ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟ ରେ ପହଞ୍ଚିଛିମାତ୍ର ସମସ୍ୟା ହେଉଛି ସାଇକେଲ ଷ୍ଟାଣ୍ଡ ଏବଂ ପୁରୁଣା କଟକ ସମ୍ବଲପୁର ରାସ୍ତା ନିର୍ମାଣ କୁ ନେଇପୁରୁଣା କଟକ ସମ୍ବଲପୁର ରାସ୍ତା ମଧୁସୂଦନ ସେତୁ ଠାରୁ ଆଠଗଡ଼ ପର୍ଯ୍ୟନ୍ତ ଉନ୍ନତିକରଣ ପାଇଁ ରାଜ୍ୟ ସରକାର ୫୭ କୋଟି ୭୬ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। କଲିକତାର ଏକ ଷ୍ଟୋନ କମ୍ପାନୀ ଏହାର ଠିକା କାର୍ଯ୍ୟ ନେଇ ମାର୍ଚ୍ଚ ୨୦୨୪ ସୁଦ୍ଧା କାର୍ଯ୍ୟ ଶେଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରଯାଇଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଧବଳେଶ୍ୱର ବଡ଼ ଓଷା ପ୍ରସ୍ତୁତି ବୈଠକ ରେ ମଧୁସୂଦନ ସେତୁ ଠାରୁ ଘଣ୍ଟିଖାଲ ପର୍ଯ୍ୟନ୍ତ ଯାତାୟାତ ଉପଯୋଗୀ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିଲା। ମାତ୍ର ଠିକା କମ୍ପାନୀର ମନମାନି ଯୋଗୁଁ କଖଡିରୁ ଘଣ୍ଟିଖାଲ, ଏବଂ ଦହିସରା ଠାରେ ରାସ୍ତା ମରଣଯନ୍ତା ରେ ପରିଣତ ହୋଇଛି। ନିମ୍ନ ମାନର କାର୍ଯ୍ୟ ସାଙ୍ଗ କୁ ଅତ୍ୟଧିକ ବିଳମ୍ବ ଯୋଗୁଁ ପ୍ରତିଦିନ ଏକାଧିକ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି ହୋଇଛି।କାଳୀକା ଷ୍ଟୋନ କମ୍ପାନୀ ଏକା ସାଙ୍ଗରେ ମୁଣ୍ଡଳୀ ଆଠଗଡ଼ର ୨ ଟି ଏବଂ ପୁରୁଣା କଟକ ସମ୍ବଲପୁର ରାସ୍ତା କାମ ନେଇ ସବୁ ରାସ୍ତା ର ନିର୍ମାଣ କାମ ଅଧାପନ୍ତରିଆ କରି ପକାଇ ଦେଇ ଥିବାରୁ ଯାତ୍ରା ପୂର୍ବରୁ ଭକ୍ତ ଏବଂ ଶ୍ରଦ୍ଧାଳୁମାନେ ଯେ ସୁରକ୍ଷିତ ଭାବରେ ଯାଇ ଆସି ପାରିବେ ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ରାସ୍ତା ଉପରେ ବିଦ୍ୟୁତ ଖୁଣ୍ଟ ଏବଂ ଗଛ ସବୁ ଥିବା ଯୋଗୁଁ ଯାତାୟାତ ରେ ବାଧା ସୃଷ୍ଟି ହେଉଛି। ଧବଳେଶ୍ୱର ପୀଠକୁ ସବୁଦିନିଆ କଙ୍କ୍ରିଟ ପୋଲ ନିର୍ମାଣ ହୋ ପରେ ପୀଠ ମଧ କୁ ଭକ୍ତ ଏବଂ ଶ୍ରଦ୍ଧାଳୁମାନଙ୍କର ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇଛି। ଏଭଳି ସମୟରେ ଠିକା କମ୍ପାନୀ ର କୌଣସି ଅଧିକାରୀ କିମ୍ୱା କର୍ମଚାରୀ ମାନଙ୍କ ଦେଖା ନ ମିଳିବା ଏବଂ ତୃଟିପୂର୍ଣ୍ଣ ନିର୍ମାଣ ଯୋଗୁଁ ରାସ୍ତା କୁ ମରଣଯନ୍ତା ରେ ପରିଣତ କରିବା ପ୍ରଶ୍ନ ର ଉତ୍ତର କାହା ପାଖରେ ନାହିଁ ଏଭଳି ସ୍ଥିତିରେ ଯାତ୍ରା କୁ ଆଉ ଖୁବ୍ କମ୍ ସମୟ ଥିବାରୁ ଏହା ଆଠଗଡ଼ ପ୍ରଶାସନ ର ମୁଣ୍ଡବ୍ୟଥାର କାରଣ ହୋଇଛି।

# ସାରସ୍ୱତ ସମାଜ, ଓଡିଶାର କର୍ମକର୍ତ୍ତା ନିର୍ବାଚନ



ଭୁବନେଶ୍ୱର , (ସବ୍ୟୁ) : ରବିବାର ରାଜ୍ୟର ଅନ୍ୟତମ ସାହିତ୍ୟାନୁଷ୍ଠାନ ସାରସ୍ୱତ ସମାଜ, ଓଡିଶା, ଭୁବନେଶ୍ୱରର ଆସନ୍ତା ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି। ଏହି ଅବସରରେ ଏକ ବୈଠକ ଅନୁଷ୍ଠାନର ସଭାପତି ପଣ୍ଡିତ ଶ୍ୱେତ କୁମାର ଘଡାଇଙ୍କ ସଭାପତିତ୍ୱରେ ନୂଆପଲ୍ଲୀ ବାଲିତୋଟା ସାହି ସ୍ଥିତ ବାଲିବିନାୟକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅନୁଷ୍ଠାନର ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ୨୦୨୩ବର୍ଷର ଆୟ ବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ ଓ ଆଲୋଚନା ପରେ ସର୍ବସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା। ପରେ ଆସନ୍ତା ୩ବର୍ଷ ପାଇଁ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ଭାବେ ନିର୍ବାଚନ ହୋଇଥିଲା।ଏଥିରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା-ରୁଦ୍ର ନାରାୟଣ ସାମନ୍ତରାୟ, ମୁଖ୍ୟ ସଞ୍ଚାଳକ-ନିରଞ୍ଜନ ଚନ୍ଦ୍ର ପଣ୍ଡା , ସଞ୍ଚାଳକ-ଗୀତାଶ୍ରୀ ପ୍ରିୟମ୍ବଦା ସଭାପତି- ପଣ୍ଡିତ ଶ୍ୱେତ କୁମାର ଘଡାଇ , ଉପ ସଭାପତି-ନିଖିଳ କୁମାର ବଳବନ୍ତରାୟ ,ସମ୍ପାଦକ ଓ କୋଷାଧ୍ୟକ୍ଷ-ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ,ସଂଗଠନସମ୍ପାଦକ-ଦିଲ୍ଲୀପ କୁମାରତ୍ରିପାଠୀ ,ଯୁଗ୍ମ ସମ୍ପାଦକ-ରବି ନାରାୟଣ ରାୟ, ଭାରତୀ ଭୂଷଣ ପଟ୍ଟନାୟକ ଓ ବିଶ୍ୱରଞ୍ଜନ ମହାନ୍ତି ,ସମୀକ୍ଷକ- ସନ୍ତୋଷ କୁମାର ଦାସ ଏବଂ କାର୍ଯ୍ୟକାରିଣୀ କମିଟି ସଭ୍ୟ ସଭ୍ୟା ଭାବେ ବୀରେନ୍ଦ୍ର କୁମାର ମିଶ୍ର ,ଶରତ ସାହୁ ,ପୀତାମ୍ବର ପରିଡା ,ଗୀତାଞ୍ଜଳି ମହାନ୍ତି ,ସୌଦାମିନୀ ସାମନ୍ତରାୟ ,ପ୍ରତିମା ରାଣୀ ମିଶ୍ର ଷଡଙ୍ଗୀ ,ରାଜ କିଶୋର ମହାନ୍ତି ,ଅଳକା ପ୍ରିୟଦର୍ଶିନୀ ନିର୍ବାଚିତ ହେଲେ ବୋଲି ନିର୍ବାଚନ ଅଧିକାରୀ ବିରେନ୍ଦ୍ର କୁମାର ମିଶ୍ର ଘୋଷଣା କରିଥିଲେ।

# ବସ୍‌ଷ୍ଟାଣ୍ଡ ନିର୍ମାଣ ନିମ୍ନମାନର କାର୍ଯ୍ୟ ବନ୍ଦ କଲେ ସରପଞ୍ଚ

ବାଙ୍କୀ , (ସବ୍ୟୁ) : ଲକ୍ଷ୍ମୀ ବସ ରେ ଗ୍ରାମ ପଞ୍ଚାୟତ ରୁ ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟ ଓ ଜିଲ୍ଲା ସଦର ମହକୁମାକୁ ଲୋକେ ଯାତାୟାତ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ଲେଖାଏଁ ର ଅନୁଦାନ ବ୍ଲକ୍ କୁ ଆସିଛି। ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ବାହାର ଠିକାଦାର ଆସି କାର୍ଯ୍ୟ ଆରମ୍ଭ କରି ପୁଣି ନିମ୍ନ ମାନର ନିର୍ମାଣ କାର୍ଯ୍ୟ କରିବାରୁ ବନ୍ଦ କରାଇଲେ ସ୍ଥାନୀୟ ସରପଞ୍ଚ। କଟକ ଜିଲ୍ଲା ବାଙ୍କୀ ବ୍ଲକ୍ ର ୨୦ଗୋଟି ପଞ୍ଚାୟତ କୁ ଏକ କୋଟି ଟଙ୍କାର ଅନୁଦାନ ଆସିଛି। ବ୍ଲକ୍ ରେ ପାଞ୍ଚ ଜଣ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟରତ ଥିବା ବେଳେ ଜଣେ ଯନ୍ତ୍ରୀ ଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ନିର୍ମାଣ କରିବା ପାଇଁ କଟକ ର ଜଣେ ଠିକାଦାର ଙ୍କୁ କାର୍ଯ୍ୟ କରିବା ପାଇଁ ଦାୟୀତ୍ୱ ଦିଆଯାଇଛ। ବାଙ୍କୀ ବ୍ଲକ୍ ର ଓସ୍ତିଆ ପଞ୍ଚାୟତରେ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ସିମେଣ୍ଟ ଭାଗ ନ ମିଶାଇ ଖାଲି ବାଲି ପଥର ରେ ପ୍ୟାକିଂ ଆରମ୍ଭ କରିବାରୁ ସ୍ଥାନୀୟ ଲୋକ ଙ୍କ ଠାରୁ ଅଭିଯୋଗ ପାଇ ସରପଞ୍ଚ ଆର୍ତ୍ତ ବନ୍ଧୁ ବେହେରା ଯାଇ ନିମ୍ନ ମାନର କାର୍ଯ୍ୟ କୁ ବନ୍ଦ କରାଇଛନ୍ତି। କାର୍ଯ୍ୟାଦେଶ ବ୍ଲକ୍ ଅଫିସ୍ ଯନ୍ତ୍ରୀଙ୍କ ନାମରେ ଠିକାଦାର କିନ୍ତୁ କଟକରା ଯନ୍ତ୍ରୀ ନିଜେ ଛିଡ଼ା ହୋଇ କାର୍ଯ୍ୟ ଆରମ୍ଭ କରିବାକୁ ଦାବି ହେଉଛି। ଏ ସମ୍ପର୍କ ରେ ବାଙ୍କୀ ବ୍ଲକ୍ ବିଡ଼ିଓ ମୋନୋସ୍ମିନି ଦାସ ଙ୍କୁ ପଚାରି ବାରେ ସେ କହିଲେ କାର୍ଯ୍ୟାଦେଶ ଯନ୍ତ୍ରୀ ଙ୍କ ନାମରେ। ସେ ନିଜେ କରିବେ କିମ୍ବା ଭଲ ଠିକାଦାରଙ୍କ ଦ୍ୱାରା କରାଇବେ। ନିମ୍ନ ମାନର କାର୍ଯ୍ୟ କରିବାକୁ ପ୍ରଶ୍ରୟ ଦିଆଯିବ ନାହିଁ। ତେବେ ବ୍ଲକ୍‌ର ୫ଜଣ କନିଷ୍ଠ ଯନ୍ତ୍ରୀ ଙ୍କୁ ପୂର୍ବ ଭଳି ଦାଇତ୍ୱ ରେ ଥିବା ନିଜ ପଞ୍ଚାୟତର କାର୍ଯ୍ୟ ନିଜେ କରିବାକୁ ଦାବି ହେଉଛି।

# ଧର୍ମପରାୟଣ ସୁବାଷ ଚନ୍ଦ୍ର ସାହୁଙ୍କ ସ୍ମୃତିଚାରଣ



ଫୁଲନଖରା,(ସବ୍ୟୁ) : )ବିଏମସି ୪ ନମ୍ବର ୱାର୍ଡ଼ ଅନ୍ତର୍ଗତ ନଖରା ଗ୍ରାମର ଧର୍ମପରାୟଣ ସୁବାଷ ଚନ୍ଦ୍ର ସାହୁଙ୍କ ଏକାଦଶାହରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସାମାଜିକ ସଂଗଠନ ସହଯୋଗ ଓଡ଼ିଶା ଆନୁକୂଳରେ ଆୟୋଜିତ ଏହି ସଭାରେ ସଭାପତି ଗଣେଶ ପ୍ରସାଦ ଦାଶ ଅଧକ୍ଷତା କରିଥିଲେ । ଏଥିରେ ବିଧାୟକ ସୁଶାନ୍ତ କୁମାର ରାଉତ,ଗ୍ରାମ ମୁରବି ସୁଦାମ ଚରଣ ସାହୁ, ଗୋଲେଖ ସାହୁ ,ନଳିନୀ କୁମାର ସ୍ୱାଇଁ,ସାଂସଦଙ୍କ ପ୍ରତିନିଧି ନିରଂଜନ ସାହୁ,ସମାଜସେବୀ ବଂଶୀଧର ଭୋଳ,ଆଧାତ୍ମିକ ସ୍ତମ୍ଭକାର ଶ୍ରୀ ସନାସୀ ଜୀ,ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ,ସାମ୍ବାଦିକ ଲଳିତ କୁମାର ଦାଶ, ଅଜୟ କୁମାର ଦାଶ,ରାଜକିଶୋର ବେହେରା,ଧିରେନ୍ଦ୍ର ସାହୁ,ସତରଂଜନ ଦାସ ମହାପାତ୍ର,ମନୋଜ ବେହେରା,ମୁରବି କେଦାର ଜେନା,ବ୍ରହ୍ମାନନ୍ଦ ସାହୁ,ବଳରାମ ସାହୁ,ବ୍ରହ୍ମାନନ୍ଦ ପୃଷ୍ଟି,ଅକ୍ଷୟ ଲେଙ୍କା,ଅଞ୍ଜନ ଜେନା,ଯୁଗଳ କିଶୋର ସାହୁ,ହେମନ୍ତ କୁମାର ସାହୁ,ବାବାଜି ସାହୁ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ସୁବାଷ ଚନ୍ଦ୍ର ସାହୁଙ୍କ ଫଟୋଚିତ୍ରରେ ମାଲାର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ । ସୁକାନ୍ତ କୁମାର ସାହୁ ଓ ପରିବାରବର୍ଗ କାର୍ଯକ୍ରମ ପରିଚାଳନା କରିଥିଲେ ।

# ଶ୍ୟାମାକାଳୀଙ୍କ ଭସାଣି ଉତ୍ସବ

ନୟାଗଡ଼, (ସବ୍ୟୁ): ନୟାଗଡ଼ ସହର ସାଗର ପୁଷ୍କରିଣୀ କୂଳରେ ୭ ଦିବସୀୟ ମାଆ ଶ୍ୟାମାକାଳୀ ପୂଜା ଉତ୍ସବ ଉଦ୍‌ଯାପିତ ହୋଇଛି। ଶ୍ରଦ୍ଧା ଓ ଉତ୍ସାହର ସହ ମାଆଙ୍କ ପୂଜା ଆରାଧନା କରା ଯାଇଥିଲା। ମଣ୍ଡପରେ ମାଆଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ପରିବେଶକୁ ଉତ୍ସବ ମୁଖର କରି ରଖିଥିଲା। ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରା ଯାଇଥିଲା। ରବିବାର ସନ୍ଧ୍ୟାରେ ମାଆଙ୍କୁ ବିଦାୟ ମେଲାଣୀ ଦିଆଯାଇଛି। ସହରର ୫ ନମ୍ବର ୱାର୍ଡ ପୂଜା କମିଟି ସଦସ୍ୟଙ୍କ ଉପସ୍ଥିତରେ ମାଆଙ୍କ ଭଷାଣୀ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଘଣ୍ଟ ଘଣ୍ଟା ବାଦ୍ୟ ତାଳରେ ନାଚ ଗୀତ ମଧ୍ୟରେ ଦେବୀଙ୍କ ମୃଣ୍ମୟମୂର୍ତ୍ତି କୁ ଶାଗର ପୁଷ୍କରିଣୀରେ ବିଷର୍ଜନ କରା ଯାଇଛି। ପୂଜା କମିଟି ର କୈଳାଶ ଚନ୍ଦ୍ର ମାହାର, ତ୍ରିନାଥ ଦଳେଇ, ଆଦିତ୍ୟ କୁମାର ମାହାର, ନାରାୟଣ ଗୋଚ୍ଛାୟତ, ସଂତୋଷ କୁମାର ମାହାର, ବିରଞ୍ଚିନାରାୟଣ ଗୋଚ୍ଛାୟତ, ଓ ମନୋଜ ନାୟକ ଆଦି ପୂଜା ଉତ୍ସବ ପରିଚାଳନା କରିଥିଲେ।

# ବିଜେପିର ବିକ୍ଷୋଭ

ଅସ୍ତରଙ୍ଗ,(ସବ୍ୟୁ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସମ୍ମୁଖରେ ଶନିବାର ଦିନ ବି ଜେ ପି ଦଳ ତରଫରୁ ରାଜ୍ୟରେ ଦୁର୍ନୀତି ନେଇ ଏକ ପ୍ରତିବାଦ ସଭା ତଥା ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି।ଏହି ପ୍ରତିବାଦ ସଭାର ନେତୃତ୍ୱରେ ନେଇଥିଲେ ପୂର୍ବତନ ସାଂସଦ ବିଭୁ ପ୍ରସାଦ ତରାଇ । ବକ୍ତାମାନେ ବିକ୍ଷୋଭ ସ୍ଥଳରେ ସରକାରଙ୍କୁ କଡା ସମାଲୋଚନା କରିଥିଲେ । ପରିଶେଷରେ ଅସ୍ତରଙ୍ଗ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ଷୋଭ ସ୍ଥଳକୁ ଆସି ବି ଜେ ପି କର୍ମୀଙ୍କ ଠାରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୭ ଦଫା ଦାବି ପତ୍ର ଗ୍ରହଣ କରିବା ପରେ ବିକ୍ଷାଭ ସମାପ୍ତ କରାଯାଇଥିଲା । ଏହି ବିକ୍ଷୋଭ କରୀଙ୍କ ମଧରେ ପୂର୍ବତନ ବିଧାୟକ ବାଇଧର ମଳିକ, ସୁଦାମ ସ୍ୱାଇଁ,ରାକେଶ ବିଶ୍ୱାଳ,ଅଧିକାରୀ ବେହେରା,ଜୟନ୍ତ ବେହେରା, ଈଶ୍ୱର ବେହେରା,ଗୋଲେଖ ବିଶ୍ୱାଳ,ଆଦି ଭାଷଣ ଦେଇ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଥିବା ବେଳେ,ଏହି ବିକ୍ଷୋଭ ରେ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିବାର ଦେଖା ଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଅସ୍ତରଙ୍ଗ ଥାନା ତରଫରୁ ବ୍ୟାପକ ପୋଲିସ ମୁତୟନ କର ଯାଇଥିଲା।

# ଘଣ୍ଟିଖାଲ ପଞ୍ଚାୟତରେ ରକ୍ତଦାନ ଶିବିର

ଆଠଗଡ , (ସବ୍ୟୁ) : ଓଡ଼ିଶା ମୋ ପରିବାର ଓ ଜୀବନବିନ୍ଦୁ ଆନୁକୁଲ୍ୟରେ ଘଣ୍ଟିଖାଲ ପଞ୍ଚାୟତ କଲ୍ୟାଣ ମଣ୍ଡପ ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମାଜ ସେବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ରକ୍ତ ଦାନ ଶିବିରରେ ମୋଟ୍ ୨୦୩ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଉକ୍ତ ରକ୍ତଦାନ ଶିବିରରେ ତିନି ନମ୍ବର ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ ଘଣ୍ଟିଖାଲ ସରପଞ୍ଚ ସୁଜାତା ମଞ୍ଜରୀ ରାଉତରାୟ ସମିତି ସଭ୍ୟା ରେଣୁବାଳା ପ୍ରଧାନ ସନ୍ତୋଷ କୁମାର ବେହେରା ସୁବାସ ଚନ୍ଦ୍ର ବିଶ୍ୱାଳ ଲକ୍ଷ୍ମୀଧର ମହାନ୍ତି, ସରୋଜ ସ୍ୱାଇଁ, ପ୍ରରମା ନନ୍ଦ ପ୍ରଧାନ, ରବୀନ୍ଦ୍ର ବରାଳ, ଜାନକୀ ଲତା ନାଏକ, କିରଣ ବାଳା ଶତପଥୀ, ଓ ଆଠଗଡ ଜୀବନ ବିନ୍ଦୁ ସଂଯୋଜକ ରାକେଶ ଦାସ ପ୍ରଦୀପ୍ତ ଦାସ ଓ ଶିଶିର ପ୍ରସାଦ ମାନସିଂହ ଶ୍ୟାମ ପ୍ରସାଦ ପଣ୍ଡାଙ୍କ ସମେତ ବିଜୁ ଛାତ୍ର ମହିଳା ଜନତା ଦଳ ର କର୍ମୀ ମାନେ ସହଯୋଗ କରିଥିଲେ।

# ସୁରଭି ପ୍ରତିଯୋଗିତାରେ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ଖଣ୍ଡପଡା,(ସବ୍ୟୁ) : ରାଜ୍ୟସ୍ତରୀୟ ସୁରଭି ଓ କଳା ଉତ୍ସବରେ ଅଂଶ ଗ୍ରହଣ କରିକୁଇଜ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖଣ୍ଡପଡା ବ୍ଲକଅଧିନ ବନମାଳୀପୁର ଉଚ୍ଚ ବିଦ୍ୟାଳୟର ୮ମ ଶ୍ରେଣୀର ଛାତ୍ର ଅନ୍ନଦା ପ୍ରସାଦ ପଣ୍ଡାଙ୍କୁଅନୁଷ୍ଠାନ ପରିସରରେ ଶନିବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଦ୍ୟାଳୟରପ୍ରଧାନଶିକ୍ଷକ ନକୁଳ ଖୁଂଟିଆ, ଶିକ୍ଷକ ରବି ନାରାୟଣ ଦାଶ, ଦୁର୍ଗାପ୍ରସାଦଆଚାର୍ଯ୍ୟ, ରମେଶ ଚନ୍ଦ୍ର ସାହୁଙ୍କ ସମେତ ଅନ୍ୟ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଛାତ୍ରଅନ୍ନଦାଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିବା ସହ ଉତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀମାନେ ମଧ ଅନ୍ନଦାଙ୍କୁଶୁଭେଚ୍ଛା ଜଣାଇଛନ୍ତି । ଅନ୍ନଦା ବିଦ୍ୟାଳୟର ଣେ ମେଧାବୀ ଛାତ୍ର ଅଟନ୍ତି ବୋଲିପ୍ରଧାନଶିକ୍ଷକ ଶ୍ରୀ ଖୁଂଟିଆଙ୍କ ଠାରୁ ପ୍ରକାଶ ।

# ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା : ୬୫୫ ପ୍ରକଳ୍ପ ପ୍ରଦର୍ଶିତ




ନିରାକାର ପୁର,(ସବ୍ୟୁ) : ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର , ଆର୍ଯ୍ୟବିହାରରେ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଥମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୬୫୫ ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ସ୍ଥାନ ପାଇଥିଲା । ମୁଖ୍ୟ ଅତିଥି କେ.ବି.ଡି.ଏ.ଭି. ମହାବିଦ୍ୟାଳୟର ଅଧକ୍ଷ ଶ୍ରୀମତୀ ବ୍ରତତି ମିଶ୍ର ବିଜ୍ଞାନମେଳାର ଶୁଭାରମ୍ଭ କରିବା ସହିତ ପ୍ରକଳ୍ପଗୁଡିକ ବୁଲି ଦେଖି ବିଜ୍ଞାନରେ ଆଗ୍ରହ ଥିବା ଛାତ୍ରୀଛାତ୍ରୀମାନଙ୍କର ତଚ୍ଚ ପ୍ରଶଂସା କରିଥିଲେ । ବିଚାରକ ଭାବେ ଶଙ୍କର୍ଷଣ ପ୍ରଧାନ ପ୍ରାଇନ ଡେମୋନଷ୍ଟ୍ରେଟର , ଦୁର୍ଗା ପ୍ରସାଦ ମିଶ୍ର ଡେମୋନଷ୍ଟ୍ରେଟର ଜେ.ବି.ଡି.ଏ.ଭି ମହାବିଦ୍ୟାଳୟ , ଦେବାଶିଷ ରଥ ରାମେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ , ଜ୍ଞାନ ରଞ୍ଜନ ବେହେରା କେ.ବି. ଏକାଡେମୀ ଉଚ୍ଚ ବିଦ୍ୟାଳୟ , ଦିକ୍ରିଷ୍ଟ ବଳିୟାରସିଂହ ଜନକ ଦୁର୍ଗା ଉଚ୍ଚ ବିଦ୍ୟାଳୟ , ଝରଣା ବେହେରା ନିଗମାନନ୍ଦ ବିଦ୍ୟନିକେତନ , ଅଶ୍ୱିନୀ ବେହେରା ସପ୍ତତାରୀ ଉଚ୍ଚ ବିଦ୍ୟାଳୟ , ରଶ୍ମିକାନ୍ତ ପ୍ରଧାନ ଭଗବତୀ ନୋଡାଲ ତକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଯୋଗ ଦେଇଥିଲେ । ଉଦ୍ ଯାପନ ଉତ୍ସବରେ ସମ୍ମାନୀତ ଅତିଥି ରୂପେ ବିଦ୍ୟାଳୟର ସଂପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଦେଶର ପ୍ରଗତିରେ ବିଜ୍ଞାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ବ୍ୟକ୍ତ କରିଥିଲେ ଛ ଏହି ଉତ୍ସବରେ ବିଦ୍ୟାମନ୍ଦିରର ସଦସ୍ୟ ଶ୍ୟାମା ଶଙ୍କର ମିଶ୍ର ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ ମଞ୍ଚ ପରିଚାଳନା କରିଥିଲେ ।ବିଦ୍ୟାଳୟର ଆଚାର୍ଯ୍ୟ ନିହାର ରଞ୍ଜନ ସାମନ୍ତସିଂହାର ମଂଚାସୀନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ପ୍ରାତଃ ପର୍ଯ୍ୟାୟର ପ୍ରମୁଖ ବିନୋଦ ବିହାରୀ ସେଠୀ ଧନ୍ୟବାଦ ଅର୍ପଣ କହିଥିଲେ । । ସମସ୍ତ ବିଭାଗର ପ୍ରଥମ , ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ଏଥିସହ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ଆଚାର୍ଯ୍ୟ ଅକ୍ଷୟ କୁମାର ମହାପାତ୍ର , ପବିତ୍ର କୁମାର ରାଉତରାୟ , ବିନୋଦ କୁମାର ବାରିକ , ସର୍ବେଶ୍ୱର ବେହେରା , ଆଦିତ୍ୟ ସାମନ୍ତରାୟ ଆଚାର୍ଯ୍ୟ ସନ୍ଧ୍ୟାରାଣୀ ବାହିନୀପତି , ମମତା ମିଶ୍ର , ରାଜଲକ୍ଷ୍ମୀ ବଳିୟାରସିଂହ , ରଶ୍ମିପୁରା ପୁରୋହିତ , ପୁଷ୍ପାଞ୍ଜଳୀ ପଟ୍ଟନାୟକ ଓ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ଟାଇଡ଼ିଙ୍ଗସ ।

# ବିଜେଡି ସାଙ୍ଗଠନିକ ବୈଠକ

ନିରାକାରପୁର,(ସବ୍ୟୁ) : ଖୋରଧା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଂପୁର ଗ୍ରା. ପ. ଏବଂ ରାମେଶ୍ୱର ଗ୍ରା. ପ. ରେ ସୋମନାଥ ବଳିୟାରସିଂହ, ସୌରଭ ଶ୍ରୀଚନ୍ଦନ, କାଳୁ ଚରଣ ପରିଡା ଏବଂ ବିନୋଦ ସାମନ୍ତରାୟ, କୁମାର ପଟ୍ଟନାୟକ, ସୁଶୀଲ ମଙ୍ଗରାଜ, ଅଜିତ ସାମନ୍ତରାୟ ପ୍ରମୁଖ ବିଜୁ ଜନତା ଦଳର ସଂଗଠକ ମାନଙ୍କ ଆବାହକତ୍ୱ ରେ ଗୋଡିପଡା ଖଜୁରିଆ ମା’ ବଘେଇ ଠାକୁରାଣୀ ଏବଂ ରାଧାବଲ୍ଲଭ ମଠ ତାଳପଡା ଠାରେ ପଞ୍ଚାୟତ ସ୍ତରୀୟ ବନ୍ଧୁ ମିଳନ ଓ ସାଙ୍ଗଠନିକ ବୈଠକ ରାଜ୍ୟ ବିଜୁ ମହିଳା ଜନତା ଦଳ ବରିଷ୍ଠ ଉପସଭାପତି, ବାସନ୍ତୀ ମହାପାତ୍ର ଙ୍କ ନେତୃତ୍ୱରେ ଇତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉଭୟ ବୈଠକ ରେ ପ୍ରାୟ ୧୭୦ ଏବଂ ୧୩୦ ଜଣ ଯୁବ ଛାତ୍ର ମହିଳା କର୍ମୀ ଯୋଗ ଦେଇଥିଲେ ।

# ୨ଦିନ ହେବ ଚିଲିକା ବୋଇତ ବନ୍ଦାଣ ମହୋତ୍ସବ

ବାଲୁଗାଁ,(ସବ୍ୟୁ): ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ପ୍ରତି ବର୍ଷ ପରି ଚଳିତ ବର୍ଷ ଆସନ୍ତା ୨୬ ଓ ୨୭ ଦୁଇ ଦିନ ବ୍ୟାପି ବାଲୁଗାଁ ଚିଲିକା ତଟରେ ପାରମ୍ପରିକ ବୋଇତ ବନ୍ଦାଣ ମହୋତ୍ସବ ପାଳନ ନିମନ୍ତେ ସ୍ଥିରିକୃତ ହୋଇଛି । ଏହି ପରିପ୍ରେକ୍ଷୀରେ ବାଲୁଗାଁ ଏନଏସି କାର୍ଯ୍ୟାଳୟ ସଭା ଗୃହରେ ଅଧକ୍ଷା ସୁକାନ୍ତି ପାଇକରାୟଙ୍କ ପୌରହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବିଜେଡ଼ି ଯୁବ ସଂଗଠକ ତଥା ନଗରପାଳିକା ପ୍ରତିନିଧି ସନ୍ତୋଷ ପାଇକରାୟ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ୍,ବାଲୁଗାଁ ନଗର ମଣ୍ଡଳ ବିଜେଡ଼ି ସଭାପତି ଜୟନ୍ତ ସ୍ୱାଇଁ, ବଣିକ ସଂଘ ସଭାପତି ରବି ନାରାୟଣ ନାୟକ, କାଳିଯାଇ ମୋଟର ବୋଟ ସଂଘ ସଭାପତି ଲକ୍ଷ୍ମୀଧର ତରାଇ, ସଂପାଦକ କୃଷ୍ଣ ଚନ୍ଦ୍ର ବେହେରା, ବାଲୁଗାଁ ମହାବିଦ୍ୟାଳୟ ଯୁକ୍ତ ଦୁଇ ଅଧକ୍ଷା ଜୟନ୍ତୀ ସାମଲ, ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣା, ସଂସଦ ପ୍ରତିନିଧି ଅକ୍ଷୟ ରଣସିଂହ, ଯୁବନେତା ପ୍ରକାଶ ପ୍ରଧାନ, କାଉନସିଲର ଅଭିମନ୍ୟୁ ସ୍ୱାଇଁ, ଲକ୍ଷ୍ମୀଧର ସେଠୀ, ସୁଜାତା ପଣ୍ଡା, ଅନିତା ସ୍ୱାଇଁ, ମମତା ପଣ୍ଡା, ସ୍ଥାନୀୟ ପୁଲିସ୍ ପ୍ରଶାସନ, ବିଦ୍ୟୁତ୍ ବିଭାଗ, ଅଗ୍ନିଶମ ବିଭାଗ, ସିଡ଼ିଏ, ବନ୍ୟପ୍ରାଣୀ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଏବଂ ସଚେତନ ନାଗରିକ ଯୋଗ ଦେଇ ଏହି ଉତ୍ସବକୁ କିପରି ଶୃଙ୍ଖଳିତ ଏବଂ ସରସ ସୁନ୍ଦର କରାଯାଇପାରିବ ସେ ଦିଗରେ ନିଜ ନିଜର ସୁଚିନ୍ତିତ ମତ ପ୍ରଦାନ କରିଥିଲେ ।

# ଭାନୁମତିର ଗାଁ ପୁସ୍ତକ ଉନ୍ମୋଚିତ

ବାଲିଅନ୍ତା, (ସବ୍ୟୁ) : କବି ପୂର୍ଣ୍ଣଚନ୍ଦ୍ର ମହାରଣା ଙ୍କ ରଚିତ ଭାନୁମତି ର ଗାଁ କବିତା ପୁସ୍ତକ ରବିବାର ପୂର୍ବାହ୍ନ ରେ ସରଦେଇପୂର୍ ଡାକବଙ୍ଗଳା ଠାରେ ଉନ୍ମୋଚିତ ହୋଇଯାଇଛି।ଏହି ପୁସ୍ତକ ରେ କବି ଗାଉଲି ଭାଷା ସହିତ ଗାଁ ର ଏକ ସ୍ୱଷ୍ଟ ଚିତ୍ର ନିଆରା ଢଙ୍ଗରେ ଉପସ୍ଥାପିତ କରିଛନ୍ତି।ଏହି ଉପଲକ୍ଷେ ଏକ ସାରସ୍ୱତ ସଭା ବାଲିପାଟଣା ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ଶିକ୍ଷାବିତ ତଥା ସଂଳାପ ଲେଖକ ଡ୍ ରଜନୀ ରଞ୍ଜନ ଦାଶ,ଶିଶୁ ।ସାହିତ୍ୟିକ ତଥା ସାମ୍ବାଦିକ ବଙ୍କିମ ନାୟକ, ପ୍ରତିଷ୍ଠିତ ସ୍ତମ୍ଭକାର ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ବିଜୟ ଦାସ,ଆରକ୍ଷୀ ଅଧିକାରୀ ସତିଶ ରାୟ,ଗୀତିକାର ଅରୁଣ ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରୀ ମହାରଣାଙ୍କ ସାହିତ୍ୟ ସାଧନାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ ।କବି ବିପିନ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଉନ୍ମୋଚିତ ପୁସ୍ତକର କବିତାକୁ କମଳିନୀ ମଲିକ,ଅଭିମନ୍ୟୁ ନାୟକ ଓ ଅନ୍ୟମାନେ ଆବୃତ୍ତି କରିଥିଲେ। ଅଧ୍ୟାପକ ଭବାନୀ ଶଙ୍କର ଦାଶ,ସାମ୍ବାଦିକ ସୋମନାଥ ସ୍ୱାଇଁ,ଲେଖିକା ତନୟା ଦାସ ଗୋସ୍ୱାମୀ,ସ୍ୱାତୀ ମହାପାତ୍ର ଙ୍କ ସମେତ ବହୁ ସାହିତ୍ୟିକ କାର୍ଯ୍ୟକ୍ରମ ରେ ବକ୍ତବ୍ୟ ରଖିଥିଲେ। ଶେଷରେ ପ୍ରାଚୀଧାରା ସମ୍ପାଦକ ଭଗବାନ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ମହିଳାଙ୍କ ନାମରେ ଠକେଇ : ମାମଲା ରୁଜୁ

ବାଲୁଗାଁ , (ସବ୍ୟୁ) : ବାଣପୁର ଅଞ୍ଚଳର ଜଣେ ମହିଳା ଙ୍କ ନାମରେ ଟଙ୍କା ଠକେଇ ଅଭିଯୋଗ ହୋଇଥିବା ବେଳେ ଅଭିଯୋଗ ଆଧାରରେ ବାଣପୁର ପୋଲିସ ୪୨୦ ଦଫାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।ଅଭିଯୁକ୍ତ ମହିଳା ଜଣଙ୍କ ହେଲେ ବାଣପୁର ତଳ କେନାଲ ରୋଡ଼ରେ ଘର କରି ରହୁଥିବା ଅନୂସୟା ହରିଚନ୍ଦନ ବୋଲି ଜଣାଯାଇଛି। ଅଭିଯୋଗ ମୁତାବକ ବାଣପୁର ଥାନା ଅଞ୍ଚଳର ପ୍ରଭାତ ହରିଚନ୍ଦନ ପରିବାର ପ୍ରତିପୋଷଣ ନିମନ୍ତେ ବିଦେଶରେ ଯାଇ କାମ କରି ଅର୍ଥ ଉପାର୍ଜନ କରୁଥିବା ବେଳେ ପ୍ରଭାତଙ୍କ ପତ୍ନୀ ଅନୂସୟା ତାଙ୍କର ଗୋଟିଏ ପୁଅ ଓ ଝିଅଙ୍କୁ ନେଇ ବାଣପୁର ତଳ କେନାଲ ରୋଡ଼ରେ ଘର କରି ବସବାସ କରନ୍ତି।ଅନୂସୟା ବିଭିନ୍ନ ଲୋକଙ୍କ ଠାରୁ ଟଙ୍କା ଧାର ନେଇ ପରବର୍ତ୍ତୀ ସମୟରେ ଆଉ ଧାର ଟଙ୍କା ନ ଫେରାଇ ନାନା ଧମକ ଚମକ ଦେଇ ଆସୁ ଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଏପରି ସ୍ଥଳେ ବାଣପୁର ଭୁଷ୍କାପଡା ଅଞ୍ଚଳର ଶରତ ଚନ୍ଦ୍ର ମହାନ୍ତି ନାମକ ଜଣେ କାଠ ମିସ୍ତ୍ରୀ ଅନୂସୟାଙ୍କ ଘରେ କାଠ କାମ କରୁଥିଲେ।ଅନୂସୟା ଘର କାମ ଲାଗି ଆବଶ୍ୟକତା ଅଛି କହି ଶରତ ଙ୍କ ଠାରୁ ଟଙ୍କା ଧାର ନେଇ ସ୍ୱାମୀ ବିଦେଶରୁ ଟଙ୍କା ପଠାଇଲେ ଫେରାଇ ଦେବାକୁ କହି ଲକ୍ଷେ ଟଙ୍କା ଧାର ସୂତ୍ରରେ ନେଇ ଥିଲେ। ହେଲେ ଶରତ ଧାର ଟଙ୍କା ବାରମ୍ବାର ମାଗିବା ପରେ ଅନୂସୟା ୫୦ ହଜାର ଟଙ୍କା ଫେରସ୍ତ କରି ଆଉ ମାସେ ପରେ ବାକି ଟଙ୍କା ଫେରାଇ ଦେବେ ବୋଲି କହିଥିଲେ। ହେଲେ ଏକ ମାସ ପରେ ଶରତ ବକେୟା ଟଙ୍କା ବାରମ୍ବାର ମାଗିବା ସତ୍ତ୍ୱେ ଅନୂସୟା ଆଉ ଟଙ୍କା ଫେରାଇ ବାର ନା ଧରୁ ନ ଥିଲେ।ତେବେ ଶରତଙ୍କ ଝିଅର ଡ଼େଲିଭେରୀ ଥିବାରୁ ଅନୁସୟାଙ୍କୁ ଧାର ଟଙ୍କା ମାଗିବାରେ ଅନୂସୟା ଓ ତାଙ୍କ ପୁଅ ରାଜା ଆମେ କି ଟଙ୍କା ଜାଣି ନାହୁଁ କହି ଶରତ ଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଧମକ ମଧ ଦେଇଥିଲେ। ପରବର୍ତ୍ତୀ ସମୟରେ ଶରତ ସ୍ଥାନୀୟ କିଛି ଭଦ୍ର ଲୋକଙ୍କ ସହାୟତାରେ ଅନୁସୟାଙ୍କ ପାଖକୁ ଯାଇ ବକୟା ଟଙ୍କା ପରିଶୋଧ କରିବାକୁ ବହୁ ବୁଝାସୁଝା କରଥିବା ବେଳେ ଅନୂସୟା ୧ ଲକ୍ଷ ଟଙ୍କା ମଧ୍ୟରୁ ଆଉ ୫୦ ହଜାର ଟଙ୍କା ପରିଶୋଧ କରିବାର ଅଛି ବୋଲି ମାନି ଥିଲେ। ହେଲେ ଅନୂସୟା ଅବଶିଷ୍ଟ ଟଙ୍କା ଫେରାଇବାକୁ ଭଦ୍ର ଲୋକଙ୍କୁ ରୋକ୍ ଠୋକ୍ ମନା କରି ଦେଇଥିଲେ। ଶେଷରେ ଅନ୍ୟ ଉପାୟ ନପାଇ ବାଧ୍ୟ ହୋଇ ଶରତ ଏନେଇ ବାଣପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତା ଘଟଣାର ତଦନ୍ତ ଆରମ୍ଭ କରି ବାଣପୁର ଥାନା କେସ୍ ନଂ ୩୯୬/୨୩ ରେ ଅନୁସୂୟା ଓ ତାଙ୍କ ପୁଅ ରାଜାଙ୍କ ବିରୁଦ୍ଧରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ସୁଚନା ମିଳିଛି।

# ବ୍ରାହ୍ମଣୀ ସାଂସ୍କୃତିକ ପରିଷଦର ବାର୍ଷିକ ଅଧିବେଶନ

ଭୁବନେଶ୍ୱର , (ସବ୍ୟୁ) : ବ୍ରାହ୍ମଣୀ ସାଂସ୍କୃତିକ ପରିଷଦର ବାର୍ଷିକ ଅଧିବେଶନ ସ୍ଥାନୀୟ ସତ୍ୟ ବିହାର କାର୍ଯ୍ୟାଳୟରେ ସ୍ଥାୟୀ ସଭାପତି ଡଃ ଚକ୍ରଧର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଅନ୍ୟାନ୍ୟ ବିଷୟ ସହିତ ଆଂଚଳିକ ସ୍ତରରେ ପୁନର୍ବାର ଏକ କମିଟୀ ଗଢା ଯିବା ପାଇଁ ପ୍ରସ୍ତାବ ଗୃହିତ ହେଲା।ଗଦାଧର ମଲ୍ଲିକ ଙ୍କ ଦେହାନ୍ତ ପରେ ଆଞ୍ଚଳିକ କମିଟିକୁ ଭାଙ୍ଗି ଦିଆଯାଇଥିଲା। ନୂତନ କମିଟି ଗଢ଼ା ହେବାପରେ ଆଞ୍ଚଳିକ ସ୍ତରରେ ପୁନର୍ବାର କର୍ଯକର୍ମର କରାଯିବ ।ସାଂସ୍କୃତିକ ପରିଷଦ ନାମରେ ହ୍ୱାଟଅସ ଅପ ଖୋଲି କେହିଜଣେ ତଥ୍ୟ ପ୍ରେରଣ କରୁଥିବାର ନଜରରେ ଆସିବାରୁ ସୋସାଇଟି ଆକ୍ଟ ଅନୁସାରେ ବିହିତ କ୍ରିୟାନୁଷ୍ଠାନ ନିଆଯିବା ପାଇଁ ପତ୍ର ଲେଖାଗଲା। ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହା ଏକ ପୁରୁଣା ରେଜିଷ୍ଟଟ ସଂସ୍ଥା ହୋଇଥିବାରୁ କେହି ଏ ନାମକୁ ବ୍ୟବହାର କରିପାରିବେନି। ,ଡି ଅଧିବୋନରେ ସମସ୍ତ ସ୍ଥାୟୀ ସଦସ୍ୟ ଯୋଗଦେଇ ଥିଲେ ।

(ଶ୍ରୀମଦ୍ଭଗବଦ୍ ଗୀତା ୨/୪୪)

–ସାଂଖ୍ୟଯୋଗଃ–

(ଶ୍ରୀଭଗବାନୁବାଚ)

ଭୋଗୈଶ୍ବର୍ଯ୍ୟପ୍ରସକ୍ତାନାଂ ତୟାପହୃତଚେତସାମ୍ ।
ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧୀୟତେ ॥ ୪୪ ॥

(ଯଦି କହ, କାମିମାନେ କଷ୍ଟକର କାମନାସବୁ ପରିତ୍ୟାଗ କରି ନିଶ୍ଚୟ ବୁଦ୍ଧିକୁ ଆଶ୍ରୟ କରନ୍ତି ନାହିଁ କାହିଁକି ? ସେଥିପାଇଁ କହୁଚନ୍ତି)– ହେ ପାର୍ଥ ! ଯେଉଁ ମୂଢ଼ମାନେ କର୍ମଫଳର ପ୍ରଶଂସାବାଚକ ବେଦବାକ୍ୟରେ ଆସକ୍ତ ଏବଂ (ଏହା ଭିନ୍ନ ଅନ୍ୟ କୌଣସି ଜ୍ଞାତବ୍ୟ ବିଷୟ ନାହିଁ' । ଏପରି କହନ୍ତି, ସେହିସବୁ କାମନାପରାୟଣ, ସ୍ୱର୍ଗାଭିଳାଷୀ ମୂଢ଼ମାନେ ଜନ୍ମ, କର୍ମ ଓ କର୍ମଫଳପ୍ରଦ ଭୋଗୈଶ୍ବର୍ଯ୍ୟର ସାଧକ ଏବଂ ନାନାବିଧ ପ୍ରିୟାବିଶେଷର ବାହୁଲ୍ୟବିଶିଷ୍ଟ ଯେଉଁସବୁ ଆପାତତଃ କର୍ଣ୍ଣସୁଖ ଜନିତ ବାକ୍ୟ ପ୍ରୟୋଗ କରିଥାନ୍ତି, ସେଥିରେ ଅପହୃତଚିତ୍ତ, ଭୋଗୈଶ୍ବର୍ଯ୍ୟରେ ଏକାନ୍ତ ଆସକ୍ତ ବ୍ୟକ୍ତିମାନଙ୍କର କାର୍ଯ୍ୟାକାର୍ଯ୍ୟନିର୍ଣ୍ଣୟକାରିଣୀ ବୁଦ୍ଧି ସ୍ଥିର ହୋଇ ରହେ ନାହିଁ । ॥ ୪୪॥

# ନିର୍ବାଚନ ସଂସ୍କାର

ନିର୍ବାଚନ ଏବଂ ଅନ୍ୟାନ୍ୟ ରାଜନୈତିକ ପ୍ରକ୍ରିୟା ଗୋଟିଏ ଦେଶର ଶାସନ ବ୍ୟବସ୍ଥାର ଗୁଣବତ୍ତା ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ନିର୍ବାଚନ ଗୋଟିଏ ଦେଶର ଦୀର୍ଘକାଳୀନ ଗଣତାନ୍ତ୍ରିକ ବିକାଶରେ ସହାୟକ ହେଇଥାଏ । ଏ କଥା ଆମେ ସମସ୍ତେ ସ୍ୱୀକାର କରିବା ନିଶ୍ଚୟ । ନିର୍ବାଚନ ଯେତିକି ସ୍ୱଚ୍ଛ ଓ ନିରପେକ୍ଷ ହେବ, ଗଣତନ୍ତ୍ର ସେତିକି ଦୃଢ ହେବ । ଆମ ଦେଶରେ ହେଉଥିବା ନିର୍ବାଚନରେ ଅନେକ ସମୟରେ ସ୍ୱଚ୍ଛତା ଓ ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠେ । ନିର୍ବାଚନ ପରେ ଏବଂ ବିଶେଷ ଭାବରେ ନିର୍ବାଚନ ଫଳାଫଳ ଘୋଷିତ ହେବା ପରେ, ରାଜନୈତିକ ଦଳ ନିର୍ବାଚନର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ କରିଥାନ୍ତି । ଏହାକୁ ନେଇ ଆରୋପ–ପ୍ରତ୍ୟାରୋପ ହେଇଥାଏ । କିନ୍ତୁ ଭାରତ ଭଳି ବିଶାଳ ଦେଶରେ, ଆଜି ପର୍ଯ୍ୟନ୍ତ ମୋଟାମୋଟି ଭାବରେ ନିର୍ବାଚନ ସ୍ୱଚ୍ଛ ଓ ନିରପେକ୍ଷ ରହିଆସିଛି । କିଛି କିଛି ସ୍ଥାନରେ ଭୋଟ ରିଂଗିଙ୍ଗ ହେଉଛି ଏବଂ ତାର ପ୍ରତିକାର ସ୍ୱରୂପ କିଛି କିଛି ନିର୍ବାଚନ ବୁଥ୍‌ରେ ସାନି ଭୋଟ ଗ୍ରହଣ କରାଯାଉଛି । ଭୋଟ ଗ୍ରହଣ ପ୍ରକ୍ରିୟାକୁ ପାରୁପର୍ଯ୍ୟନ୍ତ ସ୍ୱଚ୍ଛ କରିବା ପାଇଁ ପ୍ରଶାସନ ଚେଷ୍ଟା କରିଆସିଛନ୍ତି । ଯେଉଁଥିପାଇଁ ହୁଏତ ନିର୍ବାଚନ ପ୍ରକ୍ରିୟା ଉପରେ ଲୋକଙ୍କ ଭରସା ବଢିଛି ଏବଂ ଭୋଟରଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । କିନ୍ତୁ ଏବେମଧ ଭୋଟ ଦାତାଙ୍କ ଏକ ବୃହତ୍ ଅଂଶ ଭୋଟରେ ଯୋଗଦାନ କରୁନାହାନ୍ତି ବା ଭୋଟ ଦେଉନାହାନ୍ତି । ଯାହା ବାସ୍ତବିକ ଦୁଃଖର ବିଷୟ । ଭାରତ ୧୯୬୨ ମସିହାରୁ ଭୋଟରଙ୍କ ସଂଖ୍ୟାରେ ଚାରି ଗୁଣରୁ ଅଧିକ ବୃଦ୍ଧି ପାଇ ଚଳିତ ବର୍ଷ ୯୪.୫ କୋଟିରୁ ଅଧିକ ରହିଛନ୍ତି, କିନ୍ତୁ ସେମାନଙ୍କ ମଧ୍ୟରୁ ପ୍ରାୟ ଏକ ତୃତୀୟାଂଶ ପ୍ରାୟ ଭୋଟ ଦେଉନାହାନ୍ତି । ଦେଶର ପ୍ରଥମ ନିର୍ବାଚନ ୧୯୫୧ରେ ମାତ୍ର ୪୫.୭୪ ପ୍ରତିଶତ ଭୋଟଦାତା ଭୋଟ ଦେଇଥିଲେ ଏବଂ ଗତ ଲୋକସଭା ନିର୍ବାଚନରେ ୬୭.୧ ପ୍ରତିଶତ ଭୋଟ ହାର ଥିଲା । ଏହାର ଅର୍ଥ ଏବେବି ଏକ–ତୃତୀୟାଂଶ ଭୋଟଦାତା ଭୋଟ ଦେଉନାହାନ୍ତି । ସେମାନେ କେମିତି ମତଦାନ ବୁଥକୁ ଆସିବେ ତାହା ଚିନ୍ତାର ବିଷୟ ଏବଂ ଆମକୁ ସେ ନେଇ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ପଡିବ । କେତେକ ତଥ୍ୟ ଅନୁସାରେ ଭୋଟ ଦେଉ ନ ଥିବା ଲୋକଙ୍କ ମଧ୍ୟରେ ଅଧିକାଂଶ ସହରାଞ୍ଚଳର ଭୋଟର, ଯୁବ ଭୋଟର ଏବଂ ପ୍ରବାସୀ ଲୋକ ଅଛନ୍ତି, ଯାହା ଭାରତୀୟ ଭୋଟରଙ୍କ ଏକ ବଡ ଅଂଶ ନିଶ୍ଚୟ । ଏହି ଜନସଂଖ୍ୟାକୁ ମତଦାନ ବୁଥକୁ ଆଣିବାପାଇଁ ନିର୍ବାଚନ କମିଶନ ସଚେତନତା ଅଭିଯାନଠାରୁ ଆରମ୍ଭ କରି ସୁଦୂର ଭୋଟିଂ ପ୍ରଣାଳୀ ଆରମ୍ଭ କରିବା ପର୍ଯ୍ୟନ୍ତ ବହୁମୁଖୀ ଉପାୟ ଅବଲମ୍ବନ କରିଛନ୍ତି ତଥାପି ଆମେ ଲକ୍ଷ୍ୟପଥରେ ପହଞ୍ଚି ପାରିନାହୁଁ । ଆଶା କରାଯାଉଛି, ଆଗାମୀ ଦିନରେ ଆମର ମତଦାନ ହାର ବଢିବ । ଏହି ସଂଖ୍ୟା ଯେତିକି ବଢିବ, ଗଣତନ୍ତ୍ର ସେତିକି ସୁଦୃଢ ହେବ–ଏ କଥା ଆମେ ସମସ୍ତେ ବୁଝିବା ଦରକାର । ଭୋଟ ହାର ବଢାଇବା ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ କିପରି ଅଧିକରୁ ଅଧିକ ଲୋକ ସାମିଲ ହେବେ ସେ ଦିଗରେ ଚେଷ୍ଟା କରିବାରେ ଅନ୍ୟ ଏକ ଅନ୍ତରାୟ ହେଉଛି, ପ୍ରାର୍ଥୀଙ୍କ ଯୋଗ୍ୟତା । ଅନେକ ସମୟରେ ପ୍ରାର୍ଥୀଙ୍କ ଯୋଗ୍ୟତା ମଧ୍ୟ ଅନେକଙ୍କୁ ନିରୁତ୍ସାହିତ କରୁଛି ଭୋଟ ଦେବାପାଇଁ । ପ୍ରତ୍ୟେକ ବ୍ୟକ୍ତି ଚାହେଁ, ତାର ବା ତା ଅଂଚଳର ନେତୃତ୍ୱ ନେଉଥିବା ବ୍ୟକ୍ତି, ଜଣେ ସଚ୍ଚୋଟ, ନିଷ୍ଠାପର ବ୍ୟକ୍ତି ହେବା ଦରକାର । ପ୍ରାର୍ଥୀ ଯେକୌଣସି ଦଳର ହୁଅନ୍ତୁନା କାହିଁକି, ତାଙ୍କର ଅଞ୍ଚଳ, ରାଜ୍ୟ, ଦେଶର ବିକାଶ ନେଇ ସ୍ୱଚ୍ଛ ଦୂରଦୃଷ୍ଟି ରହିବା ଦରକାର । ସେ ଦିଗରେ ସବୁ ରାଜନୈତିକ ଦଳ ଚିନ୍ତାକରିବା ଦରକାର । କିପରି ଦଳକୁ ଭଲ ଲୋକ ଆସିବେ ଏବଂ ସେମାନେ ଦେଶ ସେବାରେ ନିଜକୁ ସମର୍ପିତ କରିବେ, ସେଥିନେଇ ଦଳଗୁଡିକ ଆବଶ୍ୟକ ଯୋଜନା କରିବା ଜରୁରୀ । ଦଳର ଆଦର୍ଶ, ଚିନ୍ତାଧାରା, ଦୂରଦୃଷ୍ଟି ସହ ଭଲ ପ୍ରାର୍ଥୀ ଭୋଟରଙ୍କୁ ଭୋଟ ଦାନ ପାଇଁ ଆକର୍ଷିତ କରିବ । ସେହିପରି ରାଜନୀତିରେ ଅପରାଧୀଙ୍କ ସମ୍ପୃକ୍ତି ମଧ୍ୟ ଏକ ଚିନ୍ତାର କାରଣ ପାଲଟିଛି । ରାଜନୀତିର ଅପରାଧୀକରଣ, କ୍ଷମତାରେ ଥିବା ଜଘନ୍ୟ ଅପରାଧରେ ଜଡିତ ଥିବା ନେତା ଓ ପ୍ରାର୍ଥୀମାନଙ୍କ ପାଇଁ ଅନେକେ ନିଜକୁ ଭୋଟଦାନରୁ ଦୂରେଇ ଦେଉଛନ୍ତି । ତେଣୁ ରାଜନୀତିକୁ ଯେତିକି ସ୍ୱଚ୍ଛ ଏବଂ ଭଲ ଲୋକ ଆସିବେ, ଭୋଟଦାନ ପାଇଁ ଲୋକେ ଆକର୍ଷିତ ହେବେ ବୋଲି କେତେକ ଯୁକ୍ତି କରନ୍ତି । ଗତ ଦୁଇଟି ଲୋକସଭା ନିର୍ବାଚନରେ ପ୍ରାୟ ଏକ ପ୍ରତିଶତରୁ ଅଧିକ ଭୋଟ NOTA ରେ ପଡିଛି । ଏହା ସ୍ପଷ୍ଟ ସୂଚାଉଛି ଯେ' ଏହି ମତଦାତାମାନେ କୌଣସି ବି ପ୍ରାର୍ଥୀ ସପକ୍ଷରେ ଭୋଟ ଦେବାକୁ ଚାହୁଁ ନାହାନ୍ତି । ନିର୍ବାଚନରେ ରାଜନୈତିକ ଦଳର ନେତାମାନେ ବିକାଶକୁ ନେଇ ତାଙ୍କର ଦୂରଦୃଷ୍ଟି ଜନତାଙ୍କ ଆଗରେ ଉପସ୍ଥାପିତ କରନ୍ତୁ । ଧର୍ମ ଓ ଜାତିକୁ ନେଇ ନୁହେଁ, ଯାହା ଦଳ, ଦେଶର ରାଜନୀତି ଓ ନିର୍ବାଚନ ଉପରେ ଲୋକଙ୍କ ଭରସା ବଢାଇବା ସହ ଦେଶର ସଂହତିରେ ଉନ୍ନତି ଆଣିବା ପାଇଁ ସହାୟକ ହେବ ଓ ଗଣତନ୍ତ୍ର ମଜଭୁତ ହେବ । ନିର୍ବାଚନ ସମୟର ଅନ୍ୟ ଏକ ଘୃଣ୍ୟ ଦୃଶ୍ୟ ହେଉଛି, ଗାଁ, ସହର ସବୁଠି, ନିର୍ବାଚନକୁ ଲୋକଙ୍କ ମଧ୍ୟରେ ବିଭାଜନ ସୃଷ୍ଟି, ଯାହା ବିବାଦ ଏବଂ ଅପରାଧର ରୂପ ନେଉଛି । ଏହାଦ୍ୱାରା ପରିବାର ପରିବାର ମଧ୍ୟରେ, ଗାଁ ଗାଁ ମଧ୍ୟରେ, ସାହି ସାହି ମଧ୍ୟରେ ସମ୍ପର୍କ ନଷ୍ଟକରୁଛି । ନିର୍ବାଚନ ଗଣ୍ଡଗୋଳ ଯୋଗୁଁ ଅନେକ ମୃତାହତ ମଧ୍ୟ ହେଉଛନ୍ତି ଏବଂ ବହୁ ସମ୍ପତ୍ତି ମଧ୍ୟ ନଷ୍ଟହେବାର ଉଦାହରଣ ରହିଛି । ଏହା ବାସ୍ତବିକ ଦୁଃଖର ବିଷୟ । ରାଜନୀତି କିପରି ବ୍ୟକ୍ତିଗତ, ଗୋଷ୍ଠିଗତ ଏବଂ ସାମାଜିକ ଜୀବନକୁ ପ୍ରଭାବିତ ନ କରିବ ସେ ଦିଗରେ ଚେଷ୍ଟା କରାଯିବ ଆବଶ୍ୟକ । ରାଜନୈତିକ ଦଳ ଏ ଦିଗରେ ଚିନ୍ତା କରିବା ଆବଶ୍ୟକ ଏବଂ ଏହା ସେମାନଙ୍କ ପାଇଁ ଗୋଟିଏ ଗୁରୁଦାୟିତ୍ୱ ବୋଲି ସେମାନେ ଅନୁଭବ କରିବା ଉଚିତ । କାରଣ ଏହାଦ୍ୱାରା ନିର୍ବାଚନ ପ୍ରକ୍ରିୟା ଏବଂ ରାଜନୈତିକ ଦଳ ଗୁଡିକ ଉପରେ ଲୋକଙ୍କ ଭରସା ବଢିବା ସହ ନିର୍ବାଚନ ପ୍ରକ୍ରିୟାରେ ଲୋକଙ୍କ ଭାଗିଦାରୀ ବୃଦ୍ଧି ପାଇବ ।

ସମ୍ପାଦକୀୟ

# ମନୋସ୍କାମନା

ଏକଦା ଜଣେ ବ୍ୟକ୍ତି ରାସ୍ତାରୁ ଗୋଟିଏ ତାବିଜ ଏବଂ ଏକ ହାତ ଲେଖା ଚିଠ ଥିବା ଏକ ମୁଣି ପାଇଲେ.. ଚିଠିରେ ଲେଖାଥିଲା 'ଏହା ଏକ ଚମତ୍କାରୀ ତାବିଜ । ଯେଉଁ ଲୋକ ଏହାକୁ ପାଇବ, ତାର ଯେ କୌଣସି ତିନିଟି ମନୋସ୍କାମନା ମାଗିବା ମାତ୍ରେ ପୂରଣ ହୋଇପାରିବ । ମାତ୍ର ସାବଧାନ, ଆଜି ପର୍ଯ୍ୟନ୍ତ ଯିଏ'ବି ଏହାର ଉପଯୋଗ କରିଛି ସେ ବହୁ ଅସୁବିଧାରେ ପଡିଛି । କଣ କରିବେ ନକରିବେ ଏପରି ଦ୍ୱନ୍ଦ ଭିତରେ ସେ ନିଜ ଘରେ ପହଁଚିଲେ । ସ୍ତ୍ରୀଙ୍କ ସହ ମନ୍ତ୍ରଣା କରି ପ୍ରଥମ ବର ଭାବରେ ମାଗିଲେ ଏକଲକ୍ଷ ସ୍ୱର୍ଣ୍ଣମୁଦ୍ରା । ତତ୍‌କ୍ଷଣାତ୍ ଦୁଇଜଣ ବ୍ୟକ୍ତି ସେତିକି ପରିମାଣର ସ୍ୱର୍ଣ୍ଣମୁଦ୍ରା ଦେବାପାଇଁ ପହଞ୍ଚିଗଲେ । ଅସଲରେ ସେହି ଦମ୍ପତିଙ୍କର ଏକମାତ୍ର ପୁତ୍ର ରାଜାଙ୍କ ଅଙ୍ଗରକ୍ଷକ ଭାବେ କାର୍ଯ୍ୟ କରୁଥିଲେ । ସେ ରାଜାଙ୍କୁ ଶତ୍ରୁଙ୍କ ଅତର୍କିତ ଆକ୍ରମଣରୁ ବଞ୍ଚାଇବାକୁ ଯାଇ ମୃତ୍ୟୁ ମୁଖରେ ପଡିଲେ । କ୍ଷତିପୂରଣ ବାବଦରେ ତାଙ୍କ ପିତାମାତାଙ୍କୁ ଏହି ଏକଲକ୍ଷ ସ୍ୱର୍ଣ୍ଣମୁଦ୍ରା ମିଳିଥିଲା । ଖବରଟି ସବୁ ଖୁସି, ଆଶା, ଆକାଂକ୍ଷାକୁ କ୍ଷଣକେ ଧୂଳିସାତ କରିଦେଲା । ଦୁଃଖରେ ମ୍ରିୟମାଣ ଦମ୍ପତି ଚିନ୍ତାକଲେ ତାବିଜ ଶକ୍ତି ବଳରେ ଆମ ମୃତ ପୁତ୍ର ଆମ ପାଖକୁ ଫେରି ଆସୁ । ନିମିଷକରେ ଶୁଭିଲା ପୁଅର କୋହଭରା କଣ୍ଠସ୍ୱର । ମାତ୍ର ବିଡମ୍ବନାର ବିଷୟ, ସବ ସତ୍କାର ସରିଥିବାରୁ କେବଳ ପୁତ୍ରର ପ୍ରେତାତ୍ମା ଘରକୁ ଫେରି ଆସିଥିଲା । ଯେତେ ଆତ୍ମୀୟ ସ୍ୱଜନ ହେଲେ ମଧ୍ୟ ମୃତ୍ୟୁ ପରେ ତାଙ୍କ ଭୁତ ସହ ଗୋଟିଏ ଘରେ ରହିବା ମୁସ୍କିଲ । ତେଣୁ ବାଧ୍ୟ ହୋଇ ପ୍ରେତାତ୍ମା ଘରୁ ବାହାରିଯାଉ ବୋଲି ତିନୋଟିରୁ ବଳିଥିବା ଶେଷ ବର ଭାବରେ ତାବିଜକୁ ମାଗିବାକୁ ପଡିଲା । କାହାଣୀ ସହିତ ପ୍ରାୟ ସମସ୍ତଙ୍କ ବାସ୍ତବ ଜୀବନର ସାମଞ୍ଜସ୍ୟ ରହିଛି । ଅନେକ ସମୟରେ ଯେଉଁ ଜିନିଷ ପାଇବା ପାଇଁ ଆମେ ମାତ୍ରାଧିକ ଆଶାୟୀ ହୋଇଥାଉ, ସମୟକ୍ରମେ ତାହା ମିଳିଗଲେ ସେହି ଏକା ଜିନିଷ ଜୀବନକୁ ଦୁର୍ବିସହ କରି ପକାଏ । ଏପରି ଅନେକ ଉଦାହରଣ ରହିଛି, ଯେଉଁଠି ଗରିବ ଲୋକଟିଏ ଧନ ସମ୍ପତ୍ତି ପାଇଁ ସାରା ଜୀବନ ଠାକୁରଙ୍କୁ ପ୍ରାର୍ଥନା କରେ, ମାତ୍ର ସଂଯୋଗ ବଶତଃ ଅଧିକ ଟଙ୍କା ମିଳିଗଲେ ସେହି ଧନ ହିଁ ଜୀବନକୁ ଦୁର୍ବିସହ କରିପକାଏ । କିମ୍ବା କାହାର ମାତ୍ର ପାଞ୍ଚ କିମ୍ବା ଦଶ ମିନିଟ ବିଳମ୍ବ ଯୋଗୁଁ କୌଣସି ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯିବାକୁ ଥିବା ଉଡ଼ାଜାହାଜ ଧରି ହୁଏନି । ଯାତ୍ରୀଟି ନିଜ ଭାଗ୍ୟର ବିଡମ୍ବନା କହି ଛାତି ପିଟୁଥିବା ସମୟରେ ଯଦି ସେହି ବିମାନ ଦୁର୍ଘଟଣାର ଖବର ପହଞ୍ଚେ । ତା'ପରେ ସେହି ଅନିଚ୍ଛାକୃତ ବିଳମ୍ବ ଈଶ୍ୱରଙ୍କର କୃପା ବୋଲି ପ୍ରମାଣିତ ହୁଏ । ଆମେ ଯେବେ'ବି କିଛି ନିଜସ୍ୱ ମନୋକାମନା କିମ୍ବା ଆଶା କରୁ, ତାହା ଆମର ସୀମିତ ବୁଦ୍ଧି ଏବଂ କେବଳ ଅତୀତର ଅନୁଭବ ଉପରେ ପର୍ଯ୍ୟବେସିତ । ସମୟ ଏବଂ ପରିସ୍ଥିତି ସର୍ବଦା ପରିବର୍ତ୍ତନଶୀଳ । ଭବିଷ୍ୟତ ଗର୍ଭରେ କଣ ଲୁଚି ରହିଛି ତାହା ଅନୁମାନ ଲଗାଇବା ଅସମ୍ଭବ । ଈଶ୍ୱରଙ୍କ ସୃଷ୍ଟିର ପ୍ରତିଟି ବ୍ୟବସ୍ଥା ଓ ଘଟଣା ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତର ସାମଗ୍ରିକ ମଙ୍ଗଳ ପାଇଁ ଉଦ୍ଦିଷ୍ଟ । ସେଥିପାଇଁ ଜୀବନରେ ଯେତେବେଳେ ଯାହା ଘଟେ ସେ'ସବୁକୁ ପ୍ରଭୁଙ୍କ କୃପା ଏବଂ ମଙ୍ଗଳକାରୀ ବୋଲି ସାଦରେ ଗ୍ରହଣ କରିବା ବୁଦ୍ଧିମାନର କାର୍ଯ୍ୟ ।

**ଡକ୍ଟର ତପନ କୁମାର ଦାଶ,ଅଧ୍ୟକ୍ଷ, ଦୀକ୍ଷା ମିଶନ,ପିପିଲି, ପୁରୀ**

# ପାଲେଷ୍ଟାଇନ–ଇସ୍ରାଏଲ ବିବାଦ ଅନ୍ତ କାହିଁ ?



ଡକ୍ଟର ଲକ୍ଷ୍ମଣ ସାହୁ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଯିହୁଦୀମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ଦୃଷ୍ଟିରେ ରଖି ବ୍ରିଟିଶ ସରକାର ସେମାନଙ୍କ ଅଧୀନରେ ଥିବା ଆରବ–ପାଲେଷ୍ଟାଇନ ଦେଶରେ ସେମାନଙ୍କ ପାଇଁ ଏକ ପୃଥକ୍ ତଥା ନିରାପଦ ଦେଶ ଯୋଜନା କରିଥିଲେ । ପ୍ରାରମ୍ଭରେ, ଅନ୍ୟ ଦେଶର ଯିହୁଦୀମାନଙ୍କୁ ପାଲେଷ୍ଟାଇନକୁ ଅଣାଯାଇଥିଲା ଏବଂ ସେମାନଙ୍କୁ 'ବସ୍ତିବାସିନ୍ଦା' କୁହାଯାଉଥିଲା । ସେମାନଙ୍କର ସମାଧାନର ଏକ ମୁଖ୍ୟ ଆକର୍ଷଣ । କାରଣ ହେଉଛି ସେମାନଙ୍କର ପବିତ୍ର ସ୍ଥାନ ଯିରୁଶାଲମର ନିକଟବର୍ତ୍ତୀ । ଧୀରେ ଧୀରେ ଏକ ଯିହୁଦୀ ରାଷ୍ଟ୍ର ପ୍ରତିଷ୍ଠା ପାଇଁ ଚାହିଦା ବୃଦ୍ଧି ପାଇବାରେ ଲାଗିଲା । ପ୍ରାୟତଃ ୧୯୩୮ ମସିହାରେ ଏହାକୁ କଂକ୍ରିଟ୍ ଆକୃତି ଦେବାକୁ ଏକ ଦାବି ଥିଲା । ମହାତ୍ମା ଗାନ୍ଧି ଭାରତର ସ୍ୱାଧୀନତା ସଂଗ୍ରାମକୁ କେବଳ ଅହିଂସା ଢଙ୍ଗରେ ପରିଚାଳନା କରୁଥିଲେ, କିନ୍ତୁ ସେ ସେହି ସମୟରେ ସମଗ୍ର ବିଶ୍ୱରେ ଘଟୁଥିବା ପରିବର୍ତ୍ତନ ଓ ଘଟଣା ଉପରେ ମଧ୍ୟ ନଜର ରଖିଥିଲେ । ସେ ଦୋଷ ଆଧାରରେ ଏସିଆର ବିଭିନ୍ନ ଦେଶର ସ୍ୱାଧୀନତା ସଂଗ୍ରାମ, ସାମ୍ରାଜ୍ୟବାଦୀ ଉପନିବେଶବାଦୀ ଲୋକଙ୍କ ସଂଗ୍ରାମକୁ ସମର୍ଥନ କରୁଥିଲେ ।

ପ୍ରଥମ ବିଶ୍ୱଯୁଦ୍ଧ ୧୯୧୮ ମସିହାରେ ଶେଷ ହୋଇଥିଲା ଏବଂ ବ୍ରିଟିଶରମାନେ ପଶ୍ଚିମ ଏସିଆର ଏକ ବଡ଼ ଅଞ୍ଚଳକୁ କବଜା କରିଥିଲେ । ଅବଶିଷ୍ଟ କିଛି ଅଂଶ ଉପରେ ଫ୍ରାନ୍ସ ମଧ୍ୟ ଏହାର ନିୟନ୍ତ୍ରଣ ପ୍ରତିଷ୍ଠା କରିବାରେ ସଫଳ ହୋଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ, ଯେତେବେଳେ ଇସ୍ରାଏଲ ରୂପରେ ଏକ ଯିହୂଦୀ ରାଷ୍ଟ୍ରର ସ୍ୱପ୍ନ ସାକାର ହେବାକୁ ଲାଗିଲା, ମହାତ୍ମା ଗାନ୍ଧି ୧୯୩୯ ନଭେମ୍ବର ୨୬ରେ ତାଙ୍କ 'ହରିଜନ' ପତ୍ରିକାର ସମ୍ପାଦକୀୟ ପ୍ରବନ୍ଧ ମାଧ୍ୟମରେ ଏହି ଅଭିଯାନକୁ ଜୋରଦାର ବିରୋଧ କରିଥିଲେ । ଏହା ହେଉଛି ସେହି ସମୟ ଯେତେବେଳେ ମହମ୍ମଦ ଅଲି ଜିନ୍ନାଙ୍କ ନେତୃତ୍ୱରେ ମୁସଲିମ ଲିଗ୍ ମଧ୍ୟ ଧର୍ମ ନାମରେ ଏକ ଅଲଗା ରାଷ୍ଟ୍ରର ଚାହିଦା ବଢାଉଥିଲା । ଗାନ୍ଧିଙ୍କ ମତ ଅନୁଯାୟୀ, ଯେପରି ଫ୍ରାନ୍ସ ଫରାସୀ ଓ ଇଂଲଣ୍ଡ ଇଂରାଜୀ, ସେହିପରି ପାଲେଷ୍ଟାଇନ ମୂଳ ପାଲେଷ୍ଟାଇନ ବାସିନ୍ଦାଙ୍କର ଅଟେ । ବ୍ରିଟିଶ ବନ୍ଧୁକ କିମ୍ବା ବୋମା ବିପଦରେ ଧର୍ମ ଆଧାରରେ ଯିହୁଦୀମାନଙ୍କୁ ପାଲେଷ୍ଟାଇନରେ ପୁନଃସ୍ଥାପିତ କରାଯାଇପାରିବ ନାହିଁ । ଯଦି ଯିହୁଦୀମାନେ ଏଠାରେ ବସବାସ କରିବାକୁ ଚାହାଁନ୍ତି, ତେବେ ପାଲେଷ୍ଟାଇନୀୟମାନଙ୍କ ଇଚ୍ଛାକୁ ଗ୍ରହଣ କରିବା ଆବଶ୍ୟକ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ବେଳକୁ ଯିହୁଦୀମାନେ ପାଲେଷ୍ଟାଇନର ଏକ ବୃହତ୍ ସମ୍ପ୍ରଦାୟରେ ପରିଣତ ହୋଇଥିଲେ । ସମାନ୍ତରାଳ ପ୍ରଶାସନ, ଯିହୁଦୀ ଏଜେନ୍ସି ଓ ସେମାନଙ୍କର ନିଜସ୍ୱ ମିଲିସିଆ ଗୋଷ୍ଠୀ – ହାଗାନା ଓ ହରଗୁନ୍ ବ୍ରିଟେନ । ବ୍ରିଟେନ ମିଳିତ ଜାତିସଂଘ ନିକଟକୁ ଯାଇ ପାଲେଷ୍ଟାଇନକୁ ଏକ ଆରବ ରାଷ୍ଟ୍ର, ଯିହୁଦୀ ରାଜ୍ୟ (ଇସ୍ରାଏଲ) ଏବଂ ଏକ ଅନ୍ତର୍ଜାତୀୟ ସହର ଯିରୁଶାଲମରେ ବିଭକ୍ତ କରିବା ପାଇଁ ଏକ ଷଡଯନ୍ତ୍ର କରିଥିଲା । କିନ୍ତୁ ଆରବମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ ।

୧୯୪୮ ମସିହାରେ ୟୁଏନଓ (UNO)ର ସହାୟତାରେ ବ୍ରିଟିଶ ଶାସନ ଶେଷ ହେବା ପୂର୍ବରୁ ଏହି ଯିହୂଦୀ ରାଜ୍ୟ ଘୋଷଣା କରାଯାଇଥିଲା । ଏହି ପ୍ରସ୍ତାବ ଅନୁଯାୟୀ ପାଲେଷ୍ଟାଇନର ୫୫ ପ୍ରତିଶତ ଜମି ଇସ୍ରାଏଲ୍ ଦଖଲ କରିଥିବା ଏବଂ ୫୪ ପ୍ରତିଶତ ଜମି ଆରବ ପାଲେଷ୍ଟାଇନବାସୀ ଦଖଲ କରିଥିବା ବିବେଚନା କରାଯାଉଥିଲା । ଅବଶିଷ୍ଟ ଏକ ପ୍ରତିଶତ ଜମି ଯିରୁଶାଲମ ପାଇଁ ସଂରକ୍ଷିତ ଥିଲା । ସୂଚନାଯୋଗ୍ୟ ଯେ ବର୍ତ୍ତମାନର ଯୁଦ୍ଧ ଆରମ୍ଭ ପୂର୍ବରୁ ପାଲେଷ୍ଟାଇନୀୟମାନେ ମାତ୍ର ସାତ ପ୍ରତିଶତ ଜମିର ମାଲିକ ଥିଲେ ।

କହିବାକୁ ଗଲେ ଆଜି ଏସବୁ ପ୍ରଶ୍ନଗୁଡ଼ିକ ପୁରୁଣା ହୋଇଯାଇଛି । ଜାତିସଂଘ (WHO) ଓ ମାନବାଧିକାର ଗୋଷ୍ଠୀ ଇସ୍ରାଏଲର ବର୍ବରତାର ଶିକାର, ମୃତକଙ୍କ ସଂଖ୍ୟା, ଶିଶୁ ଓ ବୃଦ୍ଧଙ୍କ ହତ୍ୟା, ଡାକ୍ତରଖାନା ତଥା ଶିବିର ବିସ୍ଫୋରଣରେ ମୃତ ଓ ଆହତଙ୍କ ଗଣନା କରିବାରେ ସକ୍ରିୟ ଅଛନ୍ତି । ଗାଜା ଷ୍ଟ୍ରିପ୍ ଅଞ୍ଚଳରେ ବହୁ ସଂଖ୍ୟକ ପାଲେଷ୍ଟାଇନୀୟ ଅଛନ୍ତି ଓ ହାମାସ ସଂଗଠନର ସହୃଦୟ ବ୍ୟକ୍ତିଙ୍କ ଏକ ଲମ୍ବା ତାଲିକା ମଧ୍ୟ ଅଛି । ଇସ୍ରାଏଲର ପ୍ରଧାନମନ୍ତ୍ରୀ ସର୍ବସାଧାରଣରେ ଘୋଷଣା କରିଛନ୍ତି ଯେ ସେ ଗାଜା ଷ୍ଟ୍ରିପକୁ ଧ୍ୱଂସ କରି ଶେଷ ଯୁଦ୍ଧ କରିବେ ଓ ଜିତିବେ । ଗାଜା ଉପରେ ହୋଇଥିବା ଆକ୍ରମଣ ଏତେ ଯନ୍ତ୍ରଣାଦାୟକ , ଭୟଙ୍କର ଯେ ଭାରତ ଓ ଆମେରିକା ଜାତିସଂଘର ମହାସଚିବଙ୍କୁ ମାନବିକତା ଦୃଷ୍ଟିରୁ ଇସ୍ରାଏଲର ସମସ୍ତ ସାମରିକ କାର୍ଯ୍ୟକଳାପ ବନ୍ଦ କରିବା ଉଚିତ ବୋଲି କହିଥିଲେ ।

ଇସ୍ରାଏଲ ସହିତ ଶେଷ ଯୁଦ୍ଧ ଗତ ପନ୍ଦର ବର୍ଷ ମଧ୍ୟରେ ପଞ୍ଚମ ଅଟେ । ପ୍ରତ୍ୟେକ ଥର ଇସ୍ରାଏଲ୍ ଏୟାର ଷ୍ଟ୍ରାଇକ୍, ସ୍କୁଲ, ଡାକ୍ତରଖାନା ଓ ସରକାରୀ ଅଟ୍ଟାଳିକା ଭୁଶୁଡ଼ି ପଡ଼ିଛି । ଏକ ବୃହତ୍ ଜନସଂଖ୍ୟା ସେମାନଙ୍କୁ ସମର୍ଥନ କରିବା ପାଇଁ ଆଗେଇ ଆସିଛନ୍ତି । ତାସହିତ, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ଶିଶୁ ଓ ବୟସ୍କମାନଙ୍କ ଉପରେ ଭାର ବହୁତ ବୃଦ୍ଧି ପାଇଛି । ଅବଶ୍ୟ, ଶିଳ୍ପର ଅବସ୍ଥା ଭଲ ନ ଥିବାରୁ ଗାଜା ଦୀର୍ଘସ୍ଥାୟୀ ବେକାରୀ ସମସ୍ୟାରେ ପୀଡିତ । ଅଧିକ ଚିନ୍ତାଜନକ ବିଷୟ ହେଉଛି ଜନସଂଖ୍ୟାର କେବଳ ଏକ ଛୋଟ ବିଭାଗ ଚାକିରି ଖୋଜୁଛି । ବାଇଡେନ ପୂର୍ବରୁ ଟ୍ରମ୍ପ ସରକାରଙ୍କ ଦ୍ୱାରା ବେଞ୍ଜାମିନର ଅନ୍ଧ ସମର୍ଥନ ମଧ୍ୟ ଏହି ଜନଶୁଣାଣିର ଏକ ପ୍ରମୁଖ କାରଣ ଅଟେ । ବାସ୍ତବରେ ଯୁଦ୍ଧ ହେଲେ ଆମେରିକା ଓ ଇସ୍ରାଏଲ ଆକ୍ରମଣାତ୍ମକ ଶିକାର ହୋଇଥାନ୍ତେ ।

ଇସ୍ରାଏଲ୍ ସଂସଦରେ ବେଞ୍ଜାମିନ୍ ଯିହୁଦୀ ରାଜ୍ୟ ସଂକଳ୍ପ ପାରିତ କରିଛନ୍ତି । ଫଳସ୍ୱରୂପ ଇସ୍ରାଏଲରେ ରହୁଥିବା ଅନ୍ୟ ଧର୍ମର ଲକ୍ଷ ଲକ୍ଷ ବାସିନ୍ଦାଙ୍କ ପାଇଁ ଧାର୍ମିକ ଭେଦଭାବ ବୃଦ୍ଧି ପାଇବ । ଏହା ସହିତ ହିବ୍ରୁକୁ ଦେଶର ଜାତୀୟ ଭାଷା ଘୋଷିତ କରାଯାଉଛି । ସଂସଦରେ ପାରିତ ହୋଇଥିବା ଏହି ପ୍ରସ୍ତାବଗୁଡ଼ିକ ମାଧ୍ୟମରେ ଜନସଂଖ୍ୟାର ଏକ ଚତୁର୍ଥାଂଶ ସମସ୍ତ ପ୍ରକାର ମୌଳିକ ଅଧିକାରରୁ ବଞ୍ଚିତ ହେବେ । ଜାତିସଂଘ ଦ୍ୱାରା ଏପର୍ଯ୍ୟନ୍ତ ସ୍ୱୀକୃତିପ୍ରାପ୍ତ ହୋଇନାହିଁ ଏବଂ ସରକାରୀ ସୂଚନାରେ ତେଲ ଆଭିଭ ଏକମାତ୍ର ସରକାରୀ ରାଜଧାନୀ ବୋଲି ଜେରୁଜେଲମକୁ ରାଜଧାନୀ ଘୋଷଣା କରି ଟ୍ରମ୍ପ ତାଙ୍କ ନିର୍ବାଚନରେ ବିଜୟୀ ହୋଇଥିଲେ । ୧୯୬୭ର ଛଅ ଦିନିଆ ଯୁଦ୍ଧ ସମୟରେ, ଇସ୍ରାଏଲ୍ ଇଜିପ୍ଟ, ଲେବାନନ୍ ଓ ସିରିଆର ବଡ଼ ଅଞ୍ଚଳ ଦଖଲ କରିବାରେ ସଫଳ ହୋଇଥିଲା । ଜାତିସଂଘ ଦ୍ୱାରା ସର୍ବସମ୍ମତି କ୍ରମେ ପାରିତ ହେବା ସତ୍ତ୍ୱେ ଇସ୍ରାଏଲ୍ ବେଆଇନ ଉପନିବେଶ ନିର୍ମାଣରେ ବ୍ୟସ୍ତ ଅଛି ।

ବର୍ତ୍ତମାନ ପାଲେଷ୍ଟାଇନ ଓ ପଶ୍ଚିମ ଏସିଆର ବାସିନ୍ଦାଙ୍କ ପାଇଁ ସବୁଠାରୁ ବଡ ଭାବପ୍ରବଣତା ହେଉଛି ଅଲ ଆକସା ମସଜିଦର ଅସ୍ତିତ୍ୱକୁ ନେଇ ସଙ୍କଟ । ସମଗ୍ର ବିଶ୍ୱରେ ମୁସଲମାନମାନେ ଏହି ମସଜିଦକୁ ବହୁତ ସମ୍ମାନର ସହିତ ମନେ କରନ୍ତି । ଏହା ଭବିଷ୍ୟଦ୍‌ବକ୍ତାଙ୍କ ସହ ଜଡିତ ଏକ ଧାର୍ମିକ ପ୍ରତୀକ ଏବଂ ତାଙ୍କ ଦ୍ୱାରରେ ପୂଜାପାଠର ପ୍ରଥମ ମସଜିଦ ଅଟେ । ଛଅ ଦିନିଆ ଯୁଦ୍ଧ ସମୟରେ ଇସ୍ରାଏଲ ମସଜିଦ ଚାରିପାଖରେ ବଡ଼ ଅଞ୍ଚଳକୁ କବଜା କରିବାରେ ସଫଳ ହୋଇଥିଲା ।

ଏହାପୂର୍ବରୁ ମସଜିଦର ରକ୍ଷକ ଭାବରେ ଜୋର୍ଡାନ ଇସଲାମ ଟ୍ରଷ୍ଟ ଏହାର ଯତ୍ନ ନେବାକୁ ଲାଗିଲେ । କିନ୍ତୁ ୧୯୯୪ରେ ଜୋର୍ଡାନ ସହିତ ହୋଇଥିବା ଚୁକ୍ତିନାମା ଅନୁଯାୟୀ ଇସ୍ରାଏଲ ମଧ୍ୟ ଏଠାରେ ଏକ ଭୂମିକା ଗ୍ରହଣ କରିଛି । ଯେଉଁ କାରଣରୁ ଆରବ ସମ୍ପ୍ରଦାୟରେ ବହୁତ କ୍ରୋଧ ରହିଛି । ଏଠାରେ ସୁରକ୍ଷା ବାହିନୀ ନିୟୋଜନକୁ ନେଇ ମଧ୍ୟ ଉତ୍ତେଜନା ଦେଖାଦେଇଛି । ନାମାଜିମାନଙ୍କୁ ଖୋଜା ଯାଇଥାଏ । ମସଜିଦ ପଡିଆ ଅଞ୍ଚଳରେ ନମାଜ ପ୍ରଦାନ ଉପରେ ନିଷେଧାଦେଶ ମଧ୍ୟ ଟେନସନର ଏକ ପ୍ରମୁଖ କାରଣ । ଇସ୍ରାଏଲ ପୋଲିସ ଦ୍ୱାରା ଲଗାଯାଇଥିବା ପ୍ରତିବନ୍ଧକ ଯୋଗୁଁ ପ୍ରତିବର୍ଷ ଇଦ୍ ଅବସରରେ ହିଂସାତ୍ମକ ଘଟଣା ଏକ ରୀତିନୀତିରେ ପରିଣତ ହୋଇଛି ।

ଯୁଦ୍ଧ ଦୀର୍ଘ ସମୟ ଧରି ଲାଗି ରହିବାର ସମ୍ଭାବନା ଅଛି । ଇସ୍ରାଏଲ୍ ପୂର୍ବ ଯେରୁଶାଲମର ଏକ ବଡ଼ ଅଂଶ ଦଖଲ କରିବାର ପ୍ରୟାସ ହେଉଛି ଏହାର କାରଣ । ଯଦିଓ ଜେରୁଜେଲମ୍ ୧୯୪୮ ପରଠାରୁ ଏକ ଆନ୍ତର୍ଜାତୀୟ ସହର ହୋଇଆସୁଛି । ରାଜଧାନୀ ଘୋଷିତ ହେବା ପରେ ନ୍ୟାୟ ତଥା ମାନବିକ ଅଧିକାରର ସୁରକ୍ଷା ପାଇଁ ଆରମ୍ଭ ହୋଇଥିବା ସଂଗ୍ରାମ ବର୍ତ୍ତମାନ ଧାର୍ମିକ ବିବାଦର ଶିକାର ହୋଇଛି । ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣ ବାହାରେ । ପାଲେଷ୍ଟାଇନକୁ ଏକ ସ୍ୱାଧୀନ ରାଷ୍ଟ୍ର ଭାବରେ ସ୍ୱୀକୃତି ଦେଇଥିବା ଆରବ ଦେଶ ପରେ ଭାରତ ହେଉଛି ପ୍ରଥମ ଦେଶ । ପାଲେଷ୍ଟାଇନ ଆନ୍ଦୋଳନ ପୂର୍ବ ପରି ଆଉ ଶକ୍ତିଶାଳୀ ନୁହେଁ । ୟାସିର ଆରାଫାଟଙ୍କ ସମୟରେ ଏହା ବ୍ୟାପକ ଥିଲା । ତୃତୀୟତଃ ବିଶ୍ୱର ସମସ୍ତ ବଡ ନେତାମାନେ ଧାଡିରେ ରହି ପାଲେଷ୍ଟାଇନ ସହିତ ଠିଆ ହୋଇଥିଲେ । ସେମାନଙ୍କ ମଧ୍ୟରେ ପଣ୍ଡିତ ନେହେରୁ, ଚୋ ଏନ୍–ଲାଇ, ଅବଦୁଲ ଗୁଲାମ ନାସିର, ମାର୍ଶଲ ଟିଟୋ ନକ୍ରୁମା ଓ ସୁକର୍ଣ୍ଣ ଇତ୍ୟାଦି ପ୍ରମୁଖ ଥିଲେ । ଯଦିଓ ଶାନ୍ତିପୂର୍ଣ୍ଣ ମାଧ୍ୟମରେ ଅନେକ ସମସ୍ୟାର ସମାଧାନ ହୋଇସାରିଛି । ତଥାପି ପାଲେଷ୍ଟାଇନ ଯୁବକମାନଙ୍କର ଏକ ବଡ଼ ବିଭାଗ ହାମାସ ସମର୍ଥକ ହୋଇପାରିଛନ୍ତି । ପ୍ରାୟତଃ ସମସ୍ତ ଆରବ ଦେଶ ମିଳିତ ହୋଇ ଘାଜାରେ ହେଉଥିବା ଜନ ଶୁଣାଣିକୁ ରୋକିବାକୁ ଚେଷ୍ଟା କରୁଛନ୍ତି । ତେଣୁ ଇରାନ ଓ ତୁର୍କୀ ସମେତ ଅନେକ ରାଜ୍ୟ ହାଇପରାକ୍ଟିଭିଟି ଦେଖାଇଛନ୍ତି । ଯେମିତି ଲାଗୁଛି ଯେ ଏ ଯୁଦ୍ଧ ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହିବ, ତା'ର ସମାପ୍ତି କେବେ ଘଟିବ କଳନା କରିବା ସମ୍ଭବ ନୁହେଁ, ବରଂ ସମୟ ହିଁ କହିବ...!!!

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ**
**ମୋ–୯୦୪୦୧୫୧୪ ୭୫**

# ଏକ ସ୍ୱର୍ଣ୍ଣିମ ଭବିଷ୍ୟ ମାର୍ଗରେ...



ନଗେନ୍ଦ୍ର ନାଥ ପଟ୍ଟନାୟକ

ବ୍ୟକ୍ତିଗତ, ପାରିବାରିକ ତଥା ବ୍ୟାବସାୟିକ ଜୀବନରେ ସଫଳତା କିଏ ବା ସାଉଁଟିବାକୁ ଆକାଂକ୍ଷା ନ କରେ । ଇହକାଳରେ ଏ ଜାଗତିକ ସଂସାରର ପ୍ରତିଟି କୋଣ ଅନୁକୋଣରେ ଏଭଳି ଲୋକ ଅଛନ୍ତି ଯିଏକି କୌଣସି ଏକ ମହତ୍ତ୍ୱପୂର୍ଣ୍ଣ ତଥା ଇପ୍‌ସିତ ଲକ୍ଷ୍ୟ କିପରି ହାସଲ କରିବ ଆଉ ନିଜେ ସର୍ବଶ୍ରେଷ୍ଠ ହେବାର ମାର୍ଗରେ ପ୍ରଗତି କରିବ ସେକଥା ଅହର୍ନିଶ ମନେ ମନେ ବିଚାରି ଚାଲେ । ନିଜସ୍ୱ ହୃଦୟ ଓ ଆତ୍ମାର ନିଭୃତ ଗଭୀରତାରେ ସେଇ ନିଗୂଢ ରହସ୍ୟ ଅନେକ ଲୋକଙ୍କୁ ଉପଲବ୍ଧ ହୋଇଯିବ, ଯାହା ସେମାନଙ୍କୁ ଗଗନଚୁମ୍ବୀ ସଫଳତା ଦିଗ ଆଡେ ପ୍ରେରିତ କରିପାରିବ । କିନ୍ତୁ ଏମାନଙ୍କ ଭିତରୁ ଅଧିକାଂଶ କେବଳ ଭାବନା ରାଇଜରେ ବୁଡିରହନ୍ତି, ସୁନେଲି ସ୍ୱପ୍ନରେ ବିଭୋର ହୋଇଯାନ୍ତି ଏବଂ ଅଭିଳାଷ, ଅଭିପ୍‌ସା ପୋଷଣ କରନ୍ତି । ପୁଣି ଦିନେ ସେମାନଙ୍କୁ ଚକ୍ଷୁଯୁଗଳ ଉନ୍ମୁକ୍ତ ହୋଇଯାଏ ଏବଂ ସେମାନେ ନିଜକୁ ଯେନତେନ ପ୍ରକାରେ ଆବିଷ୍କାର କରନ୍ତି ।

ଜୀବନରେ ନିରୂପିତ ଲକ୍ଷ୍ୟ ଯାହାହେଉ ପଛକେ ପ୍ରତ୍ୟେକ ବ୍ୟକ୍ତି କୌଣସି ନା କୌଣସି ପ୍ରକାରେ ସୁଖସନ୍ତୋଷ କାମନା କରନ୍ତି ,କୌଣସି ନା କୌଣସି ପ୍ରକାରେ ସଫଳତା ହାସଲ କରିବା ଲାଗି ସେମାନଙ୍କ ମନରେ ବଳବତୀ ଇଚ୍ଛା ଜାଗିଉଠେ । ଖୁସୀ, ଆହ୍ଲାଦିତ ରହିବା, ସୁସ୍ଥ ନିରୋଗ ରହିବା, ସମୃଦ୍ଧଶାଳୀ ହେବା ବା ଜୀବନର ସଚ୍ଚା ସମୃଦ୍ଧିର ଆନନ୍ଦ ଉପଭୋଗ କରିବା ମାନବର ସର୍ବବ୍ୟାପୀ କାମନା । ଏହି ଆଭ୍ୟନ୍ତରୀଣ ପ୍ରେରଣା ସବୁ ଆମକୁ କର୍ମ ନିଷ୍ପାଦନ କରିବା ନିମନ୍ତେ ଅନୁପ୍ରେରିତ କରନ୍ତି ।

ଆମଠୁ ଉର୍ଦ୍ଧ୍ୱରେ ହେଉକି ନିମ୍ନସ୍ତରରେ ସେଇ ଅବସର ଆମ ପାଖେ ରହିଛି ଯାହା ଅନ୍ୟମାନଙ୍କ ହାତମୁଠାରେ ଥାଏ । ତେବେ ଏହି ପରିପ୍ରେକ୍ଷୀରେ ପ୍ରଶ୍ନ ଉଙ୍କିମାରେ, ଜଣେ ବ୍ୟକ୍ତି ସଫଳ ଏବଂ ଅନ୍ୟ ଜଣେ ବିଫଳ କାହିଁକି ହୋଇଯାଉଛି ? କାରଣ ବେଳେବେଳେ ସଫଳତାର ନିୟମବଳୀ ଏତ ସରଳ ଓ ସୁସ୍ପଷ୍ଟ ଯେ ବ୍ୟସ୍ତତା ଓ ଅନ୍ଧ ଧାଁଧପଡ ଭରା ଜୀବନରେ ମନୁଷ୍ୟ ସେସବୁକୁ ନଜରଅନ୍ଦାଜ କରିଦେଉଛି । ପରନ୍ତୁ ଯଦି ଆମେ ଅନ୍ୱେଷଣ କରିବା ତେବେ ତାହା ଆମକୁ ଉପଲବ୍ଧ ହୋଇପାରିବ । ତେବେ କିଛି ପ୍ରାପ୍ତି ପାଇଁ ସର୍ବପ୍ରଥମେ ଆମକୁ ମନରେ ପ୍ରବଳ ଇଚ୍ଛା ଜାଗ୍ରତ ହେବା ଆବଶ୍ୟକ । କାରଣ ଏହା ସମଗ୍ର ମାନବୀୟ ଉପଲବ୍ଧିର ପ୍ରାରମ୍ଭିକ ବିନ୍ଦୁ । ଇପ୍‌ସାସାଙ୍ଗକୁ ମହତ୍ତ୍ୱାକାଂକ୍ଷା ତଥା ପ୍ରୟାସ ମଧ୍ୟ ରହିବା ବାଞ୍ଛନୀୟ । ସେତେବେଳେ ଯାଇସବୁ ମନୁଷ୍ୟ କର୍ମସମ୍ପାଦନ କରିବାରେ ଅନୁପ୍ରେରିତ ତଥା ପ୍ରୋତ୍ସାହିତ ହୋଇପାରିବେ ।

ବ୍ୟକ୍ତିଗତ ଅନୁଭବ ସୂଚାଇ ଦିଏ ଯେ କିଶୋର ହେଉ ବା ବୟସ୍କ ପ୍ରତ୍ୟେକ ବ୍ୟକ୍ତିର ନୂତନ ନିର୍ଣ୍ଣୟରୁ ବିଚାରର ଏହି ପ୍ରକ୍ରିୟା ଆରମ୍ଭ ହୁଏ । ପରବର୍ତ୍ତୀ କାଳରେ ବୈକ୍ତିକ ଜୀବନ ଉପରେ ଏହାର ଅଭୁତପୂର୍ବ ପ୍ରଭାବ ପଡିଥାଏ । କେବଳ ସିଦ୍ଧାନ୍ତ ଗ୍ରହଣ କରିବା ଯଥେଷ୍ଟ ନୁହେଁ, ନିର୍ଣ୍ଣୟନେବା ପରେ ତାକୁ କାର୍ଯ୍ୟରେ ପରିଣତ କରିବାକୁ ହେବ । ଅବଶ୍ୟ ଏକଥା ଅନସ୍ୱୀକାର୍ଯ୍ୟ ଯେ କର୍ମବିନା ଉତ୍ତମ ସିଦ୍ଧାନ୍ତ ନିରର୍ଥକ । କାରଣ ମେହନତ୍ ବିନା ଇପ୍‌ସା ବା ଇଚ୍ଛା ମରିଯାଏ । ସଫଳତା ପ୍ରୟାସରତ ବ୍ୟକ୍ତିଙ୍କୁ ଉପଲବ୍ଧ ହୁଏ । ତେଣୁ ଯୋଉଠି ପରାଭବ ପାଇଁକିଛି ନଥାଏ ଏବଂ ସାଫଲ୍ୟ ହାସଲ କରିବା ପରିବହୁତ କଛି ଉପଲବ୍ଧ ହେବାର ସମ୍ଭାବନା ଉଙ୍କିଳି ଉଠେ ସେଇଠି ପୂରାଦମ୍‌ରେ ପ୍ରଚେଷ୍ଟା ଜାରି ରଖିବାକୁ ହେବ ।

କୌଣସି ବି କ୍ଷେତ୍ରରେ ଜିତାପଟ ହାସଲ କରିବା ଅଥବା ସଫଳତା ସାଉଁଟିବା ନିମନ୍ତେ ହାଡଭଙ୍ଗା ଶ୍ରମ କରିବାକୁ ପଡିବ । ତେଣୁ ପ୍ରୟାସ କରିବା ,ପ୍ରଯତ୍ନଶୀଳ ହେବା ଓ ନିରନ୍ତର ଉଦ୍ୟମ ଜାରିରଖିବାକୁ ହେବ– ଏ ନିୟମର କଡାକଡି ଅନୁପାଳନରେ ଅଗ୍ରସହ ହେଲେ ଆମେ କୌଣସି କ୍ଷେତ୍ରରେ ସାଫଲ୍ୟ ହାସଲ କରିପାରିବା । ଆମେ ଯଦି ଠିକଣା ସମୟରେ ସଠିକ୍ କାମ ନିଷ୍ପାଦନକୁ ଅଭ୍ୟାସ୍‌ରେ ପକାଇବା ଏବଂ ଉଚିତ୍ ତଥା ସତ୍‌ମାର୍ଗରେ ମେହନତ୍ କରିବା ତେବେ ଆମେ ସେ କ୍ଷେତ୍ରରେ ସଫଳତା ହାତେଇ ନେବା । ସେତେବେଳେ ଯାଇ ଆମକୁ କାମରେ ଆନନ୍ଦ ମିଳିବ । ପୁନଶ୍ଚ ସେଇକାମ କାମରେ ନ ରହି ଆନନ୍ଦର ବିଷୟ ବନିଯାଏ ।

ଉପସଂହାରରେ ଏତିକି କୁହାଯାଇପାରେ ଯେ ଜୀବନରେ କୌଣସି ବି କ୍ଷେତ୍ରରେ ସଫଳତା ପ୍ରାପ୍ତି ନିମନ୍ତେ କର୍ତ୍ତବ୍ୟ–କର୍ମ ନିଷ୍ପାଦନର ଇଚ୍ଛା ବା ପ୍ରରଣା, ତାକୁ ପ୍ରାପ୍ତ କରିବାର ସଠିକ୍ ତରିକା ଏବଂ ଜ୍ଞାନ ଅତ୍ୟନ୍ତ ଆବଶ୍ୟକ । ଏହାଦ୍ୱାରା କର୍ମକୁ ବାସ୍ତବ ଦିଶା ମିଳିଯାଏ । କର୍ମସମ୍ପାଦନ କରିବା ସାଙ୍ଗକୁ ସେ ଦିଶାରେ ଅବରତ ପ୍ରୟାସ ଓ କଠିନ ପରିଶ୍ରମର ଆବଶ୍ୟକତା ରହିଛି । ଆମେ ଯେବେ ଏହାର ଉଚିତ୍ ଅର୍ଥକୁ ହୃଦୟଙ୍ଗମ କରିବା ଆମେ ଏକ ସ୍ୱର୍ଣ୍ଣିମ ଭବିଷ୍ୟମାର୍ଗରେ ଆଗୁସାର ହେବା ।

**ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,**
**ଓଡିଶା ସରକାର**
**ଓସ୍କାରସିଟି, ଲକ୍ଷ୍ମୀସାଗର କେନାଲ ରୋଡ୍,**
**ଭୁବନେଶ୍ୱର,ମୋ–୯୪୩୮୩୩୨୧୩୮**

# ସର୍ବେ ଭଦ୍ରାଣି ପଶ୍ୟନ୍ତୁ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

କ୍ଷମା, ସହିଷ୍ଣୁତା, ଦୟା, ପ୍ରେମ, ଶ୍ରଦ୍ଧା ଓ ବିଶ୍ୱାସ ଇତ୍ୟାଦି ଭଗବତ୍ ପ୍ରଦତ୍ତ ଗୁଣ । ଏହି ସଦ୍‌ଗୁଣର ଆଲୋକରେ ଆଲୋକିତ ବ୍ୟକ୍ତି ଦେବତା ବା ଦୀପ୍ତିମାନ୍ ସତ୍ତା ଭାବରେ ପୂଜିତ ଓ ବିଶ୍ୱବନ୍ଦିତ । ଏମାନେ ସମାଜର ପଥପ୍ରଦର୍ଶକ ଓ ମାର୍ଗଦର୍ଶକ । ଏହି ପ୍ରସଙ୍ଗରେ ଯୁଗାବତାର ପୁରୁଷୋତ୍ତମ ଭଗବାନ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ପୁସ୍ତକ ସତ୍ୟାନୁସରଣରେ ଉଲ୍ଲେଖ କରିଛନ୍ତି – ସହିଷ୍ଣୁତା ମାନେ ପଳାୟନ ନୁହେଁ, ବରଂ ପ୍ରେମର ସହିତ ଆଲିଙ୍ଗନ । ଯେଉଁ ସାଧନା କଲେ ହୃଦୟରେ ପ୍ରେମ ଆସେ ତାହା ହିଁ କର, ଆଉ ଯେଉଁଥିରେ କ୍ରୂରତା, କଠୋରତା ଓ ହିଂସା ଆସେ, ତାହା ଆପାତତଃ ଲାଭଜନକ ହେଲେ ମଧ୍ୟ ତା'ପାଖକୁ ଯାଅନାହିଁ । ତୁମେ ଯଦି ଏପରି ଶକ୍ତି ଲାଭ କରିଥାଅ ଯାହାଦ୍ୱାରା ଚନ୍ଦ୍ରସୂର୍ଯ୍ୟ କକ୍ଷଚ୍ୟୁତ କରିପାର, ପୃଥିବୀ ଭାଙ୍ଗି ଟୁକୁରା ଟୁକୁରା କରିଦେଇପାର ବା ସମସ୍ତଙ୍କୁ ଐଶ୍ୱର୍ଯ୍ୟଶାଳୀ କରିଦେଇପାର, କିନ୍ତୁ ତୁମ ହୃଦୟରେ ଯଦି ପ୍ରେମ ନଥାଏ ତେବେ ତୁମର କିଛି ମଧ୍ୟ ହୋଇନାହିଁ । ପ୍ରେମକୁ ପ୍ରାର୍ଥନା କର, ଆଉ ହିଂସାକୁ ଦୂରରୁ ପରିହାର କର, ଜଗତ ତୁମ ଆଡ଼କୁ ଆକୃଷ୍ଟ ହେବ । ସନ୍ଦେହର ନିରାକରଣ କର, ଆଉ ବିଶ୍ୱାସର ସିଂହାସନରେ ଭକ୍ତିକୁ ବସାଅ, ହୃଦୟରେ ଧର୍ମରାଜ୍ୟ ସଂସ୍ଥାପିତ ହେଉ । ଭକ୍ତକବି ମଧୁସୂଦନ ରାଓ କହିଲେ – ବୈକୁଣ୍ଠ ସମାନ ଆହା ଅଟେ ସେହି ଘର ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର । ବ୍ୟକ୍ତି, ଦମ୍ପତି, ପରିବାର, ସମାଜ, ଦେଶ ଓ ରାଷ୍ଟ୍ର ମଧ୍ୟରେ ସହିଷ୍ଣୁତା ହିଁ ହେଉଛି ଶାନ୍ତି ରାଜ୍ୟର ଚାବିକାଠି ।

ଜଗତର ସମସ୍ତ ଅଶାନ୍ତିର ମୂଳ ହେଉଛି ଏହି ଅସହିଷ୍ଣୁତା ଓ ଅପ୍ରେମ । ଯୁଗାବତାର ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ପ୍ରସଙ୍ଗରେ ବଜ୍ର ନିର୍ଘୋଷ କଣ୍ଠରେ ଉଲ୍ଲେଖ କଲେ – କ୍ଷମା କରିବାକୁ ହୁଏ ଏଭଳି ଭାବରେ ଯାହାଦ୍ୱାରା କ୍ଷତିର ପଥରୁଦ୍ଧ ହୁଏ । ଜଣେ ନରହନ୍ତାକାରୀକୁ ଯଦି କ୍ଷମା କରିବାକୁ ହୁଏ, ତେବେ ତାକୁ ଏପରି ଭାବରେ ଅନୁତପ୍ତ କରି ଉଠାଇବାକୁ ହେବ, ଯାହାଦ୍ୱାରା ସେ ପୁନରାୟ ନରହତ୍ୟା କରିବା ଅସମ୍ଭବ ହୋଇଉଠେ । ଭଗବାନ ଆମ୍ଭମାନଙ୍କୁ ଯେଉଁ ସ୍ୱାଧୀନ ଇଚ୍ଛାଶକ୍ତି ଦେଇଛନ୍ତି ତାହାକୁ ନେଇ ଆମ୍ଭେମାନେ ଯେତେବେଳେ ପ୍ରବୃତ୍ତିର ଅଧୀନ ହୋଇପଡୁ, ଈଶ୍ୱରଙ୍କ ସେବା ନକରି ପ୍ରବୃତ୍ତିର ସେବା କରୁ ସେତେବେଳେ ସନ୍ଦେହ ସୃଷ୍ଟି ହୁଏ । ଭଗବାନଙ୍କ ରାଜ୍ୟରେ ସବୁ ସୁନ୍ଦର, ଅସୁନ୍ଦର କିଛି ନାହିଁ । ଅସୁନ୍ଦର ବା ଅସହିଷ୍ଣୁତା ହୁଏ ଆମ୍ଭମାନଙ୍କର ପ୍ରୟୋଗର ଦୋଷରେ । ଈଶ୍ୱର ବା ଗୁରୁଙ୍କ ପ୍ରତି ବୃତ୍ତିଭେଦୀ ଆକର୍ଷଣ ଯେତେବେଳେ କୃଶ ହୋଇଉଠେ, ସେତେବେଳେ ଅସହିଷ୍ଣୁତା ବା ଅପ୍ରେମ ଆମ୍ଭମାନଙ୍କୁ ଗ୍ରାସ କରେ । ଭ୍ରାନ୍ତି ସେତେବେଳେ ଆସେ, ଯେତେବେଳେ ଉତ୍ସବିମୁଖ ଚଳନ ଆମ୍ଭମାନଙ୍କୁ ପାଇବସେ । ତେଣୁ ଅସହିଷ୍ଣୁତା, ଅପ୍ରେମ, ପରଶ୍ରୀକାତରତା, ହିଂସା, ଦ୍ୱେଷ, କ୍ଷୁଦ୍ର–ମାନସିକତା ଓ ବୃତ୍ତି ମୁଖୀନତା ଇତ୍ୟାଦି ପ୍ରବୃତ୍ତି ସୃଷ୍ଟ । ବୃତ୍ତି–ପ୍ରବୃତ୍ତିର ଉର୍ଦ୍ଧ୍ୱରେ ବାସ କରୁଥିବା ଜୀବନ, ଚେତନା, ଜ୍ଞାନ, ବିଜ୍ଞାନ, ଆନନ୍ଦ, ଶାନ୍ତି ଓ ପ୍ରେମର ଅବତାର ସଦ୍‌ଗୁରୁଙ୍କ ପାଖରେ ଶରଣାପନ୍ନ ହିଁ ଏହି ସମସ୍ୟାର ସମାଧାନ । କଲ୍‌କୀ ବିଗ୍ରହ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ – ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର ଓ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କରି କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଆଉ ଭାବିବାକୁ ହେବନାହିଁ । ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ଶୁଣିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କର ହୁକୁମ ପାଇଲେ ଆନନ୍ଦ, ତାଙ୍କର ଆଦରରେ ଆନନ୍ଦ, ଅନାଦରରେ ମଧ୍ୟ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଛୁଳି ଉଠେ, ମୁଁ ନିଶ୍ଚୟ କହୁଛି, ତୁମର ଉନ୍ନୟନ ନିମିତ୍ତ ଆଉ ଭାବିବାକୁ ହେବନାହିଁ । 'ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା, ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିତ୍ ଦୁଃଖଭାଗ୍‌ଭବେତ୍ ।'

**ସହ–ପ୍ରତିରକ୍ଷିକ ଓ ପ୍ରଫେସର,**
**ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**

# କରାଟେ ଚମ୍ପିଆନସିପ୍ ପାଇଁ ଯୋଗ୍ୟ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା



କରଞ୍ଜିଆ , (ସବ୍ୟୁ) :ଜାତୀୟ କରାଟେ ଓ ଜୋନାଲ ସ୍ତରୀୟ କରାଟେ ଚମ୍ପିଆନସିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା କରଞ୍ଜିଆ କରାଟେ ଏକାଡେମୀରେ ଶିକ୍ଷାରତ ଥିବା ଛାତ୍ର ଛାତ୍ରୀ ମାନଙ୍କୁ ଗତ ୧୪ ତାରିଖ ଦିନ ଟାଉନ କ୍ଲବ ଠାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।ଏହି ସମ୍ବର୍ଦ୍ଧନା ସଭାର ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷ ସ୍ୱରୁପ କୁମାର ପରିଜା, ସମ୍ମାନିତ ଅତିଥି ଭାବେ ୩ ନମ୍ବର ୱାର୍ଡ କାଉନସିଲର ତଥା ବରିଷ୍ଠ ଆଇନଜୀବୀ ବିଶ୍ୱଜିତ ଚୌଧୁରୀ ଯୋଗଦାନ କରି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ତେବେ ଆସନ୍ତା ୧୮ ଓ ୧୯ତାରିଖରେ ନୂଆଦିଲ୍ଲୀର ତାଲକାଟୋରା ଇଣ୍ଡୋର ଷ୍ଟାଡିୟମ ଠାରେ ଜାତୀୟ କରାଟେ ଚମ୍ପିଆନସିପ୍ ଅନୁଷ୍ଠିତ ହେଉଛି। ଏହି ପ୍ରତିଯୋଗିତା ପାଇଁ ଶୃତିରେଖା ସୋଏ, ଜିଜ୍ଞାସା ଜ୍ୟୋର୍ତିମୟୀ ପାତ୍ର ଓ ବୈଭବ କୁମାର ମହାନ୍ତ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ଜୋନାଲ ସ୍ତରୀୟ ଚମ୍ପିଆନସିପ୍ ପାଇଁ ଆରିୟାନ୍ତ କୁମାର ମହାନ୍ତ ଯୋଗ୍ୟତା ଅର୍ଜନ କରିଛନ୍ତିଛ ସେମାନଙ୍କୁ ପ୍ରଶିକ୍ଷକ ଭାବେ ଆଶିଷ ରଞ୍ଜନ ମହାନ୍ତ, ଉମାବତୀ ପାତ୍ର, ପ୍ରମୋଦ କୁମାର ମହାନ୍ତ ପ୍ରଶିକ୍ଷଣ ପ୍ରଦାନ କରୁଥିଲେ। ତେବେ କରଞ୍ଜିଆର ଏହି ପ୍ରତିଯୋଗୀ ମାନେ ଜାତୀୟ ସ୍ତରରେ ଏହି ପରି କୃତିତ୍ୱ ଅର୍ଜନ କରୁଥିବାରୁ ଅନେକ ଅଭିଭାବକ କରାଟେ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି।ସେମାନେ କରଞ୍ଜିଆ କରାଟେ ଏକାଡେମୀର ପ୍ରଶିକ୍ଷକ ଏଂ ଯୋଗ୍ୟ ବିବେଚିତ ଛାତ୍ର ଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଯେପରି ଜାତୀୟ ଚମ୍ପିଆନସିପ୍ ଜିତି ଫେରନ୍ତି ସେଥିଲାଗି ଆଶିଷ ପ୍ରଦାନ କରିଛନ୍ତି ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଶୂନ୍ୟମଣ୍ଡପରୁ ଆରମ୍ଭ ହେଲା ସୋର-କୁପାରୀ ମାରାଥନ ରେସ୍

ଖଇରା,(ସବ୍ୟୁ): ପରିବେଶ ସଚେତନତା ପାଇଁ ଲୋକଟିଏ-ଗଛଟିଏ ବାର୍ତ୍ତାନେଇ ସୋର ମାରାଥନ କମିଟି ପକ୍ଷରୁ ବୃତ୍ତାନ୍ତ ହୋଇଥିବା ସୋର-କୁପାରୀ ମାରାଥନ ଶନିବାର ଦିନ ଖଇରା ବ୍ଲକର ଐତିହାସିକ କୁପାରୀ ଶୁନ୍ୟମଣ୍ଡପରୁ ଶୁଭାରମ୍ଭ ହୋଇଛି । ଏହି ଅବସରରେ ଜିଲ୍ଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶରତ କୁମାର ବିଶ୍ୱାଳ,ଅଧ୍ୟାପକ ଲିଙ୍ଗରାଜ କର,ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଦାସ,ସମିତି ସଭ୍ୟ ଅକ୍ଷୟ କୁମାର ଜେନା,ବରିଷ୍ଠ ନାଗରିକ ଭଗବାନ ସାହୁ,ରତ୍ନାକର ସେଣ୍ଠ ଓ ବିରେନ୍ଦ୍ର କୁମାର ଜେନା ପ୍ରମୁଖ ଯୋଗ ଦେଇ ସମଗ୍ର ପୃଥିବୀରେ ଜଳବାୟୁ ପରିବର୍ତ୍ତନ ଏକ ମୁଖ୍ୟ ପ୍ରସଙ୍ଗ ପାଲଟିଥିବା ବେଳେ ଏହା ଉପରେ ଯଥେଷ୍ଟ ସଚେତନତା ସହ ପର୍ଯ୍ୟାପ୍ତ ବୃକ୍ଷରୋପଣ ର ଆବଶ୍ୟକତା ରହିଛି ବୋଲି କହିଥିଲେ । ଏହିଭଳି ମାରାଥନ ଆୟୋଜନର ମୁଖ୍ୟ ଉଦ୍ୟୋକ୍ତା ତଥା ଚିକାଗୋ ସହରରେ ବସବାସ କରୁଥିବା ସୋର ର ନିହାର ରାଉତ ଏଭଳି କାର୍ଯ୍ୟକ୍ରମ ପଛରେ ଥିବା ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ସୋରର ଅବଦୁଲ ରହମନ ଓ କୁପାରୀର ଆରତ ଭଞ୍ଜନ ମହାପାତ୍ରଙ୍କ ଦ୍ୱାରା ଏହି ଦୌଡ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ପରେ ଶ୍ରୀ ରାଉତ ଓ ଅନ୍ୟମାନଙ୍କ ଦ୍ୱାରା ଏହି ମାରଥନର ଶୁଭାରମ୍ଭ ହୋଇଥିଲା । ଗଣ୍ଡିବେଡ,ତୁଡିଗଡିଆରେ ଯୁବ,ଛାତ୍ର ଗୋଷ୍ଠୀ ଏଥିରେ ସାମିଲ ହୋଇଥିଲେ ।

# ଶିକ୍ଷକ ଗୌରବ ବଳମାଳୀ ବ୍ରହ୍ମଚାରୀଙ୍କ ରାଜ୍ୟସ୍ତରୀୟ ସମାରୋହ

ଭୋଗରାଇ,(ସବ୍ୟୁ): ଶିକ୍ଷା ମାନବ ସଭ୍ୟତା ଅଗ୍ରଗତିର ଚାବିକାଠି । ଶିକ୍ଷାର ଭୂମିକାକୁ କେବେବି ଅସ୍ୱୀକାର କରାଯାଇ ପାରେନା । ପରାଧିନ ଭାରତବର୍ଷର ବୈଜ୍ଞାନିକ, ଗଣତାନ୍ତ୍ରିକ, ଧର୍ମନିରପେକ୍ଷ ଶିକ୍ଷାସହ ସମସ୍ତଙ୍କ ପାଇଁ ଶିକ୍ଷାର ଯେଉଁ ଦାବି ଉଠିଥିଲା ତାହା ଆଜି ନଷ୍ଟଭ୍ରଷ୍ଟ ହୋଇଯାଇଛି । ଏଭଳି ଅଗଣତାନ୍ତ୍ରିକ ଶିକ୍ଷାନୀତି ବିରୋଧରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଐକବଦ୍ଧ ହୋଇ ଏକ ବୃହତ ଗଣ ଆନ୍ଦୋଳନ ଗଢି ତୋଳିବାକୁ ଅଣ୍ଟା ଭିଡ଼ନ୍ତୁ ବୋଲି ଓଡ଼ିଶାର ଐତିହାସିକ ଶିକ୍ଷକ ଆନ୍ଦୋଳନର ନୂଆରୂପଦେଇଥିବା ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ୧୧୮ତମ ରାଜ୍ୟସ୍ତରୀୟ ସମାରୋହରେ ଶିକ୍ଷକ ନେତାମାନେ ଆହ୍ୱାନ ଦେଇଛନ୍ତି । ଶନିବାରଦିନ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଆରଆଇ ଏଚ୍ଏସ୍ ମହାବିଦ୍ୟାଳୟ ଅଡ଼ିଟୋରିୟମ ଗୃହରେ ଶିକ୍ଷକନେତାମାନେ ଏହି ମତବ୍ୟକ୍ତ କରିଥିଲେ । ନିଖିଳ ଉତ୍କଳ ମାଧମିକ ଶିକ୍ଷକସଂଘ ପକ୍ଷରୁ ଆୟୋଜିତ ଏହି ସମାରୋହରେ ଓଡ଼ିଶାର ମିଳତ ଶିକ୍ଷକ ଆନ୍ଦୋଳନ ଇତିହାସର ବନମାଳି ବ୍ରହ୍ମଚାରୀ ଶୀର୍ଷକ ଆଲୋଚନା ସମାରୋହକୁ ଭୋଗରାଇ ବିଧାୟକ ତଥା ଜିଲ୍ଲା ଯୋଜନାବର୍ଡ ଅଧ୍ୟକ୍ଷ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ । ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ତୈଳଚିତ୍ରରେ ପୁଷ୍ପପ୍ରଦାନ ପରେ ସଂଘର ସ୍ୱର୍ଗତ ଶିକ୍ଷକ ନେତାମାନଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ସଂଘର ସଭାପତି ବିକ୍ରମ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ବକ୍ତାଭାବେ ରାଜ୍ୟ ଓଲଷ୍ଟାର ପ୍ରାକ୍ତନ ସଭାପତି ସାରଦା ପ୍ରସାଦ ମହାପାତ୍ର, ସମ୍ମାନୀତ ଅତିଥିଭାବେ ଆରଆଇଏଚ୍ଏସ୍ ମହାବିଦ୍ୟାଳୟର ଅଧ୍ୟକ୍ଷ କେଦାର ସିଂ ଦାସ, ଓଷ୍ଟାର ପ୍ରାକ୍ତନ ରାଜ୍ୟ ସଭାପତି ଇନ୍ଦୁମାଧବ ମହାନ୍ତି, ଜିଲ୍ଲା ସଭାପତି ମନୋରଂଜନ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଶିକ୍ଷକ ନେତା ଜଗବନ୍ଧୁ ଜେନା, ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ, ନିମ୍ନ ମାଧମିକ ସଂଘର ଉପସଭାପତି ଅକ୍ଷୟ କୁମାର ଦାସ ଶିକ୍ଷକ ନେତା ଅମର ବିକାଶ ବେହେରା, ପ୍ୟାରୀ ମୋହନ ଦାସ,ଶିବନାରାୟଣ ବେହେରା,ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ସୁଶାନ୍ତ ବେହେରାଙ୍କ ସମେତ ବହୁ ଶିକ୍ଷକ ନେତା ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ନୀତି ଓ ଆଦର୍ଶ ଉପରେ ଆଲୋକପାତ କରିବା ସହ ସମସ୍ତ ଶିକ୍ଷକ ଏକ ହୋଇ ଶିକ୍ଷକ ସମାଜର ସ୍ୱାର୍ଥ ନିମନ୍ତେ ଐକ୍ୟବଦ୍ଧ ଗଣ ଆନ୍ଦୋଳନ ଗଢି ତୋଳିବାକୁ ଶିକ୍ଷକ ସମାଜକୁ ଆହ୍ୱାନ ଦେଇଥିଲେ । ଶେଷରେ ଶିକ୍ଷକ ନେତା ବାଲଗୋପାଳ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଶେନିସ୍ ...

ପିନ୍ଧାଇଛନ୍ତି । ଶେନିସ୍ ପାଲାସିଓସ୍ ହେଉଛନ୍ତି ପ୍ରଥମ ନିକାରାଗୁଆନ୍ ମହିଳା, ଯିଏକି ମିସ୍ ୟୁନିଭର୍ସ ହୋପାରିଛନ୍ତି । ବ୍ରହ୍ମାଣ୍ଡର ବଛା ବଛା ପ୍ରତିଯୋଗୀଙ୍କୁ ପଛରେ ପକାଇ ଦେଶର ପ୍ରଥମ ମିସ୍ ୟୁନିଭର୍ସ ଟାଇଟଲ୍ ହାସଲ କରିଛନ୍ତି ଶେନିସ୍ । ଏହି ଟାଇଟଲ୍ ଜିତିବା ପରେ ଶେନିସ୍ ଭାବପ୍ରବଣ ହୋଇପଡିଥିଲେ । ସେ ମିସ୍ ୟୁନିଭର୍ସ ମୁକୁଟ ପିନ୍ଧୁଥିବାର ଦୃଶ୍ୟ ସୋଶାଲ ମିଡିଆରେ ବେଶ୍ ଭାଇରାଲ୍ ହେଉଛି । ଅନ୍ୟପଟେ ଏହି ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଅଷ୍ଟ୍ରେଲିଆର ମୋରେୟା ୱିଲସନ ଦ୍ୱିତୀୟ ରନର୍ ଅପ୍ ଘୋଷିତ ହୋଇଥିବାବେଳେ ଥାଇଲ୍ୟାଣ୍ଡର ଆଣ୍ଟୋନିୟା ପୋର୍ସିଲ୍ଡ ପ୍ରଥମ ରନର୍ ଅପ୍ ହୋଇଛନ୍ତି । ୨୦୨୧ରେ ଭାରତର ହରନାଜ ସାନ୍ଧୁ ମିସ୍ ୟୁନିଭର୍ସ ବିଜୟୀ ହୋଇଥିଲେ । ଚଳିତ ବର୍ଷ ମଧ୍ୟ ଜଣେ ଭାରତୀୟ ମହିଳା ଭାଗ ନେଇଥିଲେ । ଚଣ୍ଡିଗଡ଼ରେ ଜନ୍ମିତ ଶ୍ୱେତା ଶାରଦା ମିସ୍ ୟୁନିଭର୍ସ ୨୦୨୩ରେ ସାମିଲ ହୋଇଥିଲେ । ସେ ଶ୍ରେଷ୍ଠ ୨୦ ପ୍ରତିଯୋଗୀଙ୍କ ମଧ୍ୟରେ ଥିଲେ । ପ୍ରକାଶ ଥାଉ କି, ଚଳିତ ବର୍ଷ ମଧ୍ୟ ପ୍ରଥମ କରି ପାକିସ୍ତାନ ମିସ୍ ୟୁନିଭର୍ସରେ ଡେବ୍ୟୁ କରିଥିଲା । ସାନ ସାଲଭାଦୋରରେ ୭୨ତମ ମିସ୍ ୟୁନିଭର୍ସ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଚଳିତ ଥର ମୋଟ ୮୪ଟି ଦେଶ ତଥା କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିଯୋଗୀମାନେ ଭାଗ ନେଇଥିଲେ ।

### ଆଜି...

୩୬ତମ ବାର୍ଷିକ ଉତ୍ସବ ଓ ସାହିତ୍ୟ ମହୋତ୍ସବକୁ ଉଦ୍‌ଘାଟନ କରିବେ । ମୟୂରଭଞ୍ଜ ଜିଲ୍ଲାର କୁଳିଅଣାଠାରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ରାଷ୍ଟ୍ରପତି ଲୋକାର୍ପଣ କରିବେ । ନଭେମ୍ବର ୨୧ତାରିଖ ମଙ୍ଗଳବାର ରାଷ୍ଟ୍ରପତି ମୟୂରଭଞ୍ଜର ପାହାଡପୁରଠାରେ ଏକ ଦକ୍ଷତା ବିକାଶ କେନ୍ଦ୍ର ଉଦ୍‌ଘାଟନ କରିବା ସହିତ ବାଦାମପାହାଡ଼ ରେଳଷ୍ଟେସନରେ ତିନୋଟି ନୂଆ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିବେ । ଏହି ଟ୍ରେନ ଗୁଡ଼ିକ ହେଲା ବାଦାମପାହାଡ଼-ଟାଟାନଗର ମେମୁ ବାଦାମପାହାଡ଼-ରାଉରକେଲା ସାପ୍ତାହିକ ଏକ୍ସପ୍ରେସ ଏବଂ ବାଦାମପାହାଡ଼ - ଶାଲିମାର ସାପ୍ତାହିକ ଏକ୍ସପ୍ରେସ । ରାଷ୍ଟ୍ରପତିଙ୍କ ଦ୍ୱାରା ନୂଆ ରାଇରଙ୍ଗପୁର ଡାକ ଡିଭିଜନ ଉଦ୍‌ଘାଟନ କରାଯିବ । ସେ ମଧ୍ୟ ରାଇରଙ୍ଗପୁର ଡାକ ଡିଭିଜନର ଏକ ସ୍ମାରକୀ ଲଫାପା ଜାରି କରିବେ । ଏଥିସହିତ ବାଦାମପାହାଡ଼ ରେଳଷ୍ଟେସନର ପୁନର୍ବିକାଶ ପାଇଁ ଶିଳାନ୍ୟାସ କରିବେ । ସେ ବାଦାମପାହାଡ଼-ଶାଲିମାର ଏକ୍ସପ୍ରେସରେ ବାଦାମପାହାଡ଼ ଠାରୁ ରାଇରଙ୍ଗପୁର ପର୍ଯ୍ୟନ୍ତ ଯାତ୍ରା କରିବେ । ମଙ୍ଗଳବାର ସନ୍ଧ୍ୟାରେ ରାଷ୍ଟ୍ରପତି ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ରସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ୧୫ତମ ସମାବର୍ତ୍ତନ ସମାରୋହକୁ ସମ୍ବୋଧିତ କରିବେ । ଆସନ୍ତା ୨୨ ତାରିଖରେ ରାଷ୍ଟ୍ରପତି ସମ୍ବଲପୁରଠାରେ ବ୍ରହ୍ମକୁମାରୀ ସଂସ୍ଥାଦ୍ୱାରା ଆୟୋଜିତ ଜାତୀୟ ଶିକ୍ଷା ଅଭିଯାନ- ନୂଆ ଭାରତ ପାଇଁ ନୂଆ ଶିକ୍ଷାକୁ ଶୁଭାରମ୍ଭ କରିବେ । ଏହାପରେ ରାଷ୍ଟ୍ରପତି ପୁଟ୍ଟପର୍ତୀ ଗସ୍ତ କରିବେ, ଯେଉଁଠାରେ ସେ ଶ୍ରୀ ସତ୍ୟ ସାଇ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ୪୨ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ।

### ଟନେଲ ...

ଲାଗିପାରେ ବୋଲି କହିଛନ୍ତି ଜଣେ ବରିଷ୍ଠ ଅଧିକାରୀ । ଶ୍ରମିକମାନଙ୍କ ନିକଟରେ ପହଞ୍ଚିବା ପାଇଁ ଅଧିକାରୀମାନେ ଆଜି ପାହାଡର ଶିଖରରୁ ଏକ ଭୂଲମ୍ବ ଗର୍ତ୍ତ କରିବାକୁ ଚେଷ୍ଟା କରୁଛନ୍ତି । ମଧ୍ୟପ୍ରଦେଶ ଇନ୍ଦୋରରୁ ଉଚ୍ଚ କ୍ଷମତା ସମ୍ପନ୍ନ ଡ୍ରିଲିଂ ମେସିନ୍ ଅଣାଯିବା ପରେ ଗତକାଲି ସନ୍ଧ୍ୟାରୁ ଡ୍ରିଲିଂ କାର୍ଯ୍ୟ ଆରମ୍ଭ ହୋଇଛି । ଅନ୍ୟପଟେ ଶ୍ରମିକଙ୍କ ସୁରକ୍ଷିତ ଉଦ୍ଧାର ପାଇଁ ବିଶେଷଜ୍ଞ ଟିମ୍ ସହ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଏକ ଟିମ୍ ଏକାଧିକ ପ୍ଲାନିଂ ଉପରେ କାର୍ଯ୍ୟ କରୁଛନ୍ତି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏଜେନ୍ସିମାନଙ୍କ ସହ ପାଞ୍ଚଟି ବିକଳ୍ପ ପଥ ଉପରେ ଆଲୋଚନା କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ପୂର୍ବତନ ପରାମର୍ଶଦାତା ଭାସ୍କର ଖୁଲବେ ସମାନ କଥା କହିଛନ୍ତି । ସେ କହିଛନ୍ତି, ଶ୍ରମିକଙ୍କ ନିକଟରେ ପହଞ୍ଚିବାକୁ ହେଲେ କେବଳ ଗୋଟିଏ ଯୋଜନା ନୁହେଁ ଏକାଧିକ ଯୋଜନା ଉପରେ କାର୍ଯ୍ୟ କରିବା ଉଚିତ । ଉଦ୍ଧାରକାରୀ ଟିମର ମିଳିତ ପ୍ରୟାସରେ ଚାରିରୁ ପାଞ୍ଚ ଦିନ ମଧ୍ୟରେ ଶ୍ରମିକମାନଙ୍କୁ ଉଦ୍ଧାର କରାଯିବାର ସମ୍ଭାବନା ରହିଛି । ଯଦି ଭଗବାନଙ୍କ ଦୟା ହୁଏ ତେବେ ଆହୁରି କମ୍ ସମୟ ମଧ୍ୟରେ ଶ୍ରମିକମାନେ ଉଦ୍ଧାର ହୋଇପାରିବ ।

### ଟ୍ରକ...

ବୋଲି ଜଣାପଡ଼ିଛି । ତେବେ ରାଜସ୍ଥାନରେ ନଭେମ୍ବର ୨୫ରେ ଭୋଟ ଥିବା ବେଳେ ଭୋଟଗଣତି ଡିସେମ୍ବର ୩ ତାରିଖରେ ରହିଛି । ନିର୍ବାଚନ ପାଇଁ ବୈଠକ ଆୟୋଜିତ ହୋଇଥିଲା । ପ୍ରଧାନମନ୍ତ୍ରୀଙ୍କ ରାଲିରେ ସାମିଲ ହୋଇ ଏହି ନିର୍ବାଚନ ବୈଠକରେ ଯୋଗ ଦେବାକୁ ଯାଉଥିବା ବେଳେ ୫ଜଣ ପୁଲିସ କର୍ମଚାରୀ ଏହି ଦୁର୍ଘଟଣାର ଶିକାର ହୋଇଥିବା ଚୁରୁର ସୁପରିଟେଣ୍ଡେଣ୍ଟ ପୁଲିସ ପ୍ରବୀଣ ନାଏକ ସୂଚନା ଦେଇଛନ୍ତି ।

### ଅଷ୍ଟ୍ରେଲିଆ...

ଠାରୁ ଫାଇନାଲରେ ହାରିଥିବା ଭାରତ ପ୍ରତିଶୋଧ ନେବାର ଭଲ ସୁଯୋଗ ଥିଲା । କିନ୍ତୁ ପ୍ରଥମେ ଅଷ୍ଟ୍ରେଲିଆ ଘାତକ ବୋଲିଂ କରି ଭାରତକୁ ୨୪୦ ରନ୍‌ରେ ଅଲଆଉଟ୍ କରିଦେଇଥିଲା । ଏହାପରେ ବ୍ୟାଟିଂରେ ହେଡ କମାଲ କରି ଭାରତ ହାତରୁ ମ୍ୟାଚ ଛଡାଇ ନେଇଥିଲା । ଏଥିସହ ଅଷ୍ଟ୍ରେଲିଆ ଗ୍ରୁପ୍ ପର୍ଯ୍ୟାୟରେ ଭାରତ ଠାରୁ ପରାଜୟର ମଧୁର ପ୍ରତିଶୋଧ ନେଇଛି । ୨୦୧୫ ବିଶ୍ୱକପ୍ ସେମିଫାଇନାଲରେ ଭାରତକୁ ଅଷ୍ଟ୍ରେଲିଆ ପରାଜିତ କରି ବିଦା କରିଥିଲା । ଏବେ ୨୦୦୩ ବିଶ୍ୱକପ୍‌ରେ କଙ୍ଗାରୁ ଦଳ ଭାରତକୁ ଧରାଶାୟୀ କରି ଟାଇଟଲ ଜିତିବାର କୀର୍ତ୍ତିମାନ ସ୍ଥାପନ କରିଛି । ୧୯୮୭, ୧୯୯୯, ୨୦୦୩, ୨୦୦୭, ୨୦୧୫ ଓ ୨୦୨୩ରେ ଅଷ୍ଟ୍ରେଲିଆ ବିଶ୍ୱ ବିଜେତା ହେବାର ନୂଆ ରେକର୍ଡ କରିଛି । ସେହିଭଳି ଭାରତ ୧୯୮୩ରେ କପିଲ ଦେବଙ୍କ ନେତୃତ୍ୱରେ ପ୍ରଥମଥର ଚାମ୍ପିଅନ୍ ହୋଇଥିଲା । ତେଣୁ ବିଶ୍ୱ କ୍ରିକେଟ୍‌ରେ ଆଧିପତ୍ୟ ବିସ୍ତାର କରି ଆସିଥିବା ୱେଷ୍ଟଇଣ୍ଡିଜ୍‌ର ବିଜୟଧାରାରେ ବ୍ରେକ୍ ଲାଗିଥିଲା । ପୁଣି ୨୦୧୧ରେ ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ଭାରତ ଚାମ୍ପିଅନ୍ ହୋଇଥିଲା । ୨୦୦୩ରେ ଗାଙ୍ଗୁଲିଙ୍କ ତତ୍ତ୍ୱାବଧାନରେ ଟିମ୍ ଇଣ୍ଡିଆ ଉପବିଜେତା ହୋଇଥିଲା । ୨୦ ବର୍ଷ ତଳର ଏହି ରେକର୍ଡ ପୁଣି ୨୦୨୩ରେ ଭାରତ ଦୋହରାଇଛି ।

### ବୋମାମାଡ଼ରେ ...

ଅପପ୍ରଚାର ବୋଲି କହିଛି । ସାମୟିକ ଯୁଦ୍ଧବିରତି ମାଧମରେ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର ପାଇଁ ହେଉଥିବା ପ୍ରୟାସକୁ ହମାସ୍ ଭଣ୍ଡୁର କରୁଛି ଏବଂ ଲୋକଙ୍କୁ ଢାଲ କରି ଲିବା ଆତଙ୍କବାଦୀଙ୍କ ରଣନୀତି ପାଲଟିଛି ବୋଲି ଇସ୍ରାଏଲ ସେନା ମୁଖପାତ୍ର କହିଛନ୍ତି । ଲୋକଙ୍କୁ ଗାଜା ଛାଡ଼ିବା ପାଇଁ ଯେଉଁ ସୁଯୋଗ ମିଳୁଛି ତାହାକୁ ହମାସ କାର୍ଯ୍ୟକାରୀ ହେବାକୁ ଦେଉନଥିବାରୁ ସାଧାରଣ ନାଗରିକଙ୍କ ମୃତ୍ୟୁ ପାଇଁ ହମାସ୍ ହିଁ ଦାୟୀ ରହିବ ବୋଲି ଇସ୍ରାଏଲ କହିଛି । ଅନ୍ୟପକ୍ଷରେ ଦକ୍ଷିଣ ଗାଜାରେ ହମାସର କେତେକ ପ୍ରତିଷ୍ଠାନ ଚିହ୍ନଟ ହେବାପରେ ଇସ୍ରାଏଲ ସେଠାରେ ବିମାନ ଆକ୍ରମଣ ଜାରି ରଖିଛି ।

# ଫକୀରମୋହନଙ୍କ ସଂପର୍କିତ ପ୍ରବନ୍ଧ ସଂକଳନ ସ୍ମୃତି ଗୌରବ ଉନ୍ମୋଚିତ

ବାଲେଶ୍ୱର,(ସ.ବ୍ୟୁ)- ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ତିହିଡ଼ିସ୍ଥିତ ନାରାୟଣ ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦ ପକ୍ଷରୁ ପ୍ରକାଶିତ ତଥା ବିଭୂତି ଭୂଷଣ ସେନାପତିଙ୍କଦ୍ୱାରା ସଂକଳିତ ଫକୀରମୋହନ ସଂପର୍କିତ ଗବେଷଣାତ୍ମକ ପ୍ରବନ୍ଧ ସଂକଳନ ସ୍ମୃତି ଗୌରବ ଶାନ୍ତିକାନନଠାରେ ଉନ୍ମୋଚିତ ହୋଇଯାଇଛି। ପରିଚୟର ସଂପାଦିକା ଅରୁଣା ରାୟ ପୁସ୍ତକଟିକୁ ଉନ୍ମୋଚନ କରିଥିବାବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ଦେବାଶିଷ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପୁସ୍ତକଟିର ଆତ୍ମିକ ଓ ଆଙ୍ଗିକ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ଗବେଷକ ନିତ୍ୟାନନ୍ଦ ମଲ୍ଲିକ ଓ ସଂଯୁକ୍ତା ଭାରତୀ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଷଦର ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚଆବାହନ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାକ୍‌କଥା ରଖିଥିଲେ। ଗୋପାଳ ପ୍ରସାଦ ମହାପାତ୍ର ଗୀତାଶ୍ଳୋକ ଆବୃତ୍ତି କରିଥିଲେ। ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦଙ୍କ ରଚନା ଓ ନିର୍ଦ୍ଦେଶନାରେ ବାସନ୍ତୀ ଦେ, ମମତା ଦାସ, ସୁବ୍ରତା ମହାନ୍ତି, ତୃପ୍ତିରାଣୀ ପାତ୍ର, ଶାନ୍ତି ବିଶି, ବିନୀତା ସାହୁ ଓ ପୁଷ୍ପଲତା ଚକ୍ରବର୍ତ୍ତୀ ଯୁଗପୁରୁଷ ହେ ଫକୀରମୋହନ ଗୀତଟିକୁ ସମବେତ ଭାବରେ ଗାନ କରିଥିଲେ। ଗୁରୁ ଲକ୍ଷ୍ମୀଧର ତବଲାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ଲେଙ୍କା, ନିବାରଣ ଜେନା, ଡ. ଶିରୀଶ ଚନ୍ଦ୍ର ଜେନା, ନିରଂଜନ ରାଉତ, କରୁଣାକର ସ, ସଂଜୟ କୁମାର ପଣ୍ଡା, ଅଞ୍ଜଳି ପଣ୍ଡା, ଜ୍ୟୋତ୍ସ୍ନା ରାୟ, ମାମିନା ମହାପାତ୍ର, ସୁନାମଣି ଜେନା, ଉର୍ମିଳା ନାୟକ, ସୌମ୍ୟା ଦାଶ, ପ୍ରଣିତା ମିଶ୍ର, ଶାନ୍ତିଲତା ପଣ୍ଡା, ଦେବାଶିଷ ଚକ୍ରବର୍ତ୍ତୀ, ଦିଲ୍ଲୀପ ଭୋଇ, ନିତ୍ୟାନନ୍ଦ ରାଉତ, ଶିବଶଙ୍କର ନନ୍ଦୀ, ରଜନୀକାନ୍ତ ବେହେରା, ବେଣୁଧର ସାହୁ, ଅନାଦି ଜେନା, ମନ୍ମଥ ସାହୁ, ସନାତନ ଦାସ, ପବିତ୍ର ମୋହନ ଦାସ, ରଣଜିତ ବେହେରା, ଝରଣା ମଲ୍ଲିକ, ସଙ୍ଗୀତା ବାରିକ, ନୃସିଂହ ଚରଣ ନାୟକ, ଶରତ କୁମାର ମହାପାତ୍ର, ବିଦ୍ୟାଧର ସାହୁ, ଦେବାଶିଷ ସିଂହ, କୁମାର ଗୋପାଳ ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଉତ୍ତର ଓଡ଼ିଶା ସିବିଏସ୍‌ଇ ଗ୍ରୁପର କାର୍ଯ୍ୟକାରିଣୀ ବୈଠକ

ସୋର,(ସବ୍ୟୁ): ଉତ୍ତରେଶ୍ୱର ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ପରିସରରେ ଉତ୍ତର ଓଡ଼ିଶା ସିବିଏସ୍‌ଇ ଗ୍ରୁପ୍‌ର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସୁଧାଂଶୁ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠରେ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଏବଂ କେନ୍ଦୁଝର ଜିଲାର ସିବିଏସଇ ସହବନ୍ଧିତ ସ୍କୁଲର ଅଧ୍ୟକ୍ଷ ପରେଶ କୁମାର ଦାସ, ଝାଡ଼େଶ୍ୱର ଇଣ୍ଟରନେସ୍‌ନାଲ ସ୍କୁଲର ଜୟନ୍ତ କୁମାର ବେହେରା, ସେଣ୍ଟ ମେରୀ ଉଦାଳର ବିଷ୍ଣୁ କୁମାର ଅଗ୍ରୱାଲ, କରଞ୍ଜିଆ ମୟୂରଭଞ୍ଜ ଏସ୍ ଆର ସେନ୍‌ଭି, ବେତନଟୀର ଯୋସେଫ୍ ଦିବ୍ୟା ଜ୍ୟୋତି,ଜ୍ୟୋତି କନ୍‌ଭେଣ୍ଟ ସ୍କୁଲ ଭଦ୍ରକର ଜିବି ଯୋଶେଫ, ସୋର ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଅଶୋକ କୁମାର ମହାନ୍ତି ଏବଂ ପର୍ଶୁରାମ ବେହେରା ପ୍ରମୁଖ ଯୋଗଦେଇ ଉତ୍ତର ଓଡ଼ିଶା ଗ୍ରୁପ୍‌ର ବାର୍ଷିକ ଉତ୍ସବ ଉପଲକ୍ଷେ ଆନ୍ତଃପ୍ରତିଯୋଗିତାର କାର୍ଯ୍ୟକାରିଣୀ, ଦଶମ ଶ୍ରେଣୀ ପ୍ରିବୋର୍ଡ଼ ସାରଣୀ, ଅତିଥିମାନଙ୍କର ତାଲିକା ବିବରଣୀ ଆଦି ଆଲୋଚନା କରାଯାଇଥିଲା। ଉତ୍ତର ଓଡ଼ିଶା ଗ୍ରୁପ୍‌ର ସଭାପତି ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲମାନଙ୍କର ଏକତା ସଂଗଠନର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଶ୍ରୀ ଅଗ୍ରୱାଲ ସରକାରଙ୍କ ୟୁଡିଆଇଏସ୍‌ଇ ପୋର୍ଟାଲରେ ଆସୁଥିବା ସମସ୍ୟ ଓ ଆର୍‌ଆଇଇ ପିଲାମାନଙ୍କର ସରକାରୀ ସହାୟତାର ସୁବିଧା ଉପାୟ ଉପରେ ଆଲୋକପାତ କରିଥିଲେ। ଶେଷରେ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ବେରେରା ଧନ୍ଯ୍ବାଦ ଅର୍ପଣ କରିଥିଲେ।

# ଲକ୍ଷାଧିକ ଟଙ୍କାର ଶାଳ କାଠ ଜବତ



ଠାକୁରମୁଣ୍ଡା,(ସବ୍ୟୁ ) : ଠାକୁରମୁଣ୍ଡା ବନାଞ୍ଚଳ କର୍ମଚାରୀ ରବିବାର ଅପରାହ୍ନ ରେ ଲକ୍ଷାଧିକ ଟଙ୍କାର ଶାଳ କାଠ ଜବତ କରିଛି। ତେବେ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଶାଳ ଗଛ କଟା ଯାଇଥିଲେ ମଧ୍ୟ ବନ ବିଭାଗ ପତ୍ତା ନପାଇବା ସମସ୍ତଙ୍କୁ ବିସ୍ମିତ କରିବା ସହିତ କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଚିହ୍ନ ଲାଗିଛି । ଘଟଣାରୁ ପ୍ରକାଶଯେ, ବିଶ୍ୱସ୍ତ ସୂତ୍ର ରୁ ଖବର ପାଇ ଠାକୁରମୁଣ୍ଡା ବନ ବିଭାଗ କର୍ମଚାରୀ ଅପରାହ୍ନ ରେ ତରାମରା ଗ୍ରାମପଞ୍ଚାୟତ ର ବରାବିନ୍ଧା ସାହି ରେ ଚଢ଼ାଉ କରିଥିଲେ। ଜଙ୍ଗଲ କୁ ଲାଗି ବାବୁଲି କାଣ୍ଡ୍ୟୋଙ୍ଗ ଙ୍କ ଘର ପଛପଟେ ଥିବା ଲକ୍ଷାଧିକ ଟଙ୍କାର ଶାଳ କାଠ ଉଦ୍ଧାର କରି ରେଞ୍ଜ ଅଫିସ କୁ ଆଣିଥିଲେ। ଉଦ୍ଧାର କାଠ ମଧ୍ୟ ରେ ବଡ ଶାଳ ଲଗ ୧୪ ଟି ,ଚୌକାଠ ବନ୍ଧ ୫୦ ଟି, ଝରକା ବନ୍ଧ ୧୦ ଟି ଓ ୮ଟି ଶାଳ ପଟା ଯାହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି । ଅଜ୍ଞାତ ବ୍ୟକ୍ତି ନାମରେ ମୋକଦ୍ଦମା ରୁଜୁ କରି ଠାକୁରମୁଣ୍ଡା ବନବିଭାଗ ଅଧିକ ତଦନ୍ତ ଜାରି ରଖିଛି ।

# ଟିପିସିଓଡିଏଲ୍ ପକ୍ଷରୁ 'ସୌହାର୍ଦ୍ଦ୍ୟ' ଆୟୋଜିତ



ଭୁବନେଶ୍ୱର,(ସବ୍ୟୁ): ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିସିଓଡିଏଲ) ଏହାର ଅବସରକାଳୀନ ଯୋଜନା କାର୍ଯ୍ୟକ୍ରମ ଜରିଆରେ କର୍ମଚାରୀ କଲ୍ୟାଣରେ ନୂତନ ମାନଦଣ୍ଡ ନିର୍ଧାରଣ କରିଛି। ଏହି ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧତାର ଅଂଶ ସ୍ୱରୂପ ଟିପିସିଓଡିଏଲ୍ ପକ୍ଷରୁ ୨୦୨୪ ମାର୍ଚ୍ଚରେ ଅବସର ଗ୍ରହଣ କରିବାକୁ ଥିବା କର୍ମଚାରୀମାନଙ୍କ ଲାଗିସ୍ୱତନ୍ତ୍ର ଭାବେ ପ୍ରସ୍ତୁତ 'ସୌହାର୍ଦ୍ଦ୍ୟ' କର୍ମଶାଳାକୁ ମ୍ୟାନେଜମେଣ୍ଟ ଡେଭେଲପମେଣ୍ଟ ସେଂଟର, ଭୁବନେଶ୍ୱରଠାରେ ଆୟୋଜନ କରାଯାଇଥିଲା।ଲୋଟସ୍ ମିଣ୍ଟ ଆଡଭାଇଜର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ସତ୍ୟ ନାରାୟଣ ସାହୁ, ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ବିଭୂତି ଭୂଷଣ ଦାଶ ଅବସରପରବର୍ତ୍ତୀ ଆର୍ଥିକ ଯୋଜନା ଉପରେ ମୂଲ୍ୟବାନ ତଥ୍ୟ ଉପସ୍ଥାପନ କରି ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ଅଂଶଗ୍ରହଣକାରୀମାନଙ୍କୁ ସଶକ୍ତ କରିଥିଲେ।'ଏକ ସୁରକ୍ଷିତ ଭବିଷ୍ୟତ ପାଇଁ କର୍ମଚାରୀଙ୍କୁ ସଶକ୍ତ କରିବା' ନାମକ ବ୍ୟାପକ ଅବସରକାଳୀନ ଯୋଜନା। କାର୍ଯ୍ୟକ୍ରମ କର୍ମଚାରୀମାନଙ୍କ କଲ୍ୟାଣ ପାଇଁଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହା ଅବସର ଗ୍ରହଣ କରିବାକୁ ଥିବା କର୍ମଚାରୀମାନଙ୍କୁ ଆର୍ଥିକ ଯୋଜନା, ଟିକସ ଲାଭ,କର୍ମଚାରୀ କଲ୍ୟାଣ ଓ ଦସ୍ତାବିଜତ ଉପରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରୁଛି।କର୍ମଶାଳାରେ ଆୟୋଜିତ ଅଧିବେଶନଗୁଡ଼ିକରେ ଅବସରକାଳୀନ ସଂଚୟ ରାଶିର ଉପଯୁକ୍ତ ପରିଚାଳନା, ସର୍ବାଧିକ ରିଟର୍ଣ୍ଣ ପାଇବା ଲାଗି ମାର୍ଗଦର୍ଶନ,ଟିକସ କମ୍ କରିବା, ଅବସର ପରବର୍ତୀ ସମୟରେ ଶାରିରୀକ ଓ ମାନସିକ କଲ୍ୟାଣକୁ ବଜାୟ ରଖିବା ଲାଗି ପରାମର୍ଶ ଓ ସମ୍ବଳ ଏବଂ ଆବଶ୍ୟକକାଗଜପତ୍ର ପାଇଁ ସହାୟତା ଏବଂ ସୁଚାରୁ ରୂପେ ଅବସରକାଳୀନ ଲାଭ ବଂଟନ ପାଇଁ କାଗଜପତ୍ର କାମ ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନାହୋଇଥିଲା।ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଶ୍ରୀ ଅରବିନ୍ଦ ସିଂହ କହିଛନ୍ତି ଯେ, ଟିପିସିଓଡିଏଲ୍‌ରେ କର୍ମଚାରୀଙ୍କ କଲ୍ୟାଣ ପ୍ରତି ଅତୁଟ ପ୍ରତିବଦ୍ଧତାଆମ ମୂଲ୍ୟବୋଧର ମୂଳମନ୍ତ୍ର। ଆଜି ଆମର ବ୍ୟାପକ ଅବସରକାଳୀନ ଯୋଜନା। କାର୍ଯ୍ୟକ୍ରମକୁ ଉପସ୍ଥାପନ କରିଥିବାରୁ ଆମେ ଗର୍ବିତ ଯାହା ହେଉଛିଆମ ପ୍ରତିବଦ୍ଧତାର ପ୍ରମାଣ। ଦୀର୍ଘସ୍ଥାୟୀ ସଫଳତା ପାଇଁ ଶ୍ରମଶକ୍ତିଙ୍କୁ ସଶକ୍ତ କରିବା ଉପରେ ଆମର ଦୃଢ଼ ବିଶ୍ୱାସ ରହିଛି ଏବଂ ଏହି କାର୍ଯ୍ୟକ୍ରମ ସେହିବିଶ୍ୱାସର ପ୍ରତିଫଳନ। ମିଳିତ ଭାବେ ଆମେ କର୍ମଚାରୀ ଓ ସଂସ୍ଥାର ଭବିଷ୍ୟତ ଲାଗି ଏକ ଉଜ୍ଜ୍ୱଳ ଓ ଅଧିକ ସୁରକ୍ଷିତ ଭବିଷ୍ୟତ ଗଠନ କରୁଛୁ ।

# ୪ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କଲେ ପର୍ଯ୍ୟଟନ ମନ୍ତ୍ରୀ




ଜଳେଶ୍ୱର,(ସବ୍ୟୁ):ଆଦିବାସୀ ବହୁଳ ରାଇବଣିଆ ଅଂଚଳରେ ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବାଲାଗି ଖାଳ ଗୁଡିକ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ଏହାର ସମାଧାନ ଲାଗି ୪ଟି ଖାଳ ଉପରେ ସେତୁ ନିର୍ମାଣ ଲାଗି ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱନୀ କୁମାର ପାତ୍ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଖୁଆର୍ଡ ପଂଚାୟତର ନାଉରିଆ ଖାଳ, ହଳଦୀଗୁଣ୍ଡି ଖାଳ, ମାଟିଆଳି ଖାଳ ଓ ରଜାବନ୍ଧ ନିକଟ ମିନାଖାଳ ଉପରେ ସେତୁ ନିର୍ମାଣ ଲାଗି ମୋଟ ୪୫୬୪୩୭୭୨ ଟଙ୍କାର ପୋଲ ନିର୍ମାଣ ଲାଗି ବ୍ୟୟବରାଦ ହୋଇଥିବା ମନ୍ତ୍ରୀ ଅଶ୍ୱନୀ ପାତ୍ର କହିଛନ୍ତି । ଆଜିଠାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୧୫-୯-୨୪ରେ ଶେଷ ହେବ ବୋଲି କୁହାଯାଇଛି ।

**LOST**

I, Sri. Pranakrushna Behera, aged 85 years, S/O Late Dadhi Behera, At: Sujauddinnagarpatana, PO: Manijanga, PS: Tirtol, Dist: Jagatsinghpur, Odisha. That original Land registration deed No: 10751900508, Dtd. 17.04.2019, SRO-Kujanga, bearing Khata No 527, Plot No 1529/1644 of Mouza-Udayabata, Ac 0.05 dec. stands recorded in my name has been lost. In this regard I lodged FIR GD No 14 withTirtol PS on 14-11-2023. If any person or concern having any claim and objection over the aforesaid property may contact Pranakrushna Behera, Mob: 9437028325 within 15 days from the date of publication of notice.

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

### ପୂର୍ବାଞ୍ଚଳ ଭାଷା କେନ୍ଦ୍ରରେ ପ୍ରଶାସନିକ ଓ ଶୈକ୍ଷିକ ଭବନ ଲୋକାର୍ପିତ

## ସ୍କୁଲ ଶିକ୍ଷାରୁ ଉଚ୍ଚ ଶିକ୍ଷା ଓ ଗବେଷଣା ପର୍ଯ୍ୟନ୍ତ ଓଡ଼ିଆ ଲୋକଙ୍କୁ ଲାଭ ଦେବା ଆମର ପ୍ରାଥମିକତା : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ମୋଦି ସରକାର ଓଡ଼ିଶାର ସ୍କୁଲ ଶିକ୍ଷାରୁ ଆରମ୍ଭ କରି ଉଚ୍ଚଶିକ୍ଷା ସହ ଗବେଷଣା ପର୍ଯ୍ୟନ୍ତ ହଜାର ହଜାର କୋଟି ଟଙ୍କା ଦେଉଥିବା ବେଳେ ଏ ସବୁର ଲାଭ ଓଡ଼ିଆ ଭାଷା ଆଧାରରେ ମିଳୁ, ଓଡ଼ିଆ ଲୋକଙ୍କୁ ମିଳୁ ଏବଂ ବୃହତ ସ୍ୱାର୍ଥରେ ମିଳୁ । ଏହା ଆମର ପ୍ରାଥମିକତା ବୋଲି ରବିବାର ଭାରତୀୟ ଭାଷା ସଂସ୍ଥାନର ଭୁବନେଶ୍ୱର ଲକ୍ଷ୍ମୀସାଗର ସ୍ଥିତ ପୂର୍ବାଞ୍ଚଳ ଭାଷା କେନ୍ଦ୍ରରେ ପ୍ରଶାସନିକ ଓ ଶୈକ୍ଷିକ ଭବନ ଏବଂ ଛାତ୍ରାବାସ ଓ ଅତିଥି ଭବନର ଉଦଘାଟନ କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଗତ ଦିନ ମାନଙ୍କରେ ଓଡ଼ିଶାରେ ଆଇଆଇଏମ ସମ୍ବଲପୁର, ଆଇଜର ବ୍ରହ୍ମପୁର, ଏସଡିଆଇ ଭୁବନେଶ୍ୱର



ଭଳି ଅନେକ ଶିକ୍ଷାନୁଷ୍ଠାନ ଗଢି ଉଠିଛି । କେନ୍ଦ୍ର ସଂସ୍କୃତ ବିଶ୍ୱବିଦ୍ୟାଳୟର ପୁରୀ ସଦାଶିବ କ୍ୟାମ୍ପସରେ ଗତକାଲି ୧୦୦ କୋଟି ଟଙ୍କାର କାମ ପାଇଁ ଶିଳାନ୍ୟାସ ହୋଇଛି। ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱର ପୂର୍ବାଞ୍ଚଳ ଭାଷା କେନ୍ଦ୍ରର ନବକଳେବର ହୋଇଯାଇଛି । ଓଡ଼ିଆ ଭାଷାର ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି । ସମ୍ବଲପୁର ଏବଂ ଗଞ୍ଜାମରେ କଥିତ ଭାଷାର ମାଧୁର୍ଯ୍ୟ ଅତ୍ୟନ୍ତ ମଧୁର । ମୟୂରଭଞ୍ଜ ଏବଂ ଢେଙ୍କାନାଳରେ ଭାଷାର ଲାଳିତ୍ୟ ଅବର୍ଣ୍ଣନୀୟ । ଓଡ଼ିଶାରେ ବସବାସ କରୁଥିବା ଜନଜାତିଙ୍କ ମଧ୍ୟର ଭିନ୍ନ ଭିନ୍ନ ଭାଷା ରହିଛି । ଆମର ଓଡ଼ିଆ ଭାଷା କେବଳ ମଧୁର ନୁହେଁ, ବହୁତ ପ୍ରାଚୀନ ମଧ୍ୟ । ଏହି ଭାଷା ମାଧ୍ୟମରେ ଆମେ ବଡଦେଉଳ, କୋଣାର୍କ ଏବଂ ଲିଙ୍ଗରାଜ ଭଳି ମନ୍ଦିର ର୍ନିମାଣ କରିବା ସହ ସାତ ସମୁଦ୍ର ପାର କରି ବାଣିଜ୍ୟ ବ୍ୟବସାୟ କରିବାରେ ସଫଳ ହୋଇଥିଲେ । ୧୯୩୬ ଏପ୍ରିଲ ୧ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଥିଲା । ସେହି ଭାଷା ଆଧାରିତ ରାଜ୍ୟ ଭାବେ ଓଡ଼ିଶା ୨୦୩୬ରେ ୧୦୦ ବର୍ଷ ପୂରଣ ହେବ । ଏକବିଂଶ ଶତାବ୍ଦୀରେ ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ୧୦୦ ବର୍ଷ ପୂରଣ କରୁଥିବା ବେଳେ ପୃଥିବୀର ବୌଦ୍ଧିକ କେନ୍ଦ୍ର ଓଡ଼ିଶା ହେବା ଦରକାର ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଭାଷା ଗବେଷଣାକୁ ପ୍ରୋତ୍ସାହନ ଦେବା ଦିଗରେ ସିଆଇଆଇଏଲ, ମହୀଶୂର ଏବଂ ଏନସିଇଆରଟି ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଥିଲା ।

### ୫୨ନଂ ୱାର୍ଡରେ ମାଗଣା ସ୍ୱାସ୍ଥ୍ୟ ଶିବିର

କଟକ, (ସ୍ୱ.ପ୍ର): ୫୨ନଂ ୱାର୍ଡ ସ୍ଥିତ କାର୍ଜିଡିହ ଗୋଷ୍ଠି କେନ୍ଦ୍ରଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରଟିକୁ ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନା। ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଶିବିରରେ ହୃଦରୋଗ ବିଶେଷଜ୍ଞ ଡାକ୍ତର ପ୍ରଦୀପ୍ତ କୁମାର ନାୟକ ଯୋଗଦେଇ ୮୦ରୁ ଉର୍ଦ୍ଧ୍ୱ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିସହିତ ଏହି ଶିବିରରେ ଇସିଜି, ଉଚ୍ଚ ରକ୍ତଚାପ, ମଧୁମେହ ଆଦି ପରୀକ୍ଷା ମାଗଣାରେ କରାଯାଇଥିଲା। ଏହି ଶିବରରେ ଡଃ ବ୍ୟୋମକେଶ କାନୁନଗୋ, ଉମେଶ ଚନ୍ଦ୍ର ସାମଲ, ଲଳିତ ରାୟ, ପାର୍ବତୀ ନାୟକ, ବିନୋଦ ରେଡି, ଶସ୍ମିତା ନାୟକ, ସୁଜିତ ନାୟକ, ଦେବୀପ୍ରସନ୍ନ ଜେନାଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

### ଜିଓମିନ୍ ଟେକ୍ ସିମ୍ପୋସିୟମ ପକ୍ଷରୁ ଆଲୋଚନାଚକ୍ର

## ଜଙ୍ଗଲ ବୃଦ୍ଧି ଦିଗରେ ସହାୟକ ହୋଇଥାଏ ବକ୍ସାଇଟ୍ ଖଣି : ଡ. ଚାନ୍ଦ

ଭୁବନେଶ୍ୱର (ସବ୍ୟୁ): ବକ୍ସାଇଟ୍ ଖଣି ଯୋଗୁ ଜଙ୍ଗଲ କ୍ଷୟ ହୋଇନଥାଏ ଅନ୍ୟପକ୍ଷରେ ଜଙ୍ଗଲ ବୃଦ୍ଧି ଦିଗରେ ସହାୟକ ହୋଇଥାଏ । ଅଧିକରୁ ଅଧିକ ବକ୍ସାଇଟ୍ ଖଣି ଖନନ ଦ୍ୱାରା ସବୁଜ ଜଙ୍ଗଲ ସୃଷ୍ଟି ହେବ ବୋଲି ବିଶିଷ୍ଟ ଶିଳ୍ପ ବିଶେଷଜ୍ଞ ଡ. ତପନ କୁମାର ଚାନ୍ଦ କହିଛନ୍ତି । ଜିଓମିନ୍ ଟେକ୍ ସିମ୍ପୋସିୟମ ପକ୍ଷରୁ ଖଣି ଓ ଶିଳ୍ପ ଉପରେ ଆୟୋଜିତ ଆଲୋଚନାଚକ୍ରରେ ଉଦ୍‌ବୋଧନ ଦେଇ ଡ. ଚାନ୍ଦ କହିଛନ୍ତି ରାଜ୍ୟର ପ୍ରଗତି ଓ ସମୃଦ୍ଧି ପାଇଁ ଖଣି ଖନନ ଏକାନ୍ତ ଆବଶ୍ୟକ । ଏସବୁ ଦୃଷ୍ଟିରୁ ନୂତନ ଖଣି ଖନନ କରାଯିବା ଆବଶ୍ୟକ । ଏଥିପ୍ରତି ଜନସାଧାରଣଙ୍କ ସମର୍ଥନ ରହିବା ଉଚିତ୍ । ଖଣି ଖନନ ସଂପର୍କରେ ଲୋକଙ୍କ ମଧ୍ୟରେ ରହିଥିବା ନକରାତ୍ମକ ଚିନ୍ତାଧାରା ପରିବର୍ତ୍ତନ ହେବା ଉଚିତ୍ । ଖଣି ଖନନକୁ ପ୍ରତିରୋଧ କରାଯିବାର କାରଣ ସଂପର୍କରେ ଡ. ଚାନ୍ଦ ଅର୍ଥଶାସ୍ତ୍ରରେ ଚାଣକ୍ୟଙ୍କର ଉକ୍ତିକୁ ଉଲ୍ଲେଖ କରି କହିଛନ୍ତି ଯେ, ଲୋକମାନେ ସେମାନଙ୍କ ଅଭିଭାବକଙ୍କୁ ହରାଇବା ସ୍ମୃତିକୁ ଭୁଲିଯିବେ କିନ୍ତୁ ନିଜ ସଂପତ୍ତି ହରାଇବାକୁ କେବେ ବି ଚାହିଁବେ ନାହିଁ । କ୍ଷୟକ୍ଷତିର ଭରଣା ଉଦ୍ଦେଶ୍ୟରେ ଖଣି ପାଇଁ ନିଆଯାଇଥିବା ଜମି ବଦଳରେ ଜମି ଦେବା ବ୍ୟବସ୍ଥା ସହିତ ଜମି ଦଖଲ କ୍ଷେତ୍ରରେ ନୂତନ ଆଭିମୁଖ୍ୟ ଗ୍ରହଣ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଖଣି ଖନନ ସଂପର୍କରେ ଲୋକଙ୍କ ମଧ୍ୟରେ ଥିବା ଭୁଲ୍ ଚିନ୍ତାଧାରାକୁ ଦୂର କରାଯିବା



ଆବଶ୍ୟକ । ଜଙ୍ଗଲ ଅବକ୍ଷୟ ପାଇଁ ଖଣି ଖନନକୁ ଦାୟୀ କରାଯିବା ସଂପର୍କରେ ଡ. ଚାନ୍ଦ କହିଛନ୍ତି ଯେ, ଏହାର କୌଣସି ସତ୍ୟତା ନାହିଁ । କାରଣ ବକ୍ସାଇଟ୍ ଖଣି ଖନନ ଦ୍ୱାରା ବକ୍ସାଇଟ୍ ଧାତୁ ଅପସାରଣ କରାଯାଇଥାଏ । ଏହା ଫଳରେ ଜମି ଅଧିକ ଉର୍ବର ହୁଏ । ଥରେ ଧାତବ ସାମଗ୍ରୀ ବାହାର କରାଯିବା ପରେ ବଡ ବଡ ଗଛ ଗୁଡ଼ିକ ବଢ଼ିବା ସହ ସବୁଜ ଜଙ୍ଗଲ ସୃଷ୍ଟି ଦିଗରେ ଏହା ସହାୟକ ହୋଇଥାଏ । ନାଲ୍‌କୋ ଦାମନଯୋଡିର ପଞ୍ଚପଟମାଳି ବକ୍ସାଇଟ୍ ଖଣି ଅଞ୍ଚଳରେ ଏହା ଦେଖିବାକୁ ମିଳୁଛି । ଡ. ଚାନ୍ଦ ଜଙ୍ଗଲ ଅଭିବୃଦ୍ଧି ପାଇଁ ଅଧିକ ସଂଖ୍ୟକ ବକ୍ସାଇଟ୍ ଖଣି ଖନନ ପାଇଁ ପରାମର୍ଶ ଦେବା ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିକଳ୍ପ ଜମି ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଆଇଏସ୍‌ଏମ୍ ଧାନବାଦ୍ ବୋର୍ଡ ଅଫ୍ ଗଭର୍ଣ୍ଣର୍ସ ଚେୟାରମ୍ୟାନ୍, ସିଆଇଏଲ୍‌ର ଚେୟାରମ୍ୟାନ୍, ଏମ୍‌ଡି ଟାଟା ଏସ୍‌ଇଜେଡ୍ ସିଇଓ ଜେଏସ୍‌ଡବ୍ଲ୍ୟୁ ବିଏସ୍‌ଏଲ୍, ସିଏମ୍‌ଡି ଏନ୍‌ସିଏଲ୍, ଓଏମ୍‌ସି ଡାଇରେକ୍ଟର, ମାଇନ୍ସ ଓ ସେଫ୍ଟି ଡାଇରେକ୍ଟର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଥିଲେ ।

## ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ଡାଃ. ଜେ.ପି ଦାସଙ୍କ ପରଲୋକ



ଭୁବନେଶ୍ୱର (ସବ୍ୟୁ): ରବିବାର ସନ୍ଧ୍ୟାରେ ରାଜ୍ୟ ତଥା ଦେଶର ସୁନାମଧନ୍ୟ ହୃଦ୍‌ରୋଗ ବିଶେଷଜ୍ଞ ଡାଃ. ଯଦୁନାଥ ପ୍ରସାଦ ଦାସ ଏକ ଘରୋଇ ହସ୍ପିଟାଲରେ ଇହଲୀଳା ସମ୍ବରଣ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୯୦ବର୍ଷ ବୟସ ହୋଇଥିଲା । ସେ କିଛିମାସ ହେଲା ଅସୁସ୍ଥ ଥିଲେ । ସେ ଏକାଧାରରେ ଜଣେ ଚିକିତ୍ସାବିଜ୍ଞାନୀ ସହିତ କଳାର ଉପାସକ ମଧ୍ୟ ଥିଲେ । ଜଣେ ଚିତ୍ରଶିଳ୍ପୀ ଭାବରେ ସେ ସୁନାମଅର୍ଜନ କରିଥିଲେ । ଶେଷ ସମୟରେ ତାଙ୍କ ପାଖରେ ତାଙ୍କ ଧର୍ମପତ୍ନୀ ସମାଜସେବୀ ଶ୍ରୀମତୀ ଗାୟତ୍ରୀ ଦାସ, ସୁପୁତ୍ର ଡାଃ. ଦେବବ୍ରତ ଦାସ, ପୁତ୍ରବଧୂ ବିଦ୍ୟା ଦାସ, ନାତୁଣୀ ଈଶାନୀ ଦାସଙ୍କ ସହିତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଭୁବନେଶ୍ୱରରେ କିଟ୍ ନହ୍ନିପରୀ ଆଞ୍ଚଳିକ ଅଡିସନ ଶେଷ

ଭୁବନେଶ୍ୱର (ସବ୍ୟୁ): କିଟ୍ ନହ୍ନିପରୀ ଲିଟିଲ୍ ମିସ୍ ଇଣ୍ଡିଆର ୨୩ତମ ସଂସ୍କରଣ ପାଇଁ ଆଞ୍ଚଳିକ ଅଡିସନ୍ ରବିବାର ଭୁବନେଶ୍ୱରଠାରେ ଶେଷ ହୋଇଛି । କିଟ୍ କ୍ୟାମ୍ପସ୍ ୭ରେ ହୋଇଥିବା ଏହି ଅଡ଼ିସନ୍‌ରେ ଓଡ଼ିଶାର




ବିଭିନ୍ନ ପ୍ରାନ୍ତରୁ ୧୪ ରୁ ୧୬ବର୍ଷ ବୟସର ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଡିସେମ୍ବର ୨୬ ଓ ୨୭ ତାରିଖରେ ଭୁବନେଶ୍ୱରରେ ଏହାର ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ । ରବିବାର କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ବିଚାରକ ଭାବେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ରନ୍ ପଦ୍ମା ରଶ୍ମିତା ଯାଜ୍ଞସେନୀ, ୨୦୨୨ ନହ୍ନିପରୀ ବିଜେତା ଅନନ୍ୟା ରାଉତରାୟ, ୨୦୧୬ ବିଜେତା ମୈତ୍ରୀ ମନାଲି ପ୍ରଧାନ ଯୋଗ ଦେଇଥିବା ବେଳେ କୋର କମିଟି ସଦସ୍ୟ ରେଖାରାଣୀ ମିଶ୍ର, ସୋମା ମହାନ୍ତି, ମଳୟ ମହାପାତ୍ର ଓ ଡ. ଶ୍ରଦ୍ଧାଞ୍ଜଳି ନାୟକ ପ୍ରମୁଖ ଉପସ୍ଥିତ ଥିଲେ । କିଟ୍ ନହ୍ନିପରୀ ବିଜେତାମାନଙ୍କ ପାଇଁ ମୋଟ ୪୧ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରଖାଯାଇଛି । ନହ୍ନିପରୀ ଟାଇଟଲ୍ ବିଜେତାଙ୍କୁ ନଗଦ ୩ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ଆକାରରେ ପ୍ରଦାନ କରାଯିବାକୁ ଥିବା ବେଳେ ସେ କିଟ୍‌ରେ ପାଠ ପଢ଼ିଲେ ତାଙ୍କର ଶହେ ପ୍ରତିଶତ ଫି’ ଛାଡ଼ ଅର୍ଥାତ୍ ସର୍ବାଧିକ ୧୮ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି ଛାଡ଼ ହେବ । ପ୍ରଥମ ରନର୍ସ ଅପ୍‌ଙ୍କୁ ନଗଦ ୧ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବା ସହ ଏବଂ ସେ କିଟ୍ରେ ପାଠ ପଢିଲେ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି’ ଛାଡ଼ କରାଯିବ । ଦ୍ୱିତୀୟ ରନର୍ସ ଅପ୍ ପାଇଁ ୫୦ ହଜାର ଟଙ୍କା ନଗଦ ଅର୍ଥରାଶି ସହ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ପୁରସ୍କାର ପ୍ରଦାନ କରାଯିବ । ସେହିପରି ପ୍ରତିଯୋଗିତାର ମିସ୍ ରାପୁଞ୍ଜେଲ, ମିସ୍ ଫଟୋଜେନିକ୍, ମିସ୍ ସେଲ୍ଫି (ଫେସ୍ବୁକ୍ରେ ସର୍ବାଧିକ ଲାଇକ୍), ମିସ୍ ଫେସନ୍ ଗାର୍ଲ, ମିସ୍ ଓ୍ୱିଜ୍କିଡ୍, ମିସ୍ ସିଣ୍ଡ୍ରେଲା, ମିସ୍ ଉର୍ବଶୀ, ମିସ୍ କ୍ୟାଟ୍‌ୱାକ୍, ମିସ୍ ମୋନାଲିସା ଏବଂ ମିସ୍ ଆକ୍ଟିଭ୍ ଆଦି ବର୍ଗରେ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଥିବା ପ୍ରତିଯୋଗୀଙ୍କ ପାଇଁ ମଧ୍ୟ ଅର୍ଥିକ ପୁରସ୍କାର ବ୍ୟବସ୍ଥା ରହିଛି ।

### ଓଡ଼ିଶାର ୬୩ଟି କେନ୍ଦ୍ରୀୟ ଓ ନବୋଦୟ ବିଦ୍ୟାଳୟରେ

## ପିଏମ ଶ୍ରୀ ସ୍କୁଲର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ପ୍ରାୟ ୧ କୋଟି ପିଲାଙ୍କ ଭଵିଷ୍ୟତକୁ ଗଢିବା ସହ ତାଙ୍କ ମନରେ ବଢୁଥିବା ଆତ୍ମବିଶ୍ୱାସ ଶିଖରକୁ ନେବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ରବିବାର ଭୁବନେଶ୍ୱର ଠାରେ ଓଡ଼ିଶାର ୬୩ଟି କେନ୍ଦ୍ରୀୟ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମହତ୍ୱକାଂକ୍ଷୀ ପିଏମ ଶ୍ରୀ ୨୦୨୩-୨୪ ବର୍ଷ ପାଇଁ ଏହି ସ୍କୁଲ ପାଇଁ ପାଖାପାଖି ୫୦.୮ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ସେଥିମଧ୍ୟରୁ ୧୨.୭ କୋଟି ଟଙ୍କା ଏହି ବିଦ୍ୟାଳୟଗୁଡ଼ିକୁ ପ୍ରଥମ କିସ୍ତିରେ ପ୍ରଦାନ କରାଯାଇଛି । ୩୭ଟି କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ମୋଟ ୭.୨୭ କୋଟି ଟଙ୍କା ଏବଂ ୨୬ଟି ନବୋଦୟ ବିଦ୍ୟାଳୟ ପାଇଁ ୫.୪୩ କୋଟି ଟଙ୍କା ବ୍ୟୟ



ଯୋଜନାକୁ ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାରେ ଥିବା ୯୭ଟି କେନ୍ଦ୍ରୀୟ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟ ମଧ୍ୟରୁ ପ୍ରାୟ ୬୩ଟି ତଥା ୩୭ କେନ୍ଦ୍ରୀୟ ବିଦ୍ୟାଳୟ ଓ ୨୬ଟି ନବୋଦୟ ବିଦ୍ୟାଳୟକୁ ଆଜି ଠାରୁ ପିଏମ – ଶ୍ରୀ ସ୍କୁଲ ଭାବେ ଅନ୍ତର୍ଭୁକ୍ତ କରାଯାଇଛି । କରାଯାଇ ସ୍କୁଲର ଉନ୍ନତିକରଣ ଆରମ୍ଭ କରାଯିବ ।

ପିଲା ମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କର ବୈଜ୍ଞାନିକ ମନୋଭାବକୁ ବଢାଇବା ପାଇଁ ଏବଂ କଳା, ସାହିତ୍ୟ ବିଜ୍ଞାନରେ ସୃଜନଶୀଳତା ବଢାଇବା ସହ ସବୁ ଦୃଷ୍ଟିରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବଢାଇବା ଦିଗରେ ପିଏମ ଶ୍ରୀର ଯୋଜନା । ଏହି ସ୍କୁଲ ଗୁଡିକ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ହୋଇଥିବା ପାଠ୍ୟକ୍ରମ ଓ ପାଠପଢାର ପଦ୍ଧତି, ଶିକ୍ଷକ ମାନଙ୍କର ପରିବର୍ଦ୍ଧିତ ଦକ୍ଷତାକୁ ଗୋଟିଏ ସ୍କୁଲରେ ପରିପ୍ରକାଶ କରିବ । ସ୍କୁଲ ଗୁଡ଼ିକୁ ପ୍ରତିଯୋଗିତା ଆଧାରରେ ରାଜ୍ୟମାନେ କେନ୍ଦ୍ରକୁ ନାଁ ପଠାଇବାର ଆବଶ୍ୟକତା ଅଛି । ମାତ୍ର ଓଡ଼ିଶା ସରକାର ପିଏମ ଶ୍ରୀ ପାଇଁ ଏମଓୟୁ କରିନାହାନ୍ତି । ଏଥିପାଇଁ ଗତ ୧ ବର୍ଷ ମଧ୍ୟରେ ୩ ଥର ବ୍ୟକ୍ତିଗତ ଭାବରେ ଚିଠି ଲେଖାଯାଇଛି । କୌଣସି ନା କୌଣସି କାରଣରୁ ଓଡ଼ିଶା ଏହି ଯୋଜନା ଲାଗୁ କରୁନାହାନ୍ତି । ଗୋଟିଏ ଦୁଇଟି ରାଜ୍ୟ ରାଜନୈତିକ ଉଦ୍ଦେଶ୍ୟ ରଖି ପିଏମ ଶ୍ରୀ ଯୋଜନା ଲାଗୁ କରୁନାହାନ୍ତି । ସେ ରାଜ୍ୟ ଗୁଡ଼ିକ ଭଳି ଓଡ଼ିଶା ସରକାରଙ୍କର ଏଥିରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନଥିବ ବୋଲି ଭାବୁଛି । ଏହି ମର୍ମରେ ପୁଣି ଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଓଡ଼ିଶାର ସରକାରୀ ସ୍କୁଲରେ ପ୍ରଧାନମନ୍ତ୍ରୀଙ୍କ ମହତ୍ୱକାଂକ୍ଷୀ ଯୋଜନା ପିଏମ ଶ୍ରୀ ଯୋଜନାକୁ ଲାଗୁ କରିବା ପାଇଁ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ପିଏମ ଶ୍ରୀ ଯୋଜନା ଓଡ଼ିଶା ସରକାର ଲାଗୁ କଲେ ଓଡ଼ିଶାର ପ୍ରତ୍ୟେକ ବ୍ଲକ ଏବଂ ପୌରାଞ୍ଚଳରେ ଦୁଇଟି ଲେଖାଏ ସ୍କୁଲକୁ ପିଏମ ଶ୍ରୀସ୍କୁଲରେ ବିକଶିତ କରାଯିବ । ଗୋଟିଏ ସ୍କୁଲରେ ୨ କୋଟି ଟଙ୍କାର ଅନୁଦାନର ଦାୟିତ୍ୱ ନେବେ କେନ୍ଦ୍ର ସରକାର । ଓଡ଼ିଶାରେ ପ୍ରାୟ ୮୦୦ଟି ସରକାରୀ ସ୍କୁଲ ପିଏମ ଶ୍ରୀ ସ୍କୁଲରେ ବିକଶିତ ହେବା ସହ ୫ ବର୍ଷରେ ୧୬୦୦ କୋଟିରୁ ଅଧିକ ଟଙ୍କା ଆସିବ । ଓଡିଆ ପିଲା ମାନଙ୍କୁ ବୈଶ୍ୱିକ ନେତୃତ୍ୱ ଦେବା ପାଇଁ ପ୍ରସ୍ତୁତ କରାଇବାକୁ ହେବ ।

### ନେଚର କେୟାର ଇନିସିଏଟିଭ୍‌ର ଜାତୀୟ ସମ୍ମିଳନୀ

## ଜଳାଶୟର ସଂରକ୍ଷଣ ପାଇଁ ପ୍ରତ୍ୟେକ ଭାରତୀୟ ଆଗେଇ ଆସନ୍ତୁ : ଜଷ୍ଟିସ୍ ପାଣିଗ୍ରାହୀ

ଭୁବନେଶ୍ୱର (ସବ୍ୟୁ): ଭୂତଳଜଳସ୍ତର ହ୍ରାସ ରୋକିବା ନିମନ୍ତେ ପୋଖରୀ ଏବଂ ଜଳାଶୟଗୁଡ଼ିକର ସଂରକ୍ଷଣ ପାଇଁ ପ୍ରତ୍ୟେକ ଭାରତୀୟ ଆଗେଇ ଆସିବାକୁ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ସଞ୍ଜୀବ ପାଣିଗ୍ରାହୀ ଆହ୍ୱାନ କରିଛନ୍ତି । ନେଚର କେୟାର ଇନ୍‌ସିଏଟିଭ୍ ତରଫରୁ ଭୁବନେଶ୍ୱର ସ୍ଥିତ ଲା ଫ୍ରାଙ୍କିଲିନ୍ ହୋଟେଲାରେ ଆୟୋଜିତ କ୍ଲାଇମେଟ ଚେଞ୍ଜ ଆଣ୍ଡ ରିଜିଲିଆନ୍‌ସ ଡେଭଲପମେଣ୍ଟ ଶୀର୍ଷକ ଜାତୀୟ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଜଷ୍ଟିସ ପାଣିଗ୍ରାହୀ ଯୋଗଦେଇ କହିଥିଲେ ଯେ, କେବଳ ମଣିଷ ହିଁ ପ୍ରକୃତିକୁ ନଷ୍ଟ କରୁଛି । ସମୁଦ୍ରତଟରେ ହେନ୍ତାଳବଣର ସୁରକ୍ଷା ନହେଲେ ଆଗାମୀ ଦିନରେ ଭୟାବହ ପରିସ୍ଥିତି ସୃଷ୍ଟି ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ସାମୁଦ୍ରିକ ବାତ୍ୟାର ଭୟାବହତାରୁ ରକ୍ଷା ପାଇବା ପାଇଁ ହେନ୍ତାଳବଣର ସୁରକ୍ଷା ଅତ୍ୟନ୍ତ ଜରୁରୀ । ପରିବେଶ ଶିକ୍ଷା କେବଳ କ୍ଲାସ୍ ରୁମ୍‌ରେ ସୀମିତ ନହୋଇ ଫିଲ୍ଡ ଷ୍ଟଡି ମାଧ୍ୟମରେ ଶିକ୍ଷା ବ୍ୟବସ୍ଥା ପ୍ରଚଳନ ପାଇଁ ଜଷ୍ଟିସ ପାଣିଗ୍ରାହୀ ମରାମର୍ଶ ଦେଇଥିଲେ । ପରିବେଶକୁ ଦୃଷ୍ଟିରେ ରଖି ସହରାଞ୍ଚଳରେ ନିୟମର କଡ଼ାକଡ଼ି ପାଳନ, ପ୍ରାକୃତିକ ସମ୍ପଦର ସୁପରିଚାଳନା, ଜଳବାୟୁର ପରିବର୍ତ୍ତନ ସମସ୍ୟାର ନିରାକରଣ ପାଇଁ ଗାନ୍ଧୀଙ୍କ ସବୁଜ ତତ୍ତ୍ୱକୁ ଆପଣାଇବା ପାଇଁ ଗୁରୁତ୍ୱାରୋପ କରିଥିଲେ ।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି




ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର ଯୋଗଦେଇ କହିଥିଲେ ଯେ, ଓଡ଼ିଶା କ୍ଲାଇମେଟ୍ ଆକ୍ସନ ପ୍ଲାନ ଲାଗୁ କରିବାରେ ଏକ ଅଗ୍ରଣୀ ରାଜ୍ୟ ବୋଲି କହିଥିଲେ । ଆଗାମୀ ୭ ବର୍ଷରେ ଓଡ଼ିଶାରେ ୧୦ ହଜାର ମେଗାୱାଟ ସବୁଜ ବିଦ୍ୟୁତ ଉତ୍ପାଦନ ଲକ୍ଷ୍ୟ ରହିଛି ଯାହାକି ପରିବେଶ ସୁରକ୍ଷା ଦିଗରେ ଓଡ଼ିଶା ସରକାରଙ୍କର ବଡ଼ ପଦକ୍ଷେପ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟ ସୂଚନା ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତି ଯୋଗ ଦେଇଥିଲେ । ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀକାନ୍ତ ଶେଖର ସାହୁ କାର୍ଯ୍ୟକ୍ରମର ଅଧକ୍ଷତା କରିଥିଲେ । ଅନୁଷ୍ଠାନର ପରାମର୍ଶଦାତା ଦୁର୍ଗାପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପାଳିତ, ଜାଭିୟର ବିଶ୍ୱବିଦ୍ୟାଳୟର ଡିନ୍ ଡ. ସୁତପା ପତି ଓ ଆଇଆଇଟି ଭୁବନେଶ୍ୱରର ଆସୋସିଏଟ ପ୍ରଫେସର ସନ୍ଦିପ ପଟ୍ଟନାୟକ ଯୋଗ ଦେଇଥିଲେ ।

## ସର୍ଭୋଟେକ୍ ଇଭି ଇନ୍‌ଫ୍ରା ପ୍ରା.ଲିଃକୁ ଅନ୍ତର୍ଭୁକ୍ତ କରିଛି ସର୍ଭୋଟେକ୍ ପାୱାର ସିଷ୍ଟମ୍‌ସ ଲିଃ

ଭୁବନେଶ୍ୱର (ସବ୍ୟୁ): ଭାରତର ପ୍ରେମିୟର ଇଭି ଚାର୍ଜର ନିର୍ମାତା ସର୍ଭୋଟେକ୍ ପାୱାର ସିଷ୍ଟମ୍‌ସ ଲିମିଟେଡ୍ ନିଜ ମାଲିକାନାରେ ଥିବା ଏହା ସହାୟକ କମ୍ପାନୀ ସର୍ଭୋଟେକ୍ ଇଭି ଇନ୍‌ଫ୍ରା ପ୍ରାଇଭେଟ୍ ଲିମିଟେଡ୍‌ର ଘୋଷଣା କରିଛି। ନିଜସ୍ୱ ସହାୟକ କମ୍ପାନୀ ସ୍ଥାପନ କରି ସର୍ଭୋଟେକ୍ ପାୱାର ସିଷ୍ଟମ୍‌ସ ଇଭି ଚାର୍ଜ ପଏଂଟ୍ ଅପରେଟର ବ୍ୟବସାୟରେ ପ୍ରବେଶ କରିଛି। ସର୍ଭୋଟେକ୍ ପାୱାର ସିଷ୍ଟମ୍‌ସ ଇଭି ଚାର୍ଜରଗୁଡିକର ଉତ୍ପାଦନ କରିବ ଏବଂ ସର୍ଭୋଟେକ୍ ଇଭି ଇନ୍‌ଫ୍ରାକୁ ଏହାର ଯୋଗାଣ କରିବ। ଏଥିସହିତ ସର୍ଭୋଟେକ୍ ପାୱାର ସିଷ୍ଟମ୍‌ସ ଏହି ଇଭି ଚାର୍ଜରଗୁଡିକ ପାଇଁ ଏକ ସିପିଓ ଭାବେ ବ୍ୟବସାୟ କରିବ। ଏହି ନୂତନ ପଦକ୍ଷେପ ଦୁଇଟି ବ୍ୟବସାୟର ଭିନ୍ନ ଭିନ୍ନ ଭୂମିକାକୁ ସ୍ପଷ୍ଟ ରୂପେ ବ୍ୟାଖ୍ୟା କରିବ ଏବଂ ସେଗୁଡିକର ବ୍ୟକ୍ତିଗତ ହିତକୁ ସୁରକ୍ଷିତ ରଖିବ। ଇଭି ଚାର୍ଜିଙ୍ଗ ମାର୍କେଟ୍ ଆଗାମୀ ବର୍ଷଗୁଡିକରେ ଦ୍ରୁତ ବେଗରେ ବିକଶିତ ହେବାର ସମ୍ଭାବନା ରହିଛି କାରଣ ଭାରତ ସରକାର ୨୦୩୦ ସୁଦ୍ଧା ସମସ୍ତ ଯାନଗୁଡିକର ୩୦%କୁ ଇଲେକ୍ଟ୍ରିକ୍ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ଏବଂ ସର୍ଭୋଟେକ୍ ଇଭି ଇନ୍‌ଫ୍ରା ଇଭି ଚାର୍ଜିଙ୍ଗ ଟେକ୍ନୋଲୋଜି କ୍ଷେତ୍ରରେ ମଜଭୁତ ଟ୍ରାକ୍ ରେକର୍ଡ ଓ ବିଶେଷଜ୍ଞତା ସହିତ ଏହି ଅଭିବୃଦ୍ଧି ଉପରେ ପୁଞ୍ଜିକରଣ କରିବା ପାଇଁ ସୁବ୍ୟବସ୍ଥିତ ରହିଛି। ସର୍ଭୋଟେକ୍ ଇଭି ଇନ୍‌ଫ୍ରା ପ୍ରାଇଭେଟ୍ ଲିମିଟେଡ୍ ଆସନ୍ତା ବର୍ଷଗୁଡିକରେ ଦେଶବ୍ୟାପୀ ୫୦୦୦ ଇଭି ଚାର୍ଜିଙ୍ଗ୍ ଷ୍ଟେଶନ ସ୍ଥାପନ କରିବା ପାଇଁ ଲକ୍ଷ୍ୟ ରଖିଛି, ଯାହା ଏକ ମଜଭୁତ ଇଭି ଚାର୍ଜିଙ୍ଗ ଭିତିଭୂମି ସୃଷ୍ଟି କରିବ ।

## ବିଶ୍ୱ ସ୍ମୃତି ଦିବସ

କଟକ, (ସ୍ୱ.ପ୍ର): ନଭେମ୍ବର ମାସର ତୃତୀୟ ରବିବାରକୁ ବିଶ୍ୱ ସ୍ମୃତି ଦିବସ ଭାବେ ପାଳନ କରାଯାଉଛି। ସଡକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତି, ଜରୁରୀକାଳୀନ ସେବା ଯୋଗାଉଥିବା ବ୍ୟକ୍ତି ଏବଂ ଦୁର୍ଘଟଣା ଜନିତ ଆହତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ




ଏହି ସ୍ମୃତି ଦିବସ ପାଳନ କରାଯାଇଥାଏ। ଏହି ଅବସରରେ ରବିବାର ଅପରାହ୍ନ ୫ ଘଟିକାରେ ବିଶ୍ୱ ସ୍ମୃତି ଦିବସ ଖାନନଗର ସ୍ଥିତ ନେତାଜୀ ବସ ଟର୍ମିନାଲ ଠାରେ ସଡ଼କ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସାମାଜିକ ଅନୁଷ୍ଠାନ କମନ ଆକ୍ସନ ଫର ରୋଡ ସେଫ୍ଟି (କାରର୍ସ), ପରିବହନ ବିଭାଗ, କଟକ ଭୁବନେଶ୍ୱର କମିଶନରେଟ ପୋଲିସ ଏବଂ କଟକ ଅଟୋ ମହାସଂଘର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସିଏମସି ମେୟର ସୁବାସ ସିଂହ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ଅତିରିକ୍ତ ଡ଼ିସିପି ଅନିଲ ମିଶ୍ର, ଟ୍ରାଫିକ ଏଡିସିପି ଦେବଦତ୍ତ କର, କଟକ ଆରଟିଓ ସଞ୍ଜୟ ବେହେରା, କଟକ ଅଟୋ ମହାସଂଘର ଉପ ସଭାପତି ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ସଡ଼କ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟର ନିରବ ପ୍ରାର୍ଥନା କରି କାର୍ଯ୍ୟକ୍ରମଟିକୁ ଆରମ୍ଭ କରିଥିଲେ। ପ୍ରାରମ୍ଭରେ ଆଇନଜୀବୀ ସୁଜିତ୍ ସେନାପତି ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ଓ ସଭାକାର୍ଯ୍ୟଟିକୁ ପରିଚାଳନା କରିଥିଲେ । ପରେ ପରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବିଭିନ୍ନ ସ୍କୁଲ୍ ଓ କଲେଜ ଛାତ୍ର ଛାତ୍ରୀ, ଏନସିସି, ଗାଡିଚାଳକ, ଆଇନଜୀବୀ, ଡାକ୍ତରଙ୍କ ସମେତ ବହୁ ବୁଦ୍ଧିଜୀବୀ ମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ବସଷ୍ଟାଣ୍ଡ ପରିସରରେ ବୃକ୍ଷ ରୋପଣ କରାଯିବା ସହ ପ୍ରିପେଡ୍ ଅଟୋ ବୁଥ୍ ସେବା କେନ୍ଦ୍ରର ଉଦଘାଟନ କରାଯାଇଥିଲା । ଶେଷରେ କାରର୍ସର ଅଧକ୍ଷ ଶ୍ରୀ ସେନାପତି ଧନ୍ୟବାଦ୍ ଅର୍ପଣ କରିଥିଲେ ।

### ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ସମ୍ମିଳନୀ

## ଏଆଇ କେବେ ମଣିଷର ସ୍ଥାନ ନେଇପାରିବ ନାହିଁ: ବିଶେଷଜ୍ଞ

ଭୁବନେଶ୍ୱର (ସବ୍ୟୁ) : ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ (ଆରଡିଡବ୍ଲ୍ୟୁୟୁ) ରେ ସାହିତ୍ୟ ଏବଂ ଚଳଚ୍ଚିତ୍ର ଉପରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ର ପ୍ରଭାବ ସମ୍ପର୍କରେ ଦୁଇ ଦିନିଆ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ଆରଡିଡବ୍ଲ୍ୟୁୟୁ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ମାନବ ବୁଦ୍ଧିମତା ଏବଂ କୃତ୍ରିମ ବୁଦ୍ଧିମତ୍ତା ମଧ୍ୟରେ ଥିବା ସମ୍ପର୍କର ଗତିଶୀଳତା ଉପରେ ଗୁରୁତ୍ୱାରୋପ କରିଥିଲେ । ସମାଜ ଉପରେ ଏଆଇର ପ୍ରଭାବକୁ ସତର୍କତାର ସହ ବିଚାର କରିବାକୁ ସେ ଆଲୋଚନାରେ ଯୋଗ ଦେଇଥିବା ବ୍ୟକ୍ତି ବିଶେଷଙ୍କୁ ଅନୁରୋଧ କରିଥିଲେ ଏବଂ ଏହା ସୁନିଶ୍ଚିତ କରିବାକୁ କହିଥିଲେ ଯେ ଏଆଇର ଉପଯୋଗ ମାନବୀୟ ସାମର୍ଥ୍ୟ ବୃଦ୍ଧି କରିବା ପାଇଁ କରାଯିବା ଆବଶ୍ୟକ । ମାନବ କଳ୍ପନା, ଭାବନା ଓ ଭାବନାର ଅନନ୍ୟ ଗୁଣ ଯୋଗୁଁ ଏଆଇ କେବେ ବି ମାନବ ବୁଦ୍ଧିର ସମ୍ପୂର୍ଣ୍ଣ ସ୍ଥାନ ନେଇପାରିବ ନାହିଁ ବୋଲି ଟେକ୍ସାସ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁର ପି. ରଥ ମତବ୍ୟକ୍ତ କରିଛନ୍ତି । ସେ ଏଆଇ ଦ୍ୱାରା ସୃଷ୍ଟି ହୋଇଥିବା ବିଷୟବସ୍ତୁକୁ 'ଦାରୁବ୍ରହ୍ମ' ବିନା ମୂର୍ତ୍ତି ସହିତ ତୁଳନା କରିଥିଲେ, ଯାହା ମୂର୍ତ୍ତିକୁ ଜୀବନ୍ତ କରିଥାଏ ।

ଆମେରିକାସ୍ଥିତ ଏଆଇ ପ୍ରଫେସନାଲ ତପନ ପାୀ ଟେକ୍ନୋଲୋଜି ଏବଂ ଏଆଇର ଉନ୍ନତିକୁ ଦାୟିତ୍ୱପୂର୍ଣ୍ଣ ଏବଂ ନୈତିକ ଭାବେ ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଏଆଇକୁ ନେଇ ସମ୍ଭାବ୍ୟ ନୈତିକ ଚିନ୍ତା ବିଷୟରେ ଆଲୋଚନା କରିଥିଲେ ଏବଂ ଏଆଇ ପ୍ରଯୁକ୍ତିର ଉପଯୋଗରେ ସତର୍କ ରହିବାକୁ ଅଂଶଗ୍ରହଣକାରୀମାନଙ୍କୁ ଅନୁରୋଧ କରିଥିଲେ । କାଲିଫର୍ଣ୍ଣିଆସ୍ଥିତ ଇଞ୍ଜିନିୟର ତଥା ଲେଖକ ଏସ୍. ବି. ଦିବ୍ୟା ମଧ୍ୟ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ସେ ତାଙ୍କ ୟୁଗୋ ପୁରସ୍କାର ପାଇଁ




ମନୋନୀତ ପୁସ୍ତକ 'ମେସିନହୁଡ' ପାଇଁ ସୁପରିଚିତ । ସେ ଏଆଇର ନୈତିକ ଦିଗ ଏବଂ ମାନବୀୟ ସହାୟକ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ । ଉଦଘାଟନୀ ଅଧିବେଶନରେ ଆରଡିଡବ୍ଲ୍ୟୁୟୁର ଇଂରାଜୀ ବିଭାଗର ମୁଖ୍ୟ ଡଃ ମନୀଷା ମିଶ୍ର ବୈଷୟିକ ଉନ୍ନତି ଯୋଗୁଁ ବାସ୍ତବ ଓ ଭର୍ଚୁଆଲ ଦୁନିଆ ମଧ୍ୟରେ ଥିବା ଅସ୍ପଷ୍ଟ ପାର୍ଥକ୍ୟ ଉପରେ ଆଲୋକପାତ କରିଥିଲେ । ସେ ଏଆଇ ଏବଂ ରୋବୋଟିକ୍ସର ପରିବର୍ତ୍ତନକାରୀ କ୍ଷମତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ଏହା ପରିବର୍ତ୍ତନର ଏକ ଅଭୂତପୂର୍ବ ଯୁଗରେ ପ୍ରବେଶ କରିପାରିବ ।

ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍. ନାଗରାଜୁ ବେକାରୀ ସମସ୍ୟା, ଡିପ୍ ଫେକ୍ ବିବାଦ, ମାନବ ଚେତନାକୁ ଅତିକ୍ରମ କରିବାର ସମ୍ଭାବନା ଉପରେ ଏଆଇର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଏଆଇର ସୀମା ଏବଂ ପରିଣାମକୁ ଚିନ୍ତାଶୀଳ ଭାବେ ବିଚାର କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଅଧକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ ଅଂଶଗ୍ରହଣକାରୀମାନଙ୍କୁ ଏଆଇ ବ୍ୟବହାରର ନୈତିକ ପ୍ରଭାବ ବିଷୟରେ ଚିନ୍ତା କରିବାକୁ ପରାମର୍ଶ ଦେଇଥିଲେ । ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ଇତିଶ୍ରୀ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଉଦଯାପନୀ ଉତ୍ସବରେ ବିଜ୍ଞାନ କଥା ସାହିତ୍ୟିକ ଗୌରବ ମହାନ୍ତି ଓ ଶିକ୍ଷାବିତ୍-ସାମ୍ବାଦିକ ଉତ୍ତରଣ ଦାସ ଗୁପ୍ତା ଅତିଥି ଭାବେ ଯୋଗ ଦେଇଥିଲେ । The Book of Abstractsର ଉନ୍ମୋଚନ ଏବଂ ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ ସହିତ ଏହି ଅଧିବେଶନ ଶେଷ ହୋଇଥିଲା । ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ସବାହ୍ ତବରିଜ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ସମ୍ମିଳନୀରେ ଛଅଟି ବୈଷୟିକ ଅଧିବେଶନ ଓ ଛଅଟି ପୂର୍ଣ୍ଣାଙ୍ଗ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ବିଭିନ୍ନ ବିଭାଗର ଶିକ୍ଷାବିତ୍, ବିଦ୍ୱାନ ଓ ଲେଖକମାନେ ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନ କରିଥିଲେ । ମାନବ ବୁଦ୍ଧିମତା ଏବଂ କୃତ୍ରିମ ବୁଦ୍ଧିମତ୍ତା ମଧ୍ୟରେ ବହୁମୁଖୀ ସମ୍ପର୍କ ଉପରେ ଆଲୋଚନା ପାଇଁ ଏହି କାର୍ଯ୍ୟକ୍ରମ ଏକ ମୂଲ୍ୟବାନ ମଞ୍ଚ ପ୍ରଦାନ କରିଥିଲା । ସାମଗ୍ରିକ ଭାବେ, ଏହି ସମ୍ମିଳନୀ ମାନବ ବୁଦ୍ଧିମତା ଏବଂ ଏଆଇ ମଧ୍ୟରେ ଜଟିଳ ଏବଂ ବହୁମୁଖୀ ସମ୍ପର୍କର ଅନ୍ୱେଷଣ ପାଇଁ ଏକ ଉଦ୍ଦୀପକ ମଞ୍ଚ ପ୍ରଦାନ କରିଥିଲା । ଉପସ୍ଥାପକ ଏବଂ ଅଂଶଗ୍ରହଣକାରୀଙ୍କ ଦ୍ୱାରା ବିଭିନ୍ନ ଦୃଷ୍ଟିକୋଣର ଆଦାନ ପ୍ରଦାନ ଆଲୋଚନାକୁ ସମୃଦ୍ଧ କରିଥିଲା ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ବିଷୟ ସହିତ ନିରନ୍ତର ସମ୍ପର୍କର ଆବଶ୍ୟକତା ଉପରେ ଆଲୋକପାତ କରିଥିଲା ।

# ମୂଲ୍ୟବାନ ମୁକୁଟ ସମେତ ଆପାର୍ଟମେଣ୍ଟ, ବେତନ, ଟ୍ରାଭେଲ ଆଲାଉନ୍ସ ପାଇଥାନ୍ତି ମିସ୍ ୟୁନିଭର୍ସ

ନୂଆଦିଲ୍ଲୀ : ମିସ୍ ୟୁନିଭର୍ସ ୨୦୨୩ ମୁକୁଟ ପିନ୍ଧିଛନ୍ତି ନିକାରଗୁଆର ସେନିଲ୍ ପଲାସିଓସ୍ । ଏହି ୭୨ ତମ ସୌନ୍ଦର୍ଯ୍ୟ ପ୍ରତିଯୋଗୀତାରେ ପାଖାପାଖି ୮୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସେମିଫାଇନାଲ ରାଉଣ୍ଡ ପର୍ଯ୍ୟନ୍ତ ଭାରତର ଶ୍ୱେତା ଶାରଦାଙ୍କ ନାମ ଲିଷ୍ଟରେ ସାମିଲ ଥିଲା । ତେବେ ଫାଇନାଲ ପ୍ରତିଯୋଗୀତାର ୧୦ଜଣିଆ ଲିଷ୍ଟରେ ଶ୍ୱେତା ଶାରଦା ନିଜକୁ ସ୍ଥାନିତ କରିପାରି ନାହାନ୍ତି । ବ୍ୟୁଟି ପେଜେଣ୍ଟ କମ୍ପିଟେସନରେ ଅଷ୍ଟ୍ରେଲିୟାର ମୋରେୟା ୱିଲସନ ଦ୍ୱିତୀୟ ରନର ଅପ୍ ଥିଲେ ।

ଶେନିସ୍ ପାଲାସିଓସ୍ ହେଉଛନ୍ତି ପ୍ରଥମ ନିକାରାଗୁଆନ୍ ମହିଳା, ଯିଏକି ମିସ୍ ୟୁନିଭର୍ସ ହୋପାରିଛନ୍ତି । ବ୍ରହ୍ମାଣ୍ଡର ବଛା ବଛା ପ୍ରତିଯୋଗୀଙ୍କୁ ପଛରେ ପକାଇ ଦେଶର ପ୍ରଥମ ମିସ୍ ୟୁନିଭର୍ସ ଟାଇଟଲ୍ ହାସଲ କରିଛନ୍ତି ଶେନିସ୍ । ଏହି ଟାଇଟଲ୍ ଜିତିବା ପରେ ଶେନିସ୍ ଭାବପ୍ରବଣ ହୋଇପଡିଥିଲେ । ସେ ମିସ୍ ୟୁନିଭର୍ସ ମୁକୁଟ ପିନ୍ଧୁଥିବାର ଦୃଶ୍ୟ ସୋଶାଲ ମିଡିଆରେ ବେଶ୍ ଭାଇରାଲ୍ ହେଉଛି ।

ଅନ୍ୟପଟେ ଏହି ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଅଷ୍ଟ୍ରେଲିଆର ମୋରେୟା ୱିଲସନ ଦ୍ୱିତୀୟ ରନର୍ ଅପ୍ ଘୋଷିତ ହୋଇଥିବାବେଳେ ଥାଇଲାଣ୍ଡର ଆଣ୍ଟୋନିୟା ପୋର୍ସିଲ୍ଡ ପ୍ରଥମ ରନର୍ ଅପ୍ ହୋଇଛନ୍ତି ।

୨୦୨୧ରେ ଭାରତର ହରନାଜ ସାନ୍ଧୁ ମିସ୍ ୟୁନିଭର୍ସ ବିଜୟୀ ହୋଇଥିଲେ । ଚଳିତ ବର୍ଷ ମଧ୍ୟ ଜଣେ ଭାରତୀୟ ମହିଳା ଭାଗ ନେଇଥିଲେ । ଚଣ୍ଡିଗଡ଼ରେ ଜନ୍ମିତ ଶ୍ୱେତା ଶାରଦା ମିସ୍ ୟୁନିଭର୍ସ ୨୦୨୩ରେ ସାମିଲ ହୋଇଥିଲେ । ସେ ଶ୍ରେଷ୍ଠ ୨୦ ପ୍ରତିଯୋଗୀଙ୍କ ମଧ୍ୟରେ ଥିଲେ ।

ପ୍ରକାଶ ଥାଉ କି, ଚଳିତ ବର୍ଷ ମଧ୍ୟ ପ୍ରଥମ କରି ପାକିସ୍ତାନ ମିସ୍ ୟୁନିଭର୍ସରେ ଡେବ୍ୟୁ କରିଥିଲା । ସାନ ସାଲଭାଦୋରରେ ୭୨ତମ ମିସ୍ ୟୁନିଭର୍ସ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଚଳିତ ଥର ମୋଟ ୮୪ଟି ଦେଶ ତଥା କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିଯୋଗୀମାନେ ଭାଗ ନେଇଥିଲେ ।



ତେବେ ଥାଇଲ୍ୟାଣ୍ଡର ଏଣ୍ଟୋନିୟା ପୋର୍ସିଲେଡ୍ ଙ୍କୁ ଫାର୍ଷ୍ଟ ରନର୍ସ ଅପ ମୁକୁଟ ପିନ୍ଧା ଯାଇଛି । ହେଲେ ଆପଣ ଜାଣନ୍ତି କି ମିସ୍ ୟୁନିଭର୍ସ ଟାଇଟଲ ବିଜେତାଙ୍କୁ ମୁକୁଟ, ଫୁଲତୋଡା ଛଡା ଆଉ କଣ ସବୁ ମିଳିଥାଏ? ଯଦି ଜାଣି ନାହାନ୍ତି ଏଠାରେ ଜାଣନ୍ତୁ ମିସ୍ ୟୁନିଭର୍ସ ବିଜେତାଙ୍କୁ ପୁରସ୍କାର ବ୍ୟତୀତ ଆଉ କଣ ସବୁ ସୁବିଧା ଓ ସୁଯୋଗ ମିଳେ ।

## ମୁକୁଟ

ମିସ୍ ୟୁନିଭର୍ସ ଟାଇଟଲ ଜିତିବା ପରେ ବିଜେତାଙ୍କୁ ମୁକୁଟ ପିନ୍ଧା ଯାଏ । ଏଥି ପାଇଁ ବିଜେତାଙ୍କ ସହ ଏକ ରାଜିନାମା ହୋଇଥାଏ । ଏହି ରାଜିନାମାରେ ବିଜେତା ମୁକୁଟ ନିଜ ପାଖରେ ରଖିବେ କି ଫେରସ୍ତ କରିବେ ସେ ନେଇ ସ୍ୱାକ୍ଷର କରିଥାନ୍ତି । ପ୍ରାୟ ବିଜେତା ମୁକୁଟକୁ ନିଜ ପାଖରେ ରଖି ନେଇଥାନ୍ତି । ଏହି ମୁକୁଟ ବେଶ୍ ମୂଲ୍ୟବାନ, ତେବେ ବିଜେତାଙ୍କୁ ଏହାର ମୂଲ୍ୟ ଦେବାକୁ ପଡି ନଥାଏ ଓ ସେ ଏହାକୁ ନିଜ ନିକଟରେ ରଖି ନେଇଥାନ୍ତି ।

## ସ୍କଲାରସିପ୍

ମିସ୍ ୟୁନିଭର୍ସଙ୍କୁ ସ୍କୋଲାରସିପ୍ ମଧ୍ୟ ମିଳିଥାଏ । ଏହି ସ୍କୋଲାରସିପ୍ ବିଜେତାଙ୍କୁ ନ୍ୟୁୟର୍କ ଫିଲ୍ମ ଆକାଡେମୀ ପକ୍ଷରୁ ଭିଜୁଆଲ ପରଫର୍ମିଂ ଆର୍ଟରେ ଦିଆଯାଇଥାଏ । ଏହା ଛଡା ମିସ୍ ୟୁନିଭର୍ସଙ୍କ ଏକ ମଡେଲିଂ ପୋର୍ଟଫୋଲିଓ ମଧ୍ୟ ତିଆରି କରାଯାଇଥାଏ । ଯାହା ଦ୍ୱାରା ଟାଇଟଲ ବିଜେତାଙ୍କୁ ମଡେଲିଂ କରିବାର ସୁଯୋଗ ମିଳିବା ସହିତ ଏ ବାବଦେ ରୋଜଗାର ମଧ୍ୟ ମିଳିଥାଏ ।

## ବେତନ

ମିସ୍ ୟୁନିଭର୍ସ ବିଜେତାଙ୍କୁ ବେତନ ମଧ୍ୟ ଦିଆଯାଇଥାଏ । ଏହି ବେତନ ଡଲାରରେ ଦିଆଯାଇଥାଏ । ଖବର ଅନୁସାରେ ଯେଉଁ ମହିଳାଙ୍କୁ ମିସ୍ ୟୁନିଭର୍ସ ଟାଇଟଲ ମିଳିଥାଏ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ ନିମନ୍ତେ ବେତନ ମଧ୍ୟ ଦିଆଯାଏ । ଏହି ବେତନ ବାର୍ଷିକ ଆଧାରରେ ଦିଆଯାଉଥିବା ବେଳେ ବାର୍ଷିକ ପ୍ରାୟ ୨ଲକ୍ଷ ୫୦ ହଜାର ଡଲାର ବେତନ ମିଳିଥାଏ ।

## ସ୍ପେଶାଲ ଆଲାଉନ୍ସ

ମିସ୍ ୟୁନିଭର୍ସ ପ୍ରତିଯୋଗୀତାରେ ବିଜୟୀ ହେବା ପରେ ବିଜେତାଙ୍କୁ ସାମାଜିକ କାର୍ଯ୍ୟ ନିମନ୍ତେ ସାରା ବିଶ୍ୱ ଭ୍ରମଣ କରିବାକୁ ପଡିଥାଏ । ଏଣୁ ମିସ୍ ୟୁନିଭର୍ସ ଅର୍ଗାନାଇଜେସନର ପ୍ରାୟୋଜକମାନେ ଟ୍ରାଭେଲ ଆଲାଉନ୍ସ ଦେଇଥାନ୍ତି । ମିସ୍ ୟୁନିଭର୍ସ ଯେଉଁଠାକୁ ଯାଆନ୍ତି ତାଙ୍କ ଗସ୍ତ ବାବଦ ପ୍ରତ୍ୟେକ ବ୍ୟୟ ପ୍ରାୟୋଜକ କରିଥାନ୍ତି ।

## ଆପାର୍ଟମେଣ୍ଟ

ମିସ୍ ୟୁନିଭର୍ସ ପ୍ରତିଯୋଗୀ ବିଜେତାଙ୍କୁ ପ୍ରାୟତଃ ଆମେରିକାରେ ରହିବାକୁ ପଡିଥାଏ । ଏଣୁ ଆମେରିକାର ସମ୍ଭ୍ରାନ୍ତ ସହର ନ୍ୟୁୟର୍କରେ ମିସ୍ ୟୁନିଭର୍ସଙ୍କ ବାର୍ଷିକ ରହଣୀ ନିମନ୍ତେ ମାଗଣାରେ ଆପାର୍ଟମେଣ୍ଟ ଯୋଗାଇ ଦିଆଯାଇଥାଏ । ଏଠାରେ ବର୍ଷକ ନିମନ୍ତେ ମିସ୍ ୟୁନିଭର୍ସ ଅବସ୍ଥାନ କରିଥାନ୍ତି ।

# ଅଲ୍-ଶିଫା ହସ୍ପିଟାଲ ଖାଲି ! ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି ୩୨ ଶିଶୁ

ନୂଆଦିଲ୍ଲୀ: ଗାଜାର ଅଲ-ଶିଫା ହସ୍ପିଟାଲରେ ଇସ୍ରାଏଲ ସେନାର ଉପସ୍ଥିତି ଯୋଗୁଁ ହସ୍ପିଟାଲରେ ଥିବା ୨୯୧ ରୋଗୀଙ୍କ ମଧ୍ୟରୁ ୩୨ ଜଣଙ୍କ ସ୍ୱାସ୍ଥ୍ୟ ଅତ୍ୟନ୍ତ ଗମ୍ଭୀର ରହିଛି । ଏଭଳି ଅଭିଯୋଗ କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ମିଳିତ ଜାତିସଂଘର ମିଳିତ ଟିମ୍ ।

ସୂଚନାଯୋଗ୍ୟ ଶନିବାର ଅଲ-ଶିଫାର ଜଣେ ଡାକ୍ତର ଦାବି କରିଛନ୍ତି ଯେ ଡାକ୍ତରଖାନା ଖାଲି କରିବାକୁ ଇସ୍ରାଏଲ ସେନା ଏକ ଘଣ୍ଟା ସମୟ ଦେଇଛି । ଏହି ଖବର ପରେ ଡାକ୍ତରଖାନାରୁ ପଳାୟନ କରୁଥିବା ଲୋକଙ୍କ ଫଟୋ ମଧ୍ୟ ପ୍ରକାଶ ପାଇଥିଲା । ଅଲ-ଶିଫା ଡାକ୍ତରଖାନାରେ ଏହି ମିଶନକୁ ଆଗେଇ ନେଉଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି ଯେ ଆଗାମୀ ଦିନରେ ଅଧିକ ଦଳ ଅଲ-ଶିଫାରେ ପହଞ୍ଚିବାକୁ ଚେଷ୍ଟା କରିବେ ଯାହା ଦ୍ୱାରା ରୋଗୀଙ୍କୁ ସ୍ଥାନାନ୍ତର କରାଯାଇପାରିବ । ଦକ୍ଷିଣ ଗାଜାକୁ ଏହାକୁ ନେବାକୁ ଚେଷ୍ଟା କରାଯାଇପାରେ ।

ପ୍ରାୟ ଆଠ ଦଶନ୍ଧି ଧରି ଏହି ଷ୍ଟ୍ରିପର ଚିକିତ୍ସା ଭିତ୍ତିଭୂମିରେ ଅଲ ଶିଫା କାର୍ଯ୍ୟକ୍ଷମ ହୋଇଆସୁଥିଲା, କିନ୍ତୁ ବର୍ତ୍ତମାନ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ଏହା ଆଉ କାର୍ଯ୍ୟ କରୁନାହିଁ । ନ୍ୟୁଜ୍ ଏଜେନ୍ସି ଏପି ଅନୁଯାୟୀ, ଇସ୍ରାଏଲ୍ ସୈନିକମାନେ ଡାକ୍ତରଖାନାରେ ରହି ହମାସର କମାଣ୍ଡ ସେଣ୍ଟର ଖୋଜୁଛନ୍ତି । ଇସ୍ରାଏଲର ଅଭିଯୋଗକୁ ହମାସ ଏବଂ ଡାକ୍ତରଖାନା କର୍ମଚାରୀମାନେ ଅସ୍ୱୀକାର କରିଛନ୍ତି ।

ଇସ୍ରାଏଲ ଅଲ-ଶିଫା ହସ୍ପିଟାଲ ଖାଲି କରି ଦକ୍ଷିଣ ଗାଜା ଆଡ଼କୁ ଯିବାକୁ କହିଥିଲେ । ଅଧିକାଂଶ ଲୋକ ଡାକ୍ତରଖାନା ଖାଲି କରି ଦକ୍ଷିଣ ଗାଜା ଆଡକୁ ଚାଲିବା ଆରମ୍ଭ କଲେ । ଦକ୍ଷିଣ ଗାଜାର ଡାକ୍ତରଖାନାଗୁଡ଼ିକରେ ବହୁ ସଂଖ୍ୟାରେ ରୋଗୀ ଅଛନ୍ତି । ନୂଆ ରୋଗୀଙ୍କୁ ଭର୍ତ୍ତି କରିବା ପାଇଁ କୌଣସି ସ୍ଥାନ ବାକି ନାହିଁ, ତଥାପି ସେମାନଙ୍କୁ ସେଠାରେ ଭର୍ତ୍ତି କରାଯାଉଛି ।

# ରାଏବରେଲିରୁ ନିର୍ବାଚନ ଲଢ଼ିପାରନ୍ତି ପ୍ରିୟଙ୍କା

ନୂଆଦିଲ୍ଲୀ: ଲୋକସଭା ନିର୍ବାଚନ ୨୦୨୪ ପାଇଁ ଏବେ ବିଜେପି, କଂଗ୍ରେସ ସମେତ ଅନ୍ୟଦଳମାନେ ପ୍ରସ୍ତୁତି ଆରମ୍ଭ କରିସାରିଲେଣି । ବିଶେଷ କରି ଉତ୍ତରପ୍ରଦେଶରେ ପ୍ରଦର୍ଶନକୁ ନେଇ ବିଜେପି ଓ କଂଗ୍ରେସ ଜୋରସୋରରେ ଲାଗିପଡିଛନ୍ତି । ତେବେ ଉତ୍ତରପ୍ରଦେଶରେ ନିଜକୁ ସୁଦୃଢ କରିବା କଂଗ୍ରେସ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଗତ ନିର୍ବାଚନରେ ଦଳ ଏଠାରୁ କେବଳ ଗୋଟିଏ ଆସନ ହିଁ ଜିତିଥିଲା । ରାହୁଲ ଗାନ୍ଧୀ ନିଜେ ଆମେଠିରୁ ନିର୍ବାଚନରେ ହାରି ଯାଇଥିଲେ । ଏଥର ଚର୍ଚ୍ଚା ହେଉଛି ଯେ ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ପରେ ପ୍ରିୟଙ୍କା ସିଧାସଳଖ ଉତ୍ତରପ୍ରଦେଶ ଲୋକସଭା ନିର୍ବାଚନ ପାଇଁ ମନୋନିବେଶ କରିପାରନ୍ତି । ରାଜ୍ୟରେ ଦଳୀୟ ସଂଗଠନକୁ ମଜବୁତ କରିବା ବ୍ୟତୀତ ସେ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବାକୁ ମଧ୍ୟ ଚେଷ୍ଟା କରିବେ । କଂଗ୍ରେସ ସୂତ୍ରରୁ ପ୍ରକାଶ ଯେ ୱାୟାନାଡରୁ ସାଂସଦ ହୋଇଥିବା ରାହୁଲ ଗାନ୍ଧୀ ଏଥର ଆମେଠିରୁ ନିର୍ବାଚନ ଲଢ଼ିବାକୁ ଆଗ୍ରହୀ ନୁହଁନ୍ତି । ଅନ୍ୟପକ୍ଷରେ ସୋନିଆ ଗାନ୍ଧୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ରହୁନାହିଁ ।

ତେଣୁ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ କି ନାହିଁ ତାହାକୁ ନେଇ ଆଲୋଚନା ଜୋର ଧରିଛି । ଚର୍ଚ୍ଚା ଜୋର ଧରିଛି ଯେ ପ୍ରିୟଙ୍କା ରାଏବରେଲିରୁ ନିର୍ବାଚନ ଲଢ଼ିପାରନ୍ତି । କାରଣ ସୋନିଆ ଗାନ୍ଧୀ ଏବଂ ତାଙ୍କ ଇନ୍ଦିରା ଗାନ୍ଧୀ



ପୂର୍ବରୁ ଏହି ଆସନରେ ନିର୍ବାଚନ ଲଢ଼ିଥିଲେ । ବାସ୍ତବରେ ଆମେଠିରେ ପରାଜୟ ପରେ ସମଗ୍ର ଗାନ୍ଧୀ ପରିବାର ଅତ୍ୟନ୍ତ ନିରାଶ ହୋଇଥିଲେ ଏବଂ କୁହାଯାଉଛି ଯେ ରାହୁଲ ଗାନ୍ଧୀ ସେହି ପରାଜୟର ଯନ୍ତ୍ରଣାକୁ ଭୁଲିପାରୁନାହାନ୍ତି । ଏଭଳି ପରିସ୍ଥିତିରେ ଯଦି ପ୍ରିୟଙ୍କା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି, ତେବେ ସେ କେବଳ ରାଏବରେଲି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ।

ବାସ୍ତବରେ, କିଛି ଦିନ ପୂର୍ବରୁ ପ୍ରିୟଙ୍କା ଗାନ୍ଧୀ ଏକ ସାକ୍ଷାତକାରରେ କହିଥିଲେ ଯେ ଆଜିକାଲି ସୋନିଆ ଗାନ୍ଧୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ରହୁନାହିଁ । ରାଏବରେଲିରୁ ନିର୍ବାଚନ ଲଢ଼ିବା ନିଷ୍ପତ୍ତି ଉପରେ ସେ ସିଧାସଳଖ କିଛି କହି ନାହାଁନ୍ତି କିନ୍ତୁ ଏହାକୁ ମଧ୍ୟ ଅସ୍ୱୀକାର କରିନାହାଁନ୍ତି । ତେବେ କଂଗ୍ରେସ ରାଜ୍ୟ ସଭାପତି ଅଜୟ ରାୟ ଦଳକୁ ଏକ ପ୍ରସ୍ତାବ ପଠାଇଛନ୍ତି ଯେ ପ୍ରିୟଙ୍କା ଗାନ୍ଧୀଙ୍କୁ ରାଏବରେଲି ବଦଳରେ ବାରାଣାସୀରୁ ପ୍ରାର୍ଥୀ କରାଯାଉ ବାରାଣାସୀରୁ ନିର୍ବାଚନ ଲଢ଼ିବା ପାଇଁ ଶିବସେନା ମଧ୍ୟ ପ୍ରିୟଙ୍କାଙ୍କୁ ପରାମର୍ଶ ଦେଇଛି ।

# ଗାଜା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମାନବୀୟ ସହାୟତା ପଠାଇଲା ଭାରତ

ନୂଆଦିଲ୍ଲୀ: ଇସ୍ରାଏଲ ସେନା ଏବଂ ହମାସ ଆତଙ୍କବାଦୀଙ୍କ ମଧ୍ୟରେ ଜାରି ରହିଛି ଯୁଦ୍ଧ । ଦିନକୁ ଦିନ ଯୁଦ୍ଧ ସ୍ଥିତି ଆହୁରି ତୀବ୍ର ହେବାରେ ଲାଗିଛି । ଏହାରି ମଧ୍ୟରେ ଭାରତ ରବିବାର ଗାଜା ପଟ୍ଟୀକୁ ଦ୍ୱିତୀୟ ପର୍ଯ୍ୟାୟ ମାନବୀୟ ସହାୟତା ପଠାଇଛି । ଇସ୍ରାଏଲ ସେନା, ଗାଜା ପଟ୍ଟି ଉପରେ ହିଁ ସବୁଠୁ ଅଧିକ ଆକ୍ରମଣ କରିଛି । ଆହୁରି ମଧ୍ୟ ଗାଜାରେ ମରିଥିବା ଲୋକଙ୍କ ସଂଖ୍ୟା ୧୨ ହଜାରରୁ ଅଧିକ ହୋଇଛି । ତେବେ ସହାୟତା ନେଇ ଏକ୍ସରେ ବିଦେଶ ମନ୍ତ୍ରୀ ଏସ ଜୟଶଙ୍କର ଟ୍ୱିଟ୍ କରି ଭାରତ, ପାଲେଷ୍ଟାଇନ ଲୋକଙ୍କୁ ମାନବୀୟ ସହୟତା ଦେବା ଜାରି ରଖିବା ନେଇ କହିଛନ୍ତି ।



ବିଦେଶ ମନ୍ତ୍ରୀ ଏସ ଜୟଶଙ୍କର ସୂଚନା ଦେଇଛନ୍ତି ଯେ, 'ଭାରତର ଦ୍ୱିତୀୟ ବିମାନ ଏମସିସି ସି୧୭ ବିମାନ ୩୨ ଟନ୍ ସହାୟତା ଦେଇ ମିସରର ଏଲ-ଅରିଶ ବିମାନ ବନ୍ଦରକୁ ଅଭିମୁଖେ ବାହାରିଛି ।''

ସୂଚନାଥାଉକି, ଏହା ପୂର୍ବରୁ ଅକ୍ଟୋବର ୨୨ରେ ଭାରତ ପ୍ରଥମ ପର୍ଯ୍ୟାୟ ମାନବୀୟ ସହାୟତା ପଠାଇଥିଲା । ଏଥିରେ ୬.୫ ଟନ୍ ଚିକିତ୍ସା ସହାୟତା ଏବଂ ୩୨ ଟନ ଜରୁରୀ ସାମଗ୍ରୀ ଥିଲା । ଏଥିରେ ସର୍ଜିକାଲ ସାମଗ୍ର, ତମ୍ବୁ, ତିରପାଳ ସମେତ ଅନେକ ଜରୁରୀ ଜିନିଷ ସାମିଲ୍ ଥିଲା ।

ସୂଚନାଥାଉକି, ଅକ୍ଟୋବର ୭ରେ ଆକ୍ରମଣ ପରେ ଯୁଦ୍ଧ ସପ୍ତମ ସପ୍ତାହରେ ପହଞ୍ଚିଛି । ଏହି ଆକ୍ରମଣରେ ଏପର୍ଯ୍ୟନ୍ତ ୧୨ ହଜାରରୁ ଅଧିକ ଇସ୍ରାଏଲ ଏବଂ ୧୨ ହଜାରରୁ ଅଧିକ ପାଲେଷ୍ଟାଇନଙ୍କ ମୃତ୍ୟୁ ହୋଇଛି । ଗାଜାରେ ଭୟଙ୍କର ଲଢ଼େଇରେ ଇସ୍ରାଏଲ ସେନା ଆଇଡିଏଫ ଅଧିକାଂଶ ସ୍ଥାନକୁ କବଜା କରିସାରିଛି । ଏଠାରେ ଥିବା ସବୁଠୁ ବଡ଼ ହସ୍ପିଟାଲ ଅଲ-ଶିଫା ଉପରେ କିଛି ଦିନ ପୂର୍ବରୁ ଇସ୍ରାଏଲ ସେନା ଅପରେସନ ଚଳାଇଥିଲା ।

# ପ୍ରଥମ ଥର ପାଇଁ ୪ ଟ୍ରିଲିଅନ ଡଲାରରେ ପହଞ୍ଚିଲା ଭାରତର ଜିଡିପି

ନୂଆଦିଲ୍ଲୀ: ଭାରତ ପାଇଁ ଆଉ ବେଶି ଦୂର ନୁହେଁ ୫ ଟ୍ରିଲିଅନ୍ ଡଲାରର ସ୍ୱପ୍ନ । ଅର୍ଥନୀତିରେ ଭାରତର ହାଇ ଜମ୍ପ । ପ୍ରଥମ ଥର ପାଇଁ ୪ ଟ୍ରିଲିଅନ ଡଲାରରେ ପହଞ୍ଚିଲା ଭାରତର ଜିଡିପି । ନଭେମ୍ବର ୧୯ ତାରିଖରେ ଭାରତର ଜିଡିପି ୪ ଟ୍ରିଲିଅନ ଡଲାର ହୋଇଛି ବୋଲି ଇକୋନୋମିକ ଟାଇମ୍ ରିପୋର୍ଟ ପ୍ରକାଶ କରିଛି ।

ଏହି ସଫଳତା ସହିତ ଚତୁର୍ଥ ସ୍ଥାନରେ ଥିବା ଜର୍ମାନୀ ସହ ନିକଟତର ହୋଇଛି ଭାରତ । ଖୁବ୍‌ଶୀଘ୍ର ଜର୍ମାନୀକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ଅର୍ଥନୀତିର ଦେଶ ହେବ ବୋଲି ଆକଳନ କରାଯାଇଛି । ଜିଡିପି ଲାଇଭର ଆକଳନ ଅନୁସାରେ, ନଭେମ୍ବର ୧୮ ରାତି ୧୦ଟାରେ ଭାରତ ଏହି ସଫଳତା ହାସଲ କରିଥିଲା । ଜିଡିପି ମାମଲାରେ ଆମେରିକା ବିଶ୍ୱର ସବୁଠାରୁ ବଡ଼ ଅର୍ଥ ବ୍ୟବସ୍ଥା ରହିଛି । ବର୍ତ୍ତମାନ ଆମେରିକାର ଜିଡିପି ଆକାର ୨୬.୭ ଟ୍ରିଲିଅନ ଡଲାର ରହିଛି । ଏହାପରେ ୧୯.୨୪ ଟ୍ରିଲିଅନ ଡଲାର ଅର୍ଥନୀତି ସହ ପଡ଼ୋଶୀ ଚୀନ ନମ୍ବର ୨ରେ ରହିଛି । ସେହିପରି ଜାପାନ ୪.୩୯ ଟ୍ରିଲିଅନ ଡଲାର ସହ ଚତୁର୍ଥ ସ୍ଥାନରେ ଥିବା ବେଳେ ଜର୍ମାନୀ ୪.୨୮ ଟ୍ରିଲିଅନ ଡଲାର ସହ ଚତୁର୍ଥ ସ୍ଥାନରେ ରହିଛି ।

**୨୦୨୭ ସୁଦ୍ଧା ୫ ଟ୍ରିଲିଅନ ଡଲାର ଛୁଇଁବା ସ୍ୱପ୍ନ**

ଦେଶକୁ ଟ୍ରିଲିୟନ ଡଲାର ଅର୍ଥନୀତି କରିବାକୁ ଭାରତ ସରକାର ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି । ସରକାରଙ୍କ ଲକ୍ଷ୍ୟ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା । ନିକଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଥିଲେ ଯେ ୨୦୨୭ ସୁଦ୍ଧା ଭାରତ କେବଳ ଜାପାନ ଏବଂ ଜର୍ମାନୀକୁ ଛାଡି ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ ନାହିଁ, ବରଂ ଭାରତର ଜିଡିପିର ଆକାର ୫ ଟ୍ରିଲିୟନ ଡଲାରରୁ ଅଧିକ ହେବ । ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ମଧ୍ୟ ଏହିପରି ଆକଳନ କରିଛି । ଭାରତ ସରକାର ୫ ଟ୍ରିଲିଅନ ଡଲାର ଅର୍ଥନୀତ କରାଇବାକୁ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିଛନ୍ତି । ଦେଶରେ ଇନକ୍ଲୁସିଭ୍ ଗ୍ରୋଥ(ନିଯୁକ୍ତି ସହ ଦାରିଦ୍ର ଦୂରିକରଣ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଗରିବଙ୍କ ପାଇଁ ସୁବିଧା), ଡିଜିଟାଲ ଇକୋନୋମିକୁ ପ୍ରୋତ୍ସାହନ, ଫିନଟେକ୍, ପ୍ରଯୁକ୍ତିବିଦ୍ୟା ସମ୍ବଳିତ ବିକାଶ, ଏନର୍ଜୀ ଟ୍ରାଞ୍ଜିସନ,ଓ କ୍ଲାଇମେଟ ଆକ୍ସନ ଆଦି ଦିଗରେ ଭାର କାର୍ଯ୍ୟ କରିବା ଆରମ୍ଭ କରିଦେଇଛି । ନିବେଶ ଏବଂ ଅଭିବୃଦ୍ଧିର ଏକ ଭଲ ବିକାଶ ଚକ୍ର ଉପରେ ଭାରତର ଅର୍ଥନୀତି ନିର୍ଭର କରେ ବୋଲି ଅଗଷ୍ଟ ମାସରେ କେନ୍ଦ୍ର ଅର୍ଥରାଷ୍ଟ୍ର ମନ୍ତ୍ରୀ ପଙ୍କଜ ତ୍ରିପାଠୀ କହିଥିଲେ ।



ନାତୁଣୀ ଆଦିୟା ଓ ନାତି କ୍ରିଷ୍ଣାଙ୍କ ପ୍ରଥମ ଜନ୍ମବାର୍ଷିକୀ ପାଳନ ଅବସରରେ ମୁକେଶ ଅମ୍ବାନି ଓ ନିତା ଅମ୍ବାନି

# ରାଜସ୍ଥାନ ଚୁରୁରେ ପ୍ରଧାନମନ୍ତ୍ରୀଙ୍କ ଭୋଟ ପ୍ରଚାର

ଚୁରୁ: ରାଜସ୍ଥାନ ବିଧାନସଭା ନିର୍ବାଚନ ନିମନ୍ତେ ପ୍ରଧାନମନ୍ତ୍ରୀ ରବିବାର ଚୁରୁରେ ପ୍ରଚାର କରିଛନ୍ତି । ଅହମଦାବାଦରେ ୱାର୍ଲଡକପ୍ ଫାଇନାଲ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ କ୍ରିକେଟ ଅନ୍ଦାଜରେ କଂଗ୍ରେସକୁ ଟାର୍ଗେଟ୍ କରିଥିଲେ । କହିଥିଲେ କଂଗ୍ରେସରେ ଜଣେ ଜଣକୁ ରନ୍ ଆଉଟ୍ କରୁଛନ୍ତି, ଏଥିରେ ଯେଉଁମାନେ ବର୍ତ୍ତି ଯାଉଛନ୍ତି ହିଟ୍ ୱିକେଟ୍ ହେଉଛନ୍ତି । ଏଣୁ ରାଜସ୍ଥାନରେ ନିର୍ବାଚନ କପ୍ ବିଜେପି ଜିତୁଥିବା ସେ କହିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ବିଜେପିର ସରକାର ହେଲେ ପ୍ରତ୍ୟେକ ବର୍ଷ ଡିସେମ୍ବର ୩ ତାରିଖରେ ଚାଷୀଙ୍କ ଆକାଉଣ୍ଟକୁ ୧୨ ହଜାର ଟଙ୍କା ଆସିବ ।

ପ୍ରଧାନମନ୍ତ୍ରୀ ମୋଦି ତାରାନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ରାଜେନ୍ଦ୍ର ରାଠୋରଙ୍କ ପାଇଁ ପ୍ରଚାର କରିବା ପରେ ଚୁରୁ ପହଞ୍ଚିଥିଲେ । ଏଠାରେ ରାଜ୍ୟର ଦ୍ରୁତ ବିକାଶ ନିମନ୍ତେ ଆଗାମୀ ବିଧାନସଭା ନିର୍ବାଚନରେ ବିଜେପି ପାର୍ଟିକୁ ଭୋଟ ଦେବାକୁ ଆହ୍ୱାନ କରିଥିଲେ । ସେ କହିଥିଲେ ଯେ ଚୁରୁର ଭୂମି ଉପରେ କଂଗ୍ରେସର ଆଖି ପଡିଯାଇଛି । ତେବେ କଂଗ୍ରେସରେ ଜଣେ ଜଣକୁ ରନ ଆଉଟ୍ କରୁଥିବା ଓ ଯିଏ ବର୍ତ୍ତି ଯାଉଛି ମହିଳା ଓ ଅନ୍ୟ ପ୍ରସଙ୍ଗରେ ଆଲତୁ ଫାଲତୁ ବୟାନ ଦେଇ ହିଟ୍ ୱିକେଟ୍ ହେଉଥିବା କହିଛନ୍ତି । ଏହା ପରେ ବି ଯେଉଁମାନେ ଅଛନ୍ତି ସେମାନେ ପଇସା ନେଇ ମ୍ୟାଚ୍ ଫିକ୍ସ କରୁଥିବା କହିଛନ୍ତି ।

ଏଥିରେ ଏପରି ଏକ ଖରାପ ଟିମ୍ କିପରି ସ୍କୋର କରି ନିର୍ବାଚନୀ ମ୍ୟାଚ୍ ଜିତିପାରିବ ଓ ଆପଣଙ୍କ କି କାମରେ ଆସିବ ବୋଲି ପ୍ରଧାନମନ୍ତ୍ରୀ ଭୋଟରଙ୍କୁ ପ୍ରଶ୍ନ କରିଥିଲେ । ଏଥିରେ ଲାଲ ଡାଇରିର ପୃଷ୍ଠା ଆସ୍ତେ ଆସ୍ତେ ଖୋଲୁଥିବା ଓ ଏଥିରେ ମୁଖ୍ୟମନ୍ତ୍ରୀ ଗେହଲୋଟଙ୍କ ଫ୍ୟୁଜ୍ ଉଡୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ଗେହଲୋଟଙ୍କ ଜାଦୁ ଏବେ ଲାଲ ଡାୟରୀରେ ଦେଖିବାକୁ ଲାଗିଲାଣି ବୋଲି ପ୍ରଧାନମନ୍ତ୍ରୀ କହିବା ସହ ଆମକୁ ପ୍ରତ୍ୟେକ ପୋଲିଂ ବୁଥରେ ୫ରୁ ୭ ସେଞ୍ଚୁରି ଲଗାଇବାକୁ ପଡିବ ବୋଲି କହିଛନ୍ତି । ଏଥିରେ ପ୍ରଧାନମନ୍ତ୍ରୀ କେନ୍ଦ୍ର ସରକାରଙ୍କ ଉପଲବ୍ଧି ଗଣାଇ କହିଥିଲେ ଯେ ଆଜି ଭାରତ ସବୁ କ୍ଷେତ୍ରରେ ପ୍ରଗତି କରୁଛି । ଚନ୍ଦ୍ରଯାନ ଚନ୍ଦ୍ରରେ ପହଞ୍ଚିଲା, କରୋନାର ଦେଶୀ ଟିକା ତିଆରି ହେଲା ବୋଲି କହିଛନ୍ତି । ତେବେ କଂଗ୍ରେସ ଓ ବିକାଶ ପରସ୍ପର ଶତ୍ରୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏଣୁ ବିକାଶ ଆବଶ୍ୟକ କରୁଥିଲେ କଂଗ୍ରେସକୁ ଯେତେ ଦୂରରେ ରଖିବ ସେତେ ଭଲ ହେବ ବୋଲି କହିଛନ୍ତି । ଏଥିରେ ରାଜସ୍ଥାନ ବଡ଼ ଭୂମିକା ନିର୍ବାହ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

# ପାକିସ୍ତାନକୁ ସୈନ୍ୟ ସହାୟତା ତୁରନ୍ତ ବନ୍ଦ କରାଯାଉ, ଆମେରିକା ସାଂସଦଙ୍କ ଅପିଲ୍

ନୂଆଦିଲ୍ଲୀ: ପାକିସ୍ତାନକୁ ତୁରନ୍ତି ସେନ୍ୟ ସହାୟତା ବନ୍ଦ କରାଯାଉ । ଏଭଳି କିଛି ଅପିଲ୍ କରି ବିଦେଶ ମନ୍ତ୍ରୀ ଆଣ୍ଟୋନୀ ବ୍ଲିଙ୍କନ୍‌ଙ୍କୁ ଚିଠି ଲେଖିଛନ୍ତି ଆମେରିକାର ୧୧ ସାଂସଦ । ସେମାନେ ପାକିସ୍ତାନର କାରନାମା ଏବଂ ରାଜନୀତିକ ଭବିଷ୍ୟତକୁ ନେଇ ଆଶଙ୍କା କରି ଏଭଳି ଅପିଲ୍ କରିଛନ୍ତି । ସୂଚନାଥାଉକି, ଇମରାନ ଖାନଙ୍କୁ ହଟାଇବା ପରେ ପାକିସ୍ତାନରେ ଶହବାଜ ସରିଫ ସରକାର ଆସିଥିଲା । ଆଉ ଏହାପରେ ବର୍ତ୍ତମାନ କାମଚଳା ସରକାର ରହିଛି । ଖୁବଶୀଘ୍ର ପାକିସ୍ତାନରେ ନିର୍ବାଚନ ହେବ ।



ଏହି ସାଂସଦମାନେ କହିଛନ୍ତି ପାକିସ୍ତାନରେ ଯେପର୍ଯ୍ୟନ୍ତ ଗଣତାନ୍ତ୍ରିକ ପ୍ରକ୍ରିୟା ଅନୁଯାୟୀ ନିରପେକ୍ଷ ନିର୍ବାଚନ ସମ୍ପନ୍ନ ହୋଇନାହିଁ ଏବଂ ଏକ ସ୍ଥାୟୀ ସରକାର ଗଠନ ହୋଇନାହିଁ ସେପର୍ଯ୍ୟନ୍ତ ସହାୟତା ଦେବା ଠିକ୍ ହେବ ନାହିଁ । ଆହୁରି ମଧ୍ୟ ଏହି ସାଂସଦମାନେ ଆମେରିକାରୁ ମିଳୁଥିବା ସହାୟତାର ଭୁଲ ବ୍ୟବହାର ହେଉଥିବା ଆଶଙ୍କା ଜାହିର କରିଛନ୍ତି । ଏହା ବ୍ୟତୀତ ପାକିସ୍ତାନରେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ଧର୍ମନିନ୍ଦା ଉପରେ କଡ଼ା ଆଇନ ଉପରେ ମଧ୍ୟ ସାଂସଦମାନେ ଆପତ୍ତି ଜାହିର କରିଛନ୍ତି ।

ଆହୁରି ମଧ୍ୟ ସାଂସଦମାନେ କହିଛନ୍ତି, ଧାର୍ମିକ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର କରିବା ପାଇଁ ପାକିସ୍ତାନରେ ଧର୍ମନିନ୍ଦା ଆଇନ କଡ଼ା କରାଯାଇଛି । ପାକିସ୍ତାନରେ ୨୦୨୩ରେ ପାସ୍ ହୋଇଥିବା ଅପରାଧିକ ଆଇନ୍ (ସଂଶୋଧନ) ବିଲ୍ ଉପରେ କଡ଼ା ଆପତ୍ତି ରହିଛି । ଏଥିରେ ଧର୍ମୀୟଭାବନାକୁ ନିନ୍ଦା ଆଇନ ମଧ୍ୟ ଆସୁଛି । ପୂର୍ବରୁ ମଧ୍ୟ ଏହାର ବ୍ୟବହାର ଅଳ୍ପସଂଖ୍ୟଙ୍କ ବିରୋଧରେ ହୋଇଛି । ଏବେ ଏହି ବିଧେୟକ ଉପରେ ରାଷ୍ଟ୍ରପତିଙ୍କ ହସ୍ତାକ୍ଷର ହୋଇନାହିଁ ।

ଚିଠିରେ ଅଗଷ୍ଟ ୧୬ର ଘଟଣା କଥା କୁହାଯାଇଛି । ଯେଉଁଥିରେ ଭିଡ଼ ଚର୍ଚ୍ଚରେ ନିଆଁ ଲଗାଇଦେଇଥିଲେ । ଏହା ବ୍ୟତୀତ ଗିଲଗିତ ବାଲିସ୍ତାନରେ ଶିୟା ସମୁଦାୟର ଲୋକ ମଧ୍ୟ ଏହି ବିଲର ବିରୋଧ କରିଛନ୍ତି । ସାଂସଦମାନେ କହିଛନ୍ତି ଯଦି ଏହି ବିଲ୍ ଆଇନରେ ପାରିତ ହେଉଛି ତେବେ ପାକିସ୍ତାନରେ ଧାର୍ମିକ ସ୍ୱତନ୍ତ୍ରତା ଶେଷ ହୋଇଯିବ ।




୧୩୭ ରନର ଇନିଂସ ଖେଳିଥିବା ଅଷ୍ଟ୍ରେଲିଆର ଟ୍ରେଭିସ ହେଡ୍ (ମ୍ୟାନ୍ ଅଫ୍ ଦି ମ୍ୟାଚ୍)

## ୧.୩୦ ଲକ୍ଷ ଲୋକଙ୍କୁ ଚୁପ କରାଇଦେଲେ କୁମିନ୍ସ

ଅହମ୍ମଦାବାଦ,୧୯।୧୧(ଏଜେନ୍ସି): ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଆଇସିସି ବିଶ୍ୱକପର ଫାଇନାଲ ମ୍ୟାଚରେ ଅଷ୍ଟ୍ରେଲିଆ ପ୍ରାଧାନ୍ୟ ବିସ୍ତାର କରିଛି । ମ୍ୟାଚ୍‌ର ଦିନକ ପୂର୍ବରୁ ଅଷ୍ଟ୍ରେଲିଆ ଅଧିନାୟକ ପାଟ କୁମିନ୍ସ କହିଥିଲେ ଯେ, ଷ୍ଟାଡିୟମରେ ଲକ୍ଷାଧିକ ଦର୍ଶକ ନିଶ୍ଚିତ ଭାବେ ଭାରତକୁ ଏକପାଖିଆ ସମର୍ଥନ କରିବେ । କିନ୍ତୁ ଏପରି ଦର୍ଶକଙ୍କୁ ଚୁପ କରାଇବା ଭଳି ଆତ୍ମସନ୍ତୋଷ ଆଉ କିଛି ନାହିଁ । ପ୍ରଦର୍ଶନ ମାଧ୍ୟମରେ ହିଁ କୁମିନ୍ସ ଏହାକୁ ପ୍ରମାଣିତ କରିଛନ୍ତି । ଭାରତ ହାତରୁ ବିଶ୍ୱକପ ଟ୍ରଫି ଛଡ଼ାଇ ନେବା ସହ ଷଷ୍ଠ ଥର ଅଷ୍ଟ୍ରେଲିଆକୁ ବିଶ୍ୱ ବିଜେତା ବନାଇଛନ୍ତି ।

## ସୁରକ୍ଷାବଳୟ ଭାଙ୍ଗି ପଡ଼ିଆରେ ଯୁବକ

ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ବିଶ୍ୱକପ ଫାଇନାଲ ଖେଳାଯାଇଛି । ମ୍ୟାଚ୍ ସମୟରେ ମାହୋଲ ସରଗରମ ଥିବାବେଳେ ସୁରକ୍ଷାକୁ ନେଇ ବଡ଼ ତ୍ରୁଟି ପରିଲକ୍ଷିତ ହୋଇଛି । ବିରାଟ କୋହଲି ଓ ଲୋକେଶ ରାହୁଲ କ୍ରିଜ୍‌ରେ ଥିବାବେଳେ ଜଣେ ଦର୍ଶକ ପାଲେଷ୍ଟାଇନ ପତାକା ଧରି ପଡ଼ିଆ ଭିତରକୁ ପଶିଆସିଥିଲେ । ଏହାପରେ ସେ ବିରାଟ କୋହଲିଙ୍କୁ କୁଣ୍ଢେଇ ପକାଇଥିଲେ । ଏହି ଘଟଣା ଦେଖି ସମସ୍ତ ଦର୍ଶକ ଓ ସୁରକ୍ଷାକର୍ମୀ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଏହାପରେ ସୁରକ୍ଷାକର୍ମୀ ସେଠାରେ ପହଞ୍ଚି ଯୁବକ ଜଣଙ୍କୁ ପଡ଼ିଆରୁ ବାହାରକୁ ଆଣିଥିଲେ । ଏହି ଘଟଣାର ଭିଡିଓ ଭାଇରାଲ ହେବାରେ ଲାଗିଛି । ଏତେ କଡ଼ା ସୁରକ୍ଷା ସତ୍ତ୍ୱେ ଜଣେ ଯୁବକ କିପରି ପଡ଼ିଆ ଭିତରକୁ ବିନା ବାଧାରେ ଚାଲିଆସିଲେ, ତାହା ସବୁଠୁ ବଡ଼ ପ୍ରଶ୍ନ ହୋଇଛି । ଯୁବକଙ୍କ ଅନୁପ୍ରବେଶ ଦ୍ୱାରା କିଛି ସମୟ ପାଇଁ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲେ ହେଁ ପୁଣି ସ୍ୱାଭାବିକ ହୋଇଥିଲା ।

## ଛକାରେ ଗେଲ୍‌ଙ୍କୁ ଟପିଲେ ରୋହିତ



ଚର୍ଚ୍ଚିତ ବିଶ୍ୱକପରେ ଅଧିନାୟକ ରୋହିତ ଶର୍ମା ଆଉ ଏକ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି । ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍‌ଙ୍କୁ ସର୍ବାଧିକ ଛକା ମାରିବା ରେକର୍ଡ଼ରେ ପଛରେ ପକାଇଛନ୍ତି । ଦିନିକିଆ ଫର୍ମାଟରେ ଗୋଟିଏ ଦଳ ବିପକ୍ଷରେ ସର୍ବାଧିକ ଛକା ମାରିବା ରେକର୍ଡ଼ ଗେଲ୍‌ଙ୍କ ନାମରେ ଥିଲା । ସେ ଇଂଲଣ୍ଡ ବିପକ୍ଷରେ ୮୫ଟି ଛକା ମାରିଥିଲେ । ରବିବାର ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ରୋହିତ ଶର୍ମା ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲରେ ୩ଟି ଛକା ମାରି ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ସେ ଅଷ୍ଟ୍ରେଲିଆ ବିପକ୍ଷରେ ୮୬ଟି ଛକା ମାରିଛନ୍ତି । ସେହିଭଳି ସେ ବିଶ୍ୱକପରେ ଅଧିନାୟକ ଭାବେ ସର୍ବାଧିକ ରନ କରିଛନ୍ତି । ସେ ୧୧ ମ୍ୟାଚରୁ ୫୯୭ ରନ କରିଛନ୍ତି ।

## ପଣ୍ଟିଂଙ୍କୁ ପଛରେ ପକାଇଲେ କୋହଲି

ଚଳିତ ଦିନିକିଆ ବିଶ୍ୱକପ ଫାଇନାଲରେ ଭାରତର ତାରକା ବ୍ୟାଟର ବିରାଟ କୋହଲି ଆଉ ଏକ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି । ଏକଦିବସୀୟ ବିଶ୍ୱକପରେ ସର୍ବାଧିକ ରନ ସଂଗ୍ରହରେ କୋହଲି ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂଙ୍କୁ ପଛରେ ପକାଇଛନ୍ତି । କୋହଲି ୩୭ ଇନିଂସରେ ୧୭୪୪ ରନ କରିଛନ୍ତି । ପଣ୍ଟିଂ ୪୨ ଇନିଂସରେ ୧୭୪୩ ରନ କରିଥିଲେ । ଏହି ତାଲିକାରେ ସଚିନ ତେନ୍ଦୁଲକର ୪୪ ଇନିଂସରେ ୨୨୭୮ ରନ କରି ଆଗରେ ଶୀର୍ଷରେ ଅଛନ୍ତି । ବିଶ୍ୱକପରେ ଅଧିନାୟକ ଭାବେ ରୋହିତ ଶର୍ମା ମଧ୍ୟ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ଗୋଟିଏ ସଂସ୍କରଣରେ ଅଧିକ ରନ କରିବାରେ ନ୍ୟୁଜିଲାଣ୍ଡର କେନ ୱିଲିୟମସନ୍‌ଙ୍କୁ ପଛରେ ପକାଇଛନ୍ତି । ରୋହିତ ୫୯୭ ରନ କରିଥିବାବେଳେ ୱିଲିୟମସନ ୫୭୮ ରନ କରିଥିଲେ । ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲରେ ରୋହିତ ୪୭ ରନ କରିଥିଲେ ।

## ୧୦୦୦ ରନ ପୂରଣ କଲେ ରାହୁଲ

ବିଶ୍ୱକପ ଫାଇନାଲରେ ୬୬ ରନର ଇନିଂସ ଖେଳିଥିବା ଲୋକେଶ ରାହୁଲ ଚତୁର୍ଥ ଭାରତୀୟ ଭାବେ ବିଶ୍ୱକପରେ ହଜାରେ ରନ ପୂରଣ କରିଛନ୍ତି । ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲରେ ରାହୁଲଙ୍କ ନାମରେ ଏହି ରେକର୍ଡ଼ ଯୋଡ଼ି ହୋଇଛି । ଚଳିତବର୍ଷ ଅନ୍ତର୍ଜାତୀୟ କ୍ରିକେଟରେ ୧ହଜାର ରନ କରିଥିବା ଖେଳାଳିମାନେ ହେଲେ ଶୁଭମନ ଗିଲ୍, ବିରାଟ କୋହଲି ଓ ରୋହିତ ଶର୍ମା । ଏହି ତାଲିକାରେ ଏବେ ରାହୁଲ ଯୋଡ଼ି ହୋଇଛନ୍ତି । ମୋଟଉପରେ ରାହୁଲ ୩୬ ନମ୍ବର ବ୍ୟାଟର ଭାବେ ୧ହଜାର ରନ କରିଛନ୍ତି । ଫାଇନାଲ ମ୍ୟାଚ୍‌ରେ ରାହୁଲ ୮୬ ବଲରୁ ଅର୍ଦ୍ଧଶତକ ହାସଲ କରିଥିଲେ । ଏହା ଚଳିତ ବିଶ୍ୱକପରେ ସବୁଠାରୁ ଧିମା ଅର୍ଦ୍ଧଶତକ । ପରେ ସେ ଆଉ ୧୬ ରନ କରି ଆଉଟ ହୋଇଥିଲେ । ଚଳିତ ବିଶ୍ୱକପରେ ରାହୁଲ ନେଦରଲାଣ୍ଡ୍ସ ବିପକ୍ଷରେ ୬୨ ବଲରୁ ଶତକ ଏବଂ ଅଷ୍ଟ୍ରେଲିଆ ବିପକ୍ଷ ରାଉଣ୍ଡ ରବିନ ପର୍ଯ୍ୟାୟରେ ରାହୁଲ ୯୭ ରନର ଅପରାଜିତ ଇନିଂସ ଖେଳିଥିଲେ ।

ଆଇସିସି ଦିନିକିଆ ବିଶ୍ୱକପ

## ସ୍ୱପ୍ନ ଧୂଳିସାତ : ଫାଇନାଲରେ ହେଡ୍ ହିରୋ

# ଅଷ୍ଟ୍ରେଲିଆକୁ ଷଷ୍ଠ ଥର ଟାଇଟଲ

ଅହମ୍ମଦାବାଦ,୧୯।୧୧(ଏଜେନ୍ସି): ୧୨ ବର୍ଷ ତପସ୍ୟାର ଫଳ ବୃଥା ଗଲା । ଆୟୋଜକ ରାଷ୍ଟ୍ର ଭାରତ ହାତପାହାନ୍ତାରୁ ବିଶ୍ୱକପ ଟାଇଟଲ ହାତଛଡ଼ା କଲା । ଶକ୍ତିଶାଳୀ ଅଷ୍ଟ୍ରେଲିଆ ପୁଣି ଥରେ ଶକ୍ତି ପ୍ରଦର୍ଶନ କରି ଘରୋଇ ଟିମ୍ ଇଣ୍ଡିଆକୁ ଧରାଶାୟୀ କରି ବିଶ୍ୱକପ ଟ୍ରଫି ଝାମ୍ପି ନେଇଛି । ୧୯୭୫ରୁ ଅଦ୍ୟାବଧି ଅଷ୍ଟ୍ରେଲିଆ ଷଷ୍ଠ ଥର ବିଶ୍ୱକପ ଜିତିବାର କୀର୍ତ୍ତିମାନ ସ୍ଥାପନ କରିଛି । ଶେଷଥର ପାଇଁ ୨୦୧୧ରେ ଚାମ୍ପିଅନ ହୋଇଥିବା ଭାରତ ଲିଗ୍‌ରେ ଭଲ ଖେଳିଥିଲେ ବି ଫାଇନାଲରେ ଦୟନୀୟ ପ୍ରଦର୍ଶନ ଦେଖାଇ ଟାଇଟଲ ଦୋହରାଇବାକୁ ସଫଳ ହୋଇପାରି ନାହିଁ । ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୨୪୦ ରନ କରି ଅଲଆଉଟ ହୋଇଥିଲା । ଜବାବରେ ଅଷ୍ଟ୍ରେଲିଆ ୪୩ ଓଭରରେ ୨୪୧/୪ ରନ କରି ସହଜରେ ଲକ୍ଷ୍ୟ ହାସଲ କରିନେଇଥିଲା । ଦକ୍ଷିଣଆଫ୍ରିକା ବିପକ୍ଷ ସେମିଫାଇନାଲରେ ଚମତ୍କାର ବୋଲିଂ କରି ଦଳ ପାଇଁ ସଞ୍ଜୀବନି ସାବ୍ୟସ୍ତ ହୋଇଥିବା ଓପନର ଟ୍ରେଭିସ ହେଡ୍ ଭାରତ ବିପକ୍ଷ ଫାଇନାଲରେ ହିରୋ ସାଜିଥିଲେ । ସେ ୧୨୦ ବଲର ସମ୍ମୁଖୀନ ହୋଇ ୧୫ ଚୌକା ଓ ୪ ଛକା ସହାୟତାରେ ୧୩୭ ରନର ଇନିଂସ ଖେଳି ଭାରତ ହାତରୁ ଛଡ଼ାଇ ନେଇଥିଲେ । ଅଷ୍ଟ୍ରେଲିଆ ୬ ୱିକେଟରେ ଭାରତକୁ ଧରାଶାୟୀ କରିଥିଲା । ଏହି ଉଚ୍ଚକୋଟିର ଇନିଂସ ପାଇଁ ଟ୍ରେଭିସ ହେଡ୍‌ଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା ।




ଲକ୍ଷାଧିକ ଦର୍ଶକଙ୍କ ଉପସ୍ଥିତିରେ ଦୀର୍ଘ ୧୨ ବର୍ଷ ପରେ ଭାରତ ଫାଇନାଲ ଖେଳିଥିଲା । ଅଧିନାୟକ ରୋହିତ ଶର୍ମା ଟସ୍ ହାରିଯାଇଥିଲେ । ତେବେ ସେ ସବୁ ମ୍ୟାଚ୍ ଭଳି ବିସ୍ଫୋରକ ବ୍ୟାଟିଂ କରିଥିଲେ । କିନ୍ତୁ ତାଙ୍କୁ ଅନ୍ୟ ଓପନର ଶୁଭମନ ଗିଲ୍‌ଙ୍କ ଉଚିତ ସମର୍ଥନ ମିଳି ନଥିଲା । କାରଣ ଦଳୀୟ ସ୍କୋର ୩୦ ରନ ବେଳେ ଗିଲ ୪ ରନ କରି ଆଉଟ ହୋଇଥିଲେ । ରୋହିତ ୪ ଚୌକା ଓ ୩ ଛକା ସହାୟତାରେ ୪୭ ରନର ଇନିଂସ ଖେଳି ପାଭିଲିୟନ ଫେରିଥିଲେ । ରୋହିତଙ୍କ ପରେ ଆସିଥିବା ଶ୍ରେୟାସ ଆୟର କେବଳ ୪ ରନ କରିବାକୁ ସକ୍ଷମ ହୋଇଥିଲେ । ୮୧ ରନରେ ଭାରତର ତୃତୀୟ ୱିକେଟ ଝଡ଼ିଥିଲା ।

ଏତିକି ବେଳେ ଲୋକେଶ ରାହୁଲ ଓ ବିରାଟ କୋହଲି ସ୍ଥିତି ସମ୍ଭାଳିଥିଲେ । ବିରାଟ ମଧ୍ୟ ଚଳିତ ବିଶ୍ୱକପରେ କ୍ରମାଗତ ପଞ୍ଚମ ଅର୍ଦ୍ଧଶତକ ହାସଲ କରିଥିଲେ । କିନ୍ତୁ ଏହାକୁ ସେ ବଡ଼ ସ୍କୋରରେ ପରିଣତ କରିପାରି ନଥିଲେ । ସେ ୫୪ ରନ କରିଥିବାବେଳେ ତାଙ୍କୁ ପାଟ କୁମିନ୍ସ ଆଉଟ କରିଥିଲେ । ଭାରତ ୧୪୮ ରନରେ ଚତୁର୍ଥ ୱିକେଟ ହରାଇଥିଲେ । ୬ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ରବିନ୍ଦ୍ର ଜାଡେଜା କେବଳ ୯ ରନ କରିବାକୁ ସକ୍ଷମ ହୋଇଥିଲେ । ଲୋକେଶ ରାହୁଲ ଗୋଟିଏ ପଟେ ସ୍ଥିତି ସମ୍ଭାଳିଥିବା ବେଳେ ପ୍ରଥମେ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ । ଲାଗୁଥିଲା ତାଙ୍କ ବ୍ୟାଟ୍‌ରୁ ବଡ଼ ସଟ୍ ଦେଖିବାକୁ ମିଳିବ । କିନ୍ତୁ ଦଳୀୟ ସ୍କୋର ୨୦୩ ରନ ବେଳେ ତାଙ୍କୁ ଷ୍ଟାର୍କ ଆଉଟ କରି ଭାରତର ସବୁ ଯୋଜନାକୁ ବିଫଳ କରିଥିଲେ । ସାମି ୬ ଓ ଯଶପ୍ରୀତ ବୁମେରା ୧ ରନ କରି ପାଭିଲିୟନ ଫେରିଯାଇଥିଲେ ।

ସୂର୍ଯ୍ୟକୁମାରଙ୍କ ଠାରୁ ଦଳ ଆଶା ରଖିଥିଲା । କିନ୍ତୁ ସେ ମଧ୍ୟ ୪୭.୨ ଓଭରରେ ଜୋସ ହାଜେଲ ଉଡ୍‌ଙ୍କ ବଲରେ ପାଭିଲିଅନ ଫେରିଥିଲେ । ସୂର୍ଯ୍ୟକୁମାର ୨୮ ବଲରେ ୧୮ ରନ କରିଥିଲେ । ଭାରତ ୨୨୬ ରନରେ ୯ୱିକେଟ ହରାଇଥିଲା । ୪୮ ଓଭର ଆସିଥିବା ହାଜେଲ ଉଡ୍‌ଙ୍କୁ ଚୌକା ମାରିଥିଲେ ସିରାଜ । ଶେଷ ବଲରେ ସିରାଜ ୨ ରନ ନେବାକୁ ଚେଷ୍ଟା କରିଥିଲେ । କୁଲଦୀପ ଯାଦବ ରନଆଉଟ ହୋଇଥିଲେ । ତେଣୁ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ସମସ୍ତ ୱିକେଟ ହରାଇ ୨୪୦ ରନ କରିଥିଲା । ତେଣୁ ଅଷ୍ଟ୍ରେଲିଆ ସମ୍ମୁଖରେ ୨୪୧ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଅଷ୍ଟ୍ରେଲିଆ ପକ୍ଷରୁ ଷ୍ଟାର୍କ ସର୍ବାଧିକ ୩ ୱିକେଟ ନେଇଥିବାବେଳେ ହାଜେଲଉଡ୍ ଓ କୁମିନ୍ସ ଦୁଇଟି ଲେଖାଏଁ ସଫଳତା ପାଇଥିଲେ । ଆଡାମ ଜାମ୍ପା ଓ ମ୍ୟାକ୍ସୱେଲଙ୍କୁ ଗୋଟିଏ ଲେଖାଏଁ ସଫଳତା ମିଳିଥିଲା ।

୨୪୧ ରନର ବିଜୟଲକ୍ଷ୍ୟ ଅଷ୍ଟ୍ରେଲିଆ ପାଇଁ ସହଜ ହେବ ନାହିଁ ବୋଲି ବହୁ କ୍ରିକେଟ ବିଶାରଦ ଆକଳନ କରିଥିଲେ । ଯେତେବେଳେ ଅଷ୍ଟ୍ରେଲିଆର ଦଳୀୟ ସ୍କୋର ୪୭/୩ ରନ ଥିଲା, ସେତେବେଳେ ମ୍ୟାଚ ଭାରତ ମୁଠାକୁ ଚାଲିଆସିଥିଲା । କିନ୍ତୁ ମାର୍ନସ ଲାବୁସେନ ଓ ଟ୍ରେଭିସ ହେଡ୍ ଭାରତୀୟ ବୋଲରଙ୍କୁ ସଠିକ ମୁକାବିଲା କରି ଫଳାଫଳକୁ ସମ୍ପୂର୍ଣ୍ଣ ଓଲଟାଇ ଦେଇଥିଲେ । ହେଡ୍ ୧୨୦ ବଲର ସମ୍ମୁଖୀନ ହୋଇ ୧୫ ଚୌକା ଓ ୪ ବିଶାଳ ଛକା ସହାୟତାରେ ୧୩୭ ରନର ଇନିଂସ ଖେଳିଥିଲେ । ଜିତିବା ପାଇଁ ଆଉ ୨ ରନ ବାକିଥିବାବେଳେ ହେଡ୍ ଛକା ମାରିବା ପ୍ରୟାସରେ ଆଉଟ ହୋଇ ପାଭିଲିୟନ ଫେରିଥିଲେ । ମ୍ୟାକ୍ସୱେଲ ୨ ରନ ସଂଗ୍ରହ କରି ବିଜୟ ମୁଣ୍ଡି ମାରିଥିଲେ । ଲାବୁସେନ ୫୮ ରନର ଅପରାଜିତ ଇନିଂସ ଖେଳିଥିଲେ ।



ସୁଦ୍ଧା ଭାରତ ୯ ୱିକେଟ ହରାଇ ୨୨୭ ରନ କରିଥିଲା । ୪୯ ଓଭରରେ ୫ ରନ ମିଳିଥିଲା । ଏହି ଓଭର ବୋଲିଂ କରିଥିଲେ କୁମିନ୍ସ । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କୁମିନ୍ସଙ୍କ ୧୦ ଓଭରରେ ଆଦୌ ଚୌକା, ଛକା ହୋଇନାହିଁ । ଶେଷ ଓଭର ବୋଲିଂ କରିବାକୁ

ଓପନର ଡେଭିଡ ୱାର୍ଣ୍ଣର ୭, ମିଚେଲ ମାର୍ସ ୧୫, ଷ୍ଟିଭେନ ସ୍ମିଥ ୪ ରନ କରି ଆଉଟ ହୋଇଥିଲେ । ଭାରତର ଯଶପ୍ରୀତ ବୁମରା ଦୁଇଟି, ମହମ୍ମଦ ସାମି ଓ ମହମ୍ମଦ ସିରାଜଙ୍କୁ ଗୋଟିଏ କରି ୱିକେଟ ସଫଳତା ମିଳିଥିଲା ।

## ପିଲାଙ୍କ ପାଠ୍ୟ ଖସଡ଼ାରେ ରୋହିତ

ହିଟ୍‌ମ୍ୟାନ ରୋହିତ ଶର୍ମା ଜଣେ ବିଭିନ୍ନ ଟାଇଟଲ ଅର୍ଜନ କରିଛନ୍ତି । ଯାହା ଫିଲ୍ଡରେ ତାଙ୍କ ସାହସିକତା, ନେତୃତ୍ୱ ନେବାର ଦକ୍ଷତା ଓ କ୍ରିକେଟ ଖେଳିବା ଷ୍ଟାଇଲକୁ ଦର୍ଶାଏ । କିନ୍ତୁ ସେ ବର୍ତ୍ତମାନ ସେ ନିଜ କାହାଣୀରେ ଏକ ମହାନ ଅଧ୍ୟାୟ ଯୋଡ଼ିଛନ୍ତି । ଯାହା କେବଳ ଫିଲ୍ଡ ନୁହେଁ, ସ୍କୁଲ ପାଠ୍ୟପୁସ୍ତକ ପୃଷ୍ଠାରେ ଦେଖାଯିବ । ଖୁବଶୀଘ୍ର ଭାରତୀୟ ଛାତ୍ରଛାତ୍ରୀ ରୋହିତ ଶର୍ମାଙ୍କୁ ଲାଇଫ ଜର୍ଣ୍ଣି ପଢ଼ିବାକୁ ପାଇବେ । ରୋହିତଙ୍କ ପୃଷ୍ଠଭୂମି ଓ ଯାତ୍ରା ବିଷୟରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରି ଟ୍ୟାଲେଣ୍ଟେଡ୍ ୟଙ୍ଗ ବ୍ୟାଟ୍ସମ୍ୟାନ ଶୀର୍ଷକ ଏକ ଅଧ୍ୟାୟର ଫଟୋ ଇଣ୍ଟରନେଟ୍‌ରେ ସାମ୍ନାକୁ ଆସିଛି । ଅଷ୍ଟମ ଶ୍ରେଣୀର ସାଧାରଣ ଜ୍ଞାନ ପୁସ୍ତକରେ ରୋହିତଙ୍କ ୨୦୧୬ ପର୍ଯ୍ୟନ୍ତ ସମସ୍ତ ଆଚିଭ୍‌ମେଣ୍ଟକୁ ନେଇ ସମସ୍ତ ବିଷୟ ତାଙ୍କ ପାଇଁ ଉତ୍ସର୍ଗ କରାଯାଇଛି । ବର୍ତ୍ତମାନ ଏହି ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ଫଟୋକୁ ମୁଫାଧାଲ ନାମକ ଜଣେ ୟୁଜର ନିଜ ଟୁଇଟର ଆକାଉଣ୍ଟରେ ସେୟାର କରିଛନ୍ତି । ଦିନେ ୨୭୫ ଟଙ୍କା ସ୍କୁଲ ଫି' ଦେଇପାରୁ ନଥିବା ରୋହିତ ଶର୍ମା ଆଜି ସ୍କୁଲ ପାଠ୍ୟ ଖସଡ଼ାରେ ସ୍ଥାନ ପାଇଛନ୍ତି । ଏହାଠୁ ବଡ଼ କଥା ଆଉ କ'ଣ ହୋଇପାରେ !

## ସାରା ଦେଶରେ ପ୍ରାର୍ଥନା, ହୋମଯଜ୍ଞ

ବିଶ୍ୱକପରେ ଭାରତର ବିଜୟ ପାଇଁ ଅଗଣିତ ପ୍ରଶଂସକ ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରିଥିଲେ । ଉଜ୍ଜୟିନୀର ମହାକାଳ ମନ୍ଦିରରେ ଭସ୍ମ ଆଳତି ହୋଇଥିଲା । ସବୁଠି ଜୟହୋ ଇଣ୍ଡିଆ ଧ୍ୱନି ଶୁଣାଯାଇଥିଲା । ସମସ୍ତଙ୍କ ମୁହଁରେ ଗୋଟିଏ କଥା, ଏଥର ଭାରତ ହିଁ ବିଶ୍ୱକପ ଜିତିବ । କିନ୍ତୁ ଏସବୁ ଆଶା ଆଶାରେ ରହିଯାଇଛି । ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଘରୋଇ ଭାରତକୁ ଧରାଶାୟୀ କରି ଦୀର୍ଘ ୨୦ ବର୍ଷ ତଳର ଦବଦବା ପୁଣି ଜାହିର କରିଛି ଅଷ୍ଟ୍ରେଲିଆ ।

ବିଶ୍ୱକପ ଫାଇନାଲ ପାଇଁ ଭାରତୀୟ ରେଳବାଇ ସ୍ୱତନ୍ତ୍ର ଟ୍ରେନ ସେବା ଚଳାଇଥିଲା । ଏହି ସ୍ୱତନ୍ତ୍ର ଟ୍ରେନ ଦିଲ୍ଲୀ ଓ ମୁମ୍ବାଇରୁ ଅହମ୍ମଦାବାଦ ପର୍ଯ୍ୟନ୍ତ ଚାଲିଛି । ଶନିବାର ସନ୍ଧ୍ୟାରୁ ଟ୍ରେନଗୁଡ଼ିକ ବାହାରି ରବିବାର ସକାଳେ ଅହମ୍ମଦାବାଦ ପହଞ୍ଚିଥିଲା । ଦିଲ୍ଲୀରୁ ଗୋଟିଏ ଟ୍ରେନ ଓ ମୁମ୍ବାଇରୁ ୩ଟି ଟ୍ରେନ ଅହମ୍ମଦାବାଦ ଯାଇଥିଲା । ବିଶ୍ୱକପ ଫାଇନାଲ ଦେଖିବା ପାଇଁ ଅହମ୍ମଦାବାଦରେ କ୍ରିକେଟର, ରାଜନେତା ଓ ସେଲିବ୍ରିଟିଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଅଷ୍ଟ୍ରେଲିଆର ଉପପ୍ରଧାନମନ୍ତ୍ରୀଙ୍କ ସହ ଶହଶହ ଭିଭିଆଇପି ଅହମ୍ମଦାବାଦରେ ମ୍ୟାଚ୍ ଦେଖିଛନ୍ତି । ୧ଲକ୍ଷ ୩୦ ହଜାର ଦର୍ଶକ ପ୍ରଥମ ଥର ଷ୍ଟାଡିୟମରେ ବିଶ୍ୱକପ ଫାଇନାଲ ଦେଖିଛନ୍ତି । ବିଶ୍ୱକପ ଫାଇନାଲରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ଖେଳ ଆରମ୍ଭରୁ ବାୟୁସେନାର ଏୟାର ସୋ, ଲେଜର ଓ ଡ୍ରୋନ ସୋ ଆୟୋଜନ ହୋଇଥିଲା ।

## ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିଅନ୍‌ସିପ୍ : ଓଡ଼ିଶା, ଗୋଆ ବିଜୟୀ

ଭୁବନେଶ୍ୱର, ୧୯।୧୧(ସବ୍ୟୁ): ସୁନ୍ଦରଗଡ଼ ଷ୍ଟାଡିୟମ୍‌ରେ ଚାଲିଥିବା ୨୮ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିଅନ୍‌ସିପ୍‌ର ଦୁଇଟି ଗ୍ରୁପ୍ ପର୍ଯ୍ୟାୟରେ ଓଡ଼ିଶା ଏବଂ ଗୋଆ ବିଜୟୀ ହୋଇଛନ୍ତି । ପ୍ରଥମ ମ୍ୟାଚରେ ଓଡ଼ିଶା ମହିଳା ଦଳ ୬–୦ ଗୋଲ୍‌ରେ ଗୁଜରାଟକୁ ଧରାଶାୟୀ କରିଥିଲା । ଏହି ଏକତରଫା ମ୍ୟାଚରେ ଓଡ଼ିଶା ପକ୍ଷରୁ ସୁମିତ୍ରା ହେମ୍ବ୍ରମ୍ ୨୫ ଓ ୭୮ ମିନିଟ୍‌ରେ ଦୁଇଟି, ମନୀଷା ନାୟକ ୩୭ ଓ ୬୨ତମ ମିନିଟ୍‌ରେ ଦୁଇଟି, ଯଶୋଦା ମୁଣ୍ଡା ୧୫ ମିନିଟ୍ ଏବଂ ଦୀପା ନାୟକ ୭୧ତମ ମିନିଟ୍‌ରେ ଗୋଲ୍ କରିଥିଲେ । ସେହିଭଳି ଦ୍ୱିତୀୟ ମ୍ୟାଚରେ ଗୋଆ ପ୍ରାଧାନ୍ୟବିସ୍ତାର କରି ୪–୧ ଗୋଲ୍‌ରେ ମେଘାଳୟକୁ ଧରାଶାୟୀ କରିଥିଲା । ଏହି ମ୍ୟାଚରେ ଗୋଆ ପକ୍ଷରୁ ପର୍ଲ ଫର୍ଣ୍ଣାଣ୍ଡିଜ୍ ୧,୨୭,୨୯ ମିନିଟ୍‌ରେ ହ୍ୟାଟ୍ରିକ୍ ଗୋଲ୍ କରିଥିଲେ । କରିସ୍ମା ପୁରୁଷତମ ୨୪ ମିନିଟ୍‌ରେ ଗୋଲ୍ ଦେଇଥିଲେ । ମେଘାଳୟ ପକ୍ଷରୁ ମାରବାରିନ ନନ୍‌ଗ୍ରୁମ ୫୮ତମ ମିନିଟରେ ଏକମାତ୍ର ଗୋଲ ପରିଶୋଧ କରିଥିଲେ ।

## ଜୁନିଅର ମହିଳା କ୍ରିକେଟ
## ଅରୁଣାଚଳକୁ ୧୦ ୱିକେଟରେ ହରାଇଲା ଓଡ଼ିଶା

ଭୁବନେଶ୍ୱର,୧୯।୧୧(ସବ୍ୟୁ): ଭଦୋଦରା କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ୧୫ ବର୍ଷରୁ କମ ମହିଳା ଏକଦିବସୀୟ କ୍ରିକେଟ ପ୍ରତିଯୋଗିତାରେ ରବିବାର ଓଡ଼ିଶା ଦଳ ୧୦ ୱିକେଟରେ ଅରୁଣାଚଳ ପ୍ରଦେଶକୁ ଧରାଶାୟୀ କରିଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅରୁଣାଚଳ ପ୍ରଦେଶ ୨୬.୪ ଓଭରରେ ୨୮ ରନ କରି ଅଲଆଉଟ ହୋଇଥିଲା । ଓଡ଼ିଶାର ସ୍ୱସ୍ତିକା ବେହେରା ୫ଟି ଓ ପ୍ରିୟଦର୍ଶିନୀ ପରମାଣିକ ୩ ୱିକେଟ ସଫଳତା ହାସଲ କରିଥିଲେ । ଏହି ବିଜୟଲକ୍ଷ୍ୟକୁ ପିଛା କରିଥିବା ଓଡ଼ିଶା ଦଳ ୬.୩ ଓଭରରେ ୨୯ ରନ କରି ବିଜୟୀ ହୋଇଥିଲା । ଦୀପଶିଖା ନାୟକ ୧୫ ଓ ଶୁଭଲକ୍ଷ୍ମୀ ସିଂହ ୮ ରନ କରି ଦଳକୁ ବିଜୟୀ କରିଥିଲେ ।

## କ୍ରୀଡ଼ାବିତ ଅଙ୍କିତା ମହାପାତ୍ର ସମ୍ମାନିତ




ଅନୁଗୁଳ,୧୯।୧୧(ସବ୍ୟୁ): ଜାତୀୟ ପ୍ରେସ ଦିବସ ପାଳିତ ଅବସରରେ ଅନୁଗୁଳ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ସମବାୟ ସମିତି ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ କ୍ରୀଡ଼ାବିତ ଅଙ୍କିତା ମହାପାତ୍ରଙ୍କୁ ସମ୍ମାନିତ କରାଯାଇଛି । ବିଧାୟକ ତଥା ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ, ବରିଷ୍ଠ ଆଇନଜୀବୀ ପରମାନନ୍ଦ ମିଶ୍ର, ଅନୁଗୁଳ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଦ୍ୱାରିକା ପ୍ରସାଦ ନନ୍ଦ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଧରଣିଧର ନାଥ ଓ ଅନୁଗୁଳ ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ଅତିଥିମାନେ ମିଳିତ ଭାବେ କ୍ରୀଡ଼ାବିତ ଅଙ୍କିତା ମହାପାତ୍ରଙ୍କୁ ସମ୍ବୋଧିତ କରିଥିଲେ ।

ତାଇକୋଣ୍ଡୋ କ୍ରୀଡ଼ାରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ଓ ଜାତୀୟ ସ୍ତରରେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରି ଅନୁଗୁଳ ତଥା ସାରା ଓଡ଼ିଶାରେ ସୁନାମ ଅର୍ଜନ କରିଥିଲେ । ସେ ମଧ୍ୟ ଅନୁଗୁଳ ଜିଲ୍ଲାପାଳଙ୍କ ଠାରୁ କନ୍ୟାରତ୍ନ ପୁରସ୍କାର ଗ୍ରହଣ କରିଥିଲେ । ସେ ଅନୁଗୁଳର ବରିଷ୍ଠ ଆଇନଜୀବୀ ସଂଜୟ ମହାପାତ୍ର ଓ ସୌଭାଗିନୀ ମହାପାତ୍ରଙ୍କ ଝିଅ ଅଟନ୍ତି ।

## ଲଡୁକିଶୋର ନାୟକ ସ୍ମାରକୀ ଚେସ୍
## ପ୍ରତ୍ୟୁଷ ବିଜେତା

ଭୁବନେଶ୍ୱର,୧୯।୧୧(ସବ୍ୟୁ): ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏସନ ଆନୁକୂଲ୍ୟରେ ପଟିଆ ପ୍ରଶାନ୍ତିବିହାର ସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ତୃତୀୟ



ଲଡୁକିଶୋର ନାୟକ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନ୍ସ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ କଟକ ଷ୍ଟୁଆର୍ଟ ସ୍କୁଲର ପ୍ରତ୍ୟୁଷ ନାୟକ ୪.୫ ପଏଣ୍ଟ ସହ ଚାମ୍ପିଅନ ହୋଇଛନ୍ତି । ଯାଜପୁର ଡିଏଭି ପବ୍ଲିକ ସ୍କୁଲର ସାଇରଞ୍ଜନ ମିଶ୍ର ଦ୍ୱିତୀୟ, କଟକର ଆୟୁଶ ଆର୍ଯ୍ୟନ ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ଆଦିତ୍ୟ ଜେନା, ନମସ୍ୟା ନଳିନୀ, ଶ୍ରୀମାନ ଦାସ, ସ୍ୱସ୍ତିକ ରଞ୍ଜନ ସ୍ୱାଇଁ, ଶୁଭସ୍ମିତା ପ୍ରିୟଦର୍ଶିନୀ, ଦିବ୍ୟାଂଶ ନାୟକ ଓ ପ୍ରୟାସ ସାହୁ ଯଥାକ୍ରମେ ୪ରୁ ୧୦ମ ସ୍ଥାନ ମଧ୍ୟରେ ରହିଛନ୍ତି । ବିଭିନ୍ନ ବୟସ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିଲା । ଡିସିବି ବ୍ୟାଙ୍କର ଓଡ଼ିଶା ଆଞ୍ଚଳିକ ମୁଖ୍ୟ ନଳିନୀକାନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଶୋଭନୀୟ ଶିକ୍ଷାଶ୍ରମ ମୁଖ୍ୟ ଦୟାନିଧି ରାଉତ ଏବଂ ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ସୁରଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନା
ସମୟ BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Patitapaban Mohapatra for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665,
TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor- Satakadi Hota ମୁଖ୍ୟ ସମ୍ପାଦକ : ସାତକଡ଼ି ହୋତା